ASHOK DAS FOUNDATION



# ମାଧ୍ୟମିକ

SA-II

# ପରୀକ୍ଷା ପ୍ରଦୀପ




ଅଶୋକ ଦାସ ଫାଉଣ୍ଡେସନ୍

# ମାଧ୍ୟମିକ ଶିକ୍ଷା ପ୍ରଦୀପ

(୨୦୨୨-୨୦୨୩ ଶିକ୍ଷାବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ)

## SA-II

ସମୀକ୍ଷକ
ପଣ୍ଡିତ ଭୁପତି ଭୁଷଣ ମିଶ୍ର

ପ୍ରକାଶକ
ଅଶୋକ ଦାସ ଫାଉଣ୍ଡେସନ, ଯାଜପୁର

# ପ୍ରକାଶନ ସମ୍ବନ୍ଧରେ ପଦେ

ଅଶୋକ ଦାସ ଫାଉଣ୍ଡେସନ ଏକ ସ୍ୱେଚ୍ଛାସେବୀ ସାମାଜିକ ସଂଗଠନ, ଯାଜପୁରର ପ୍ରବାଦ ପୁରୁଷ ସ୍ୱର୍ଗତ ଅଶୋକ ଦାସଙ୍କ ପୂଣ୍ୟ ସ୍ମୃତିରେ ଜନସାଧାରଣଙ୍କ ସେବା ଓ ସହଯୋଗ ପାଇଁ ଏହି ସଂଗଠନ ଅଙ୍ଗୀକାରବଦ୍ଧ । ରକ୍ତଦାନ, ସ୍ୱାସ୍ଥ୍ୟଶିବିର ଆଦି କାର୍ଯ୍ୟକ୍ରମ ସହିତ ଶୈକ୍ଷିକ ବିକାଶ ପାଇଁ ସଂଗଠନ ମଧ୍ୟ ପ୍ରୟାସ କରିଛି ।

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆନ୍ତରିକ ଉଦ୍ୟମ ଫଳରେ ଓଡିଶାର ସମଗ୍ର ଉଚ୍ଚବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଚାଲିଛି । ଏହି ଅବସରରେ ଯାଜପୁରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ ବିଦ୍ୟାଳୟମାନଙ୍କରେ ଶୈକ୍ଷିକ ପରିବେଶକୁ ଅଧିକ ରୁଚିସମ୍ପନ୍ନ ଓ ପ୍ରତିଭାଶାଳୀ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ତାଙ୍କର ଇଚ୍ଛାକୁ ସାକାର ରୂପ ଦେବାପାଇଁ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଚଳିତ ବର୍ଷ ୨୦୨୨-୨୩ ଶିକ୍ଷା ବର୍ଷରେ ମ୍ୟାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ମାଧ୍ୟମିକ 'ପରୀକ୍ଷା ପ୍ରଦୀପ' ପୁସ୍ତକର ଦ୍ୱିତୀୟ ଭାଗଟିକୁ ଉପହାର ଦେବାକୁ ସଂକଳ୍ପ ଗ୍ରହଣ କରାଯାଇଛି ।

ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ନାଗରିକ ଓ ବର୍ତ୍ତମାନର ମାନବ ସମ୍ପଦ । ସେମାନଙ୍କ ଜୀବନର ଭିତ୍ତିଭୂମି ଠିକ୍ ଭାବରେ ଗଠିତ ହେଲେ ଭବିଷ୍ୟତର ଆଶା ଓ ଆକାଙ୍କ୍ଷା ସଫଳ ହୋଇପାରିବ । ଏହି ଲକ୍ଷ୍ୟରେ ଫାଉଣ୍ଡେସନ୍ ପକ୍ଷରୁ ବିଭିନ୍ନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ଏଥିପାଇଁ ସମ୍ମାନନୀୟ ଅଭିଭାବକ, ପୂଜ୍ୟଶିକ୍ଷକ ଓ ଶ୍ରଦ୍ଧେୟ ଛାତ୍ରଛାତ୍ରୀମାନଙ୍କର ସହଯୋଗ କାମନା କରୁଛୁ ।

ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ 'ପରୀକ୍ଷା ପ୍ରଦୀପ' ପ୍ରକାଶ ପାଉଛି । ଏହି ବର୍ଷ ଏହା ଦୁଇଟି ପର୍ଯ୍ୟାୟରେ ପ୍ରକାଶ ପାଇବାର ବ୍ୟବସ୍ଥା କରାଯାଇଛି । ପ୍ରଥମ ସମାପ୍ତି ସୂଚକ ମୂଲ୍ୟାୟନ ପୂର୍ବରୁ ପ୍ରଥମ ଭାଗ ଓ ଦ୍ୱିତୀୟ ସମାପ୍ତି ସୂଚକ ମୂଲ୍ୟାୟନ ପୂର୍ବରୁ ଦ୍ୱିତୀୟ ଭାଗ ପୂର୍ଣ୍ଣାଙ୍ଗ ରୂପରେ ପ୍ରକାଶ ପାଇବା ପାଇଁ ସୁବନ୍ଦୋବସ୍ତ କରାଯାଇଛି । ପ୍ରଥମ ଭାଗ ପ୍ରକାଶ ପାଇବା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବଣ୍ଟନ କାର୍ଯ୍ୟ ଯଥା ସମୟରେ ସମାପନ ହୋଇଛି । ଏହାର ଦ୍ୱିତୀୟ ଭାଗଟି ଖୁବ୍ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି । ଏହି ମହତ୍ କାର୍ଯ୍ୟଟିର ସଫଳତା ପଛରେ ଖୋର୍ଦ୍ଧା ଏବଂ ଯାଜପୁର ଜିଲ୍ଲାର ଅଭିଜ୍ଞ ସମ୍ବଳ ଶିକ୍ଷକଙ୍କ କଠିନ ପରିଶ୍ରମ ଏବଂ ନିରନ୍ତର ଗବେଷଣା ପ୍ରଶଂସାଯୋଗ୍ୟ । ଏହି ବିଷୟରେ ଆପଣମାନଙ୍କର ଗଠନ ମୂଳକ ମତାମତ ଓ ପରାମର୍ଶକୁ ଆମ୍ଭେ ସାଦରେ ଗ୍ରହଣ କରିବୁ । ପ୍ରିୟ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷାରେ ସଫଳତା ପାଇଁ ଶୁଭେଚ୍ଛା କାମନା କରି ମା' ବିରଜାଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ ।

**ଶ୍ରୀ ଭବ ପ୍ରସାଦ ଦାସ**
ମୁଖ୍ୟସଚିବ

**ଶ୍ରୀ ସବ୍ୟସାଚୀ ମହାପାତ୍ର**
ସଭାପତି
ଅଶୋକ ଦାସ ଫାଉଣ୍ଡେସନ୍, ଜହ୍ନବଗିଚା, ଯାଜପୁର
ମୋ - ୯୯୩୮୨୫୦୩୯୦

# ମାଧ୍ୟମିକ ଶିକ୍ଷା ପ୍ରଦୀପ

# GEOGRAPHY
# &
# ECONOMICS

PUBLISHER
**ASHOK DAS FOUNDATION, JAJPUR**

# ସୂଚୀପତ୍ର

## ଭୂଗୋଳ


| | | |
|---|---|---|
| ୧. | ଷଷ୍ଠ ଅଧ୍ୟାୟ<br>କୃଷି | ୬୩୫ |
| ୨. | ସପ୍ତମ ଅଧ୍ୟାୟ<br>ବିନିର୍ମାଣ ଉଦ୍ୟୋଗ | ୬୪୨ |
| ୩. | ଅଷ୍ଟମ ଅଧ୍ୟାୟ<br>ପରିବହନ, ଯୋଗାଯୋଗ ଓ ବାଣିଜ୍ୟ | ୬୫୧ |
| ୪. | ନବମ ଅଧ୍ୟାୟ<br>ଜଳବାୟୁ ଜନିତ ବିପତ୍ତି ଓ ପରିଚାଳନା | ୬୬୧ |


## ଅର୍ଥନୀତି


| | | |
|---|---|---|
| ୫. | ଦ୍ୱିତୀୟ ଅଧ୍ୟାୟ<br>ଅର୍ଥନୈତିକ ବ୍ୟବସ୍ଥା | ୬୭୧ |
| ୬. | MODEL QUESTIONS | ୬୯୬ |

# କୃଷି

**1. ଖରିଫ୍ ଋତୁରେ ଚାଷ କରାଯାଉଥିବା ଫସଲଟିର ନାମ କ'ଣ ?**

(a) ମୁଗ (b) ବାର୍ଲି (c) ଚିନାବାଦାମ (d) ସୋରିଷ

**2. କାହାକୁ ସାଧାରଣତଃ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଇଥାଏ ?**

(a) ମକା (b) ବାଜରା (c) ଯଅ (d) ଧାନ

**3. କେଉଁ ଶସ୍ୟକୁ ପର୍ଯ୍ୟାୟ କ୍ରମିକ ଫସଲ ରୂପେ ଗ୍ରହଣ କରାଯାଇଛି ?**

(a) ଗହମ (b) ଧାନ (c) ବାଜରା (d) ଡାଲିଜାତୀୟ

**4. ତୈଳବୀଜ କେଉଁ ଶିଳ୍ପ ପାଇଁ କଞ୍ଚାମାଲ ରୂପେ ବ୍ୟବହାର କରାଯାଇଥାଏ ?**

(a) ଚିନି (b) କାର୍ପାସ (c) କାଗଜ (d) ମଲମ

**5. ଭୂମିକୁ କର୍ଷଣ କରି ସେଥିରେ ବିଭିନ୍ନ ଶସ୍ୟ ଉତ୍ପାଦନ କରିବାକୁ କେଉଁ ପ୍ରକ୍ରିୟା କୁହାଯାଏ ?**

(a) ଚୂର୍ଣ୍ଣୀଭବନ (b) ଭୂକ୍ଷୟ (c) କୃଷି (d) ବୃକ୍ଷରୋପଣ

**6. କେଉଁଟି ପୁରାତନ କୃଷି ପଦ୍ଧତି ?**

(a) ପ୍ରୟୋଜନଭିତ୍ତିକ କୃଷି (b) ସ୍ଥାନାନ୍ତରିତ କୃଷି (c) ସଘନ କୃଷି (d) ବାଣିଜ୍ୟିକ କୃଷି

**7. ବୃଷ୍ଟିବହୁଳ ଅଞ୍ଚଳରେ କରାଯାଉଥିବା କୃଷିକୁ କ'ଣ କୁହାଯାଏ ?**

(a) ରୋପଣ କୃଷି (b) ବ୍ୟାପକ କୃଷି (c) ଆର୍ଦ୍ର କୃଷି (d) ଶୁଷ୍କ କୃଷି

**8. ଜଙ୍ଗଲକୁ ପୋଡ଼ି କରାଯାଉଥିବା କୃଷିକୁ କେଉଁ ପ୍ରକାର କୃଷି କୁହାଯାଏ ?**

(a) ପ୍ରୟୋଜନଭିତ୍ତିକ କୃଷି (b) ସ୍ଥାନାନ୍ତରିତ କୃଷି (c) ସଘନ କୃଷି (d) ବାଣିଜ୍ୟିକ କୃଷି

**9. ସ୍ଥାନାନ୍ତରିତ କୃଷିରେ କ'ଣ ମିଶି ଜମିକୁ ଉର୍ବର କରିଥାଏ ?**

(a) ଗୋବର ଖତ (b) ପଟୁମାଟି (c) ପତ୍ର (d) ବାଉଁଶ

**10. କେଉଁଟି ବାଣିଜ୍ୟ କୃଷିର ଅନ୍ତର୍ଭୁକ୍ତ ?**

(a) ଶୁଷ୍କ କୃଷି (b) ଆର୍ଦ୍ର କୃଷି (c) ସଘନ କୃଷି (d) ରୋପଣ କୃଷି

**11. ଭାରତର କୃଷିଭୂମି ମଧ୍ୟରୁ କେତେ ଭାଗ ଭୂମି ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ବ୍ୟବହୃତ ହୋଇଥାଏ ?**

(a) 70 (b) 65 (c) 60 (d) 75

**12. ଧାନ ଉତ୍ପାଦନରେ ଭାରତର ସ୍ଥାନ ପୃଥିବୀରେ କେତେ ?**

(a) ପ୍ରଥମ (b) ଦ୍ୱିତୀୟ (c) ତୃତୀୟ (d) ଚତୁର୍ଥ

**13. ଗହମ ଚାଷ ପାଇଁ ବାର୍ଷିକ କେତେ ବୃଷ୍ଟିପାତ ଆବଶ୍ୟକ ?**

(a) 30 ରୁ 40 ସେ.ମି. (b) 40 ରୁ 65 ସେ.ମି. (c) 50 ରୁ 75 ସେ.ମି. (d) 55 ରୁ 80 ସେ.ମି.

**14. ଭାରତର ତୃତୀୟ ମୁଖ୍ୟ ଶସ୍ୟ କ'ଣ ?**

(a) ଗହମ (b) ଯଅ (c) ମକା (d) ବାଜରା

**15. କେଉଁ ମୃତ୍ତିକାରେ ସର୍ବାଧିକ ଉତ୍ପନ୍ନ ହୋଇଥାଏ ?**

(a) ଲୋହିତ ମୃତ୍ତିକା (b) କୃଷ୍ଣକାର୍ପାସ୍ ମୃତ୍ତିକା (c) ସମତଳ (d) ନଦୀ ଉପତ୍ୟକା

**16. କେଉଁ ଦେଶରେ କପା ଚାଷ ପ୍ରଥମେ ଆରମ୍ଭ ହୋଇଥିଲା ?**

(a) ଚୀନ୍ (b) ଶ୍ରୀଲଙ୍କା (c) ଅଷ୍ଟ୍ରେଲିଆ (d) ଭାରତ

**17.** **ଆମ୍ବ ପାଇଁ ଭାରତର କେଉଁ ରାଜ୍ୟ ପ୍ରସିଦ୍ଧ ?**

(a) ଓଡ଼ିଶା (b) ଝାଡ଼ଖଣ୍ଡ (c) ମହାରାଷ୍ଟ୍ର (d) ଉତ୍ତର ପ୍ରଦେଶ

**18.** **କମଳା ପାଇଁ କେଉଁ ସ୍ଥାନଟି ପ୍ରସିଦ୍ଧ ?**

(a) ଚେରାପୁଞ୍ଜି (b) ଦୁଲିଆଜାନ୍ (c) ହୁଗିଥାନ (d) ଟ୍ରମ୍ବେ

**19.** **ପିଜୁଳି ଭାରତର କେଉଁ ରାଜ୍ୟରେ ଅଧିକ ପରିମାଣରେ ମିଳେ ?**

(a) ମଧ୍ୟପ୍ରଦେଶ (b) ଉତ୍ତର ପ୍ରଦେଶ (c) ଜାମ୍ମୁ ଓ କାଶ୍ମୀର (d) ପଞ୍ଜାବ

**20.** **ଭାରତର କେଉଁ ରାଜ୍ୟରେ ସର୍ବାଧିକ ରାଶି ଉତ୍ପାଦନ ହୋଇଥାଏ ?**

(a) ବିହାର (b) ଝାଡ଼ଖଣ୍ଡ (c) କର୍ଣ୍ଣାଟକ (d) ଗୁଜୁରାଟ

**21.** **ଭାରତର କେତେ ପ୍ରତିଶତ ଭୂମିରେ ତୈଳବୀଜ ଉତ୍ପନ୍ନ ହୋଇଥାଏ ?**

(a) ୧୨ (b) ୧୩ (c) ୧୪ (d) ୧୫

**22.** **ଆଖୁଚାଷ ପାଇଁ କେତେ ଡ଼ିଗ୍ରୀ ସେଲସିଅସ୍ ଉତ୍ତାପ ଆବଶ୍ୟକ ?**

(a) $20^0$ ରୁ $27^0$ C (b) $25^0$ ରୁ $35^0$ C (c) $28^0$ ରୁ $48^0$ (d) $35^0$ ରୁ $70^0$ C

**23.** **ଖାଦ୍ୟଶସ୍ୟ ନିମ୍ନୋକ୍ତ କେଉଁ ମାଧ୍ୟମରେ ସମାହିତ ହେଉଛି ?**

(a) IGA (b) MSP (c) PDS (d) FCI

**24.** **କେଉଁ ସଂସ୍ଥାକୁ ଖାଦ୍ୟଶସ୍ୟ ସଂଗ୍ରହର ଦାୟିତ୍ୱ ପ୍ରଦାନ କରାଯାଇଛି ?**

(a) PDS (b) FCI (c) MSP (d) IIF

**25.** **କୃଷିର ଉନ୍ନତି ପାଇଁ ଜାତୀୟ ସ୍ତରରେ କେଉଁ ସଂସ୍ଥା କାର୍ଯ୍ୟ କରୁଛି ?**

(a) ନାବାର୍ଡ଼ (b) ସମବାୟ ସଂସ୍ଥା (c) ବ୍ୟବସାୟିକ ବ୍ୟାଙ୍କ (d) ଗ୍ରାମ୍ୟବ୍ୟାଙ୍କ

**26.** **କମ୍ ସୁଧରେ କୃଷି ଋଣ ଯୋଗାଇବାପାଇଁ କଣ ପ୍ରତିଷ୍ଠା କରାଯାଇଛି ?**

(a) ଗ୍ରାମ୍ୟ ବ୍ୟାଙ୍କ (b) ବ୍ୟାଙ୍କ ଅଫ୍ ଇଣ୍ଡିଆ (c) ଇଉନିଅନ୍ ବ୍ୟାଙ୍କ (d) ୟୁନାଇଟେଡ୍ ବ୍ୟାଙ୍କ

**27.** **କେଉଁ ଶସ୍ୟଟି ଉତ୍ତର ଭାରତରେ ଖରିଫ୍ ଋତୁରେ ଚାଷ କରାଯାଏ ?**

(a) ପେଶି (b) ରାଶି (c) ସୋରିଷ (d) ଘିଅ

**28.** **ଜନସଂଖ୍ୟାର ସ୍ୱଳ୍ପତା ଓ ଅଧିକ ଚାଷଜମି ଥିବା ଅଞ୍ଚଳରେ କେଉଁ କୃଷି କରାଯାଏ ?**

(a) ସଘନ କୃଷି (b) ବ୍ୟାପକ କୃଷି (c) ଶୁଷ୍କ କୃଷି (d) ଆର୍ଦ୍ରକୃଷି

**29.** **ପ୍ରଦତ୍ତ ରାଜ୍ୟଗୁଡ଼ିକ ମଧ୍ୟରୁ କେଉଁ ରାଜ୍ୟରେ ଜଳସେଚନ ଓ ନଳକୂପ ଖନନ କରାଯାଇ ଧାନ ଚାଷ କରାଯାଏ ?**

(a) ହରିୟାଣା (b) ଓଡ଼ିଶା (c) ପଶ୍ଚିମବଙ୍ଗ (d) ଆନ୍ଧ୍ରପ୍ରଦେଶ

**30.** **ଭୂମିକୁ କର୍ଷଣ କରି ସେଥିରେ ବିଭିନ୍ନ ଶସ୍ୟ ଉତ୍ପାଦନ କରିବା ପଦ୍ଧତିକୁ କେଉଁ କାର୍ଯ୍ୟ କୁହାଯାଏ ?**

(a) ଚାଷ କାର୍ଯ୍ୟ (b) କୃଷି କାର୍ଯ୍ୟ (c) ଶୁଷ୍କ କୃଷି କାର୍ଯ୍ୟ (d) ଆର୍ଦ୍ର କୃଷି କାର୍ଯ୍ୟ

**31.** **କମ୍ ବୃଷ୍ଟିପାତ ଅଞ୍ଚଳରେ ଅନୁସରଣ କରାଯାଉଥିବା କୃଷି ପ୍ରଣାଳୀକୁ କ'ଣ କୁହାଯାଏ ?**

(a) ରୋପଣ କୃଷି (b) ଆର୍ଦ୍ରକୃଷି (c) ବ୍ୟାପକ କୃଷି (d) ଶୁଷ୍କ କୃଷି

**32.** **ଓଡ଼ିଶାର ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?**

(a) ପେଣ୍ଡା (b) ପୋଡୁ (c) ରୋକା (d) କୁମରୀ

**33.** **ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳରେ ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?**

(a) ପୋଡୁ (b) କୁମରୀ (c) ଝୁମ୍ (d) ଓକ୍ଷଦ୍

34. ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?

(a) ମିଲପା (b) ଓର (c) ରୋକା (d) ପେଣ୍ଡା

35. ବ୍ରାବଲ୍‌ରେ ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?

(a) ରୋକା (b) ଝୁମ୍ (c)ମୁମରୀ (d) ପେଣ୍ଡା

36. ଆସାମର ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?

(a) ରୋକା (b) କୁରୁଆ (c) ଝୁମ୍ (d) ରେ

37. ଇଣ୍ଡୋନେସିଆ ଓ ଭିଏତନାମରେ ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?

(a) ରୋକା (b) କ୍ଷେଦ୍ (c) ପୋଡୁ (d) ରେ

38. ଗୋଟିଏ ଜମିରେ ଯାନ୍ତ୍ରିକ ପଦ୍ଧତି ଉପଯୋଗ କରି ବର୍ଷକୁ ତିନି ଚାରି ପ୍ରକାର ଉତ୍ପାଦନ କରିବାକୁ କେଉଁ ଚାଷ କୁହାଯାଏ ?

(a) ବ୍ୟାପକ (b) ରୋପଣ (c) ସଘନ କୃଷି (d) ସ୍ଥାନାନ୍ତରିତ କୃଷି

39. ଖରିଫ୍ ଓ ରବି ଋତୁରେ ମଧ୍ୟବର୍ତ୍ତୀ ଗ୍ରୀଷ୍ମ ମାସରେ ଏକ ଗୁଳ୍ମ ଜୀବନ କୃଷି ଋତୁକୁ କ'ଣ କୁହାଯାଏ ?

(a) ଯେଦ୍ (b) ଖରିଫ (c) ରବି (d) ରେ

40. ଭାରତର ପ୍ରଧାନ ଖାଦ୍ୟଶସ୍ୟ କ'ଣ ?

(a) ଗହମ (b) ଧାନ (c) ଯଅ (d) ବାଜରା

41. ଭାରତର ମୁଖ୍ୟ ପାନୀୟ ଫସଲ ହେଉଛି _______ ।

(a) ଚାହା (b) କଫି (c) ମଦ (d) କ

42. ଭାରତର ମୁଖ୍ୟ ତନ୍ତୁଜାତୀୟ ଫସଲ ହେଉଛି _______ ।

(a) ଝୋଟ (b) କପା (c) ଧାନ (d) ଗହମ

43. ଦେଶର ସାଧାରଣ ବର୍ଗର ଜନସାଧାରଣଙ୍କୁ ସର୍ବନିମ୍ନ ମୂଲ୍ୟର ଖାଦ୍ୟଶସ୍ୟ ଯୋଗାଇ ଦେବା ପାଇଁ ନିଆଯାଇଥିବା ସରକାରୀ ପଦକ୍ଷେପକୁ କେଉଁ ସୁରକ୍ଷା କୁହାଯାଏ ?

(a) ଜୀବନ ସୁରକ୍ଷା (b) ଖାଦ୍ୟ ସୁରକ୍ଷା (c) ସଡ଼କ ନିରାପତ୍ତା (d) ଖାଦ୍ୟ ନିରାପତ୍ତା

44. ଚାହା ଚାଷରେ ଅଗ୍ରଣୀ ରାଜ୍ୟ କେଉଁଟି ?

(a) ଓଡ଼ିଶା (b) ମହାରାଷ୍ଟ୍ର (c) ଆସାମ (d) ହରିୟାଣା

45. ଜେନେଟିକ୍ ଇଞ୍ଜିନିୟରିଂ ଦ୍ୱାରା ନୂତନ ଧରଣର ଅଧିକ କେଉଁ ବିହନ ଉଦ୍ଭାବିତ କରାଯାଉଛି ?

(a) ଅମଳକ୍ଷମ ବିହନ (b) ପୁଷ୍ଟିକର ବିହନ (c) ଅମଳ ଅକ୍ଷମ ବିହନ (d) ଦେଶୀ ବିହନ

46. କେଉଁ ଚାଷ ପାଇଁ $21^0$ ରୁ $27^0$ C ଉତ୍ତାପ ଆବଶ୍ୟକ ?

(a) ଚାହା (b) କଫି (c) ଗହମ (d) ଆଖୁ

47. ଭାରତରେ କେଉଁଟି ତୃତୀୟ ମୁଖ୍ୟ ଖାଦ୍ୟଶସ୍ୟ ଅଟେ ?

(a) ଗହମ (b) ଯଅ (c) ଧାନ (d) ଆଖୁ

48. ପିଜୁଳି ଭାରତର କେଉଁ ରାଜ୍ୟରେ ଅଧିକ ପରିମାଣରେ ମିଳିଥାଏ ?

(a) ଉତ୍ତର ପ୍ରଦେଶ (b) ମଧ୍ୟପ୍ରଦେଶ (c) ଝାଡ଼ଖଣ୍ଡ (d) ଓଡ଼ିଶା

49. ଭାରତର କେଉଁ ରାଜ୍ୟରେ ସର୍ବାଧିକ ଚିନାବାଦାମ ଚାଷ କରାଯାଏ ?

(a) ଗୁଜୁରାଟ (b) ଉତ୍ତରପ୍ରଦେଶ (c) କେରଳ (d) ମହାରାଷ୍ଟ୍ର

50. ଧାନ ଉତ୍ପାଦନରେ ଭାରତ ସ୍ଥାନ କେତେ ?

(a) ଚତୁର୍ଥ (b) ପ୍ରଥମ (c) ଦ୍ୱିତୀୟ (d) ତୃତୀୟ

**ANSWERS**

| | | | | | | | |
|---|---|---|---|---|---|---|---|
| 1. (c) | 2. (a) | 3. (d) | 4. (d) | 5. (c) | 6. (a) | 7. (c) | 8. (b) |
| 9. (d) | 10. (d) | 11. (d) | 12. (b) | 13. (c) | 14. (b) | 15. (a) | 16. (d) |
| 17. (d) | 18. (a) | 19. (b) | 20. (d) | 21. (a) | 22. (a) | 23. (c) | 24. (b) |
| 25. (a) | 26. (a) | 27. (b) | 28. (b) | 29. (a) | 30. (b) | 31. (d) | 32. (b) |
| 33. (b) | 34. (d) | 35. (a) | 36. (c) | 37. (d) | 38. (c) | 39. (a) | 40. (b) |
| 41. (a) | 42. (b) | 43. (b) | 44. (c) | 45. (a) | 46. (d) | 47. (b) | 48. (a) |
| 49. (a) | 50. (c). | | | | | | |

# Long Type Questions

**1. ଭାରତର ଆଖୁଚାଷ ବିଷୟରେ ଏକ ବିବରଣୀ ଦିଅ ।**

**ଉ.** (i) ଆଖୁ ଉଷ୍ଣ ଆର୍ଦ୍ର ଜଳବାୟୁ $21^0$ ରୁ $27^0$ ସେ. ମଧ୍ୟରେ ତାପମାତ୍ରା ଓ 75 cm ରୁ 100 cm ବୃଷ୍ଟିପାତ ଆବଶ୍ୟକ ହୋଇଥାଏ ।

(ii) ଏହି ଚାଷ ବିଭିନ୍ନ ମୃତ୍ତିକାରେ କରାଯାଇଥାଏ । ଭାରତରେ ଏହି ଚାଷ ପ୍ରାୟ ଜଳସେଚନ ଦ୍ୱାରା କରାଯାଇଥାଏ । ଏହି ଚାଷର ଅଧିକ ଶ୍ରମିକ ଦରକାର ହୋଇଥା'ନ୍ତି ।

(iii) ଭାରତରେ ପ୍ରାୟ ଅଧିକାଂଶ ରାଜ୍ୟରେ ଆଖୁଚାଷ କରାଯାଇଥାଏ । ଆଖୁଚାଷ ହେଉଥିବା ରାଜ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଅନ୍ୟତମ ।

(iv) ଭାରତ ଆଖୁ ଉତ୍ପାଦନରେ ପୃଥିବୀରେ ଦ୍ୱିତୀୟ ସ୍ଥାନରେ ରହିଛି ।

**2. କପାଚାଷ ପାଇଁ ଭୌଗୋଳିକ ପରିସ୍ଥିତି ଏବଂ ଏହାର ବିତରଣ ସମ୍ବନ୍ଧରେ ଲେଖ ।**

**ଉ.** (i) କପା ଚାଷ ପାଇଁ ଅଧିକ ତାପମାତ୍ରା ଓ ଅଳ୍ପ ପରିମାଣର ବୃଷ୍ଟିପାତ, ଜଳସେଚନ ଏବଂ ଅଧିକ ସୂର୍ଯ୍ୟକିରଣ ଆବଶ୍ୟକ ।

(ii) ଭାରତର ଦାକ୍ଷିଣାତ୍ୟ ମାଳଭୂମିରେ ଦେଖାଯାଉଥିବା କୃଷ୍ଣକାର୍ପାସ୍ ମୃତ୍ତିକରେ ଖରିଫଋତୁରେ ୬ ରୁ ୮ ମାସ ସମୟ ମଧ୍ୟରେ ଅମଳ ହୁଏ ।

(iii) କପାଚାଷ ଭାରତରୁ ହିଁ ଆରମ୍ଭ ହୋଇଥିଲା ଓ କପା ଉତ୍ପାଦନରେ ଭାରତ ପୃଥିବୀରେ ତୃତୀୟ ସ୍ଥାନ ଅଧିକାର କରିଛି ।

(iv) ଆମ ଦେଶର ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶ ପ୍ରଭୃତି ରାଜ୍ୟରେ ଅଧିକ କପା ଉତ୍ପନ୍ନ ହୁଏ ।

**3. ଚାହା ଚାଷ ପାଇଁ ଅନୁକୂଳ ଜଳବାୟୁ, ମୃତ୍ତିକା ଏବଂ ବିତରଣ ସମ୍ବନ୍ଧରେ ଲେଖ ।**

**ଉ.** (i) ଚାହା ଚାଷ ପାଇଁ ଉଷ୍ଣ ଆର୍ଦ୍ର ଜଳବାୟୁ ନିତାନ୍ତ ଦରକାର । ଚାହା ଗଛ କ୍ରାନ୍ତୀୟ ଓ ଉପକ୍ରାନ୍ତୀୟ ଜଳବାୟୁ ଅଞ୍ଚଳରେ ଭଲ ବଢ଼େ । ଚାହା ଚାଷ ପାଇଁ ପ୍ରଚୁର ପରିମାଣର ବୃଷ୍ଟିପାତ ଆବଶ୍ୟକ । ବର୍ଷସାରା ଅଧିକ ବୃଷ୍ଟିପାତ, ଗଛ ଝଙ୍କାଳିଆ ହେବାରେ ସାହାଯ୍ୟ କରେ ଓ ବର୍ଷସାରା ଗଛରେ କଅଁଳିଆ ପତ୍ର ହୋଇଥାଏ ।

(ii) ଚାହା ଚାଷ ପାଇଁ ପାହାଡ଼ର ଗଡ଼ାଣିଆ ଅଂଶ ଓ ନିଗିଡ଼ା ମୃତ୍ତିକା ଉପଯୋଗୀ । ଏହି ମୃତ୍ତିକାରେ ହ୍ୟୁମସ୍ ଜୈବାଂଶ ରହିବା ଆବଶ୍ୟକ ।

(iii) ଏହା ଏକ ଶ୍ରମଭିତ୍ତିକ କୃଷି ହୋଇଥିବାରୁ ଏହି ଚାଷରେ ଅଧିକ କର୍ମଠ, ଦକ୍ଷ ଓ ଶସ୍ତାଶ୍ରମିକ ଉପଲବ୍ଧି ହେବା ଆବଶ୍ୟକ ।

(iv) ଭାରତରେ ଆସାମର ପାର୍ବତ୍ୟାଞ୍ଚଳ, ପଶ୍ଚିମବଙ୍ଗର ଦାର୍ଜିଲିଂ, ଜଳପାଇଗୁଡ଼ି ଅଞ୍ଚଳ, ତାମିଲନାଡୁ ଓ କେରଳରେ ଅଧିକ ପରିମାଣରେ ଚାହା ଚାଷ କରାଯାଏ ଯାହାକି ସମୁଦାୟ ପୃଥିବୀର ଶତକଡ଼ା ୩୦ଭାଗ ଅଟେ ।

**4. ଭାରତରେ ହେଉଥିବା ପ୍ରୟୋଜନଭିତ୍ତିକ କୃଷିର ବିଶେଷଣଗୁଡ଼ିକ ଆଲୋଚନା କର ।**

ଉ. (i) ଭାରତରେ ଅଧିକାଂଶ କୃଷକ ନିଜ ପରିବାରର ଭରଣପୋଷଣ ପାଇଁ ପ୍ରୟୋଜନଭିତ୍ତିକ କୃଷି କରିଥା'ନ୍ତି ।

(ii) ନାମମାତ୍ର ଚାଷୀ ଓ କ୍ଷୁଦ୍ରଚାଷୀମାନଙ୍କଦ୍ୱାରା ଛୋଟ ଛୋଟ ଓ ବିକ୍ଷିପ୍ତ ଚାଷଜମି ମାନଙ୍କରେ ଏହି କୃଷି କାର୍ଯ୍ୟ ପାରମ୍ପରିକ ଉପାୟରେ କରାଯାଇଥାଏ ।

(iii) କୃଷକ ଗରିବ ଶ୍ରେଣୀର ହୋଇଥିବାରୁ ରାସାୟନିକ ସାର, କୀଟନାଶକ ଔଷଧ, ଅଧିକ ଅମଳକ୍ଷମ ବିହନ ଇତ୍ୟାଦିରର ପ୍ରୟୋଗ କରିପାରନ୍ତି ନାହିଁ । ଏହାଛଡ଼ା ଜଳସେଚନର ଅଭାବ ଯୋଗୁଁ ଚାଷଜମିଗୁଡ଼ିକର ଉତ୍ପାଦିତ କମ୍ ହୋଇଥାଏ ।

(iv) ଆଜିକାଲି ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯଥା ଯୋଗାଯୋଗ ସୁଲଭ ଦରରେ ସାର ଓ କୀଟନାଶକ ଔଷଧ ଯୋଗାଣ, ବ୍ୟାଙ୍କ ମାଧ୍ୟମରେ ଋଣ ଯୋଗାଣ କରାଯାଇ ଯଥା ସାଧ୍ୟ ଉନ୍ନତି କରା ଯାଉଅଛି କୃଷିକ୍ଷେତ୍ରରେ ମକା, ବାଜରା, ତୈଳବୀଜ ଆଦି ଚାଷ କରିବା ସଂଗେ ସଂଗେ ଧାନ, ନଳିତା, ଆଖୁ ମଧ୍ୟ ଚାଷ କରାଯାଉଛି ।

**5. ସ୍ଥାନାନ୍ତରିତ କୃଷିର ବିଶେଷତ୍ୱଗୁଡ଼ିକ ଉଲ୍ଲେଖ କର ।**

ଉ. (i) ସ୍ଥାନାନ୍ତରିତ କୃଷି ପଦ୍ଧତିରେ ଜଙ୍ଗଲର କିଛି ଅଂଶକୁ ପୋଡ଼ି ଦିଆଯାଇଥାଏ । ଏହାଦ୍ୱାରା ଭୂମିରେ ପାଉଁଶ ମିଶି ଜମିର ଉର୍ବରତା ବୃଦ୍ଧି ପାଏ ।

(ii) ଏହି ଜମିରେ ଦୁଇ ତିନି ବର୍ଷ ଚାଷ କଲାପରେ ଜମିର ଉର୍ବରତା କମିଯିବା ଦ୍ୱାରା ଉକ୍ତ ଚାଷ ଜମିକୁ ପରିତ୍ୟାଗ କରି ଜଙ୍ଗଲର ଅନ୍ୟ ଅଂଶକୁ ପୋଡ଼ି ସଫା କରି ଚାଷ କରାଯାଏ । କ୍ରମାଗତ ଭାବେ ଏହିପରି କୃଷିକାର୍ଯ୍ୟ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ହେଉଥିବାରୁ ଏହାକୁ ସ୍ଥାନାନ୍ତରିତ କୃଷି କୁହାଯାଏ ।

(iii) ବିଭିନ୍ନ ସ୍ଥାନରେ ସ୍ଥାନାନ୍ତରିତ କୃଷିର ନାମ ଭିନ୍ନ ଭିନ୍ନ ଯଥା ଉତ୍ତରପୂର୍ବ ରାଜ୍ୟ; ଯଥା - ଆସାମ, ମେଘାଳୟ, ମିଜୋରାମ ଓ ନାଗାଲାଣ୍ଡରେ ଏହାକୁ "ଝୁମ୍" କୁହାଯାଏ ।

(iv) ଆନ୍ଧ୍ରପ୍ରଦେଶର କେତେକ ଅଞ୍ଚଳରେ ଏହାକୁ 'ପେଣ୍ଡା', ଓଡ଼ିଶାରେ 'ପୋଡୁ', ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳରେ 'କୁମରୀ', ଝାଡ଼ଖଣ୍ଡରେ 'କୁରୁଓ୍ୱା' ଆଦି ନାମରେ ନାମିତ କରାଯାଇଛି ।

(v) ମେକ୍ସିକୋ ଓ କେନ୍ଦ୍ରୀୟ ଆମେରିକାରେ ଏହାକୁ ମିଲ୍ପା (Milpa), ବ୍ରାଜିଲ୍‌ରେ ରୋକା (Roca), ଇଣ୍ଡୋନେସିଆ ଓ ଭିଏତ୍ ନାମରେ ରେ (Ray) ଆଦି ନାମରେ ସ୍ଥାନାନ୍ତରିତ କୃଷି କୁହାଯାଏ ।

(vi) ଏହି କୃଷିରେ ସ୍ଥାନାନ୍ତରଣଦ୍ୱାରା ମୃତ୍ତିକାର ଉର୍ବରତା ପ୍ରାକୃତିକ ଉପାୟରେ ବୃଦ୍ଧି ପାଏ ।

**6. ଭାରତୀୟ କୃଷିରେ ଜଗତୀକରଣର ପ୍ରଭାବ ସମ୍ପର୍କରେ ଆଲୋଚନା କର ।**

ଉ. (i) 1990 ମସିହାର ଜଗତୀକରଣ ପ୍ରକ୍ରିୟାଦ୍ୱାରା ଭାରତୀୟ କୃଷକମାନେ ନୂତନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଆମ କୃଷିଜାତ ଦ୍ରବ୍ୟଗୁଡ଼ିକ ଉନ୍ନତ ରାଷ୍ଟ୍ରଗୁଡ଼ିକ ତୁଳନାରେ ପ୍ରଭାବଶାଳୀ ହୋଇପାରୁ ନାହିଁ ।

(ii) ତେଣୁ କୃଷିକୁ ଲାଭଜନକ କରିବା ପାଇଁ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ଉପଲବ୍ଧି କରାଯାଉଛି ।

(iii) ସବୁଜ ବିପ୍ଳବରେ ରାସାୟନିନକ ସାର ଓ ଔଷଧର ବ୍ୟବହାର ଯୋଗୁଁ ଭୂମିର ଉତ୍ପାଦନ କ୍ଷମତା ହ୍ରାସ ପାଉଛି । ଏହାଦ୍ୱାରା ଜୈବ ବିବିଧତା ଉପରେ ମଧ୍ୟ କୁପ୍ରଭାବ ପଡୁଛି ।

(iv) ଜୈବ କୃଷି ବର୍ତ୍ତମାନ ବିଶେଷ ଭାବେ ଆଦୃତ ହେଉଛି । କାରଣ ଏଥିରେ ରାସାୟନିକ କୀଟନାଶକ କିମ୍ବା ପୀଡ଼କ ନାଶୀ ନାହିଁ ବା ପରିବେଶ ଉପରେ ଏହାର କୌଣସି କୁପ୍ରଭାବ ନାହିଁ ।

(v) ଭାରତର କ୍ରମାଗତ ଭାବେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜୋତ ବିଭାଜନ ହେଉଛି ଓ ଉତ୍ପାଦନ କ୍ଷେତ୍ରରେ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି ।

(vi) ଦେଶର ଗ୍ରାମୀଣ ଜନସଂଖ୍ୟାର ପ୍ରାୟ 600 ନିୟୁତ ମାତ୍ର 250 ନିୟୁତ ହେକ୍ଟର କୃଷିଭୂମି ଉପରେ ନିର୍ଭରଶୀଳ ।

**7. କୃଷକମାନଙ୍କ ସ୍ୱାର୍ଥ ପାଇଁ ସରକାରଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ସମ୍ପର୍କରେ ସୂଚନା ଦିଅ ।**

ଉ. (i) ଶସ୍ୟବୀମା ଯୋଜନାରେ ବନ୍ୟା, ବାତ୍ୟା, ମରୁଡ଼ି, ରୋପୋକ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୃଷକଙ୍କୁ ସହାୟତା ପ୍ରଦାନ ଏବଂ ଗ୍ରାମ୍ୟ ବ୍ୟାଙ୍କ ଓ ସମବାୟ ସଂସ୍ଥାରୁ କମ୍ ସୁଧରେ କୃଷି ଋଣ ପ୍ରଦାନ କରାଯାଉଛି ।

(ii) ବ୍ୟାବହାରିକ ବ୍ୟାଙ୍କ କୃଷକଙ୍କୁ କୃଷିଋଣ ପ୍ରଦାନ କରିବା ସହିତ କୃଷିର ଉନ୍ନତି ପାଇଁ ଜାତୀୟ ସ୍ତରରେ ନାବାର୍ଡ (NABARD) କାର୍ଯ୍ୟ କରୁଛି । ଏ ସବୁ ବ୍ୟବସ୍ଥା କୃଷକଙ୍କ ସ୍ୱାର୍ଥସାଧନ ନିମିତ୍ତ ଉଦ୍ଦିଷ୍ଟ ।

(iii) କୃଷି ଉତ୍ପାଦନରେ ପରିବର୍ତ୍ତନ ଆଣିବା ପାଇଁ ଜମିଦାରୀ ଉଚ୍ଛେଦ, ଚକବନ୍ଦୀ ବ୍ୟବସ୍ଥା, ମୋ ସମବାୟ ସମିତି ଗଠନ ଉପରେ ଗୁରୁତ୍ୱ ।

(iv) କୃଷିର ଉନ୍ନତି ପାଇଁ ଉଭୟ ବୈଷୟିକ ଓ କ୍ଷେତ୍ରୀୟ ଉନ୍ନୟନ ମାଧ୍ୟମରେ କୃଷି କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ ।

**8. ଭାରତରେ କୃଷିଜାତ ଦ୍ରବ୍ୟ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି କାହିଁକି ?**

ଉ. (a) **ବୃଷ୍ଟିପାତର ଅନିଶ୍ଚିତା :** ଭାରତର କୃଷକମାନେ ବୃଷ୍ଟି ଜଳ ଉପରେ ନିର୍ଭର କରନ୍ତି । ମୌସୁମୀ ବାୟୁ ପ୍ରତିବର୍ଷ ଠିକ୍ ସମୟରେ ଆସେ ନାହିଁ । ପୁନଶ୍ଚ ମୌସୁମୀ ବାୟୁଜନିତ ବୃଷ୍ଟିପାତ ଅନିଶ୍ଚିତ ଓ ଅନିୟମିତ ।

(b) **ଜମିରର ଉର୍ବରତା ହ୍ରାସ :** ଜମିରେ ଅତ୍ୟଧିକ ସାର, କୀଟନାଶକ, ପୀଡ଼କ ନାଶକ ବ୍ୟବହାର ଯୋଗୁଁ ପ୍ରଥମେ ଉତ୍ପାଦନ ବୃଦ୍ଧି ହେଉଛି କିନ୍ତୁ ପରବର୍ତ୍ତୀ କାଳରେ ମୃତ୍ତିକାର ମାନ ହ୍ରାସ ହେବାରେ ଲାଗିଛି । ତେଣୁ କୃଷିଜାତ ଦ୍ରବ୍ୟର ଉତ୍ପାଦନ ହ୍ରାସ ଘଟୁଛି ।

(c) **ଭୂତଳ ଜଳ ମାତ୍ରାଧିକ ବ୍ୟବହାର :** ନିମ୍ନ ବୃଷ୍ଟିପାତ ଅଞ୍ଚଳ ପଞ୍ଜାବରେ ଧାନଚାଷ ଓ ମହାରାଷ୍ଟ୍ରରେ ଆଖୁ ଚାଷ ପାଇଁ ଭୂତଳ ଜଳ ଅଧିକ ମାତ୍ରାରେ ବ୍ୟବହାର ଯୋଗୁଁ କୂପ, ନଳକୂପ ଆଦି ଦିନକୁ ଦିନ ଶୁଷ୍କ ହେବାରେ ଲାଗିଛି, ତେଣୁ କୃଷିଜାତ ଦ୍ରବ୍ୟର ଉତ୍ପାଦନ ହ୍ରାସ ପାଉଛି ।

(d) **ତ୍ରୁଟିପୂର୍ଣ୍ଣ ବିକ୍ରୟ ବ୍ୟବସ୍ଥା :** କୃଷକମାନଙ୍କର ଉତ୍ପାଦିତ ଦ୍ରବ୍ୟ ସାଇତି ରଖିବା ପାଇଁ ସରକାରଙ୍କ ତରଫରୁ ଉପଯୁକ୍ତ ବ୍ୟବସ୍ଥା ନାହିଁ । ତେଣୁ କୃଷକମାନେ ଫସଲ ସାଇତି ରଖି ନ ପାରି ସ୍ୱଳ୍ପ ମୂଲ୍ୟରେ ବେପାରୀମାନଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ।

(e) ଏତଦ୍‌ଭିନ୍ନ କୃଷିଜାତ ଦ୍ରବ୍ୟ ହ୍ରାସ ପାଇବାର ଅନ୍ୟାନ୍ୟ କାରଣଗୁଡ଼ିକ ହେଉଛି - ମୃତ୍ତିକା କ୍ଷୟ, କ୍ଷୁଦ୍ର ଓ ବିଖଣ୍ଡିତ ଜୋତ, ଦକ୍ଷ କୃଷି ପ୍ରଣାଳୀରେ ଅଭାବ, ପୁଞ୍ଜିର ଅଭାବ, ଅଜ୍ଞତା ଓ ଜଳସେଚନର ଅଭାବ ଇତ୍ୟାଦି ।

**ପାର୍ଥକ୍ୟ ଦର୍ଶାଅ :**

## 1. ଶୁଷ୍କ କୃଷି ଓ ଆର୍ଦ୍ର କୃଷି ।

ଉ.

| ଶୁଷ୍କ କୃଷି | ଆର୍ଦ୍ରକୃଷି |
|---|---|
| (i) କମ୍ ବୃଷ୍ଟିପାତ ହେଉଥିବା ଅଞ୍ଚଳରେ ଜଳସେଚନର ଅନୁପସ୍ଥିତିରେ କୃଷି ଜମିଗୁଡ଼ିକରେ ଶୁଷ୍କ କୃଷି ପ୍ରଣାଳୀରେ ବର୍ଷରେ ଗୋଟିଏ ଶଷ୍ୟ ଉତ୍ପାଦନ କରାଯାଏ । | (i) ବୃଷ୍ଟିବହୁଳ ଅଞ୍ଚଳ କିମ୍ବା ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଧାନ, ନଳିତା, ଆଖୁ, ପନିପରିବା ଇତ୍ୟାଦି ବହୁଳ ଭାବରେ ଚାଷ କରାଯାଏ । |
| (ii) ଏହି ଅଞ୍ଚଳରେ ବାଜରା, ଜଓ୍ୱାର, ମକା ଓ ଡାଲିଜାତୀୟ ଶସ୍ୟ ଓ ତୈଳବୀଜ ଆଦି ଚାଷ କରାଯାଏ । | (ii) ଏହି ଅଞ୍ଚଳରେ ଚାଷଜମିଗୁଡ଼ିକରେ ଉଭୟ ଖରିଫ୍ ଓ ରବି ଫସଲ ଚାଷ କରାଯାଏ । |

## 2. ଖରିଫ୍ ଫସଲ ଓ ରବି ଫସଲ ।

ଉ.

| ଖରିଫ୍ ଫସଲ | ରବି ଫସଲ |
|---|---|
| (i) ଖରିଫ୍ ଫସଲ ମୌସୁମୀ ବାୟୁ ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରେ ଆରମ୍ଭ ହୋଇ ଅକ୍ଟୋବର ଓ ନଭେମ୍ବର ମାସ ପର୍ଯ୍ୟନ୍ତ ଚାଲିଥାଏ । | (i) ରବି ଫସଲ ଶୀତଋତୁ ପ୍ରାରମ୍ଭରୁ ଆରମ୍ଭ ହୋଇ ଗ୍ରୀଷ୍ମ ଋତୁ ପୂର୍ବରୁ ଶେଷ ହୋଇଯାଏ । |
| (ii) ଧାନ, ଝୋଟ, ଆଖୁ, ଜଡ଼ା, କପା, ମକା ପ୍ରଭୃତି ଅଧିକ ଉତ୍ତାପ ଓ ବୃଷ୍ଟିପାତ ଆବଶ୍ୟକ କରୁଥିବା ଶସ୍ୟ ଠିକ୍ ସମୟରେ ଚାଷ କରାଯାଏ । | (ii) ଗହମ, ବାର୍ଲି, ସୋରିଷ, ପେଶି, ରାଶି, ସୂର୍ଯ୍ୟମୁଖୀ ଆଦି ତୈଳବୀଜ, ଡାଲିଜାତୀୟ ଶସ୍ୟ ଇତ୍ୟାଦି ଅଳ୍ପ ଆର୍ଦ୍ରତା ଆବଶ୍ୟକ କରୁଥିବା ଫସଲ ଏହି ସମୟରେ ଚାଷ କରାଯାଏ । |

**3. ସଘନ କୃଷି ଓ ବ୍ୟାପକ କୃଷି ।**

ଉ.

| ସଘନ କୃଷି | ବ୍ୟାପକ କୃଷି |
| --- | --- |
| (i) ରାସାୟନିକ ସାର, କୀଟନାଶକ ଔଷଧ ପ୍ରୟୋଗ ଓ ଅଧିକ ଅମଳକ୍ଷମ ବିହନ ବ୍ୟବହାର କରି ଚାଷ ଜମିକୁ ପଡ଼ିଆ ନ ରଖି ବର୍ଷକରେ ଏକାଧିକବାର କୃଷି କାର୍ଯ୍ୟ କରିବାକୁ ସଘନ କୃଷି କୁହାଯାଏ । | (i) ଜନସଂଖ୍ୟା କମ୍ ଓ ଅଧିକ ଚାଷୋପଯୋଗୀ ଜମି ଥିବା ବିସ୍ତୃତ ଅଞ୍ଚଳରେ କରାଯାଉଥିବା କୃଷି କାର୍ଯ୍ୟକୁ ବ୍ୟାପକ କୃଷି କୁହାଯାଏ । |
| (ii) ଭାରତ, ଚୀନ୍, ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ସମୂହ ଓ ଅନ୍ୟାନ୍ୟ ଜନବହୁଳ ଦେଶରେ ଜଳସେଚିତ ଅଞ୍ଚଳରେ ଏହି କୃଷିକାର୍ଯ୍ୟ କରାଯାଏ । | (ii) ଅଷ୍ଟ୍ରେଲିଆ, ଆଫ୍ରିକା, ଆମେରିକା ମହାଦେଶର ଅଧିକାଂଶ ଜନବିରଳ ଅଞ୍ଚଳରେ ବ୍ୟାପକ କୃଷି କରାଯାଏ । |

## କାରଣ ଦର୍ଶାଅ :

**1. କୃଷିକୁ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ କୁହାଯାଏ ।**

ଉ. (i) ଭାରତ ଏକ ଗ୍ରାମବହୁଳ ଦେଶ । ଭାରତରେ ମୋଟ ଜନସଂଖ୍ୟାର ଆୟ ଦୁଇ-ତୃତୀୟାଂଶ ବିଭିନ୍ନ ପ୍ରକାର କୃଷିକାର୍ଯ୍ୟ ଉପରେ ନିର୍ଭରଶୀଳ । କୃଷି, ଶିଳ୍ପାନୁଷ୍ଠାନକୁ କଞ୍ଚାମାଲ୍ ଯୋଗାଇଥାଏ ।

(ii) କୃଷି ଆମ ଦେଶରେ ମୁଖ୍ୟ ବୃତ୍ତି ରୂପେ ଗ୍ରହଣ କରାଯାଇଛି । ତେଣୁ ଭାରତରେ କୃଷିକୁ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ କୁହାଯାଏ ।

**2. ଚାହା ଏକ ଶ୍ରମଭିତ୍ତିକ କୃଷି ।**

ଉ. (i) ଚାହା ଚାଷର ଚାହା ରୋପଣଠାରୁ ଆରମ୍ଭ କରି ପତ୍ର ହେବା ପର୍ଯ୍ୟନ୍ତ ଏହାର ଯତ୍ନ ନିଆଯାଇଥାଏ । ଏହାର ପ୍ରକ୍ରିୟାକରଣରେ ଅନେକ ଶ୍ରମିକ ଆବଶ୍ୟକ ହୋଇଥା'ନ୍ତି ।

(ii) ଶସ୍ତା ଓ ଦକ୍ଷ ଶ୍ରମିକଙ୍କର ଚାହା ବଗିଚାମାନଙ୍କର ଆବଶ୍ୟକତା ରହିଥାଏ, ତେଣୁ ଏହା ଏକ ଶ୍ରମଭିତ୍ତିକ କୃଷି ।

**3. ସଘନ କୃଷି ଘନଜନବସତି ଅଞ୍ଚଳରେ କରାଯାଇଥାଏ ।**

ଉ. (i) ଘନ ଜନବସତିର ଖାଦ୍ୟ ଚାହିଦା ମେଣ୍ଟାଇବାପାଇଁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ଆବଶ୍ୟକ ହୋଇଥାଏ । ତେଣୁ ଏହି କୃଷିରେ ରାସାୟନିକ କୀଟନାଶକ ଔଷଧ ପ୍ରୟୋଗ କରି ଯାନ୍ତ୍ରିକ ପଦ୍ଧତିରେ କୃଷିକାର୍ଯ୍ୟ କରାଯାଏ ।

(ii) ଏହା ମୁଖ୍ୟତଃ ଭାରତ, ଚୀନ୍, ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରସମୂହ ଓ ଅନ୍ୟାନ୍ୟ ଜନବହୁଳ ରାଷ୍ଟ୍ରମାନଙ୍କରେ କାର୍ଯ୍ୟକାରୀ ହୋଇଥାଏ ।

**4. ଡେକାନ୍ ମାଳଭୂମିରେ ଅଧିକ କପା ଚାଷ କରାଯାଏ ।**

ଉ. (i) କପାଚାଷ ପାଇଁ ଅଧିକ ତାପମାତ୍ରା ଏବଂ କମ୍ ପରିମାଣରେ ବୃଷ୍ଟିପାତ ଆବଶ୍ୟକ ହୋଇଥାଏ ।

(ii) ଡେକାନ୍ ଅଞ୍ଚଳରେ ଥିବା କୃଷ୍ଣକାର୍ପାସ୍ ମୃତ୍ତିକାର ଉତତାପ ଓ ଜଳଧାରଣ କ୍ଷମତା ଅଧିକ ଥିବାରୁ ଏହା କପାଚାଷ ପାଇଁ ବିଶେଷ ଉପଯୋଗୀ ହୋଇଥାଏ ।

**5. ଆମ ଦେଶରେ କୃଷିକାର୍ଯ୍ୟ ପାଇଁ ବ୍ୟବହୃତ ଜମି ଅନ୍ୟ ଦେଶ ତୁଳନାରେ ଅଧିକ ହେଲେ ମଧ୍ୟ କୃଷି ଉତ୍ପାଦିତା ମାନଙ୍କଠାରୁ ଯଥେଷ୍ଟ କମ୍ ।**

ଉ. (i) ଆମ ଦେଶର ସମୁଦାୟ ଭୂମିର ଶତକଡ଼ା 40 ଭାଗରୁ ଅଧିକ ଭୂମି କୃଷିକାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିଲେ ମଧ୍ୟ କୃଷି ଉତ୍ପାଦିତା ଅନ୍ୟାନ୍ୟ ଉନ୍ନତ ରାଷ୍ଟ୍ରଗୁଡ଼ିକ ତୁଳନାରେ ଯଥେଷ୍ଟ କମ୍ ।

(ii) ଏହାର କାରଣଗୁଡ଼ିକ ହେଲା – (1) ଅନିଶ୍ଚି ବୃଷ୍ଟିପାତ, (2) ମୃତ୍ତିକା କ୍ଷୟ, (3) ଜମିର ଉର୍ବରତା ହ୍ରାସ ଅବିଖଣ୍ଡିତ ଚାଷଭୂମି, (5) ଦକ୍ଷ କୃଷି ପ୍ରଣାଳୀର ଅଭାବ, (6) ଜଳସେଚନର ଅଭାବ ଇତ୍ୟାଦି ।

**6. ଆମ ଦେଶରେ ଅଧିକାଂଶ ଜାଗାରେ ଧାନ ଏକ ମୁଖ୍ୟ ଫସଲ ଭାବରେ ଚାଷ କରାଯାଏ ।**

ଉ. (i) ଆମ ଦେଶ କ୍ରାନ୍ତୀମଣ୍ଡଳୀୟ ଅବସ୍ଥିତ, ଉର୍ବର ମୃତ୍ତିକା, ଆର୍ଦ୍ର ଜଳବାୟୁ ଓ ଆବଶ୍ୟକୀୟ ତାପମାତ୍ରା ଧାନ ଚାଷ ପାଇଁ ଅନୁକୂଳ ହୋଇଥାଏ ।

(ii) ତେଣୁ ଦେଶର ଅଧିକାଂଶ ଜାଗାରେ ଧାନ ଏକ ମୁଖ୍ୟ ଫସଲ ହିସାବରେ ଚାଷ କରାଯାଏ ।

**7. ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ଆଶାନୁରୂପ ହୋଇପାରୁ ନାହିଁ ।**

ଉ. (i) ଆଜିକାଲି ଖାଦ୍ୟଶସ୍ୟ ବଦଳରେ ଚାଷୀ ଫଳ, ପନିବରିବା, ତୈଳବୀଜ ଇତ୍ୟାଦି ଶିଳ୍ପଭିତ୍ତିକ କୃଷିକାର୍ଯ୍ୟ କରିବା ଫଳରେ ଖାଦ୍ୟଶସ୍ୟ ପାଇଁ ଉଦ୍ଦିଷ୍ଟ ଜମିର ପରିମାଣ କ୍ରମାଗତ ଭାବରେ ହ୍ରାସ ପାଉଛି, ଯାହା ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ପ୍ରଭାବ ପକାଉଛି ।

(ii) ଏହା ବ୍ୟତୀତ ଜମିରେ ଅତ୍ୟଧିକ ସାର, କୀଟନାଶକ, ପୀଡ଼କନାଶକ ବ୍ୟବହାର ଯୋଗୁଁ ପରବର୍ତ୍ତୀ କାଳରେ ଜମିର ଉର୍ବରତା ହ୍ରାସ ପାଉଛି । ଏହାଛଡ଼ା ଜଳସେଚନ ସୁବିଧାର ଅଭାବ ଯୋଗୁଁ ଖାଦ୍ୟଶସ୍ୟ ଉତ୍ପାଦନ ଆଶାନୁରୂପେ ହୋଇପାରୁନାହିଁ ।

**8. ଚାହା ପ୍ରକ୍ରିୟାକରଣ ଶିଳ୍ପଗୁଡ଼ିକ ସାଧାରଣତଃ ଚାହା ଉତ୍ପାଦନ ସ୍ଥାନରେ ସ୍ଥାପିତ ହୋଇଥାଏ ।**

ଉ. (i) ଚାହା ଚାଷ ପାଇଁ ଅଧିକ ଅର୍ଥ, ଦକ୍ଷ ଶ୍ରମିକ, ଜ୍ଞାନ କୌଶଳ, ଅତ୍ୟାଧୁନିକ ଯନ୍ତ୍ରପାତି, ସାର, ଜଳସେଚନ ଓ ପରିବହନ ବ୍ୟବସ୍ଥା ଏକାନ୍ତ ଆବଶ୍ୟକ ।

(ii) ତେଣୁ ଅଧିକାଂଶ ଉତ୍ପାଦିତ ଦ୍ରବ୍ୟକୁ କଞ୍ଚାମାଲ ରୂପେ ବ୍ୟବହାର କରି ଚାହା ଚାଷ ହେଉଥିବା ଅଞ୍ଚଳରେ ଚାହା ପ୍ରକ୍ରିୟାକରଣ ଶିଳ୍ପଗୁଡ଼ିକ ସ୍ଥାପିତ ହୋଇଥାଏ ।

**9. ଦିନକୁ ଦିନ କୃଷିଭୂମିର ପରିମାଣ ହ୍ରାସ ପାଉଛି ।**

ଉ. (i) ଭାରତ ଭଳି ବିକାଶଶୀଳ ରାଷ୍ଟ୍ରରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ଫଳରେ ଚାଷ ଉପଯୋଗୀ ଜମିର ପରିମାଣ କମିଯାଉଛି । ଏହା ଜନବସତି ସ୍ଥାପନ, ରାସ୍ତାଘାଟ ନିର୍ମାଣ ଓ ନୂତନ ବ୍ୟବସାୟ କେନ୍ଦ୍ର ପ୍ରତିଷ୍ଠା କରିବା ଦ୍ୱାରା ହୋଇଥାଏ ।

(ii) ଏହା ମଧ୍ୟ ଦ୍ରୁତ ଶିଳ୍ପାୟନ ପ୍ରତିଷ୍ଠା ତଥା କଳକାରଖାନା ଏବଂ ରେଳପଥ ନିର୍ମାଣ ଫଳରେ କୃଷି ଉପଯୋଗୀ ଜମିର ପରିମାଣ ହ୍ରାସ ପାଉଛି ।

# ବିନିର୍ମାଣ ଉଦ୍ୟୋଗ

**1. କଞ୍ଚାମାଲ ଦୃଷ୍ଟିକୋଣରୁ ବନସ୍ପତି ତେଲ କେଉଁ ଶିଳ୍ପର ଅନ୍ତର୍ଗତ ?**

(a) ଖଣିଜଭିତ୍ତିକ (b) ଜଙ୍ଗଲଭିତ୍ତିକ (c) କୃଷିଭିତ୍ତିକ (d) ପଶୁଭିତ୍ତିକ

**2. ଲୌହ ଓ ଇସ୍ପାତ ପରେ ଭାରତରେ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କ'ଣ ?**

(a) ଆଲୁମିନିୟମ୍ (b) ଭାରୀ ଇଞ୍ଜିନିୟରିଂ (c) କାଗଜ (d) ଜାହାଜ ନିର୍ମାଣ

**3. ମାରୁତି ଉଦ୍ୟୋଗ କେଉଁ ଶିଳ୍ପ ?**

(a) ରାଷ୍ଟ୍ରାୟତ୍ତ (b) ଘରୋଇ (c) ଯୌଥ (d) ସମବାୟ

4. ସ୍ଥାପନର ସମୟକାଳ ଦୃଷ୍ଟିରୁ କେଉଁଟି ଏକ ଭିନ୍ନ ଲୌହ ଓ ଇସ୍ପାତ କାରଖାନା ?
(a) ବୋକାରୋ (b) ବର୍ଣ୍ଣପୁର (c) ଭିଲାଇ (d) ରାଉରକେଲା

5. ବିହାରର କେଉଁଠାରେ କାଗଜ କଳ ଅଛି ?
(a) ନେପାନଗର (b) ଡାଲମିଆନଗର (c) ବ୍ରଜରାଜନଗର (d) ଟିଟାଗଡ଼

6. ଭାରତର ସର୍ବପ୍ରଥମ ଲୁହା କାରଖାନ କେଉଁଠାରେ ଅବସ୍ଥିତ ?
(a) ରସ୍ରା (b) ମୁମ୍ବାଇ (c) ପୋର୍ଟୋନୋଭା (d) ଜାମସେଦପୁର

7. କେଉଁ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ରୂପେ ବ୍ୟହାର ହୋଇଛି ?
(a) କ୍ଷୁଦ୍ରଶିଳ୍ପ (b) କୂଟୀର ଶିଳ୍ପ (c) ଖାଉଟି ଶିଳ୍ପ (d) ମୌଳିକ ଶିଳ୍ପ

8. ପ୍ରକ୍ରିୟାକରଣ ମାଧମରେ କେଉଁ ଦ୍ରବ୍ୟଟି ଉତ୍ପାଦନ ହୋଇଥାଏ ?
(a) କପା (b) ଚିନି (c) ବକ୍‌ସାଇଟ୍ (d) ଲୁହାପଥର

9. ସ୍ୱାଧୀନତା ପୂର୍ବରୁ କେଉଁ ମସିହାରେ ଭାରତରେ ଲୁହାକାରଖାନା ପ୍ରତିଷ୍ଠା ହୋଇଥିଲା ?
(a) 1800 (b) 1822 (c) 1830 (d) 1836

10. ଭାରତର କେଉଁଠାରେ ପ୍ରଥମ କାର୍ପାସ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା ?
(a) ଗୁଜୁରାଟ (b) ଦିଗ୍‌ବୋଇ (c) ମୁମ୍ବାଇ (d) କୋଲକାତା

11. ଭାରତର ସର୍ବପ୍ରଥମ କେଉଁ ସ୍ଥାନରେ ଝୋଟ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା ?
(a) କୋଲକତାର ରିସ୍ରା (b) ଛତିଶଗଡ଼ର ବାଇଲାଡ଼ଇଲା
(c) ଓଡ଼ିଶାର କେନ୍ଦୁଝର (d) ଝାଡ଼ଖଣ୍ଡର ସିଂହଭୂମି

12. ଆଧୁନିକ ଲୌହ ଶିଳ୍ପର ଭିତ୍ତିପ୍ରସ୍ତର ପଡ଼ିଥିବା ସ୍ଥାନ କେଉଁ ଠାରେ ଅବସ୍ଥିତ ?
(a) କୁଲ୍‌ଟୀ (b) ଦୁର୍ଗାପୁର (c) ବୋକାରୋ (d) ରାଉରକେଲା

13. କେଉଁଠାରେ ସମ୍ବାଦପତ୍ର ଛପା-କାଗଜ ଉତ୍ପାଦନ କରାଯାଏ ?
(a) ହୋମଙ୍ଗାବଣ (b) ନେପାନଗର (c) କୋଲକାତା (d) ଟିଟାଗଡ଼

14. କେଉଁ ମସିହାରେ ଟିସ୍କୋ ସ୍ଥାପିତ ହେଲା ?
(a) 1830 (b) 1864 (c) 1905 (d) 1907

15. ଭାରତର କେଉଁ ରାଜ୍ୟରେ ସମସ୍ତ ପ୍ରକାର ରେଳଇଞ୍ଜିନ୍ ତିଆରି ହୁଏ ?
(a) ମହାରାଷ୍ଟ୍ର (b) ପଶ୍ଚିମବଙ୍ଗ (c) ତାମିଲନାଡୁ (d) ଆନ୍ଧ୍ରପ୍ରଦେଶ

16. ଉତ୍ତର ପ୍ରଦେଶ କଡେଁ ଠାରେ ସାମରିକ ବିମାନ ନିର୍ମାଣ କାରଖାନା ରହିଛି ?
(a) ମଥୁରା (b) ବାରାଣସୀ (c) ଆହ୍ଲାବାଦ (d) କାନପୁର

17. ଗୁଡ଼ଗାଓଁଠାରେ କେଉଁ ଉଦ୍ୟୋଗ ସ୍ଥାପନ ହୋଇଛି ?
(a) ଭାରୀ ଇଞ୍ଜିନିୟରିଂ ଶିଳ୍ପ (b) ଇସ୍ପାତ ଶିଳ୍ପ (c) ମାରୁତି ଉଦ୍ୟୋଗ (d) ଆଲୁମିନିୟମ୍ ଶିଳ୍ପ

18. କେଉଁ ସ୍ଥାନରେ ଯାତ୍ରୀବାହୀ ରେଳଡ଼ବା ତିଆରି କାରଖାନା ରହିଛି ?
(a) ପେରାମ୍ବୁର (b) ରାଞ୍ଚି (c) ହରିଦ୍ୱାର (d) ଚିତ୍ତରଞ୍ଜନ

19. ଖାଉଟି ଶିଳ୍ପକୁ ଅନ୍ୟ କେଉଁ ଶିଳ୍ପ ନାମରେ ନାମିତ କରାଯାଇଛି ?
(a) ମୌଳିକ (b) ହାଲୁକା (c) ଭାରୀ (d) କୁଟୀର

20. ଭାରତରେ ମୁଣ୍ଡପିଛା କେତେ କିଗ୍ରା ଲୌହଇସ୍ପାତ ବ୍ୟବହୃତ ହେଉଛି ?
(a) 52 କି.ଗ୍ରା. (b) 71 କି.ଗ୍ରା. (c) 42 କି.ଗ୍ରା. (d) 22 କି.ଗ୍ରା.

**21.** ଲୁହାକୁ ଶକ୍ତ କରିବା ପାଇଁ ଏଥିରେ କ'ଣ ମିଶାଯାଇଥାଏ ?

(a) ନିକେଲ୍ କୋବାଲ୍ଟ (b) ସୀସା ଓ ଟିଣ (c) ମାଙ୍ଗାନିଜ୍ ଓ କ୍ରୋମାଇଟ୍

(d) ପ୍ଲାଟିନମ୍ ଓ ସୀସା

**22.** ଭାରତର ସମସ୍ତ ରାଷ୍ଟ୍ରାୟତ୍ତ ଲୌହଶିଳ୍ପଗୁଡ଼ିକ ପରିଚାଳନା ଦାୟିତ୍ୱ କେଉଁ ସଂସ୍ଥା ବହନ କରୁଛି ?

(a) NALCO (b) SAIL (c) BHEI (d) TELCO

**23.** ଭାରତର କେଉଁ କାଗଜ କାରଖାନରେ ନୋଟ୍ ଛପାକାଗଜ ଉତ୍ପାଦନ ହୁଏ ?

(a) ପଶ୍ଚିମବଙ୍ଗର ଟିଟାଗଡ଼ (b) ମଧ୍ୟପ୍ରଦେଶର ହୋସଙ୍ଗାବାଦ୍ (c) ବିହାରର ଡାଲମିଆନଗର

(d) କର୍ଣ୍ଣାଟକର ଭଦ୍ରାବତୀ

**24.** ବିଦ୍ୟୁତ୍ ଉତ୍ପାଦନ ପାଇଁ ବୃହଦାକାର ଟର୍‌ବାଇନ୍ ଭାରତରେ କେଉଁଠାରେ ତିଆରି ହୁଏ ?

(a) ଝାଡ଼ଖଣ୍ଡର ରାଞ୍ଚି (b) ପଶ୍ଚିମବଙ୍ଗର ଦୁର୍ଗାପୁର (c) ମଧ୍ୟପ୍ରଦେଶର ଭୋପାଳ

(d) ଉତ୍ତର ପ୍ରଦେଶର ଲକ୍ଷ୍ନୌ

**25.** ଅଶୋକ ଲେ ଲ୍ୟାଣ୍ଡ ଟ୍ରକ୍ କାରଖାନା କେଉଁ ଠାରେ ଅଛି ?

(a) ଚେନ୍ନାଇ (b) ପୁଣେ (c) ଦିଲ୍ଲୀ (d) ଚଣ୍ଡିଗଡ଼

**26.** ଭାରତୀୟ ସ୍ଥଳସେନାର ଶକ୍ତିମାନ ଟ୍ରକ୍, ନିଶାନ ଓ ଜୋଙ୍ଗାଜିପ କେଉଁଠାରେ ତିଆରି ?

(a) ଲକ୍ଷ୍ନୌ (b) ଜବଲପୁର (c) ବିଳାସପୁର (d) କୋହ୍ଲାପୁର

**27.** ଭାରତରେ କେତେଗୋଟି (Software Technology Park) ପାର୍କ ସ୍ଥାପନ କରାଯାଇଛି ?

(a) 10 (b) 12 (c) 16 (d) 36

**28.** ଦେଶର ଶିଳ୍ପ ଅଭିବୃଦ୍ଧି ହାରକୁ ଅନୁଧ୍ୟାନ କରିବା ପାଇଁ କେଉଁ ସଂସ୍ଥା ଗଠିତ ହୋଇଛି ?

(a) CBI (b) IPED (c) NMCC (d) IIC

**29.** କାଗଜ ଶିଳ୍ପକୁ କେଉଁ ପ୍ରକାର ଶିଳ୍ପର ମାନ୍ୟତା ଦିଆଯାଇଛି ?

(a) କୃଷିଭିତ୍ତିକ (b) ଜଙ୍ଗଲଭିତ୍ତିକ (c) ପଶୁଭିତ୍ତିକ (d) ଖଣିଜଭିତ୍ତିକ

**30.** ବକ୍ସାଇଟ୍ କେଉଁ ଉଦ୍ୟୋଗର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ ?

(a) ଲୁହା (b) ଆଲୁମିନିୟମ୍ (c) ତମ୍ବା (d) ସିମେଣ୍ଟ

**31.** କେଉଁ ସଂସ୍ଥାଟି ଲୌହଇସ୍ପାତ ଉତ୍ପାଦନ ସହ ସମ୍ପୃକ୍ତ ?

(a) SAIL (b) OIL (c) NALCO (d) BALCO

**32.** କେଉଁଟି ଏକ ରାଷ୍ଟ୍ରାୟତ୍ତ ସଂସ୍ଥା ନୁହେଁ ?

(a) SAIL (b) TISCO (c) NALCO (d) IDCO

**33.** ମହେନ୍ଦ୍ରା ଓ ମହେନ୍ଦ୍ରା କେଉଁ ପ୍ରକାର ଯାନ ନିର୍ମାଣ କରିଥାଏ ?

(a) ଦୁଇଚକିଆ (b) ତିନିଚକିଆ (c) ଚାରିଚକିଆ (d) ଆଠ ଚକିଆ

**34.** କେଉଁଥିରେ ମଜୁରୀ ଭୋଗୀ ଶ୍ରମିକ ନ ଥାନ୍ତି ?

(a) କ୍ଷୁଦ୍ରଶିଳ୍ପ (b) କୁଟୀର ଶିଳ୍ପ (c) ମୌଳିକ ଶିଳ୍ପ (d) ଖାଉଟି ଶିଳ୍ପ

**35.** କେଉଁ ମସିହାରେ ଭାରତରେ ସର୍ବପ୍ରଥମେ ଯନ୍ତ୍ରଦ୍ୱାରା କାଗଜ ପ୍ରସ୍ତୁତ ହୋଇଥିଲା ?

(a) 1860 (b) 1880 (c) 1904 (d) 1923

**36.** ରୁଷିଆ ସହାୟତାରେ କେଉଁ ସ୍ଥାନରେ ଲୌହଇସ୍ପାତ କାରଖାନା ପ୍ରତିଷ୍ଠା କରାଯାଇଥିଲା ?

(a) ଦୁର୍ଗାପୁର (b) ଭିଲାଇ (c) ବୋକାରୋ (d) ରାଉରକେଲା

**37.** **କେଉଁ ସଂସ୍ଥା ପରିବେଶ ସଂରକ୍ଷଣ ପାଇଁ ବିଭିନ୍ନ ବ୍ୟବସ୍ଥାମାନ ଗ୍ରହଣ କରିଛି ?**

(a) TISCO (b) NALCO (c) TECO (d) NTPC

**38.** **କେବେଠାରୁ ଆମ ଦେଶରେ ବିନିର୍ମାଣ ଉଦ୍ୟୋଗର ବିକାଶ ଓ ପ୍ରସାର ଆରମ୍ଭ ହୋଇଛି ?**

(a) 1915 (b) 1951 (c) 1956 (d) 1974

**39.** **ନିମ୍ନରେ ଦିଆଯାଇଥିବା ସ୍ଥାନମାନଙ୍କ ମଧ୍ୟରେ କେଉଁ ସ୍ଥାନରେ ଯାତ୍ରୀବାହୀ ରେଳଡ଼ବା ତିଆରି ହୁଏ ?**

(a) କପୁରତାଲା (b) ବାରାଣାସୀ (c) ପେରାମ୍ବୁର (d) କୋଲକତା

**40.** **ଭାରତର ପ୍ରଥମ ବନ୍ଦର ଭିତିକ ଲୌହ ଇସ୍ପାତ କାରଖାନାର ନାମ କ'ଣ ?**

(a) ବିଶାଖା ପାଟଣା (b) ମୁମ୍ବାଇ (c) କୋଲକତା (d) ପାରାଦ୍ୱୀପ

**41.** **କେଉଁ ମସିହାରେ ଭାରତରେ ପ୍ରଥମ କାର୍ପାସ ଶିଳ୍ପ ସ୍ଥାପିତ ହୋଇଥିଲା ?**

(a) 1950 (b) 1800 (c) 1856 (d) 1954

## ANSWERS

| | | | | | | | |
|---|---|---|---|---|---|---|---|
| 1. (c) | 2. (a) | 3. (c) | 4. (b) | 5. (b) | 6. (c) | 7. (d) | 8. (b) |
| 9. (c) | 10. (c) | 11. (a) | 12. (a) | 13. (b) | 14. (d) | 15. (b) | 16. (d) |
| 17. (c) | 18. (a) | 19. (b) | 20. (b) | 21. (c) | 22. (b) | 23. (b) | 24. (c) |
| 25. (a) | 26. (b) | 27. (d) | 28. (c) | 29. (b) | 30. (b) | 31. (a) | 32. (b) |
| 33. (c) | 34. (b) | 35. (a) | 36. (c) | 37. (d) | 38. (b) | 39. (c) | 40. (a) |
| 41. (d) | | | | | | | |

## ଦୀର୍ଘ ଉତ୍ତର ମୂଳକ (Long Type)

**1.** **କଞ୍ଚାମାଲର ଉତ୍ସ ଅନୁସାରେ ଶିଳ୍ପର ଶ୍ରେଣୀବିଭାଗ ଆଲୋଚନା କର ।**

**ଉ.** ଶିଳ୍ପରେ ବ୍ୟବହୃତ ହେଉଥିବା କଞ୍ଚାମାଲର ଉତ୍ସ ଅନୁସାରେ ଏହାକୁ ଚାରିଭାଗରେ ବିଭକ୍ତ କରାଯାଇଛି, ଯଥା – (i) କୃଷିଭିତ୍ତିକ, (ii) ଜଙ୍ଗଲଭିତ୍ତିକ, (iii) ଜୀବଜନ୍ତୁଭିତ୍ତିକ, (iv) ଖଣିଜଭିତ୍ତିକ ଶିଳ୍ପ ।

**(i) କୃଷିଭିତ୍ତିକ ଶିଳ୍ପ :** କୃଷିରୁ ମିଳୁଥିବା କଞ୍ଚାମାଲରୁ ବିଭିନ୍ନ ଦ୍ରବ୍ୟ ତିଆରି କରୁଥିବା ଶିଳ୍ପକୁ କୃଷିଭିତ୍ତିକ ଶିଳ୍ପ କୁହାଯାଏ । ଚାହା, ଚିନି, କାର୍ପାସ୍ ଓ ବନସ୍ପତି ତେଲ ଆଦଦି ଏହି ଶିଳ୍ପର ଅନ୍ତର୍ଗତ ।

**(ii) ଜଙ୍ଗଲଭିତ୍ତିକ ଶିଳ୍ପ :** ଜଙ୍ଗଲରୁ ମିଳୁଥିବା କଞ୍ଚାମାଲ୍‌କୁ ବ୍ୟବହାର କରି ସ୍ଥାପିତ ଶିଳ୍ପକୁ ଜଙ୍ଗଲଭିତ୍ତିକ ଶିଳ୍ପ କୁହାଯାଏ । କାଗଜ, ଆସବାବପତ୍ର, ପାକିଂ ଦ୍ରବ୍ୟ, ଔଷଧୀୟ ବୃକ୍ଷରୁ ଔଷଧ ଉତ୍ପାଦନକାରୀ ଶିଳ୍ପ ଇତ୍ୟାଦି ଏହି ଶିଳ୍ପର ରଅନ୍ତର୍ଭୁକ୍ତ ।

**(iii) ଜୀବଜନ୍ତୁ(ପଶୁ) ଭିତ୍ତିକ ଶିଳ୍ପ :** ଏହି ଶିଳ୍ପରେ ବ୍ୟବହୃତ କଞ୍ଚାମାଲ୍ ଜୀବଜନ୍ତୁମାନଙ୍କଠାରୁ ମିଳିଥାଏ । ଉଦାହରଣ - ଦୁଗ୍ଧଜାତ ପଦାର୍ଥ, ପ୍ରସ୍ତୁତିକାରୀ ଶିଳ୍ପ, ଚମଡ଼ା ଶିଳ୍ପ ଏବଂ ମତ୍ସ୍ୟ ଶିଳ୍ପ ଇତ୍ୟାଦି ।

**(iv) ଖଣିଜଭିତ୍ତିକ ଶିଳ୍ପ :** ଖଣିଜ ପଦାର୍ଥକୁ ଆଧାର କରି ଏହି ଶିଳ୍ପ ଗଢ଼ି ଉଠିଥାଏ । ଉଦାହରଣ - ଲୌହଇସ୍ପାତ ଶିଳ୍ପ, ଆଲୁମିନିୟମ୍ ଶିଳ୍ପ ଏବଂ ପେଟ୍ରୋରସାୟନ ଶିଳ୍ପ ଇତ୍ୟାଦି ।

**2.** **ମୃତ୍ତିକା ଓ ଭୂମି ପ୍ରଦୂଷଣ କିପରି ରୋକାଯାଇପାରିବ ବୁଝାଇ ଲେଖ ?**

**ଉ.** (i) ବିଭିନ୍ନ କଳକାରଖାନାରୁ ନିର୍ଗତ ଉଭୟ ଜୈବ ଓ ଅଜୈବ ତଥା ତରଳ ଓ କଠିନ ବର୍ଜ୍ୟବସ୍ତୁ ମୃତ୍ତିକା ଓ ଭୂମି ପ୍ରଦୂଷଣର ପ୍ରଧାନ କାରଣ ।

(ii) ମୃତ୍ତିକା ଓ ଭୂମି ପ୍ରଦୂଷଣ ନିରାକରଣ ତିନୋଟି ସ୍ତରରେ କାର୍ଯ୍ୟାନ୍ୱିତ କରାଯାଇପାରିବ ।

(iii) ପ୍ରଥମେ ବର୍ଜ୍ୟବସ୍ତୁକୁ ବିଭିନ୍ନ ସ୍ଥାନରୁ ଗୋଟାଇ ଆଣି ଗୋଟିଏ ଜାଗାରେ ଠୂଳ ବା ଏକାଠି କରିବାକୁ ହେବ ।

(iv) ଦ୍ୱିତୀୟରେ ଏଗୁଡ଼ିକୁ ଗର୍ତ୍ତପୂରଣ ପାଇଁ ବିନିଯୋଗ କରାଯାଇପାରିବ ।

(v) ଶେଷରେ ପୁନଃଚକ୍ରଣଦ୍ୱାରା ଏଗୁଡ଼ିକୁ ଉପଯୁକ୍ତ ବ୍ୟବହାରରେ ଲଗାଯାଇ ପାରିବ ।

**3. ଭାରତରେ ଆଲୁମିନିୟମ୍ ଶିଳ୍ପର ପ୍ରତିଷ୍ଠା, ବିକାଶ ଏବଂ ପ୍ରସାର ସମ୍ବନ୍ଧରେ ବର୍ଣ୍ଣନା କର ।**

ଉ. (i) ଲୌହଇସ୍ପାତ ଶିଳ୍ପ ପଛକୁ ଆଲୁମିନିୟମ୍ ଶିଳ୍ପ ଭାରତର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ରୂପେ ପରିଗଣିତ ହୋଇଥାଏ । ଏହା ନମନୀୟ, କଳଙ୍କିରୋଧକ ଓ ବିଦ୍ୟୁତ୍ ସୁପରିବାହୀ ହୋଇଥିବାରୁ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ବହୁଳ ବ୍ୟବହାର ହୋଇଥାଏ ।

(ii) ଲୁହା, ତମ୍ବା, ଦସ୍ତା ଓ ସୀସାର ଏକ ବିକଳ୍ପ ଧାତୁ ହିସାବରେ ଏହାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି ।

(iii) ଗୋଟିଏ ଟନ୍ ଆଲୁମିନିୟମ୍ ଉତ୍ପାଦନ ପାଇଁ ଅନ୍ତତଃପକ୍ଷେ 6 ଟନ୍ ବକ୍ସାଇଟ୍ ଆବଶ୍ୟକ ହୋଇଥାଏ । ବକ୍ସାଇଟ୍ ପିଣ୍ଡରୁ ପ୍ରଥମେ ଆଲୁମିନା ଓ ପରେ ଆଲୁମିନିୟମ୍ ପ୍ରସ୍ତୁତ କରାଯାଏ । ଯାହାପାଇଁ ୩୦ ରୁ ୪୦ ଭାଗ ବିଦ୍ୟୁତ ଶକ୍ତି ଆବଶ୍ୟକ ହୁଏ ।

(iv) ବର୍ତ୍ତମାନ ଭାତରରେ 8 ଟି ଆଲୁମିନିୟମ୍ କାରଖାନା ପ୍ରତିଷ୍ଠା କରାଯାଇଛି । ସେଗୁଡ଼ିକ ଓଡ଼ିଶା (ଅନୁଗୁଳ)ରେ NALCO (National Aluminium Company), BALCO, ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ଛତିଶଗଡ଼ (କୋର୍ବା), ମହାରାଷ୍ଟ୍ର, ଆସାନସୋଲ (ଆଲୱ୍ୱେ), (ରେନୁକୁଟ), ଉତ୍ତରପ୍ରଦେଶ, ତାମିଲ୍‌ନାଡୁ (ମୋଟୁର)ରେ ସ୍ଥାପିତ ହୋଇଛି ।

**4. ଭାରତର ଅର୍ଥ ବ୍ୟବସ୍ଥାକୁ ଶିଳ୍ପକ୍ଷେତ୍ରର ଅବଦାନ କ'ଣ ?**

ଉ. (i) 1951 ମସିହାଠାରୁ ପଞ୍ଚବାର୍ଷିକ ଯୋଜନା ମାଧମରେ ଆରମ୍ଭ ହୋଇଥିବା ପ୍ରୟାସଦ୍ୱାରା ଦେଶର ଆଖିଦୃଷ୍ଟିଆ ବିକାଶ ସମ୍ଭବ ହୋଇ ପାରିଛି । ଖାଉଟି ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ବୈଦେଶିକ ମୁଦ୍ରା ଭଣ୍ଡାରକୁ ସୁଦୃଢ଼ କରିଛି ଏବଂ ଦେଶର ଜାତୀୟ ଆୟ ଓ ମୁଣ୍ଡପିଛା ଆୟ ବୃଦ୍ଧି ପାଇଛି ।

(ii) ଶକ୍ତି, ପରିବହନ ଓ ଯୋଗାଯୋଗ ଭଳି ଆଧାରିତ ସଂରଚନା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି ଏବଂ ଲୌହଇସ୍ପାତ ଶିଳ୍ପ କ୍ଷେତ୍ରରେ ବିକାଶ ପ୍ରଶଂସନୀୟ ହୋଇଛି ।

(iii) କୃଷି କ୍ଷେତ୍ରରେ ବଳକା ଶ୍ରମିକ ଶିଳ୍ପ କ୍ଷେତ୍ରରେ ନିୟୋଜିତ ହେବା ଦ୍ୱାରା ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଛି ।

(iv) ଗତ ଦଶନ୍ଧିରେ ଦେଶର ଶିଳ୍ପ ଅଭିବୃଦ୍ଧି 7 ପ୍ରତିଶତ ଥିଲାବେଳେ 2003 ମସିହା ଠାରୁ ଏହା 9 ରୁ 10 ପ୍ରତିଶତକୁ ବୃଦ୍ଧି ପାଇଛି । ଆଗାମୀ ଦଶନ୍ଧିରେ ଏହା 12 ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

**5. ସ୍ୱତ୍ୱାଧିକାର ଭିତ୍ତିରେ ଶିଳ୍ପରର ବିଭାଗୀକରଣ ବିଷୟରେ ବର୍ଣ୍ଣନା କର ।**

ଉ. ସ୍ୱତ୍ୱାଧିକାର ଭିତ୍ତିରେ ଶିଳ୍ପକୁ ତିନିଭାଗରେ ବିଭକ୍ତ କରାଯାଇଛି । ଯଥା:-

**(i) ରାଷ୍ଟ୍ରାୟତ୍ତ ଶିଳ୍ପ :** କୌଣସି ଶିଳ୍ପ ସରକାର ବା ସରକାରୀ ବିଭାଗଦ୍ୱାରା ସ୍ଥାପିତ ଓ ପରିଚାଳିତ ହୋଇଥିଲେ ତାହାକୁ ସରକାରୀ ବା ରାଷ୍ଟ୍ରାୟତ୍ତ ଶିଳ୍ପ କୁହାଯାଏ । ଉଦାହରଣ : ରାଇଲକେଲା ଲୌହଇସ୍ପାତ ଶିଳ୍ପ, ଗୁରୁବୈଦ୍ୟୁତିକ କାରଖାନା ।

**(ii) ବେସରକାରୀ ଶିଳ୍ପ :** ଯେଉଁ ଶିଳ୍ପ କୌଣସି ବ୍ୟକ୍ତି, ପରିବାର କିମ୍ବା ଏକାଧିକ ବ୍ୟକ୍ତି ନିଗମ ଅଧିକାରୀଙ୍କ ମାଲିକାନାରେ ଥାଇ ନିଜସ୍ୱ ପୁଞ୍ଜି ଲଗାଣ ଦ୍ୱାରା ସ୍ଥାପିତ ଓ ପରିଚାଳିତ ହୋଇଥାଏ, ତାହାକୁ ବେସରକାରୀ ଶିଳ୍ପ କୁହାଯାଏ । ଉଦାହରଣ - ଟାଟାଲୌହଇସ୍ପାତ କାରଖାନା, ରିଲାଏନ୍ସ ।

**(iii) ଯୌଥ ବା ମିଳିତ ଶିଳ୍ପ :** ଯେଉଁ ଶିଳ୍ପ ଉଭୟ (କେନ୍ଦ୍ର ଓ ରାଜ୍ୟ) ସରକାର ଓ ବେସରକାରୀ ସଂସ୍ଥା ଦ୍ୱାରା ସ୍ଥାପିତ ଓ ପରିଚାଳିତ ହୋଇଥାଏ ତାହାକୁ ମିଳିତ ବା ଯୌଥ ଶିଳ୍ପ କୁହାଯାଏ । ଉଦାହରଣ - ମାରୁତି ଉଦ୍ୟୋଗ ଓ ଅଏଲ ଇଣ୍ଡିଆ ।

**(iv) ସମବାୟ ଶିଳ୍ପ :** କେତେକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଗଠିତ ସମବାୟ ସମିତି ଦ୍ୱାରା ପରିଚାଳିତ ଶିଳ୍ପକୁ ସମବାୟ ଶିଳ୍ପ କୁହାଯାଏ । ଏହି ଶିଳ୍ପ ସାଧାରଣତଃ ଉତ୍ପାଦକ, କଞ୍ଚାମାଲ୍ ଯୋଗାଣକାରୀ ଓ ଶ୍ରମିକଙ୍କ ଉପରେ ନ୍ୟସ୍ତ ଥାଏ । ଉଦାହରଣ - ଗୁଜୁରାଟର ଅମୁଲ ଶିଳ୍ପ, ମହାରାଷ୍ଟ୍ରର ଚିନି, କେରଳର କଫି ଇତ୍ୟାଦି ।

**6. ଶିଳ୍ପ ଜନିତ ପ୍ରଦୂଷଣ ବିଷୟରେ ବିବରଣୀ ପ୍ରଦାନ କର ।**

ଉ. ଶିଳ୍ପ ଜନିତ ପ୍ରଦୂଷଣ ସାଧାରଣତଃ - ବାୟୁ, ଜଳ, ଭୂମି ତଥା ଶକ୍ତି ପ୍ରଦୂଷଣକୁ ବୁଝାଏ ।

(i) ଶିଳ୍ପାନୁଷ୍ଠାନରୁ ବାହାରୁଥିବା ଧୂଆଁ, ପାଉଁଶ, କାର୍ବନ, ମନୋକ୍ସାଇଟ୍, ସଲଫର ହାଇଅକ୍ସାଇଡ୍ ରସାୟନିକ ପଦାର୍ଥ ବାୟୁରେ ମିଶି ପ୍ରଦୂଷଣ କରେ । ରାସାୟନିକ ପଦାର୍ଥ, ତାପଜ ବିଦ୍ୟୁତ୍ କେନ୍ଦ୍ର, ଲୌହଇସ୍ପାତ ଶିଳ୍ପ ଓ ଆଲୁମିନିୟମ୍ ପାଉଁଶ ଓ ଧୂଆଁ ବାୟୁକୁ ପ୍ରଦୂଷଣ କରେ ।

(ii) କୋଇଲା, ରଙ୍ଗ, ସାବୁନ୍, କୀଟନାଶକ ଦ୍ରବ୍ୟ, ସାର, ପ୍ଲାଷ୍ଟିକ୍, ରବର, ଚମଡ଼ା କାରଖାନାରୁ ବାହାରୁଥିବା ଜୈବ ଓ ଅଜୈବ ପଦାର୍ଥ ଭୂମି, ଜଳ, ମୃତ୍ତିକା ଓ ଭୂଗର୍ଭ ଜଳକୁ ପ୍ରଦୂଷିତ କରିଥାଏ ।

(iii) ପ୍ରଦୂଷିତ ଜଳ ବ୍ୟବହାର ଦ୍ୱାରା କୃଷିକାର୍ଯ୍ୟ କ୍ଷତିଗ୍ରସ୍ତ ହୋଇଥାଏ ।

(iv) କାରଖାନାର ଯନ୍ତ୍ରପାତିର ଶବ୍ଦ, ଡ଼ିନାମାଇଟ୍ ବିସ୍ଫୋରକ, ଯାନବାହାନର ଶବ୍ଦ, କରତ ଆଦି ଦ୍ୱାରା ଶବ୍ଦ ପ୍ରଦୂଷଣ ହୋଇ ଜନଜୀବନ ପ୍ରଭାବିତ ହୋଇଥାଏ ।

**7. ଶିଳ୍ପଜନିତ ପ୍ରଦୂଷଣକୁ ନିରାକରଣ କରିବା ପାଇଁ ଉପାୟମାନ ଲେଖ ।**

ଉ. (i) ଯୋଜନାବଦ୍ଧ ଭାବେ ଶିଳ୍ପ ସ୍ଥାପନ, ଉପଯୁକ୍ତ ଯନ୍ତ୍ରପାତି ଚୟନ କୋଇଲା ପରିବର୍ତ୍ତେ ସୌରଶକ୍ତି, ଖଣିଜ ତୈଳ ଓ ବିଦ୍ୟୁତର ବ୍ୟବହାର ଦ୍ୱାରା ପ୍ରଦୂଷଣ ରୋଯାଇପାରିବ ।

(ii) ଶିଳ୍ପ କ୍ଷେତ୍ରରେ ଫିଲ୍‌ଟର୍, ଅବକ୍ଷେପକ ବ୍ୟବହାର ଦ୍ୱାରା ପ୍ରଦୂଷଣ କମ୍ କରାଯାଇ ପାରିବ ।

(iii) କଳକାରଖାନାର ବର୍ଯ୍ୟବସ୍ତୁ ସିଧାସଳଖ ନେଇ ପୋଖରୀକୁ ନ ଛାଡ଼ି ତାହାର ଉପଚାର ପରେ ଛାଡ଼ିବା ଉଚିତ୍, ଫଳରେ ଜଳ ପ୍ରଦୂଷଣ କମ୍ ହେବ ।

(iv) ତରଳ ପଦାର୍ଥ ଗୁଡ଼ିକୁ ଯାନ୍ତିକ, ରାସାୟନିକ ତଥା ଜୈବ ରାସାୟନିକ ପ୍ରକ୍ରିୟାଦ୍ୱାରା ବିଶୋଧନ କରାଯାଇ ପାରିବ ।

**8. ପ୍ରଦୂଷଣକୁ ନିୟନ୍ତ୍ରଣ କରିବାପାଇଁ NTPC କେଉଁ କେଉଁ ପଦକ୍ଷେପମାନ ନେଇଛି ?**

ଉ. (i) ଆଧୁନିକ ପଦ୍ଧତିରେ ଯନ୍ତ୍ରାଂଶଗୁଡ଼ିକର ବ୍ୟବହାର ।

(ii) ଚତୁଃପାର୍ଶ୍ୱରେ ସବୁଜ ବଳୟ ସୃଷ୍ଟି କରି ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବା ।

(iii) ପୋଖରୀ ସୃଷ୍ଟି କରି ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ତଥା ପାଉଁଶମିଶ୍ରତ ଜଳର ପୁନଃଚକ୍ରଣ ପଦ୍ଧତିରେ ତରଳ ବର୍ଜ୍ୟବସ୍ତୁ ପରିଚାଳନା ।

(iv) କାରଖାନାରେ ପରିବେଶ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବାରମ୍ବାର ଅନୁଧ୍ୟାନର ବ୍ୟବସ୍ଥା କରିବା ଆଦି ପଦକ୍ଷେପ ମାନ ନେଇଛି ।

**9. ଆକାର ଆଧାରରେ ଶିଳ୍ପର ବିଭାଗୀକରଣ ସମ୍ବନ୍ଧରେ ବିବରଣୀ ପ୍ରଦାନ କର ।**

ଉ. **(i)** ଆକାର ଆଧାରରେ ଶିଳ୍ପକୁ ୩ ଭାଗରେ ବିଭକ୍ତ କରାଯାଇଛି । ଯଥା – (i) କୁଟୀର ଶିଳ୍ପ, (ii) କ୍ଷୁଦ୍ର ଶିଳ୍ପ, (iii) ବୃହତ୍ତ ଶିଳ୍ପ ।

**(ii) କୁଟୀର ଶିଳ୍ପ :** ବିନିର୍ମାଣ ଉଦ୍ୟୋଗର ସବୁଠାରୁ କ୍ଷୁଦ୍ର ଏକକ ହେଉଛି କୁଟୀରଶିଳ୍ପ। ଏଥିରେ ଜଣେ କାରିଗର ସ୍ଥାନୀୟ ଭାବେ ମିଳୁଥିବା କଞ୍ଚାମାଲରୁ ପାରମ୍ପରିକ ଉତ୍ପାଦନ ପଦ୍ଧତି ବ୍ୟବହାର କରି ଦ୍ରବ୍ୟ ଉତ୍ପାଦନ କରିଥାଏ । ଉଦାହରଣ - ହସ୍ତତନ୍ତ, ସୁନାରୂପାର ତାରକସକାମ ।

**(iii) କ୍ଷୁଦ୍ର ଶିଳ୍ପ :** ଅଳ୍ପ ପୁଞ୍ଜି, କମ୍ ସଂଖ୍ୟାରେ ମଜୁରିପ୍ରାପ୍ତ ଶ୍ରମିକ ଓ ଶକ୍ତି ଚାଳିତ ଯନ୍ତ୍ରପାତି ଆଦି ଏହି ଶିଳ୍ପରେ ନିୟୋଜିତ ହୋଇଥାଏ । ଉଦାହରଣ - କାଗଜ ତିଆରି ଦ୍ରବ୍ୟ, ଚମଡ଼ା ଦ୍ରବ୍ୟ, ଖେଳନା ଖାଇବା ତେଲ, ରେଡ଼ିଓ, ବିଦ୍ୟୁତ୍ ସରଞ୍ଜାମ ଇତ୍ୟାଦି ।

**(iv) ବୃହତ୍ ଶିଳ୍ପ :** ଏହି ଶିଳ୍ପରେ ବୃହଦାକାର ଶକ୍ତିଚାଳିତ ଯନ୍ତ୍ର ସାହାଯ୍ୟରେ ଉତ୍ପାଦନ କରାଯାଏ । ଏଥିରେ ଅଧିକ ପରିମାଣରେ କଞ୍ଚାମାଲ ଅଧିକ ପୁଞ୍ଜିର ଆବଶ୍ୟକ ସହିତ ଅଧିକ ଶ୍ରମିକ ନିୟୋଜିତ ହେଇଥାନ୍ତି । ଉଦାହରଣ - ଲୌହ ଇସ୍ପାତ, ବୟନ ଶିଳ୍ପ, ପେଟ୍ରୋଲିୟମ୍ ଶିଳ୍ପ, ଜାହାଜ ନିର୍ମାଣ ଶିଳ୍ପ ଆଦି ଅନ୍ତର୍ଭୁକ୍ତ ।

**10. (a)** **ପାର୍ଥକ୍ୟ ଦର୍ଶାଅ**

**କୁଟୀର ଶିଳ୍ପ**

(i) ଏହି ଶିଳ୍ପ ବିନିର୍ମାଣ ଉଦ୍ୟୋଗ ସବୁଠାରୁ କ୍ଷୁଦ୍ର ଏକକ । ଏଥିରେ ଜଣେ କାରିଗର ନିଜର ବାସଗୃହରେ ପରିବାରର ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ବା ଆଂଶିକ ସହାୟତାରେ ସ୍ଥାନୀୟ କଞ୍ଚାମାଲରୁ ପାରମ୍ପରିକ ଉତ୍ପାଦନ ପଦ୍ଧତି ଓ ସରଳ ଉପକରଣ ବ୍ୟବହାର କରି ଦ୍ରବ୍ୟ ଉତ୍ପାଦନ କରିଥାଏ ।

(ii) ଖଦୀ ଗ୍ରାମୋଦ୍ୟୋଗ, ହସ୍ତଶିଳ୍ପ, ସୁନାରୂପାର ତାରକସି କାମ, ପିତଳ ଓ କଂସାବାସନ କାମ ଆଦି କୁଟୀର ଶିଳ୍ପର ଅନ୍ତର୍ଭୁକ୍ତ ।

**କ୍ଷୁଦ୍ର ଶିଳ୍ପ**

(i) କ୍ଷୁଦ୍ର ଶିଳ୍ପରେ ଶ୍ରମଶକ୍ତି ବ୍ୟତୀତ ଶକ୍ତିଚାଳିତ ଯନ୍ତ୍ରପାତି ସାହାଯ୍ୟରେ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ । ଏଥିରେ ଅଳ୍ପ ପୁଞ୍ଜି ବିନିଯୋଗ ହୋଇ ଥାଏ ଓ କମ୍ ସଂଖ୍ୟାରେ ମଜୁରିପ୍ରାପ୍ତ ଶ୍ରମିକ ନିଯୁକ୍ତ ପାଇଥାନ୍ତି । ଉତ୍ପାଦିତ ଦ୍ରବ୍ୟ ଖୋଲା ବଜାରରେ ବ୍ୟବସାୟୀମାନଙ୍କ ମାଧ୍ୟମରେ ବିକ୍ରି କରାଯାଏ ।

(ii) କାଗଜ ତିଆରି ଦ୍ରବ୍ୟ, ଖେଳନା, ଆସବାବପତ୍ର, ଖାଇବାତେଲ, ଚମଡ଼ା ଦ୍ରବ୍ୟ, ରେଡ଼ିଓ ଓ ଟେଲିଭିଜନ ସେଟ୍ ଆଦି କ୍ଷୁଦ୍ର ଶିଳ୍ପର ଅନ୍ତର୍ଭୁକ୍ତ ।

**(b)** **ମୌଳିକ ଶିଳ୍ପ**

(i) ଯେଉଁ ଶିଳ୍ପର ସର୍ବଶେଷ ଉତ୍ପାଦନ ଅନ୍ୟ ଗୋଟିଏ ଶିଳ୍ପର କଞ୍ଚାମାଲ୍ ରୂପେ ବ୍ୟବହୃତ ହୁଏ, ତାହାକୁ ମୌଳିକ ଶିଳ୍ପ କୁହାଯାଏ ।

(ii) ଲୌହଇସ୍ପାତ୍ ଶିଳ୍ପରୁ ଉତ୍ପାଦିତ ଲୌହଇସ୍ପାତ ଅନ୍ୟ ମେସିନ୍ ବା କଳକବ୍ଜାର କଞ୍ଚାମାଲ୍ ରୂପେ ବ୍ୟବହୃତ ହେଉଥିବାରୁ ଏହା ଏକ ମୌଳିକ ଶିଳ୍ପ ଅଟେ ।

**ଖାଉଟି ଶିଳ୍ପ**

(i) ଯେଉଁ ଶିଳ୍ପ ଉପଭୋକ୍ତାମାନଙ୍କର ପ୍ରତ୍ୟକ୍ଷ ବ୍ୟବହାର ପାଇଁ ଦ୍ରବ୍ୟ ଉତ୍ପାଦନ କରେ, ତାହାକୁ ଖାଉଟି ଶିଳ୍ପ କୁହାଯାଏ ।

(ii) ଖାଇବା ତେଲ, ସାବୁନ୍, ପାଉଁରୁଟି, ଟି.ଭି. ଇତ୍ୟାଦି ଖାଉଟି ଶିଳ୍ପଜାତ ସାମଗ୍ରୀ ଖାଉଟିମାନଙ୍କର ପ୍ରତ୍ୟକ୍ଷ ବ୍ୟବହାରରେ ଏହା ଲାଗିଥାଏ ।

**(c)** **ମିଳିତ ବା ଯୌଥ ଶିଳ୍ପ**

(i) ଯେଉଁ ଶିଳ୍ପ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ପୁଞ୍ଜି ଲଗାଣ କରାଯାଇ ସ୍ଥାପିତ ଓ ପରିଚାଳିତ ହୁଏ, ତାହାକୁ ମିଳିତ ବା ଯୌଥ ଶିଳ୍ପ କୁହାଯାଏ ।

(ii) ମାରୁତି ଉଦ୍ୟୋଗ ଏବଂ ଅଏଲ ଇଣ୍ଡିଆ ଆଦି ଏହି ଶିଳ୍ପର ଅନ୍ତର୍ଭୁକ୍ତ ।

**ସମବାୟ ଶିଳ୍ପ**

(i) କେତେକ ବ୍ୟକ୍ତିଶେଷଙ୍କ ଦ୍ୱାରା ଗଠିତ ଓ ସମବାୟ ସମିତି ଦ୍ୱାରା ପରିଚାଳିତ ଶିଳ୍ପକୁ ସମବାୟ କୁହାଯାଏ ।

(ii) ଚିନି ଶିଳ୍ପ, ଅମୁଲ ଦୁଗ୍ଧଜାତ ପଦାର୍ଥ ଶିଳ୍ପ, ଲିଜ୍ଜତ ପାମ୍ପଡ଼ ଇତ୍ୟାଦି ଏହି ଶିଳ୍ପର ଅନ୍ତର୍ଭୁକ୍ତ ।

**(d)** **ଭାରୀ ଶିଳ୍ପ**

(i) ଯେଉଁ ଶିଳ୍ପର ଉତ୍ପାଦିତ ବସ୍ତୁର ଆକାର ଖୁବ୍ ବଡ଼ ଓ ଓଜନ ଅଧିକ ସେହି ଶଳ୍ପକୁ ଭାରୀ ଶିଳ୍ପ କୁହାଯାଏ ।

(ii) ଲୌହଇସ୍ପାତ ଶିଳ୍ପ ଓ ଜାହାଜ ନିର୍ମାଣ ଶିଳ୍ପ ଭାରୀ ଶିଳ୍ପ ପର୍ଯ୍ୟାୟଭୁକ୍ତ ।

**ହାଲୁକା ଶିଳ୍ପ**

(i) ଯେଉଁ ଶିଳ୍ପର ଉତ୍ପାଦଗୁଡ଼ିକର ଓଜନ କମ୍, ତାହାକୁ ହାଲୁକା ଶିଳ୍ପ କୁହାଯାଏ ।

(ii) ଖାଇବାତେଲ, ଚାହା, ସାବୁନ୍, ପାଉଁରୁଟି, ବିସ୍କୁଟ୍, ରେଡ଼ିଓ, ଟି.ଭି. ଆଦି ଶିଳ୍ପଗୁଡ଼ିକ ହାଲୁକା ଶିଳ୍ପ ପର୍ଯ୍ୟାୟ ଭୁକ୍ତ ।

**(e)** **ରାଷ୍ଟ୍ରାୟତ୍ତ ଶିଳ୍ପ**

(i) ଯେଉଁ ଶିଳ୍ପ ସରକାର ବା ସରକାରୀ ବିଭାଗ ଦ୍ୱାରା ସ୍ଥାପିତ ଓ ପରିଚାଳିତ ହୋଇଥାଏ । ତାହାକୁ ସରକାରୀ

**ଘରୋଇ ଶିଳ୍ପ**

(i) ଯେଉଁ ଶିଳ୍ପ କୌଣସି ବ୍ୟକ୍ତି ପରିବାର କିମ୍ବା ନିଗମ ଅଧିକାରୀଙ୍କ ମାଲିକାନାରେ ଥାଇ ନିଜସ୍ୱ ପୁଞ୍ଜି ଲଗାଣ

ବା ରାଷ୍ଟ୍ରାୟତ୍ତ ଶିଳ୍ପ କୁହାଯାଏ ।

(ii) ରାଉରକେଲା ଲୌହଇସ୍ପାତ ଶିଳ୍ପ, ଗୁରୁ ବୈଦ୍ୟୁତିକ କାରଖାନା ଆଦି ଏହାର ଉଦାହରଣ ।

ଦ୍ୱାରା ପରିଚାଳନା ଭାର ମଧ୍ୟ ନେଇଥାନ୍ତି ତାହାକୁ ଘରୋଇ ବା ବେସରକାରୀ ଶିଳ୍ପ କୁହାଯାଏ ।

(ii) ଟାଟା ଲୌହଇସ୍ପାତ ଶିଳ୍ପ ରିଲାଏନ୍ସ, ବଜାଜ୍ ଅଟେ ଆଦି ଏହି ଶିଳ୍ପର ଉଦାହରଣ ।

**(f) କୃଷିଭିତ୍ତିକ ଶିଳ୍ପ**

(i) କୃଷିରୁ ମିଳୁଥିବା କଞ୍ଚାମାଲରୁ ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତ କରୁଥିବା ଶିଳ୍ପକୁ କୃଷିଭିତ୍ତିକ ଶିଳ୍ପ କୁହାଯାଏ ।

(ii) ଉଦାହରଣ - ଚା, ଚିନି, କାର୍ପାସ୍, ବନସ୍ପତି ତେଲ, ରବର, ଝୋଟ ଶିଳ୍ପ ଇତ୍ୟାଦି ।

**ଜଙ୍ଗଲଭିତ୍ତିକ ଶିଳ୍ପ**

(i) ଜଙ୍ଗଲରୁ ମିଳୁଥିବା କଞ୍ଚାମାଲ୍ ବ୍ୟବହାର କରି ସ୍ଥାପିତ ଶିଳ୍ପକୁ ଜଙ୍ଗଲଭିତ୍ତିକ ଶିଳ୍ପ କୁହାଯାଏ ।

(ii) ଉଦାହରଣ - କାଗଜଶିଳ୍ପ, ଆସବାବପତ୍ର, ପ୍ୟାକିଂ ଦ୍ରବ୍ୟ, ଔଷଧୀୟ ବୃକ୍ଷରୁ ଔଷଧ ଉତ୍ପାଦନକାରୀ ଶିଳ୍ପ ଇତ୍ୟାଦି ।

**(g) ଲୌହ ଇସ୍ପାତ ଶିଳ୍ପ**

(i) ଲୌହ ଇସ୍ପାତ ଶିଳ୍ପ ଆଧୁନିକ ସଭ୍ୟତାର ମେରୁଦଣ୍ଡ ସଦୃଶ । ଏହା ମଧ୍ୟ ସମସ୍ତ ଶିଳ୍ପର ଆଧାର । ତେଣୁ ଏହାକୁ ମୌଳିକ ଶିଳ୍ପ କୁହାଯାଏ ।

(ii) ଏହାକୁ ଭାରୀ ଶିଳ୍ପ ମଧ୍ୟ କୁହାଯାଏ । ସ୍ୱାଧିନତା ପୂର୍ବରୁ କେତେକ ଗଢ଼ିଉଠିଥିବା ବେଳେ ସ୍ୱାଧିନତା ପରେ ଏହାର ପ୍ରସାର ଅଧିକ ହୋଇଛି ।

**ଆଲୁମିନିୟମ୍ ଶିଳ୍ପ**

(i) ଏହି ଶିଳ୍ପ କ୍ଷେତ୍ରରେ ଦ୍ୱିତୀୟ ସର୍ବବୃହତ୍ତ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଅଟେ ।

(ii) ଏହା ନମନିୟ କଳଙ୍କି ରୋଧକ ଓ ବିଦ୍ୟୁତ୍ ସୁପରିବାହୀ ହୋଇଥିବାରୁ ଶିଳ୍ପ କ୍ଷେତ୍ରରେ ଏହାର ଚାହିଦା ଅଧିକ ।

**କାରଣ ଦର୍ଶାଅ :**

**1. ଜାହାଜ ନିର୍ମାଣ କାରଖାନାରୁ ବୃହତ୍ ଶିଳ୍ପ କୁହାଯାଏ ।**

**ଉ.** ଜାହାଜ ନିର୍ମାଣ ଶିଳ୍ପରେ ବୃହଦାକାୟ ଶକ୍ତିଚାଳିତ ଯନ୍ତ୍ର ଓ ବହୁଳ ପରିମାଣରେ ପୁଞ୍ଜି ଆବଶ୍ୟକ ହୋଇଥାଏ । ଉକ୍ତ ଶିଳ୍ପରେ ଅଧିକ ଓଜନର ଜିନିଷ ଉତ୍ପାଦିତ ହୋଇଥାଏ ।

(ii) ଏହି ଶିଳ୍ପରେ ଅଧିକ ଶ୍ରମିକ ନିୟୋଜିତ ହୋଇଥା'ନ୍ତି । ତେଣୁ ଏହା ବୃହତ୍ ଶିଳ୍ପର ଅନ୍ତର୍ଭୁକ୍ତ ।

**2. ବିନିର୍ମାଣ ଉଦ୍ୟୋଗଦ୍ୱାରା ପରିବେଶ ଅବକ୍ଷୟ ଘଟୁଛି ।**

**ଉ.** (i) ଦ୍ରୁତ ଶିଳ୍ପାୟନ ଦେଶର ଅର୍ଥନୀତି ପାଇଁ ଶୁଭଙ୍କର ହୋଇଥିଲେ ହେଁ ଏହାଦ୍ୱାରା ବାୟୁ, ଜଳ, ଭୂମି ଓ ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି ।

(ii) ତେଣୁ ବିନିର୍ମାଣ ଉଦ୍ୟୋଗଦ୍ୱାରା ପରିବେଶ ଅବକ୍ଷୟ ହେଉଛି ।

**3. ଆଲୁମିନିୟମ୍ ଶିଳ୍ପ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର ନିକଟରେ ସ୍ଥାପିତ ହୋଇଥାଏ ।**

**ଉ.** (i) ଆଲୁମିନିୟମ୍ ଉତ୍ପାଦନ ପାଇଁ ଅଧିକ ପରିମାଣରେ ବିଦ୍ୟୁତ୍ ଶକ୍ତି ଆବଶ୍ୟକ ହୋଇଥାଏ ।

(ii) ଆଲୁମିନିୟମ୍ ଉତ୍ପାଦନ ପାଇଁ ଲାଗୁଥିବା ସମସ୍ତ ଖର୍ଚ୍ଚର ଶତକଡ଼ା ପ୍ରାୟ 30 ରୁ 40 ଭାଗ କେବଳ ବିଦ୍ୟୁତ୍ ସେ ହିଁ ହେବାକାରଣରୁ ଏହା ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ନିକଟରେ ସ୍ଥାପିତ ହୋଇଥାଏ ।

**4. ଲୌହଇସ୍ପାତ କାରଖାନା କଞ୍ଚାମାଲ ମିଳୁଥିବା ସ୍ଥାନ ନିକଟରେ ସ୍ଥାପନ କରାଯାଏ ।**

**ଉ.** (i) ଲୌହଇସ୍ପାତ କାରଖାନାରେ କଞ୍ଚାମାଲ ରୂପେ ଭାରୀ ଲୁହାପଥର, କୋଇଲା, ଚୂନପଥର, ମାଙ୍ଗାନିଜ୍ ଓ କ୍ରୋମାଇଟ୍ ଆଦି ବ୍ୟବହୃତ ହୋଇଥାଏ । ଏହି ଶିଳ୍ପର ଉତ୍ପାଦ ମଧ୍ୟ ଓଜନଦାର ହୋଇଥାଏ ।

(ii) କଞ୍ଚାମାଲ ଓ ଉତ୍ପାଦନ ଉଭୟ ଭାରୀ ହୋଇଥିବାରୁ ପରିବହନ କଷ୍ଟସାଧ୍ୟ ହୋଇଥାଏ । ଏଣୁ ପରିବହନ ଖର୍ଚ୍ଚ କମାଇବା ପାଇଁ ସାଧାରଣତଃ କଞ୍ଚାମାଲ ମିଳୁଥିବା ସ୍ଥାନ ନିକଟରେ ଲୌହଇସ୍ପାତ କାରଖାନା ସ୍ଥାପନ କରାଯାଏ ।

**5. ମଟର ସାଇକେଲ୍ ଓ ସ୍କୁଟର ନିର୍ମାଣ କାରଖାନାଗୁଡ଼ିକ ବଡ଼ ବଡ଼ ସହର ନିକଟରେ ସ୍ଥାପିତ ।**

**ଉ.** (i) ଭାରତର ଦିଲ୍ଲୀ, ଗୁଡ଼ଗାଓଁ, କୋଲ୍‌କତା, ଲକ୍ଷ୍ନୌ, ଇନ୍ଦୋର, ହାଇଦ୍ରାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ମୁମ୍ବାଇ ଆଦି ବଡ଼ ବଡ଼ ସହର ମାନଙ୍କରେ ସହଜରେ ଆବଶ୍ୟକୀୟ କାରିଗରୀ ଜ୍ଞାନକୌଶଳ ଓ ତାଲିମ୍‌ପ୍ରାପ୍ତ କୁଶଳୀ ଶ୍ରମିକ ମିଳିଥାନ୍ତି । ତେଣୁ ସେଠାରେ ମଟର ନିର୍ମାଣ କାରଖାନାଗୁଡ଼ିକ ଗଢ଼ି ଉଠିଥାଏ ।

(ii) ସେଥିପାଇଁ ମାରୁତି ଉଦ୍ୟୋଗ, ହିନ୍ଦୁସ୍ଥାନ ମୋଟର୍ସ, ଟାଟା ମୋଟର୍ସ ଆଦି ଖ୍ୟାତ କମ୍ପାନୀମାନେ ଭାରତର ବଡ଼ ବଡ଼ ସହରମାନଙ୍କରେ ନିଜର ମଟର ତିଆରି କାରଖାନାମାନ ପ୍ରତିଷ୍ଠା କରିଛନ୍ତି ।

**6. ଲୌହଇସ୍ପାତ ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ ।**

**ଉ.** (i) ଯେଉଁ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଗୋଟିଏ ଶିଳ୍ପରେ କଞ୍ଚାମାଲ ରୂପେ ବ୍ୟବହୃତ ହୁଏ । ତାହାକୁ ମୌଳିକ ଶିଳ୍ପ କୁହାଯାଏ ।

(ii) ଲୌହଇସ୍ପାତ ଶିଳ୍ପରୁ ଉତ୍ପାଦିତ ଲୌହଇସ୍ପାତ ଅନ୍ୟ ମେସିନ୍ କଳକବ୍‌ଜାର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ । ତେଣୁ ଲୌହଇସ୍ପାତ ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ ।

**7. ବେଙ୍ଗାଲୁରୁକୁ ଭାରତର ଇଲେକ୍‌ଟ୍ରୋନିକ୍ସ ରାଜଧାନୀ କୁହାଯାଏ ।**

**ଉ.** (i) ବେଙ୍ଗାଲୁରୁଠାରେ ହିନ୍ଦୁସ୍ଥାନ ବିମାନ କାରଖାନା, ହିନ୍ଦୁସ୍ଥାନ ଯାନ୍ତ୍ରିକ ଉପକରଣ କାରଖାନା, ଭାରତୀୟ ଟେଲିଫୋନ୍ କାରଖାନା, ଜାତୀୟ ମହାକାଶ ଗବେଷଣା ସଂସ୍ଥା ପ୍ରତିଷ୍ଠିତ ହୋଇଛି ।

(ii) ଏଠାରେ ଇନ୍‌ଫୋସିସ୍ ପରି ବୈଷୟିକ ସଂସ୍ଥା ରହିଛି । ଭାରତୀୟ ଇଞ୍ଜିନିୟରମାନେ ଇନ୍‌ଫୋସିସ୍ ଗବେଷଣାଗାରରେ ବସି ସମଗ୍ର ବିଶ୍ୱର ବିଭିନ୍ନ ତଥ୍ୟ ଆୟତ୍ତ କରିପାରୁଛନ୍ତି । ତେଣୁ ଏଠାରେ ବିଭିନ୍ନ ଶିଳ୍ପର ପ୍ରସାର ହେତୁ ଏହାକୁ ଭାରତର 'ଇଲେକ୍‌ଟ୍ରୋନିକ୍ସ ରାଜଧାନୀ' କୁହାଯାଏ ।

**8. ରାସାୟନିକ କାରଖାନା ଜନବସ୍ତି ପାଇଁ ଏକ ସମସ୍ୟା ।**

**ଉ.** (i) ବିଭିନ୍ନ ପ୍ରକାର ଏସିଡ୍, କଷ୍ଟିକ୍ ସୋଡ଼ା, ଆମୋନିଆ, ବ୍ଲିଚିଙ୍ଗ୍ ପାଉଡ଼ର, ରାସାୟନିକ ସାର, କୀଟନାଶକ ଔଷଧ, କୃତ୍ରିମ ତନ୍ତୁ କାରକାନା ଇତ୍ୟାଦି ରାସାୟନିକ ଶିଳ୍ପ ଅନ୍ତର୍ଭୁକ୍ତ । ଏହିସବୁ ରାସାୟନିକ କାରଖାନାରୁ ନିର୍ଗତ ହେଉଥିବା ରାସାୟନିକ ପଦାର୍ଥ ଯୋଗୁଁ ଜଳ, ମୃତ୍ତିକା, ବାୟୁମଣ୍ଡଳ ସଂକ୍ରମିତ ହେଉଅଛି ।

(ii) ରାସାୟନିକ ସାର କାରଖାନାରୁ ନିର୍ଗତ ରାସାୟନିକ ପଦାର୍ଥ ଯୋଗୁଁ ସ୍ଥାନୀୟ ଲୋକେ ଓ କାର୍ଯ୍ୟରତ ଶ୍ରମିକମାନେ ମୃତ୍ୟୁମୁଖରେ ପଡୁଛନ୍ତି । ଅନେକ ପ୍ରକାର ଶାରୀରିକ ଓ ମାନସିକ ରୋଗର ଶିକାର ମଧ୍ୟ ହେଉଛନ୍ତି । ତେଣୁ ରାସାୟନିକ କାରଖାନା ଜନବସତି ପାଇଁ ଏକ ସମସ୍ୟା ।

## ସଂକ୍ଷେପରେ ଉତ୍ତର ଲେଖ ।

**1. ଆଲୁମିନିୟମ୍ ଶିଳ୍ପକୁ ଭାରତର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କୁହାଯାଏ କାହିଁକି ?**

**ଉ.** (i) ଆଲୁମିନିୟମ୍ ଧାତୁ ନମନୀୟ । କଳଙ୍କି ରୋଧକ ଓ ବିଦ୍ୟୁତ୍ ସୁପରିବାହୀ ହୋଇଥିବାରୁ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ଏହାର ବହୁଳ ବ୍ୟବହାର ହୋଇଥାଏ ।

(ii) ଲୁହା, ତମ୍ବା, ଦସ୍ତା ଓ ସୀସାର ଏକ ବିକଳ୍ପ ଧାତୁ ରୂପେ ଏହାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଭାରତରେ ଏହି ଶିଳ୍ପର ପ୍ରସାର ଘଟିଛି ଓ ଏହା ଦେଶର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଭାବେ ବିବେଚିତ ହୋଇଛି ।

**2. ଜାହାଜ ନିର୍ମାଣ କାରଖାନାକୁ ବୃହତ୍ ଶିଳ୍ପ କୁହାଯାଏ କାହିଁକି ?**

**ଉ.** (i) ଜାହାଜ ନିର୍ମାଣ ଶିଳ୍ପ ପାଇଁ ବୃହତାକାୟ ଶକ୍ତିଚାଳିତ ଯନ୍ତ୍ର ଓ ବହୁଳ ପରିମାଣରେ ପୁଞ୍ଜି ଆବଶ୍ୟକ ହୋଇଥାଏ ।

(ii) ଏଥିରେ ଅଧିକ ଶ୍ରମିକ ନିୟୋଜିତ ହୋଇଥାନ୍ତି । ତେଣୁ ଏହା ବୃହତ୍ ଶିଳ୍ପର ଅନ୍ତର୍ଭୁକ୍ତ ।

**3. ଏବେ ଆମ ଦେଶରେ ଶିଳ୍ପ କ୍ଷେତ୍ରରେ ତୀବ୍ର ପ୍ରତିଯୋଗିତା ହେଉଛି କାହିଁକି ?**

**ଉ.** (i) ଆମ ଦେଶରେ ଜଗତୀକରଣ ପ୍ରକ୍ରିୟା ଆରମ୍ଭ ହେବା ପରେ ଅନେକ ବିଦେଶୀ ବହୁରାଷ୍ଟ୍ରୀୟ କମ୍ପାନୀ ପୁଞ୍ଜି ବିନିଯୋଗ କରି ଉନ୍ନତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଶିଳ୍ପ ସ୍ଥାପନ କରୁଛନ୍ତି ଓ ଉଚ୍ଚ ମାନର ଉତ୍ପାଦ କମ୍ ଦାମ୍‌ରେ ଉତ୍ପାଦନ କରୁଛନ୍ତି ।

(ii) ଏହା ବ୍ୟତୀତ ବର୍ତ୍ତମାନର ଉଦାରୀକରଣ ପ୍ରକ୍ରିୟା ଯୋଗୁଁ ଅନେକ ଘରୋଇ କମ୍ପାନୀ ଶିଳ୍ପ ସ୍ଥାପନ ଦିଗରେ ଆଗ୍ରହୀ ହେଉଛନ୍ତି । ଏହାଦ୍ୱାରା ଶିଳ୍ପ କ୍ଷେତ୍ରରେ ତୀବ୍ର ପ୍ରତିଯୋଗିତା ହେଉଛି ।

**4. ଖାଉଟି ଶିଳ୍ପକୁ କାହିଁକି ହାଲୁକା ଶିଳ୍ପ ବୋଲି କୁହାଯାଏ ?**

**ଉ.** (i) ଯେଉଁ ଶିଳ୍ପ ଉପଭୋକ୍ତାମାନଙ୍କର (consumer) ପ୍ରତ୍ୟକ୍ଷ ବ୍ୟବହାର ପାଇଁ ଦ୍ରବ୍ୟ ଉତ୍ପାଦନ କରେ ସେଗୁଡ଼ିକ ଖାଉଟି ଶିଳ୍ପ କୁହାଯାଏ ।

(ii) ଏଥିରେ ବ୍ୟବହୃତ କଞ୍ଚାମାଲ୍‌ର ଓଜନ କମ୍ ହୋଇଥିବାରୁ ଉତ୍ପାଦଗୁଡ଼ିକର ଓଜନ ମଧ୍ୟ କମ୍ ହୋଇଥାଏ । ତେଣୁ ଏହାକୁ ହାଲୁକା ଶିଳ୍ପ କୁହାଯାଏ ।

## ପରିବହନ, ଯୋଗାଯୋଗ ଏବଂ ବାଣିଜ୍ୟ

**Questions :**

**1. ଦେଶର ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେଉଥିବା ସମସ୍ତ ସମ୍ବଳକୁ କ'ଣ କୁହାଯାଏ ?**

(a) ଆଧାରିକ ସଂରଚନା (b) ବିକଶିତ ସମ୍ବଳ (c) ଅର୍ଥନୈତିକ ଅନୁଷ୍ଠାନ (d) ସାଂସ୍କୃତିକ ସମ୍ବଳ

**2. ନଦୀପଥର ସଂରଚନା କାହାର ଏକ ମାଧ୍ୟମ ନୁହେଁ ?**

(a) ରେଳପଥ (b) ଟେଲିଫୋନ୍ (c) ବନ୍ଦର (d) ଉତ୍ତମ ଆଧାରିକ

**3. କେଉଁଟି ଯୋଗାଯୋଗର ମାଧ୍ୟମ ନୁହେଁ ?**

(a) ଟେଲିଭିଜନ୍ (b) ଦୂରଦର୍ଶନ (c) ପରିବହନ/ଇଣ୍ଟରନେଟ୍ (d) ବିମାନବନ୍ଦର

**4. ଭାରତରେ କ'ଣ ନିର୍ମାଣ ବହୁପୁରାତନ ପ୍ରମାଣ ହର୍‌ପପା ଓ ମହେଞ୍ଜୋଦାରୋ ସଭ୍ୟତାରୁ ମିଳିଥାଏ ?**

(a) ମେସୋପଟାମିଆ (b) ମୋଗଲ ସଭ୍ୟତା (c) ମିଶର ସଭ୍ୟତା (d) ସଡ଼କପଥ ନିର୍ମାଣ

**5. କେଉଁ ଶାସକଙ୍କ ଅମଳରେ ଗ୍ରାଣ୍ଡଟ୍ରଙ୍କ ରୋଡ୍ ନିର୍ମାଣ କରାଯାଇଥିଲା ?**

(a) ନାଦିରଶାହା (b) ଜାହାଙ୍ଗୀର (c) ଶେରଶାହା (d) ଆକବର

**6. ବର୍ତ୍ତମାନ ଭାରତର ସମୁଦାୟ ସଡ଼କ ପଥର ଦୈର୍ଘ୍ୟ କେତେ କିଲୋମିଟର ?**

(a) ୫୯.୩୨ ଲକ୍ଷ (b) ୩୦.୦୨ ଲକ୍ଷ (c) ୬୨.୫ ଲକ୍ଷ (d) ୪୨.୧୩ ଲକ୍ଷ

**7. ସଡ଼କପଥ ପରିବହନ ବ୍ୟବସ୍ଥାରେ ଭାରତ ସ୍ଥାନ ପୃଥିବୀରେ କେତେ ?**

(a) ପ୍ରଥମ (b) ଦ୍ୱିତୀୟ (c) ତୃତୀୟ (d) ଚତୁର୍ଥ

**8. ରାଜ୍ୟଗୁଡ଼ିକର ରାଜଧାନୀ, ପ୍ରଧାନ ସହର, ଶିଳ୍ପ ଓ ଖଣିଜ ଅଞ୍ଚଳ ଏବଂ ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ସଡ଼କପଥ କେଉଁ ଶ୍ରେଣୀର ?**

(a) ଜାତୀୟ ରାଜପଥ (b) ରାଜ୍ୟ ରାଜପଥ

(c) ମୁଖ୍ୟ ଜିଲ୍ଲା ସଡ଼କପଥ (d) ସୀମାନ୍ତ ସଡ଼କ ପଥ

**9. ଭାରତରେ କେତେ ଦୈର୍ଘ୍ୟର ଜାତୀୟ ରାଜପଥ ଅଛି ?**

(a) ୧ ଲକ୍ଷ ୪୨ ହଜାର କି.ମି.

(b) ୧ ଲକ୍ଷ ୫୦ ହଜାର କି.ମି. (c) ୨ ଲକ୍ଷ କି.ମି. (d) ୧ ଲକ୍ଷ ୩୦ ହଜାର କି.ମି.

**10. କେଉଁ ଜାତୀୟ ରାଜପଥ କୋଲକତାରୁ ବାହାରି ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଦେଇ ଚେନ୍ନାଇ ପର୍ଯ୍ୟନ୍ତ ଯାଇଛି ?**

(a) ୫୫ ନମ୍ବର (b) ୫ ନମ୍ବର (c) ୧୬ ନମ୍ବର (d) ୭ ନମ୍ବର

**11.** **କୋଲ୍‌କତାରୁ ବାହାରି ଆସନସୋଲ୍, କାନପୁର, ଦିଲ୍ଲୀ ଆଦି ସହର ଦେଇ ଅମୃତସର ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ନାମ କ'ଣ ?**

(a) କଲିକତାରୁ-ଚେନ୍ନାଇ (b) ପୁଣେ-ସୋଲୋପୁର (c) କୁରୁକ୍ଷେତ୍ର-ଆମ୍ବେଲା (d) ଗ୍ରାଣ୍ଡ-ଟ୍ରଙ୍କ ରୋଡ୍

**12.** **ଭାରତର ଦୀର୍ଘତମ ଜାତୀୟ ରାଜପଥ NH-44 କେଉଁଠାରୁ କେଉଁ ପର୍ଯ୍ୟନ୍ତ ଯାଇଅଛି ?**

(a) କଲିକତାରୁ ଚେନ୍ନାଇ (b) ଶ୍ରୀନଗର ଠାରୁ କନ୍ୟାକୁମାରୀ

(c) ଦିଲ୍ଲୀରୁ ଚେନ୍ନାଇ (d) ପୋରବନ୍ଦରରୁ ସିଲିଚର୍

**13.** **ଭାରତର ଦୀର୍ଘତମ ଜାତୀୟ ରାଜପଥ NH-44 ର ଦୈର୍ଘ୍ୟ କେତେ ?**

(a) ୩୪୨୪ କି.ମି. (b) ୩୨୦୦ କି.ମି. (c) ୩୭୪୫ କି.ମି. (d) ୩୯୦୦ କି.ମି.

**14.** **ଭାରତର କେଉଁ ରାଜ୍ୟରେ ରାଜ୍ୟ ରାଜପଥର ଦୈର୍ଘ୍ୟର ପରିମାଣ ସବୁଠାରୁ ଅଧିକ ?**

(a) ମଧ୍ୟପ୍ରଦେଶ (b) ବିହାର (c) ଉତ୍ତରପ୍ରଦେଶ (d) ମହାରାଷ୍ଟ୍ର

**15.** **ଜିଲ୍ଲା ସଡ଼କ ପଥର ରକ୍ଷଣାବେକ୍ଷଣ ଦାୟିତ୍ୱ କାହା ଉପରେ ନ୍ୟସ୍ତ ଥାଏ ?**

(a) ଜିଲ୍ଲାପାଳ (b) ମଣ୍ଡଳ ଉନ୍ନୟନ ଅଧିକାରୀ (c) ଜିଲ୍ଲା ପରିଷଦ (d) ଗ୍ରାମ ପଞ୍ଚାୟତ

**16.** **ଦିଲ୍ଲୀ, କୋଲକତା, ଚେନ୍ନାଇ ଓ ମୁମ୍ବାଇ ସହରଗୁଡ଼ିକୁ କେଉଁ ସଡ଼କପଥ ସଂଯୁକ୍ତ କରୁଅଛି ?**

(a) ଗ୍ରାଣ୍ଡଟ୍ରକ୍ ରୋଡ୍ (b) କଲିକତା-ଚେନ୍ନାଇ ରୋଡ୍

(c) ଶ୍ରୀନଗରରୁ କନ୍ୟାକୁମାରୀ (d) ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜ ମାର୍ଗ

**17.** **ସୀମାନ୍ତ ସଡ଼କପଥ କାହିଁକି ନିର୍ମାଣ କରାଯାଇଛି ?**

(a) ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ (b) ବିଦେଶ ରାଷ୍ଟ୍ରକୁ ଯିବା ପାଇଁ

(c) ଶତ୍ରୁମାନଙ୍କୁ ଦୂରେଇ ରଖିବା ପାଇଁ (d) ବିଦେଶ ରାଷ୍ଟ୍ର ସହିତ ବାଣିଜ୍ୟ କରିବାପାଇଁ

**18.** **ପୃଥିବୀର ସର୍ବୋଚ୍ଚ ସଡ଼କପଥ କେଉଁଠାରେ ଯାଇଛି ?**

(a) ଦିଲ୍ଲୀରୁ ଚଣ୍ଡୀଗଡ଼ (b) ଦିଲ୍ଲୀ-ମିରଟ ଦ୍ରୁତ୍ ରାଜମାର୍ଗ

(c) ଆଗ୍ରା-ଲକ୍ଷ୍ନୌ ଦ୍ରୁତ୍ ରାଜମାର୍ଗ (d) ହିମାଚଳ ପ୍ରଦେଶ ମନାଲିରୁ ଲଦାଖର ଲେହ

**19.** **ଭାରତର ନିର୍ମାଣ କରାଯାଇଥିବା ଏକ୍ସପ୍ରେସ୍ ହାଇୱେର ଦୈର୍ଘ୍ୟ କେତେ ?**

(a) ପ୍ରାୟ୧୬୫୨ କି.ମି (b) ୫୮୪୦ କି.ମି. (c) ୨୩୦୫ କି.ମି. (d) ୧୪୩୪.୫ କି.ମି.

**20.** **ଦେଶରେ ଦ୍ରୁତଗାମୀ ଯାନବାହନ ସଂଖ୍ୟା ବୃଦ୍ଧି ଏବଂ ଯାତ୍ରୀ ଓ ମାଲ ସରବରାହକୁ ଆଖିଆଗରେ ରଖି କେଉଁ ରାଜମାର୍ଗ ନିର୍ମାଣ କରାଯାଇଛି ?**

(a) ଦ୍ରୁତ ରାଜମାର୍ଗ (b) ଜାତୀୟ ରାଜମାର୍ଗ (c) ସୀମାନ୍ତ ସଡ଼କ (d) ଆନ୍ତର୍ଜାତୀୟ ରାଜମାର୍ଗ

**21.** **ଦୂରସ୍ଥାନକୁ ସ୍ଥଳପଥରେ ଯାତ୍ରୀ ଓ ମାଲ ପରିବହନର ମୁଖ୍ୟ ମାଧ୍ୟମ କିଏ ?**

(a) ସଡ଼କ ପଥ (b) ରେଳପଥ (c) ମେଟ୍ରୋରେଳପଥ (d) ଟ୍ରାମ୍ ପଥ

**22.** **ଭାରତର କେଉଁ ମସିହାରେ ରେଳ ଚଳାଚଳର ଶୁଭାରମ୍ଭ ହୋଇଥିଲା ?**

(a) ୧୯୪୭ (b) ୧୮୫୭ (c) ୧୮୫୩ (d) ୧୯୫୧

**23.** **ଭାରତରେ ପ୍ରଥମେ କେଉଁଠାରୁ କେଉଁ ସ୍ଥାନପର୍ଯ୍ୟନ୍ତ ରେଳଗାଡ଼ି ଚାଲିଥିଲା ?**

(a) କୋଲକତାରୁ ରାଣୀଗଞ୍ଜ (b) ବମ୍ବେରୁ ଥାଣେ (c) ଚେନ୍ନାଇ-ଆରକୋନାମ୍ (d) ହାୱଡ଼ାରୁ ଗୌହାଟୀ

**24.** **କେଉଁ ସଂସ୍ଥା ଭାରତର ବୃହତ୍ତମ ରାଷ୍ଟ୍ରାୟତ୍ତ ସଂସ୍ଥା ଅଟେ ?**

(a) ଡ଼ାକବିଭାଗ (b) ଜାତୀୟ କରଣ ବ୍ୟାଙ୍କ୍ (c) ଜାତୀୟ ଆଲୁମିନିୟମ୍ କମ୍ପାନୀ (d) ରେଳ ବିଭାଗ

**25.** ପରିଚାଳନାଗତ ସୁବିଧା ପାଇଁ ଦେଶର ସମସ୍ତ ରେଳପଥକୁ କେତେଗୋଟି ମଣ୍ଡଳରେ ବିଭକ୍ତ କରାଯାଇଛି ?
(a) ୯ ଟି (b) ୧୨ ଟି (c) ୧୫ ଟି (d) ୧୭ ଟି

**26.** ପୂର୍ବ-ଉପକୂଳ ରେଳପଥର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?
(a) ଗୋରଖପୁର (b) ଭୁବନେଶ୍ୱର (c) ସିକନ୍ଦରାବାଦ (d) ହାଜିପୁର

**27.** ଭାରତର ଦୀର୍ଘତମ ରେଳ ଚଳାଚଳ କେଉଁ ସ୍ଥାନରୁ କେଉଁ ସ୍ଥାନ ପର୍ଯ୍ୟନ୍ତ ହୋଇଛି ?
(a) କୋଲକତାରୁ ଚେନ୍ନାଇ (b) ମୁମ୍ବାଇରୁ ନୂଆଦିଲ୍ଲୀ (c) ପୁରୀରୁ ଓଖା (d) ଡ୍ରିବ୍ରୁଗଡ଼ରୁ କନ୍ୟାକୁମାରୀ

**28.** ଭାରତର ଦୀର୍ଘତମ ରେଳଷ୍ଟେସନ୍ କିଏ ?
(a) ଖଡ଼ଗପୁର (b) ବନାରସ (c) ଗୋରଖପୁର (d) ସାଲିଗାଉଁ

**29.** ୨୦୧୧ ଜନସଂଖ୍ୟା ଗଣନା ଅନୁସାରେ କେତେ ଶତାଂଶ ଲୋକ ଭାରତର ସହରମାନଙ୍କରେ ବାସ କରନ୍ତି ?
(a) ୨୫ (b) ୨୯ (c) ୩୧ (d) ୪୧

**30.** କେଉଁଟି ଭାରତର ସର୍ବପ୍ରଥମ ପାଇପ୍ ଲାଇନ୍ ?
(a) ନୁନାମାଟି-ସିଲିଗୁରି (b) ବରାଉଣୀ-ହଳଦିଆ-କାନିପୁର
(c) ସାଲାୟା-କୋୟାଲି-ମସୁରୀ (d) ନହରକଟିଆ-ନୁନାମାଟି-ବରଉଣୀ

**31.** କର୍ଣ୍ଣାଟକ ଦରମୁଖରୁ ଲୁହାପଥର ପାଇପ୍‌ଲାଇନ୍ ସାହାଯ୍ୟରେ କେଉଁ ସ୍ଥାନରୁ ପରିବହନ କରାଯାଇଛି ?
(a) ବିଶାଖା ପାଟଣା (b) ଉଦୟଗୁର (c) ମାଙ୍ଗଲୋର ବନ୍ଦର (d) ବଇଲଭିଲ୍

**32.** ଭାରତରେ ଉପକୂଳର ଦୈର୍ଘ୍ୟ କେତେ କି.ମି. ?
(a) ୪୨୧୬ କି.ମି. (b) ୭୫୧୬ କି.ମି. (c) ୦୨୧ କି.ମି. (d) ୧୧୦୦ କି.ମି.

**33.** ହ୍ରଦ, ପାଷାତ୍ ଜଳ, ନିବେଶିକ ନଦୀ ଓ କେନାଲ ଦ୍ୱାରା ପରିବହନକୁ କେଉଁ ପରିବହନ କୁହାଯାଏ ?
(a) ସଡ଼କ ପରିବହନ (b) ଜଳ ପରିବହନ (c) ଅନ୍ତସ୍ଥଳୀୟ ପରିବହନ (d) ସାଗର ପରିବହନ

**34.** କେଉଁ ପରିବହନ ସବୁଠାରୁ ଶସ୍ତା ?
(a) ସଡ଼କ ପରିବହନ (b) ଜଳ ପରିବହନ (c) ଆକାଶ ପରିବହନ (d) ସାଗର ପରିବହନ

**35.** ଭାରତରେ ଥିବା ଅନ୍ତଃସ୍ଥଳୀୟ ଜଳପଥ ମଧ୍ୟରୁ କେତେ କି.ମି. ସୁନାବ୍ୟା ଅଟେ ?
(a) ୩୭୦୦ କି.ମି. (b) ୧୪୫୦୦ କି.ମି. (c) ୭୫୧୬ କି.ମି. (d) ୨୦୨୦ କି.ମି.

**36.** ଭାରତର କେଉଁ ଦେଶ ସହିତ ଅନ୍ତର୍ଦେଶୀୟ ଜଳପଥ କାର୍ଯ୍ୟକାରୀ ହେଉଛି ?
(a) ବଙ୍ଗଳାଦେଶ (b) ଶ୍ରୀଲଙ୍କା (c) ନେପାଳ (d) ଆଫଗାନିସ୍ଥାନ

**37.** ଆରବସାଗର ଓ ବଙ୍ଗେପସାଗରକୁ ସଂଯୋଗ କରିବା ପାଇଁ ପ୍ରାକ୍ ପ୍ରଣାଳୀ ମଧ୍ୟରେ କେଉଁ ଯୋଜନା କାର୍ଯ୍ୟକାରୀ ହୋଇଛି ?
(a) ଇଂରାଜୀ ପ୍ରଣାଳୀ (b) ସୁଏଜ କେନାଲ (c) ରାମସେତୁ ପ୍ରଣାଳୀ (d) ବକିଂହୋମ କେନାଲ

**38.** ମାଣ୍ଡୋବୀ ନଦୀ ଜୁଆର ନଦୀକୁ ସଂଯୋଗ କରୁଥିବା କେନାଲର ନାମ କଣ ?
(a) ବକିଂହୋମ୍ କେନାଲ (b) ତାଳଦଣ୍ଡା କେନାଲ (c) ଛବାରନିୟମ କେନାଲ (d) କୁମ୍ବର ଜୁଆ କେନାଲ

**39.** ଭାରତର ମୂଳଭୂଖଣ୍ଡ ଉପକୂଳ ରେଖାର ଦୈର୍ଘ୍ୟ କେତେ ?
(a) ୭୫୧୬ କି.ମି. (b) ୬୧୦୦ କି.ମି. (c) ୩୭୦୦ କି.ମି. (d) ୪୦୦୦ କି.ମି.

**40.** ଭାରତର ତଟରେଖାରେ କେତେଗୋଟି ପ୍ରଧାନ ବନ୍ଦର ରହିଛି ?
(a) ୨୦ଟି (b) ୧୦ଟି (c) ୨୬ଟି (d) ୧୨ଟି

**41.** **ଭାରତର କେଉଁ ସଂସ୍ଥାଟି ଦେଶର ବାଣିଜ୍ୟ କାରବାର ଓ ଜାହାଜ ପରିଚାଳନା ପାଇଁ ଏକମାତ୍ର କମ୍ପାନୀ ?**

(a) ଭାରତୀୟ ରେଳ ନିଗମ (b) ଭାରତୀୟ ଇସ୍ପାତ ନିଗମ

(c) ଭାରତୀୟ ଖଣି ନିୟମ (d) ଭାରତୀୟ ଜାହାଜ ନିୟମ

**42.** **ଇଉରୋପ ମହାଦେଶର ଦେଶଗୁଡ଼ିକ ସହ ଭାରତ କେଉଁ ଜଳପଥ ଦେଇ ବାଣିଜ୍ୟ କାରବାର କରିଥାଏ ?**

(a) ପ୍ରାକ୍ ପ୍ରଣାଳୀ (b) ଉତ୍ତମାଶା ଅନ୍ତରୀପ (c) ସୁଏଜ୍ କେନାଲ ପଥ (d) ସିଙ୍ଗାପୁର ସମୁଦ୍ର ପଥ

**43.** **ଭାରତର କେଉଁ ବନ୍ଦର ଦେଇ ଅଧିକ ଯାତ୍ରୀ ଓ ପଣ୍ୟଦ୍ରବ୍ୟ ଯାଅଆସ କରିଥାଏ ?**

(a) କୋଲକତା (b) ପାରାଦ୍ୱୀପ୍ (c) ଚେନ୍ନାଇ (d) ମୁମ୍ବାଇ

**44.** **କାହାକୁ ଭାରତର ପ୍ରବେଶ ଦ୍ୱାର କୁହାଯାଏ ?**

(a) ଦିଲ୍ଲୀ (b) ଚେନ୍ନାଇ (c) କୋଲକତା (d) ମୁମ୍ବାଇ

**45.** **ବର୍ତ୍ତମାନ ଭାରତରେ କେତେଗୋଟି ଆନ୍ତର୍ଜାତୀୟ ବିମାନବନ୍ଦର ଅଛି ?**

(a) ୪୫ (b) ୫୦ (c) ୫୫ (d) ୩୪

**46.** **ଦେଶରେ ବଡ଼ ବଡ଼ ସହରରେ ରହିଥିବା ଲୋକ ଅନେକ ବିଦେଶୀ ରାଷ୍ଟ୍ର ସହ କାହା ମାଧ୍ୟମରେ ସିଧାସଳଖ ଟେଲିଫୋନ୍ ସମ୍ପର୍କ ସ୍ଥାପନ କରୁଛନ୍ତି ?**

(a) STD (b) FAX (c) ISD (d) INTERNET

**47.** **କେଉଁଟି ଏକ ସାମାଜିକ ମାଧ୍ୟମ ନୁହେଁ ?**

(a) ଟୁଇଟର୍ (b) ଫେସ୍‌ବୁକ୍ (c) ଇନଷ୍ଟାଗ୍ରାମ୍ (d) ମୋବାଇଲ୍

**48.** **ରପ୍ତାନି ଓ ଆମଦାନୀ ମଧ୍ୟରେ ଥିବା ବ୍ୟବଧାନକୁ କ'ଣ କୁହାଯାଏ ?**

(a) ଅନ୍ତଃବାଣିଜ୍ୟ (b) ବର୍ହିବାଣିଜ୍ୟ (c) ବାଣିଜ୍ୟିକ ଉଦ୍‌ବୃତ୍ତି (d) ଭାବାଣିଜ୍ୟିକ ଭାରସାମ୍ୟ

**49.** **କେଉଁଟି ଭାରତକୁ ଆମଦାନୀ ହେଉଥିବା ପଣ୍ୟଦ୍ରବ୍ୟ ନୁହେଁ ?**

(a) ମୁକ୍ତା (b) କାଜୁବାଦାମ୍ (c) ପେଟ୍ରୋଲିୟମ୍ (d) ସୁନା ଓ ରୂପା

**50.** **ଭାରତରେ କେଉଁ ଭାଷାରେ ସର୍ବାଧିକ ସମ୍ବାଦପତ୍ର ପ୍ରକାଶ ପାଏ ?**

(a) ଇଂରାଜୀ (b) ହିନ୍ଦୀ (c) ଉର୍ଦ୍ଦୁ (d) ଓଡ଼ିଶା

## ANSWERS

| | | | | | | | |
|---|---|---|---|---|---|---|---|
| 1. (A) | 2. (D) | 3. (A) | 4. (D) | 5. (C) | 6. (A) | 7. (B) | 8. (A) |
| 9. (A) | 10. (C) | 11. (D) | 12. (B) | 13. (C) | 14. (D) | 15. (C) | 16. (D) |
| 17. (A) | 18. (D) | 19. (A) | 20. (D) | 21. (B) | 22. (C) | 23. (B) | 24. (D) |
| 25.( D) | 26. (B) | 27. (D) | 28. (C) | 29. (C) | 30. (D) | 31. (C) | 32. (B) |
| 33. (C) | 34. (B) | 35. (A) | 36. (A) | 37. (C) | 38. (D) | 39. (B) | 40. (D) |
| 41. (D) | 42. (C) | 43. (D) | 44. (D) | 45. (D) | 46. (C) | 47. (D) | 48. (C) |
| 49. (B) | 50. (B). | | | | | | |

# ପରିବହନ, ଯୋଗାଯୋଗ ଏବଂ ବାଣିଜ୍ୟ

## (TRANSPORT, COMMUNICATION AND TRADE)

**1. ଭାରତର ଯୋଗାଯୋଗ ବ୍ୟବସ୍ଥା ବିଷୟରେ ସଂକ୍ଷେପରେ ଉଲ୍ଲେଖ କର ।**

ଉ. (a) ଯୋଗାଯୋଗ ଦୁଇ ପ୍ରକାରର । ଯଥା – ଗଣ ଯୋଗାଯୋଗ ଓ ବ୍ୟକ୍ତିଗତ ଯୋଗାଯୋଗ ।

(b) ଭାରତର ବ୍ୟକ୍ତିଗତ ଯୋଗାଯୋଗ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଘଟିଛି । ଏବେ ଡାକ ସେବା, ଟେଲିଫୋନ୍, ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟକ୍ତିଗତ ଯୋଗାଯୋଗର ମାଧ୍ୟମ ପାଲଟିଛି ।

(c) ଅନେକ ଲୋକଙ୍କୁ ଏକ ସମୟରେ ସେବା ଯୋଗାଯୋଗ ଦେବାର ବ୍ୟବସ୍ଥାକୁ ଗଣ ଯୋଗାଯୋଗ କୁହାଯାଏ । ଯଥା ରେଡ଼ିଓ, ଟି.ଭି., ସମ୍ବାଦପତ୍ର, ମାଗାଜିନ୍, ବହି, ଫିଲ୍ମ ଆଦି ଗଣ ଯୋଗାଯୋଗର ପ୍ରଧାନ ମାଧ୍ୟମ । ଦେଶରେ ଆକାଶବାଣୀର ପ୍ରାୟ 200 ଟି ଷ୍ଟେସନ୍ କାମ କରୁଛି । ଦୂରଦର୍ଶନ ପୃଥିବୀର ଏକ ବୃହତ୍ ଗଣମାଧ୍ୟମ ସଂସ୍ଥା । ଦେଶର ଶତକଡ଼ା ପ୍ରାୟ 90 ଭାଗ ଜନସାଧାରଣଙ୍କ ନିକଟରେ ଦୂରଦର୍ଶନ ସେବା ଉପଲବ୍ଧ ହେଉଅଛି ।

(d) ଦେଶରେ 100 ଟି ଭାଷା ଓ ଉପଭାଷା ପ୍ରାୟ 42,000 ଟି ସମ୍ବାଦପତ୍ର ଓ ପତ୍ରିକା ପ୍ରକାଶ ପାଇଥାଏ । ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (P.T.I.), ୟୁନାଇଟେଡ୍ ନିଉଜ୍ ଅଫ୍ ଇଣ୍ଡିଆ ନାମକ ଦୁଇଟି ସଂସ୍ଥା ଇଂରାଜୀରେ ଓ ସମାଚାର ଭାରତୀ ଏବଂ ହିନ୍ଦୁସ୍ଥାନ ସମାଚାର ନାମକ ଦୁଇଟି ସଂସ୍ଥା ହିନ୍ଦୀରେ ସରବରାହ କରୁଛନ୍ତି ।

**2. ଭାରତର ରେଳ ପରିହବନ କ୍ଷେତ୍ରରେ ଉନ୍ନତି ପାଇଁ ସରକାର କେଉଁ କେଉଁ ବ୍ୟବସ୍ଥା ଗ୍ରହଣ କରିଛନ୍ତି ଉଲ୍ଲେଖ କର ।**

ଉ. ଭାରତର ରେଳ ପରିବହନ କ୍ଷେତ୍ରରେ ଉନ୍ନତି ପାଇଁ ସରକାର ଯୋଜନାବଦ୍ଧ ଭାବେ କେତେକ ବ୍ୟବସ୍ଥା ଗ୍ରହଣ କରିଛନ୍ତି ।

(a) ଅଧୁନା ଅଗ୍ରାଧିକାର ଭିତ୍ତିରେ ମିଟର ଗେଜ୍ ଓ ନାରୋଗେଜ୍ ଲାଇନ୍‌କୁ ବ୍ରଡ଼ଗେଜ୍ ପରିଣତ କରାଯାଇଛି ।

(b) ବାଷ୍ପଚାଳିତ ଇଞ୍ଜିନ୍ ସ୍ଥାନରେ ଡିଜେଲ୍ କିମ୍ବା ବୈଦ୍ୟୁତିକ ରେଳ ଇଞ୍ଜିନ୍ କାର୍ଯ୍ୟରେ ଲାଗିଯାଇଛି । ଫଳରେ କାର୍ଯ୍ୟଦକ୍ଷତା ବୃଦ୍ଧି ପାଉଛି ଏବଂ ପ୍ରଦୂଷଣ ହ୍ରାସ ପାଉଛି ।

(c) ଦୁର୍ଘଟଣା ଭୋଗିବା ପାଇଁ ଅତ୍ୟାଧୁନିକ ସିଗ୍‌ନାଲ୍ ବ୍ୟବସ୍ଥା ପ୍ରଚଳନ କରିବା ସହ।

(d) ଶୀତତାପ ନିୟନ୍ତ୍ରଣ ଯାତ୍ରୀବାହି ବଗି ବ୍ୟବହାର, ଦ୍ରୁତଗାମୀ ଟ୍ରେନ୍ ପ୍ରଚଳନ କରାଯାଉଛି ।

(e) ସ୍ଥାନ ଆରକ୍ଷଣ କମ୍ପ୍ୟୁଟରୀକରଣ କରାଯାଉଛି ଏବଂ ଯାତ୍ରା ସମୟରେ ଯାତ୍ରୀମାନଙ୍କ ଖାଇବା ପିଇବା ବ୍ୟବସ୍ଥା ମଧ୍ୟ ରେଳବାଇ ଦ୍ୱାରା କରାଯାଉଛି ।

**3. ପରିବହନ ଦ୍ୱାରା ଆମର କି କି ଉପକାର ହେଉଛି ବର୍ଣ୍ଣନା କର ।**

ଉ. (a) ରକ୍ତ ସଂଚାଳନ ମନୁଷ୍ୟ ଜୀବନ ପାଇଁ ଯେପରି ଗୁରୁତ୍ୱପୂର୍ଣ୍ଣ ଦେଶର ଅର୍ଥନୀତିର ସୁପରିଚାଳନା ପାଇଁ ପରିବହନ ବ୍ୟବସ୍ଥା ସେହିଭଳି ମହତ୍ୱପୂର୍ଣ୍ଣ ।

(b) ଏହାଦ୍ୱାରା ଉତ୍ପାଦନ ଓ ଉପଭୋକ୍ତାମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପିତ ହୁଏ ଏବଂ ଲୋକମାନେ ପରସ୍ପର ନିକଟବର୍ତ୍ତୀ ହୁଅନ୍ତି । ସେମାନଙ୍କର ମଧ୍ୟରେ ଏକତା ପ୍ରତିକୃତ ହୁଏ ଓ ଭେଦଭାବ ଦୂର ହୁଏ ।

(c) ଏହାଦ୍ୱାରା ପାହାଡ଼, ପର୍ବତ, ଜଙ୍ଗଲ ଓ ଖଣିଖାଦାନରେ ଅବ୍ୟବହୃତ ହୋଇ ପଡ଼ିଥିବା ପ୍ରାକୃତିକ ସମ୍ବଳଗୁଡ଼ିକୁ ଉତ୍ପାଦନ କାର୍ଯ୍ୟରେ ଲଗାଇ ଶିଳ୍ପ କ୍ଷେତ୍ରକୁ କଞ୍ଚାମାଲ୍ ଯୋଗାଇ ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ବଜାରରେ ପହଞ୍ଚାଇ ଦିଆଯାଉଛି ।

(d) ଯୁଦ୍ଧ ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ଆପଦକାଳୀନ ପରିସ୍ଥିତିରେ ସଂଯୋଗସ୍ଥାପନ, ମାଲ୍‌ପରିବହନ ଓ ବଣ୍ଟନରେ ପରିବହନ ବ୍ୟବସ୍ଥା ସାହାର୍ଯ୍ୟରେ ବହୁତ ଉପକାର ହେଉଛି ।

**4. 'ସୀମାନ୍ତ ସଡ଼କ ସଂସ୍ଥା' ସମ୍ବନ୍ଧରେ ଏକ ବିବରଣୀ ଦିଅ ।**

ଉ. (a) ଜାତୀୟସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସୀମାନ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ କରି ୧୯୬୦ ପରଠାରୁ ସୀମାନ୍ତ ସଡ଼କ ସଂସ୍ଥା ପ୍ରତିଷ୍ଠା କରାଯାଇଛି ।

(b) ଏହି ସଂସ୍ଥାଦ୍ୱାରା ନିର୍ମିତ ହିମାଚଳ ପ୍ରଦେଶର ମନାଲିଠାରୁ ଲଦାଖର ସଦର ମହକୁମା ଲେହ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପୃଥିବୀର ସର୍ବୋଚ୍ଚ ସଡ଼କପଥ ।

(c) ଦେଶର ସୁରକ୍ଷା ଓ ସାମରିକ ଦୃଷ୍ଟିକୋଣରୁ ରାଜଧାନୀ ଦିଲ୍ଲୀରୁ ଚଣ୍ଡିଗଡ଼କୁ ସଂଯୁକ୍ତ କରି ଭାରତ ଚୀନ୍ ସୀମାନ୍ତବର୍ତ୍ତୀ ସିପକିଲ୍ଲା ଗିରିପଥ ଦେଇ ଶିମଳା ଉତ୍ତର ପଟେ ଏକ ରାଜମାର୍ଗ ନିର୍ମାଣ କରାଯାଇଛି ।

(d) ଅତ୍ୟନ୍ତ ବିପଦଶଂକୁଳ ପାର୍ବତ୍ୟାଞ୍ଚଳ, ଘଞ୍ଚ ଅରଣ୍ୟ, ଅସ୍ୱାସ୍ଥ୍ୟକର ଅଞ୍ଚଳରେ ସୀମାନ୍ତ ସଡ଼କ ସଂସ୍ଥାର ଅଭିଜ୍ଞତାକୁ କାମରେ ଲଗାଇ ସଡ଼କ ପଥ ନିର୍ମାଣ କରାଯାଇଛି ।

**5. ସଡ଼କ ପଥର ଉନ୍ନତି ପାଇଁ ଭାରତ ସରକାର କେଉଁ କେଉଁ ପଦକ୍ଷେପ ନେଉଛନ୍ତି ସେ ସମ୍ବନ୍ଧରେ ବର୍ଣ୍ଣନା କର ।**

ଉ. ସଡ଼କ ପଥର ଉନ୍ନତି ପାଇଁ ଭାରତ ସରକାର ନିମ୍ନୋକ୍ତ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

(a) ଦେଶର ଦ୍ରୁତଗାମୀ ଯାନବାହାନର ସଂଖ୍ୟା ବୃଦ୍ଧି ଏବଂ ଯାତ୍ରା ଓ ମାଇଲ୍ ସରବରାହକୁ ଆଖିଆଗରେ ରଖି 4 ରୁ 6 ଲେନ୍ ବିଶଷ୍ଟ ସଡ଼କ (ଜାତୀୟ ଏକ୍ସପ୍ରେସ୍ ରାଜମାର୍ଗ) ନିର୍ମାଣ କରାଯାଇଛି ।

(b) ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜମାର୍ଗ ଯୋଜନାଦ୍ୱାରା ଭାରତର ଚାରୋଟି ମହାନଗରୀ, ଯଥା - ଦିଲ୍ଲୀ, କୋଲକତା, ଚେନ୍ନାଇ, ମୁମ୍ବାଇକୁ ସଂଯୋଗ କରାଯାଇଛି । ଏହାର ଦୈର୍ଘ୍ୟ 5840 କି.ମି. ।

(c) ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ ଅଧିନରେ 5000 ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡ଼ିକୁ କଂକ୍ରିଟ୍ ରାସ୍ତା ଦ୍ୱାରା ନିକଟବର୍ତ୍ତୀ ସହର ସହିତ ସଂଯୁକ୍ତ କରାଯାଇଛି ।

(d) 7300 କି.ମି. ବିଶିଷ୍ଟ ଉତ୍ତରରେ ଜାମ୍ମୁକାଶ୍ମୀରର ଶ୍ରୀନଗର ଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଉତ୍ତର-ଦକ୍ଷିଣ ଅଳନ୍ଦି ଏବଂ ପଶ୍ଚିମରେ ଗୁଜୁରାଟ ପୋର୍ ବନ୍ଦର ଠାରୁ ପୂର୍ବରେ ସିଲଚର୍ ପର୍ଯ୍ୟନ୍ତ ପୂର୍ବ ପଶ୍ଚିମ ଅଳନ୍ଦି ନିର୍ମାଣ କରାଯାଇ ଭାରତର 10ଟି ପ୍ରଧାନ ବନ୍ଦର ସହିତ ପୂର୍ଣ୍ଣ ଚତୁର୍ଭୁଜ ଏବଂ ପୂର୍ବ ପଶ୍ଚିମ ଓ ଉତ୍ତର ଦକ୍ଷିଣ ଆଳନ୍ଦିକୁ ସଂଯୋଗ କରାଯାଇଛି ।

**6. ଭାରତୀୟ ରେଳପଥ ସମ୍ବନ୍ଧରେ ବର୍ଣ୍ଣନା କର ।**

ଉ. (a) ରେଳପଥ ଦୂର ସ୍ଥାନକୁ ସ୍ଥଳପଥରେ ଯାତ୍ରୀ ଓ ମାଲ୍‌ପରିବହନ ମୁଖ୍ୟ ମାଧ୍ୟମ । ଆମ ଦେଶରେ 1853 ମସିହା ଏପ୍ରିଲ୍ ମାସରେ ବମ୍ବେରୁ ଥାଣେ ପର୍ଯ୍ୟନ୍ତ 34 କି.ମି. ଦୈର୍ଘ୍ୟ ବିଶିଷ୍ଟ ରେଳଧାରଣା ଉପରେ ପ୍ରଥମ ରେଳଗାଡ଼ି ଚାଲିଥିଲା ।

(b) ଭାରତୀୟ ରେଳପଥ ଏସିଆର ଦ୍ୱିତୀୟ ସ୍ଥାନ ଅଧିକାର କରିଛି ଏବଂ ପୃଥିବୀରେ ତୃତୀୟ ସ୍ଥାନ । ଭାରତ ରେଳପଥର ମୋଟ୍ ଦୈର୍ଘ୍ୟ ପ୍ରାୟ 67368 କି.ମି. । ଏହା ଭାରତର ବୃହତ୍ତମ ରାଷ୍ଟ୍ରୟତ ସଂସ୍ଥା ଯେଉଁଥିରେ ସର୍ବାଧିକ କର୍ମଚାରୀ କାର୍ଯ୍ୟ କରନ୍ତି ।

(c) ଏବେ ଆମ ଦେଶରେ ବ୍ରଡ଼ଗେଜ୍, ମିଟର ଗେଜ୍ ଓ ଲିଫ୍‌ଟର୍ ଗେଜ୍ ବା ଲାଇଟ୍ ଗେଜ୍ ରେଳପଥ କାର୍ଯ୍ୟକାରୀ ହେଉଅଛି ।

(d) ଏବେ ଡିଜେଲ୍ ଇଞ୍ଜିନ୍ କିମ୍ବା ବୈଦ୍ୟୁତିକ ଇଞ୍ଜିନ୍ କାର୍ଯ୍ୟରେ ଲଗାଯାଉଛି ଏବଂ ଦୁର୍ଘଟଣା ରୋକିବା ପାଇଁ ଅତ୍ୟାଧୁନିକ ସିଗ୍ନାଲ୍ ବ୍ୟବସ୍ଥା ପ୍ରଚଳନ କରାଯାଉଛି ।

(e) ଶୀତତାପ ନିୟନ୍ତ୍ରଣ ଯାତ୍ରୀବାହୀ ବଗି ବ୍ୟବହାର, ଦ୍ରୁତଗାମୀ ଟ୍ରେନ୍ ଓ ଇଣ୍ଟରସିଟି ଦ୍ରୁତଗାମୀ ଟ୍ରେନ୍ ପ୍ରଚଳନ କରାଯାଇଛି । ଏଥିସହିତ ସ୍ଥାନ ଆରକ୍ଷଣ କମ୍ପ୍ୟୁଟରୀ କରଣ କରାଯାଇଛି ।

(f) ସ୍ୱାଧିନତା ପରେ ରେଳ ବିଭାଗକୁ ଜାତୀୟକରଣ କରାଯାଇ ଏହାର ପରିଚାଳନା ଦାୟିତ୍ୱ ରେଳବାଇ ବୋର୍ଡ ହାତରେ ଦିଆଯାଇଛି ।

**7. ଭାରତର ପାଇପ୍ ଲାଇନ୍ ପରିବହନ ସମ୍ବନ୍ଧରେ ସୂଚନା ଦିଅ ।**

ଉ. (a) ଭାରତର ପାଇପ୍ ଲାଇନ୍ ଦ୍ୱାରା ଅଶୋଧିତ ଖଣିଜ ତୈଳ, ପେଟ୍ରୋଲିୟମ୍ ଉତ୍ପାଦ, ଖଣିଜ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କ୍ଷେତ୍ର, ବିଶୋଧନାଗାର ଏବଂ ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଉଛି । ଏହାଦ୍ୱାରା ଖର୍ଚ୍ଚ କମ୍ ପଡୁଛି । ରନ୍ଧନ ଗ୍ୟାସ୍ (L.P.G.) ମଧ୍ୟ ପାଇପ୍ ଲାଇନ୍ ଦ୍ୱାରା ଉପଭୋକ୍ତା ମାନଙ୍କୁ ଯୋଗାଇ ଦିଆଯାଉଛି । ଭାରତର କେତେକ ଅଞ୍ଚଳରେ ପାଇପ୍ ଲାଇନ୍ ଦ୍ୱାରା ପରିବହନ ବ୍ୟବସ୍ଥା ଅଛି । ସେଗୁଡ଼ିକ ହେଲା –

(b) ନହର କଟିଆ - ନୂନାମାଟି - ବରଉଣୀ ପାଇପ୍ ଲାଇନ୍ ପ୍ରଥମେ ଆସାମର ନହରବଟିକା ଠାରୁ ନୁନାମାଟି ପର୍ଯ୍ୟନ୍ତ ଯାଇଥିଲା ପରେ ପରେ ଏହା ଗୁଆହାଟୀ (ଆସାମ୍) ଦେଇ ବରାଉଣୀ ପର୍ଯ୍ୟନ୍ତ ଓ ତା ପରେ ଏଲ୍ଲାହାବାଦଦେଇ କାନ୍‌ପୁର୍ ପର୍ଯ୍ୟନ୍ତ ଯାଇଛି ବରାଉଣୀରୁ ଏକ ଶାଖା ଲାଇନ୍ ହଳଦିଆ (ପଶ୍ଚିମବଙ୍ଗ) ପର୍ଯ୍ୟନ୍ତ ଯାଇଛି ।

(c) ସାଲାୟା-କୋୟାଲି-ମଥୁରା ପାଇପ୍ ଲାଇନ୍‌ଟି ଗୁଜୁରାଟ୍ ଅନ୍ତର୍ଗତ କଚ୍ଛର ସାଲାୟା ଠାରୁ ମଥୁରା ପର୍ଯ୍ୟନ୍ତ ଓ ପରେ ଦିଲ୍ଲୀ ଓ ପାନିପତ୍ ଦେଇ ଜଳନ୍ଧର (ପଞ୍ଜାବ) ପର୍ଯ୍ୟନ୍ତ ବିସ୍ତୃତ । ଏହାର ଏକ ଶାଖା ଲାଇନ୍ କୋୟାଲି ପର୍ଯ୍ୟନ୍ତ ଲମ୍ବିଛି ।

(d) ହାଜରା-ଜଗଦିଶ୍ ପୁର୍ ପାଇପ୍ ଲାଇନ୍‌ଟି ଗୁଜୁରାଟର (ଉତ୍ତରପ୍ରଦେଶ) ଦେଇ ମଧ୍ୟ ପ୍ରଦେଶର ବିଜୟ ପୁର ପର୍ଯ୍ୟନ୍ତ ଯାଇଛି । ଏଥିରେ ଏକ ଶାଖା ଲାଇନ୍ ସାହାଜାହାନ୍‌ପୁର୍ ମଧ୍ୟଦେଇ ମୁମ୍ବାଇ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି ।

(e) ମୁମ୍ବାଇ ହାଇ ମୁମ୍ବାଇ-ଆଙ୍କଲେଶ୍ୱର-କୋୟାଲି ପାଇପ୍ ଲାଇନ୍‌ଟି 'ମୁମ୍ବାଇ ହାଇକୁ' ମୁଖ୍ୟ ଭୂଖଣ୍ଡସ୍ଥ ମୁମ୍ବାଇ ସହିତ ସଂଯୋଗ କରି ପୁଣେ ପର୍ଯ୍ୟନ୍ତ ଯାଇଛି ।

(f) କାଣ୍ଡଲା-ଭାତିଣ୍ଡା ପାଇପ୍ ଲାଇନ୍‌ର ଏକ ଶାଖା ମୁମ୍ବାଇରୁ ମାନ୍‌ମାଡ୍ ଯାଇଛି । ବିଶାଖାପାଟଣାଠାରୁ ବିଜୟୱାଡ଼ା ପାଇପ୍ ଲାଇନ୍, ମାଙ୍ଗାଲୋରଠାରୁ ବେଙ୍ଗାଲୁରୁ ଦେଇ ଚେନ୍ନାଇ ପର୍ଯ୍ୟନ୍ତ ଯାଇଛି । ହଳଦିଆରୁ ପାରାଦ୍ୱୀପ୍ ପର୍ଯ୍ୟନ୍ତ ପାଇପ୍ ଲାଇନ୍ ସଂଯୋଗ ନିର୍ମାଣାଧିନ ଅଛି ।

**8. ଭାରତୀୟ ବାୟୁପରିବହନ ସମ୍ବନ୍ଧରେ ଉଲ୍ଲେଖ କର ।**

ଉ. (a) 1953 ମସିହା ବେସାମରିକ ବାୟୁ ପରିବହନ ଜାତୀୟକରଣ କରାଯାଇ ଏୟାରଇଣ୍ଡିଆ (AI) ଓ ଇଣ୍ଡିଆନ୍ ଏୟାର ଲାଇନସ୍ (IA) ନାମରେ ଦୁଇଟି ନିଗମ ସ୍ଥାପିତ ହେଲା ।

(b) AI ଦ୍ୱାରା ଆନ୍ତର୍ଜାତିକ ବେସାମରିକ ବିମାନସେବା ନିର୍ବାହ ହୋଇଥାଏ । IA ଦେଶର ଆଭ୍ୟାନ୍ତରୀଣ ବିମାନ ଚଳାଚଳ ଦାୟିତ୍ୱ ସହ ମଧ୍ୟପ୍ରାଚ୍ୟ ଓ ଦକ୍ଷିଣପୂର୍ବ ଏସିଆର ଦେଶଗୁଡ଼ିକ ସହ ବିମାନ ପରିଚାଳନା କରିଥାଏ ।

(c) ସାହାର ଏୟାର୍ ଲାଇନ୍‌ସ, ଡ଼େକାନ୍ ଚାଟର୍, ବିସ୍ତାରା, ଏୟାର ଏସିଆ, ଜେଟ୍ ଏୟାର୍ ଲାଇନ୍ସ, ଇଣ୍ଡିଗୋ, ଗୋ-ଏୟାର୍ (Goair) ଆଦି ମୁଖ୍ୟ ଘରୋଇ କମ୍ପାନୀ ମଧ୍ୟ ବେସାମରିକ ବିମାନ ସେବା ନିର୍ବାହ କରୁଛନ୍ତି ।

(d) ବର୍ତ୍ତମାନ ଦେଶରେ 34 ଟି ଆନ୍ତର୍ଜାତୀୟ ବିମାନବନ୍ଦର ଓ 63 ଟି ଆଭ୍ୟନ୍ତରୀଣ ବା ଘରୋଇ ବିମାନ ବନ୍ଦର ରହିଛି । ଏଗୁଡ଼ିକ ପରିଚାଳନା ଦାୟିତ୍ୱ ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ସଂସ୍ଥା ଉପରେ ନ୍ୟସ୍ତ ।

## ପାର୍ଥକ୍ୟ ଦର୍ଶାଅ :

### 1. (a) ପରିବହନ ଓ ଯୋଗାଯୋଗ ।

| ପରିବହନ | ଯୋଗାଯୋଗ |
|---|---|
| (i) ଯାତ୍ରୀ ବା ଜିନିଷପତ୍ରଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହନ କରି ନେବା ପ୍ରକ୍ରିୟାକୁ ପରିବହନ କୁହାଯାଏ । | (i) ଯେଉଁ ମାଧ୍ୟମରେ ମନୁଷ୍ୟ ପରସ୍ପର ସହ ସମ୍ପର୍କ ସ୍ଥାପନ କରେ ତାହାକୁ ଯୋଗାଯୋଗ କୁହାଯାଏ । |
| (ii) ବର୍ତ୍ତମାନ ପରିବହନ ଜଳ, ସ୍ଥଳ ଓ ଆକାଶ ପଥରେ ହେଉଛି । ବସ୍, ଟ୍ରେନ୍, ଉଡ଼ାଜାହାଜ ମାଧ୍ୟମରେ ଏହା ସମ୍ଭବ ହୋଇପାରିଛି । | (ii) ବର୍ତ୍ତମାନ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ହୋଇଛି ଏବଂମାଧ୍ୟମ ପରିବର୍ତ୍ତିତ ହୋଇଛି। ଟେଲିଫୋନ୍,ଫ୍ୟାକ୍ସ, ଟି.ଭି. ଓ ରେଡ଼ିଓ ଡ଼ାକତାର ବିଭାଗ ଆଦି ଯୋଗାଯୋଗର ମୁଖ୍ୟ ମାଧ୍ୟମ। |

### (b). ରେଳପଥ ଓ ସଡ଼କପଥ ।

| ରେଳପଥ | ସଡ଼କ ପଥ |
|---|---|
| (i) ରେଳପଥ ଦ୍ୱାରା ଅଧିକ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ । | (i) ସଡ଼କ ପଥ ଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ । |
| (ii) ଆମ ଦେଶରେ ବିଭିନ୍ନ ଗେଜ୍‌ର ରେଳପଥ ଅଛି; ଯଥା - ବ୍ରଡ଼ଗେଜ୍, ନାରୋଗେଜ୍, ମିଟରଗେଜ୍, ଲିଫ୍-ଟଗେଜ୍ ବା ଲାଇଟ୍‌ଗେଜ୍ । | (ii) ସଡ଼କ ପଥ ଆଠଟି ଶ୍ରେଣୀରେ ବିଭକ୍ତ ଯଥା - ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲ୍ଲା ସଡ଼କ ପଥ ପଥ,ଗ୍ରାମ୍ୟ ସଡ଼କ, ସୀମାନ୍ତ ସଡ଼କ, ଦ୍ରୁତ ରାଜମାର୍ଗ, ସ୍ୱର୍ଣ୍ଣ ଚତୁର୍ଭୁଜ ମହାରାଜମାର୍ଗ ଓ ଅନ୍ତର୍ଜାତୀୟ ରାଜପଥ । |

**(c). ଆମଦାନି ଓ ରପ୍ତାନି ।**

**ଉ. ଆମଦାନି**

(i) ଆବଶ୍ୟକ ବା ନିଅଣ୍ଟିଆ ଦ୍ରବ୍ୟ ଅନ୍ୟ ଦେଶରୁ କ୍ରୟ କରିବାକୁ ଆମଦାନୀ କୁହାଯାଏ ।

(ii) ଆମ ଦେଶ ପେଟ୍ରୋଲିମ୍, ପେଟ୍ରୋଲିୟମ୍ ଜାତ ଦ୍ରବ୍ୟ, ସୁନା, ରୂପା, ମୁକ୍ତା, ମୂଲ୍ୟବାନ ଖଣିଜ ପଦାର୍ଥ ଏବଂ ରାସାୟନିକ ପଦାର୍ଥ ଆଦି ଆମଦାନୀ କରିଥାଏ ।

**ରପ୍ତାନି**

(i) ଦେଶର ବଳକା ଦ୍ରବ୍ୟକୁ ଅନ୍ୟ ଦେଶକୁ ବିକ୍ରୟ କରିବାକୁ ରପ୍ତାନୀ କୁହାଯାଏ ।

(ii) ଆମ ଦେଶ ଶିଳ୍ପଜାତ ଦ୍ରବ୍ୟ, କୃଷିଭିତ୍ତିକ ପଣ୍ୟଦ୍ରବ୍ୟ, କୁଟୀର ଶିଳ୍ପ, ଶିଳ୍ପଜାତ ଦ୍ରବ୍ୟ, ଖଣିଜ ପିଣ୍ଡ (Ore) ଇଞ୍ଜିନିୟରିଂ ଦ୍ରବ୍ୟ, ଶସ୍ୟ ଓ ମସଲା ଧୂଆଁପତ୍ର ଓ କାଜୁବାଦାମ ଆଦି ରପ୍ତାନି  କରିଥାଏ ।

**(d). ଅନ୍ତଃବାଣିଜ୍ୟ ଓ ବର୍ହିବାଣିଜ୍ୟ ।**

**ଉ. ଅନ୍ତଃବାଣିଜ୍ୟ**

(i) କୌଣସି ଦେଶର ବିଭିନ୍ନ ଅଞ୍ଚଳ ମଧ୍ୟରେ ହେଉଥିବା ବାଣିଜ୍ୟକୁ ଅନ୍ତଃବାଣିଜ୍ୟ କୁହାଯାଏ ।

(ii) ଏହା ଦେଶର ପ୍ରଚଳିତ ମୁଦ୍ରା ମାଧ୍ୟମରେ ହୋଇଥାଏ ।

**ବର୍ହିବାଣିଜ୍ୟ**

(i) ଦେଶ ଦେଶ ମଧ୍ୟରେ ହେଉଥିବା ବାଣିଜ୍ୟ ବ୍ୟବସାୟକୁ ଅନ୍ତର୍ଦେଶୀୟ ବାଣିଜ୍ୟ ବା ବର୍ହିବାଣିଜ୍ୟ କୁହାଯାଏ ।

(ii) ଏଥିରେ ଦେଶର ପ୍ରଚଳିତ ମୁଦ୍ରା ସହ ଅନ୍ୟ ଦେଶର ପ୍ରଚଳିତ ମୁଦ୍ରାର ବିନିମୟ ମୂଲ୍ୟ ମାଧ୍ୟମରେ ଚୁକ୍ତି ହୋଇଥାଏ ।

**(e). ବ୍ରଡ଼ଗେଜ୍ ଓ ମିଟରଗେଜ୍ ।**

**ଉ. ବ୍ରଡ଼ଗେଜ୍**

ଦୁଇ ରେଳଧାରଣା ମଧ୍ୟରେ ବ୍ୟବଧାନ 1.676 ମିଟର ହୋଇଥିଲେ ତାହାକୁ ବ୍ରଡ଼ଗେଜ୍ କୁହାଯାଏ ।

**ମିଟରଗେଜ୍**

ଦୁଇ ରେଳଧାରଣା ମଧ୍ୟରେ ବ୍ୟବଧାନ ଏକ ମିଟର ହୋଇଥିଲେ ତାହାକୁ ମିଟରଗେଜ୍ କୁହାଯାଏ ।

**(f). ଆଭ୍ୟନ୍ତରୀଣ ଜଳପଥ ଓ ସାମୁଦ୍ରିକ ଜଳପଥ ।**

**ଉ. ଆଭ୍ୟନ୍ତରୀଣ ଜଳପଥ**

(i) ଦେଶ ମଧ୍ୟସ୍ଥ ଯେଉଁ ନଦୀ ଓ କେନାଲ ଦ୍ୱାରା ପରିବହନ କାର୍ଯ୍ୟ ହୁଏ, ତାହାକୁ ଆଭ୍ୟନ୍ତରୀଣ ଜଳପଥ କୁହାଯାଏ ।

(ii) ଗଙ୍ଗାନଦୀ, ବ୍ରହ୍ମପୁତ୍ର ନଦୀ, ପଶ୍ଚିମ ଉପକୂଳବର୍ତ୍ତୀ ଓ ବକିଂହାମ୍ କେନାଲ୍ ଏବଂ କୁମ୍ଭରଜୁଆ କେନାଲ୍ ମାଧ୍ୟମରେ ବାଣିଜ୍ୟ କାରବାର କରାଯାଏ ।

**ସାମୁଦ୍ରିକ ଜଳପଥ**

(i) ଦେଶର ବହିର୍ବାଣିଜ୍ୟ ଯେଉଁ ପଥ ମାଧ୍ୟମରେ ହୋଇଥାଏ, ତାହାକୁ ସାମୁଦ୍ରିକ ଜଳପଥ କୁହାଯାଏ ।

(ii) ଆମ ଦେଶର ବହିର୍ବାଣିଜ୍ୟ ମୁଖ୍ୟତଃ ଚାରିଗୋଟି ସମୁଦ୍ରପଥ ଦେଇ ହେଉଅଛି । ସେଗୁଡ଼ିକ ହେଲା – ସୁଏଜ୍ କେନାଲ୍ ପଥ, ଉତ୍ତମାଶା ଅନ୍ତରୀପ ପଥ, ସିଙ୍ଗାପୁର ସମୁଦ୍ର ପଥ ଓ ମଲ୍ଲିକା ପ୍ରଣାଳୀ ପଥ ।

**(g). ଇଣ୍ଡିଆନ୍ ଏୟାର୍ ଲାଇନ୍ସ ଓ ଏୟାର୍ ଇଣ୍ଡିଆ ।**

**ଉ. ଇଣ୍ଡିଆନ୍ ଏୟାର୍ ଲାଇନ୍ସ (IA)**

ଇଣ୍ଡିଆନ୍ ଏୟାର୍‌ଲାଇନ୍ସ ଦେଶର ଆଭ୍ୟନ୍ତରୀଣ ବିମାନ ଚଳାଚଳ ଦାୟିତ୍ୱ ସହ ମଧ୍ୟପ୍ରାଚ୍ୟ ଓ ଦକ୍ଷିଣ ପୂର୍ବ ଦେଶଗୁଡ଼ିକ ସହ ବିମାନ ପରିଚାଳନା କରିଥାଏ ।

**ଏୟାର୍ ଇଣ୍ଡିଆ (AI)**

ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ସେବା ଏୟାରଇଣ୍ଡିଆ ଦ୍ୱାରା ନିର୍ବାହ ହୋଇଥାଏ । ବିଦେଶ ସହିତ ମାଲ ସରବରାହ ଓ ସାଧାରଣ ଯାତ୍ରୀ ସେବା ଏହାଦ୍ୱାରା ସଙ୍ଗଠିତ ହୋଇଥାଏ ।

## କାରଣ ଦର୍ଶାଅ :

**4. (i) ପରିବହନ ବ୍ୟବସ୍ଥାକୁ ଦେଶର ଜୀବନରେଖା କୁହାଯାଏ ।**

ଉ. (a) ପରିବହନ ବ୍ୟବସ୍ଥା ମନୁଷ୍ୟ ଶରୀରର ରକ୍ତ ସଞ୍ଚାଳନ ସହି ତୁଳନୀୟ । ରକ୍ତ ସଞ୍ଚାଳନ ମୁନଷ୍ୟ ଜୀବନ ପାଇଁ ଯେପରି ଗୁରୁତ୍ୱପୂର୍ଣ୍ଣ ଦେଶର ଅର୍ଥନୀତିର ସୁପରିଚାଳନା ଓ ପରିବହନ ସେହିଭଳି ମହତ୍ତ୍ୱପୂର୍ଣ୍ଣ ।

(b) ପରିବହନ ଦ୍ୱାରା ଉତ୍ପାଦନ ଓ ଉପଭୋକ୍ତାମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପିତ ହୁଏ । ଜିନିଷପତ୍ର ନେବା ଆଣିବା ଆଦିର ଦ୍ରୁତ ପରିବହନ ବ୍ୟବସ୍ଥାଦ୍ୱାରା ବେଶ୍ ସୁବିଧାରେ ହୋଇପାରୁଛି । ତେଣୁ ଏହାକୁ ଦେଶର ଜୀବନରେଖା କୁହାଯାଏ ।

**(ii). ଅଗମ୍ୟ ଅଞ୍ଚଳରେ ବାୟୁ ପରିବହନ ଗୁରୁତ୍ୱପୂର୍ଣ୍ଣ ।**

ଉ. (a) ଅଗମ୍ୟ ଅଞ୍ଚଳର ସଡ଼କପଥ ଓ ରେଳପଥ ନିର୍ମାଣ କଷ୍ଟସାଧ୍ୟ । ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା, ଦୁର୍ଭିକ୍ଷ, ଭୂମିକମ୍ପ, ମହାମାରୀ (କରୋନା) ଓ ଯୁଦ୍ଧ ସମୟରେ ଆକାଶ ପରିବହନ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ ।

(b) ତେଣୁ ଅଗମ୍ୟ ଦୂରଦୂରାନ୍ତ ଏବଂ ବିପଦଶଙ୍କୁଳ ସ୍ଥାନମାନଙ୍କ ସହିତ ପରିବହନ ଓ ଯୋଗାଯୋଗ ପାଇଁ ଆକାଶପଥ ହିଁ ଏକମାତ୍ର ମାଧ୍ୟମ ଅଟେ ।

**(iii). ପାଇପ୍‌ଲାଇନ୍‌ ଦ୍ୱାରା ପେଟ୍ରୋଲିୟମ୍ ପରିବହନ ସୁବିଧାଜନକ ।**

ଉ. (a) ପାଇପ୍‌ଲାଇନ୍‌ ଦ୍ୱାରା ତରଳ ଓ ବାଷ୍ପୀୟ ପଦାର୍ଥ ପରିବହନ ସମ୍ଭବ । ସାଧାରଣତଃ ପାଇପ୍‌ଲାଇନ୍ ଦ୍ୱାରା ସହର ଓ ଶିଳ୍ପକେନ୍ଦ୍ରଗୁଡ଼ିକୁ ଜଳଯୋଗାଣ କରାଯାଏ ।

(b) ଏବେ ପାଇପ୍‌ଲାଇନ୍ ଦ୍ୱାରା ଅଶୋଧିତ ଖଣିଜ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କ୍ଷେତ୍ର, ବିଶୋଧନାଗାର ଏବଂ ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଉଛି । ଏହାଦ୍ୱାରା ପରିବହନ ଖର୍ଚ୍ଚ କମ୍ ହେଉଛି ।

**(iv). ସଡ଼କ ପଥ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ଅଧିକ ଗୁରୁତ୍ୱପୂର୍ଣ୍ଣ ।**

ଉ. (a) ସଡ଼କପଥ ପୃଥିବୀର ସର୍ବବୃହତ୍ ପରିବହନ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ । ଏହି ପଥ ଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ । ସଡ଼କପଥ ନିର୍ମାଣ ଓ ରକ୍ଷାବେକ୍ଷଣ ପାଇଁ ରେଳପରିହବହନ ତୁଳନାରେ ଖର୍ଚ୍ଚ କମ୍ ।

(b) ସଡ଼କପଥ ଦ୍ୱାରା ଘରକୁ ଘର ସେବା ଯୋଗାଇ ଦିଆଯାଇପାରୁଛି । ଯାହା ରେଳପଥଦ୍ୱାରା ସମ୍ଭବ ନୁହେଁ । ଶୀଘ୍ର ପଚିସଢ଼ି ଯାଉଥିବା ଦ୍ରବ୍ୟ ଯଥା - ପନିପରିବା ଓ ଫଳ ଇତ୍ୟାଦିର ପରିବହନ ସଡ଼କପଥରେ କରାଯିବା ଅନ୍ୟ ମାଧ୍ୟମଠାରୁ ଅଧିକ କାର୍ଯ୍ୟକ୍ଷମ । ତେଣୁ ଏହା ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

**(v). ବାଣିଜ୍ୟିକ ଉଦ୍‌ବୃତ୍ତି ଆମ ଦେଶ ପାଇଁ ପ୍ରତିକୂଳ ହୋଇପଡ଼ିଛି ।**

ଉ. (a) ରପ୍ତାନୀ ଓ ଆମଦାନୀ ମଧ୍ୟରେ ପାର୍ଥକ୍ୟକୁ ବାଣିଜ୍ୟିକ ଉଦ୍‌ବୃତ୍ତି କୁହାଯାଏ । ଯଦି ରପ୍ତାନୀ କରାଯାଇଥିବା ଦ୍ରବ୍ୟର ମୂଲ୍ୟ ଆମଦାନୀ ହେଉଥିବା ଦ୍ରବ୍ୟର ମୂଲ୍ୟଠାରୁ ଅଧିକ ହୁଏ, ତେବେ ଏହା ରପ୍ତାନୀକାରୀ ଦେଶ ପକ୍ଷେ ଅନୁକୂଳ ।

(b) ଆମ ଦେଶରୁ ରପ୍ତାନୀ ହେଉଥିବା ପଣ୍ୟଦ୍ରବ୍ୟର ପରିମାଣର ମୂଲ୍ୟ ଆମ ଦେଶକୁ ଆମଦାନୀ ହେଉଥିବା ଦ୍ରବ୍ୟର ମୂଲ୍ୟଠାରୁ କମ୍ ହେଉଛି । ତେଣୁ ବାଣିଜ୍ୟିକ ଉଦ୍‌ବୃତ୍ତି ଆମ ଦେଶ ପାଇଁ ପ୍ରତିକୂଳ ହୋଇପଡ଼ିଛି ।

**(vi). ଆନ୍ତର୍ଜାତୀୟ ବାଣିଜ୍ୟଦ୍ୱାରା ଦେଶର ଅର୍ଥନୀତିର ବିକାଶ ଘଟେ ।**

ଉ. (a) ଆନ୍ତର୍ଜାତୀୟ ବାଣିଜ୍ୟ ବିନା କୌଣସି ଦେଶର ବିକାଶ ଘଟିପାରିବ ନାହିଁ ।

(b) ରପ୍ତାନୀ ଦ୍ୱାରା ବୈଦେଶିକ ମୁଦ୍ରା ଲାଭ କରାଯାଇଥାଏ, ତେଣୁ ଦେଶର ଅର୍ଥନୀତିର ବିକାଶ ଘଟିଥାଏ ।

## ସଂକ୍ଷେପରେ ଉତ୍ତର ଦିଅ

**1. ପରିବହନ କହିଲେ କ'ଣ ବୁଝାଯାଏ ?**

ଉ. (a) ଯାତ୍ରୀ ବା ଜିନିଷପତ୍ରଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହନ କରିନେବା ପ୍ରକ୍ରିୟାକୁ ପରିବହନ କୁହାଯାଏ ।

(b) ପରିବହନ ତିନୋଟି ମାଧ୍ୟମରେ କରାଯାଏ, ଯଥା– ଜଳ ପରିବହନ, ସ୍ଥଳ ପରିବହନ ଓ ଆକାଶ ପରିବହନ ।

**2. ଯୋଗାଯୋଗ କେଉଁଥିପାଇଁ ଗୁରୁତ୍ୱପୂର୍ଣ୍ଣ ?**

ଉ. (a) ଯୋଗାଯୋଗ ମନୁଷ୍ୟର ଜୀବନ ଧାରଣ ପାଇଁ ଅତ୍ୟନ୍ତ ଜରୁରୀ । ପରସ୍ପର ସମ୍ପର୍କ ବିନା ମନୁଷ୍ୟ ବଞ୍ଚି ରହିବା କଷ୍ଟକର ।

(b) ଆଜିକାଲି ଟେଲିଫୋନ୍, ଫ୍ୟାକ୍ସ, ଟେଲିଭିଜନ୍, ମୋବାଇଲ୍ ଫୋନ୍, ଏୟାର୍ ଟେଲ୍ ଓ ଇଣ୍ଟରନେଟ୍ ମାଧ୍ୟମରେ ମୁହୂର୍ତ୍ତକ ମଧ୍ୟମରେ ପୃଥିବୀର ଯେ କୌଣସି ସ୍ଥାନରେ ଘଟୁଥିବା ଘଟଣାବଳୀର ସୂଚନା ମିଳିପାରୁଛି । ଯୋଗାଯୋଗର ଅଭୁତପୂର୍ବ ଉନ୍ନତି ଯୋଗୁଁ ପୃଥିବୀ ଆଜି ସଙ୍କୁଚିତ ହୋଇଯାଇଛି ।

**3. ଗଣମାଧ୍ୟମ କହିଲେ କ'ଣ ବୁଝ ?**

ଉ. (a) ଅନେକ ଲୋକଙ୍କୁ ଏକ ସମୟରେ ସେବା ଯୋଗାଇଦେବା ମାଧ୍ୟମକୁ ଗଣମାଧ୍ୟମ କୁହାଯାଏ । ଗଣମାଧ୍ୟମ ଜନସାଧାରଣଙ୍କୁ ଦେଶର ବିଭିନ୍ନ ନୀତି ଓ ଯୋଜନା ସମ୍ବନ୍ଧରେ ଅବଗତ କରାଇଥାଏ ।

(b) ରେଡ଼ିଓ, ଟେଲିଭିଜନ୍, ସମ୍ବାଦପତ୍ର, ମାଗାଜିନ୍, ବହି ଏବଂ ଚଳଚିତ୍ର ଆଦି ଗଣଯୋଗାଯୋଗର ପ୍ରଧାନ ମାଧ୍ୟମ ।

**4. ରାଜ୍ୟ ରାଜପଥ କାହାକୁ କୁହାଯାଏ ?**

ଉ. (a) ରାଜ୍ୟ ରାଜପଥ ସମ୍ପୃକ୍ତ ରାଜ୍ୟର ରାଜଧାନୀ ସହ ବିଭିନ୍ନ ଜିଲ୍ଲାର ସଦର ମହକୁମା, ପ୍ରଧାନ ସହର ଓ ଶିଳ୍ପକେନ୍ଦ୍ରଗୁଡ଼ିକୁ ସଂଯୋଗ କରିଥାଏ ।

(b) ରାଜ୍ୟ ରାଜପଥଗୁଡ଼ିକର ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାର ବହନ କରିଥା'ନ୍ତି ।

**5. ବାଣିଜ୍ୟିକ ଉଦ୍‌ବୃତ୍ତି ଆମ ଦେଶ ପାଇଁ ପ୍ରତିକୂଳ ହୋଇପଡ଼ିଛି ?**

ଉ. (a) ରପ୍ତାନୀ ଓ ଆମଦାନୀ ମଧ୍ୟରେ ପାର୍ଥକ୍ୟ ବିଣିଜ୍ୟିକ ଉଦ୍‌ବୃତ୍ତି କୁହାଯାଏ । ଯଦି ରପ୍ତାନୀ କରାଯାଇଥିବା ଦ୍ରବ୍ୟର ମୂଲ୍ୟ ଆମଦାନୀ ହେଉଥିବା ଦ୍ରବ୍ୟର ମୂଲ୍ୟଠାରୁ ଅଧିକ ହୁଏ, ତେବେ ଏହା ରପ୍ତାନୀକାରୀ ଦେଶ ପକ୍ଷେ ଅନୁକୂଳ ।

(b) ଆମ ଦେଶର ରପ୍ତାନୀ ହେଉଥିବା ପଣ୍ୟଦ୍ରବ୍ୟର ମୂଲ୍ୟ ଆମ ଦେଶକୁ ଆମଦାନୀ ହେଉଥିବା ଦ୍ରବ୍ୟର ମୂଲ୍ୟଠାରୁ କମ୍ ହେଉଛି । ତେଣୁ ବାଣିଜ୍ୟିକ ଉଦ୍‌ବୃତ୍ତି ଆମ ଦେଶ ପାଇଁ ପ୍ରତିକୂଳ ହୋଇପଡ଼ିଛି ।

**6. ଆନ୍ତର୍ଜାତୀକ ବାଣିଜ୍ୟ ଦ୍ୱାରା ଦେଶର ଅର୍ଥନୀତିରେ ବିକାଶ ଘଟେ ।**

ଉ. (a) ଆନ୍ତର୍ଜାତୀୟ ବାଣିଜ୍ୟ ବିନା କୌଣସି ଦେଶର ବିକାଶ ଘଟିପାରିବ ନାହିଁ ।

(b) ରପ୍ତାନୀଦ୍ୱାରା ବୈଦେଶିକ ମୁଦ୍ରା ଲାଭ କରାଯାଇଥାଏ, ତେଣୁ ଦେଶର ଅର୍ଥନୀତିର ବିକାଶ ଘଟେ ।

**7. ରେଳପଥ ଅପେକ୍ଷା ସଡ଼କପଥ ପରିବହନ ଅଧିକ ।**

ଉ. (a) ସଡ଼କପଥ ଦ୍ୱାରା ଅଳ୍ପ ଓ ମଧ୍ୟମ ଦୂରତ୍ୱ ପାଇଁ ଯାତ୍ରୀ ଓ ଜିନିଷପତ୍ର ପରିବହନ ସୁବିଧାଜନକ ।

(b) ସଡ଼କପଥ ନିର୍ମାଣ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ରେଳପଥ ତୁଳନାରେ କମ୍ । ପାର୍ବତ୍ୟାଞ୍ଚଳରେ ମଧ୍ୟ ସଡ଼କପଥ ନିର୍ମାଣ କରାଯାଇପାରିବ । ସଡ଼କପଥ ଦ୍ୱାରା ଛୋଟ ଗ୍ରାମଗୁଡ଼ିକୁ ସଂଯୁକ୍ତ କରାଯାଇପାରୁଛି ଏବଂ ଘରକୁ ଘର ସେବା ଯୋଗାଇ ଦିଆଯାଇ ପାରୁଛି । ତେଣୁ ରେଳପଥ ଅପେକ୍ଷା ସଡ଼କ ପଥ ପରିବହନ ଅଧିକ ହୋଇ ପାରୁଛି ।

# ଜଳବାୟୁ ଜନିତ ବିପତ୍ତି ଓ ପରିଚାଳନା

1. ବିପତ୍ତି କାହାକୁ କୁହାଯାଏ ?
   (A) ବହୁତ କ୍ଷତିର ସମ୍ଭାବନା ଥିବା ବିପଦପୂର୍ଣ୍ଣ ଅବସ୍ଥା
   (B) କମ୍ କ୍ଷତିର ସମ୍ଭାବନା ଥିବା ବିପଦପୂର୍ଣ୍ଣ ଅବସ୍ଥା
   (C) ଭିତ୍ତିଭୂମି କ୍ଷତିଗ୍ରସ୍ତ
   (D) ଅର୍ଥନୈତିକ କ୍ଷତିଗ୍ରସ୍ତ
2. କୌଣସି ବିପତ୍ତିର ପ୍ରତିକୂଳ ପ୍ରଭାବ ଯୋଗୁଁ ସମଗ୍ର ଗୋଷ୍ଠୀର ଜୀବନ ଜୀବିକା ଭିତ୍ତିଭୂମି କ୍ଷତିଗ୍ରସ୍ତ ହେଲେ କ'ଣ କୁହାଯାଏ ?
   (A) ବିପତ୍ତି (B) ବିପର୍ଯ୍ୟୟ (C) ଦୁର୍ବିପାକ (D) ମନୁଷ୍ୟକୃତ ପ୍ରଭାବ
3. ଉତ୍ପତ୍ତି ଦୃଷ୍ଟି କୋଣରୁ ବିପତ୍ତି କେତେ ପ୍ରକାର ?
   (A) ୨ (B) ୩ (C) 4 (D) ୫
4. ପାଣିପାଗ ଜନିତ ବିପ୍ଳବ, ଭୂଚଳନ, ଅଗ୍ନିଉଦ୍‌ଗୀରଣ ଇତ୍ୟାଦି କେଉଁ ପ୍ରକାର ବିପତ୍ତି ଅନ୍ତର୍ଗତ ?
   (A) ଦୁର୍ବିପାକ (B) ବିପତ୍ତି (C) ମନୁଷ୍ୟକୃତ (D) ପ୍ରାକୃତିକ
5. କେଉଁ ବିପତ୍ତି ଯୋଡ଼ି ସାଧାରଣତଃ ଅଧିକ ଭୟାନକ ବିପତ୍ତି ଭାବରେ ଜଣାଯାଏ ?
   (A) ବନ୍ୟା ଓ ମରୁଡ଼ି (B) ବାତ୍ୟା ଓ ବିଜୁଳି (C) ମରୁଡ଼ି ଓ ଗ୍ରୀଷ୍ମପ୍ରବାହ (D) ବନ୍ୟା ଓ ବାତ୍ୟା
6. କେଉଁ ଅଞ୍ଚଳରେ ବନ୍ୟାର ପ୍ରକୋପ ଅଧିକ ଅନୁଭୂତ ହୋଇଥାଏ ?
   (A) ସମତଳ ଅଞ୍ଚଳ (B) ମାଳ ଅଞ୍ଚଳ (C) ଉପକୂଳବର୍ତ୍ତୀ ଅଞ୍ଚଳ (D) ପାର୍ବତ୍ୟ ଅଞ୍ଚଳ
7. ବନ୍ୟାକୁ ସାଧାରଣତଃ କେତୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି ?
   (A) ୨ (B) ୪ (C) ୫ (D) ୬
8. ଉଚ୍ଚ ଜୁଆର ସମୟରେ ସାମୁଦ୍ରିକ ଢେଉ ଉପକୂଳ ଅଞ୍ଚଳକୁ ମାଡ଼ି ଆସି ଯେଉଁ ବନ୍ୟା ସୃଷ୍ଟି ହୋଇଥାଏ, ତାହାକୁ କ'ଣ କହନ୍ତି ?
   (A) ଉପକୂଳ ବନ୍ୟା (B) ଆକସ୍ମିକ ବନ୍ୟା (C) ନଦୀ ବନ୍ୟା (D) ସହରୀ ବନ୍ୟା
9. ଓଡ଼ିଶାର ଉପକୂଳ କେତେ କି.ମି. ପର୍ଯ୍ୟନ୍ତ ବ୍ୟାପ୍ତ ?
   (A) ୪୮୨ କି.ମି. (B) ୪୨୮ କି.ମି. (C) ୨୮୪ କି.ମି. (D) ୮୪୨ କି.ମି.
10. ଆମ ରାଜ୍ୟରେ ହୋଇଥିବା ନଦୀ ବଢ଼ି ମଧ୍ୟରୁ କେଉଁ ମସିହାଟି ଭିନ୍ନ ?
   (A) ୨୦୦୧ (B) ୨୦୦୩ (C) ୨୦୦୮ (C) ୨୦୧୮
11. ନଦୀର ଜଳପତ୍ତନକୁ ଆଧାର କରି ବନ୍ୟା ସ୍ଥିତିକୁ କିଏ ଶ୍ରେଣୀ ବିଭାଗ କରିଥାନ୍ତି ?
   (A) ରାଜ୍ୟ ଜଳ ଆୟୋଗ (B) କେନ୍ଦ୍ରୀୟ ଜଳ ଆୟୋଗ (C) ନଦୀ ନିଗମ (D) ନଦୀ ଜଳ ଆୟୋଗ
12. କେଉଁଟି ଝଡ଼ ତୋଫାନର ପ୍ରଭାବ ନୁହଁ ?
   (A) ବଡ଼ ବଡ଼ ଗଛ ଉପୁଡିବା (B) କୁଆପଥର ସୃଷ୍ଟି
   (C) ଟିଣ ଘର ଉଡିଯିବା (D) ଛାତ ଘରେ ରହିବା
13. କୁଆପଥରର ବ୍ୟାସ ସାଧାରଣତଃ କେତେ ସେ.ମି. ଅଟେ ?
   (A) ୫ ସେ.ମି.ରୁ ୧୫ ସେ.ମି. (B) ୫ ସେ.ମି.ରୁ ୧୦ ସେ.ମି.
   (C) ୧୫ ସେ.ମି. ରୁ ୨୫ ସେ.ମି. (D) ୧୫ ସେ.ମି. ରୁ ୨୦ ସେ.ମି.

14. କୁଆପଥର ସୃଷ୍ଟି ପାଇଁ ବାୟୁସ୍ରୋତ କିପରି ଥିବା ଜଣାଯାଏ ?

(A) ବେଗଶାଳୀ ଊର୍ଦ୍ଧ୍ୱଗାମୀ(B) ବେଶାଳୀ ଅଧଃଗାମୀ(C) ଥଣ୍ଡା ବାୟୁ (D) ଉଷ୍ମ ବାୟୁ

15. ବିଜୁଳିରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତିର ପରିମାଣ କେତେ ?

(A) 25,000°C (B) 30,000°C (C) 35,000°C (D) 40,000°C

16. ବିଜୁଳି ସାଧାରଣତଃ କେତେ ପ୍ରକାର ?

(A) ୨ ପ୍ରକାର (B) ୩ ପ୍ରକାର (C) ୪ ପ୍ରକାର (D) ୫ ପ୍ରକାର

17. କେଉଁ ପ୍ରକାର ବିଜୁଳି ସାଧାରଣତଃ ବିଶେଷ କ୍ଷତିକାରକ ହୋଇଥାଏ ?

(A) ମେଘ ଓ ମେଘ ମଧ୍ୟରେ (B) ମେଘ ଓ ବାୟୁ ମଧ୍ୟରେ

(C) ଦମିତ ବାୟୁ ମଧ୍ୟରେ (D) ମେଘ ଓ ଭୂମି ମଧ୍ୟରେ

18. ବିଜୁଳି ଘଡ଼ଘଡ଼ି ବୃଷ୍ଟିପାତ ହେଉଥିବା ଜାଗାଠାରୁ କେତେ କି.ମି. ଦୂରତା ପର୍ଯ୍ୟନ୍ତ ହୋଇଥାଏ ?

(A) ୫କି.ମି. (B) ୧୦କି.ମି. (C) ୧୫କି.ମି. (D) ୨୦କି.ମି.

19. ବାତ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳମାନଙ୍କ ମଧ୍ୟରୁ କେତୋଟି ଭିନ୍ନ ?

(A) ଆନ୍ଧ୍ରପ୍ରଦେଶ (B) ଗୋଆ (C) ମହାରାଷ୍ଟ୍ର (D) କର୍ଣ୍ଣାଟକ

20. ଚକ୍ରବାତ ସୃଷ୍ଟି ହେବା ପାଇଁ ସମୁଦ୍ର ଜଳପୃଷ୍ଠର ତାପମାତ୍ରା କେତେ ରହିବା ଆବଶ୍ୟକ ?

(A) 27°C ରୁ ଊର୍ଦ୍ଧ୍ୱ (B) 27°C ରୁ କମ୍ (C) 25°C ରୁ ଊର୍ଦ୍ଧ୍ୱ (D) 30°C ରୁ କମ୍

21. ବାତ୍ୟାର ତାଣ୍ଡବଲୀଳା କେଉଁଠି ସଂଗଠିତ ହୋଇଥାଏ ?

(A) ବାତ୍ୟାର ଚକ୍ଷୁର କେନ୍ଦ୍ରରେ (B) ଚକ୍ଷୁ ପ୍ରାଚୀରର ଚାରିପଟେ

(C) ବାତ୍ୟାର ବ୍ୟାସରେ (D) କେଉଁଟି ନୁହଁ

22. ଭାରତୀୟ ଉପମହାଦେଶରେ ହେଉଥିବା ଭୟଙ୍କର ବାତ୍ୟାର ପବନର ବେଗ ଘଣ୍ଟା ପ୍ରତି କେତେ କି.ମି. ଥାଏ ?

(A) ୧୦୦ ରୁ ୨୦୦ କି.ମି. (B) ୧୧୮ ରୁ ୨୨୧ କି.ମି.

(C) ୧୫୦ ରୁ ୨୫୦ କି.ମି. (D) ୨୦୦ କି.ମି. ରୁ ଅଧିକ

23. ଉପମହାଦେଶରେ ହେଉଥିବା ମହାବାତ୍ୟାରେ ପବନର ବେଗ ଘଣ୍ଟା ପ୍ରତି କେତେ କି.ମି. ଥାଏ ?

(A) ୧୦୦ କି.ମି. ରୁ ଊର୍ଦ୍ଧ୍ୱ (B) ୧୫୦ କି.ମି.ରୁ ଊର୍ଦ୍ଧ୍ୱ

(C) ୨୨୨ କି.ମି. ରୁ ଊର୍ଦ୍ଧ୍ୱ (D) ୪୦୦ କି.ମି.ରୁ ଊର୍ଦ୍ଧ୍ୱ

24. କେବେ ଓଡ଼ିଶାରେ ମହାବାତ୍ୟା ହୋଇଥିଲା ?

(A) ୧୯୯୯ ଅକ୍ଟୋବର ୨୯ (B) ୧୯୯୧ ଏପ୍ରିଲ୍ ୩୦

(C) ୧୯୪୨ ଅକ୍ଟୋବର ୧୬ (D) ୨୦୧୯ ମେ ୩

25. ଗତ ୧୦୦ ବର୍ଷ ମଧ୍ୟରେ ଓଡ଼ିଶାରେ ସଂଘଟିତ ହୋଇଥିବା ଡିସେମ୍ବର ମାସରେ ବାତ୍ୟାର ନାମ କ'ଣ ?

(A) ତିତ୍‌ଲି (B) ୟାସ୍ (C) ଜୱାଦ (D) ଅମ୍ପାନ

26. ବାତ୍ୟା ମୁକାବିଲା କ୍ଷେତ୍ରରେ କେଉଁ ରାଜ୍ୟର ଶୂନ୍ୟ କ୍ଷୟକ୍ଷତି ମିଶନ ଅତ୍ୟନ୍ତ ଉଚ୍ଚକୋଟିର ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ?

(A) ଆନ୍ଧ୍ରପ୍ରଦେଶ (B) ପଶ୍ଚିମବଙ୍ଗ (C) ମହାରାଷ୍ଟ୍ର (D) ଓଡ଼ିଶା

27. ବିଶ୍ୱପାଣିପାଗ ସଂସ୍ଥାର ରିପୋର୍ଟ ଅନୁଯାୟୀ କେଉଁ ମସିହାରେ ବିଶ୍ୱରେ ସବୁଠାରୁ ବେଶୀ ତାପମାତ୍ରା ଅନୁଭୂତ ହୋଇଥିଲା ?
(A) ୧୯୯୮ (B) ୧୯୯୦ (C) ୧୯୯୫ (D) ୨୦୦୦

28. ଗ୍ରୀଷ୍ମପ୍ରବାହରେ ନିରବଚ୍ଛିନ୍ନ କେତେ ତାପମାତ୍ରା ରହିଲେ ବୃକ୍ଷଲତା ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥାଏ ?
(A) 40°C (B) 30°C (C) 35°C ରୁ ଅଧିକ (D) 45°C ରୁ ଅଧିକ

29. ମାତ୍ରାଧିକ ଉତ୍ତାପ ବୃଦ୍ଧିକୁ କ'ଣ କହନ୍ତି ?
(A) ମରୁଡ଼ି (B) ବନ୍ୟା (C) ଗ୍ରୀଷ୍ମ ପ୍ରବାହ (D) ଭୂ-କମ୍ପ

30. ସାଧାରଣତଃ ମରୁଡ଼ିର ପ୍ରକାରଭେଦକୁ କେତୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି ?
(A) ୪ଟି (B) ୭ଟି (C) ୩ଟି (D) ୫ଟି

31. କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ହାରାହାରି ବୃଷ୍ଟିପାତ ବିଗତ ୫୦ ବର୍ଷର ବୃଷ୍ଟିପାତ ଠାରୁ ଶତକଡ଼ା ୨୫ ଭାଗ କମ୍ ହେଲେ କେଉଁ ପ୍ରକାର ମରୁଡ଼ି ଜଣାଯାଏ ?
(A) ଜଳାଭାବ ଜନିତ ମରୁଡ଼ି (B) ଫସଲ ହାନି ଜନିତ ମରୁଡ଼ି
(C) ପାଗ ଜନିତ ମରୁଡ଼ି (D) ଅର୍ଥନୈତିକ ମରୁଡ଼ି

32. ବୃଷ୍ଟିପାତର ପରିମାଣ ଯଥେଷ୍ଟ କମିଗଲେ ଫସଲ ବା ଶସ୍ୟହାନି ହୋଇଥାଏ, ଏହାକୁ କେଉଁ ମରୁଡ଼ି ଭାବେ ଜଣାଯାଏ ?
(A) ଜଳଭାବ ଜନିତ ମରୁଡ଼ି (B) ଫସଲ ହାନି ଜନିତ ମରୁଡ଼ି
(C) ପାଗ ଜନିତ ମରୁଡ଼ି (D) ଅର୍ଥନୈତିକ ମରୁଡ଼ି

33. ଭାରତରେ ଶତକଡ଼ା ପ୍ରାୟ କେତେ ଭାଗ ଅଞ୍ଚଳ ମରୁଡ଼ି ପ୍ରବଣ ଭାବେ ଜଣାଯାଏ ?
(A) ପ୍ରାୟ ୬୮ ଭାଗ (B) ପ୍ରାୟ ୭୮ ଭାଗ (C) ପ୍ରାୟ ୫୦ ଭାଗ (D) ପ୍ରାୟ ୬୦ ଭାଗ

34. ଭାରତବର୍ଷରେ ମରୁଡ଼ିର ତୀବ୍ରତା ସାଧାରଣତଃ କାହାଦ୍ୱାରା ପ୍ରଭାବିତ ହୋଇଥାଏ ?
(A) ବର୍ଷା ଋତୁରେ କମ୍ ବୃଷ୍ଟିପାତ (B) ବର୍ଷା ଋତୁରେ ଅଧିକ ବୃଷ୍ଟିପାତ
(C) ଅଧିକ ଉତ୍ତାପ ବୃଦ୍ଧି (D) ମୌସୁମୀ ବାୟୁର ଆଗମନ

35. ମରୁଡ଼ିର ପ୍ରଭାବ ପ୍ରଥମେ କାହା ଉପରେ ପଡ଼ିଥାଏ ?
(A) ସ୍ୱାସ୍ଥ୍ୟ (B) ବାଣିଜ୍ୟ (C) ବୃଷ୍ଟିପାତ (D) କୃଷି

36. ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ କେଉଁ ମସିହାରେ ହୋଇଥିଲା ?
(A) ୧୮୬୦ (B) ୧୯୬୦ (C) ୧୮୬୬ (D) ୧୯୬୬

37. ନ'ଅଙ୍କ ଦୁର୍ଭିକ୍ଷ ଦ୍ୱାରା ଉପକୂଳ ଓଡ଼ିଶାର ପ୍ରାୟ କେତେ ଲୋକଙ୍କ ମୃତ୍ୟୁ ହୋଇଥିଲା ?
(A) ୧୦ଲକ୍ଷରୁ ଊର୍ଦ୍ଧ୍ୱ (B) ୫ ଲକ୍ଷରୁ କମ୍ (C) ଏକ ଲକ୍ଷ (D) ୨୦ ଲକ୍ଷ

38. ବର୍ତ୍ତମାନ ସମୟରେ ଦେଶର ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା କମ୍ କାହିଁକି ?
(A) ପ୍ରଚୁର ଖାଦ୍ୟଶସ୍ୟ ସଞ୍ଚିତ (B) ପ୍ରଚୁର ଉତ୍ପାଦନ
(C) ବଣ୍ଟନ ବ୍ୟବସ୍ଥାରେ ତାରତମ୍ୟ (D) କେଉଁଟି ନୁହେଁ

39. ଓଡ଼ିଶାର ମରୁଡ଼ି ପ୍ରବଣ ଅଞ୍ଚଳ ମଧ୍ୟରୁ କେଉଁଟି ଭିନ୍ନ ?
(A) କଟକ (B) କଳାହାଣ୍ଡି (C) ବଲାଙ୍ଗିର (D) କୋରାପୁଟ

40. ଦେଶର ପ୍ରାୟ କେତେ ଅଂଶ ଅଞ୍ଚଳରେ ବର୍ଷକୁ ୭୫୦ ସେ.ମି.ରୁ କମ୍ ବୃଷ୍ଟିପାତ ଯୋଗୁଁ ମରୁଡ଼ି ପ୍ରବଣ ଭାବରେ ଜଣାଯାଏ ?
(A) ଅଧା ଅଂଶ (B) ଏକ ପଞ୍ଚମାଂଶ (C) ଏକ ଚତୁର୍ଥାଂଶ (D) ଏକ ତୃତୀୟାଂଶ

## ଉତ୍ତର

| | | | | | | | | | |
|---|---|---|---|---|---|---|---|---|---|
| 1. (A) | 2. (B) | 3. (A) | 4. (D) | 5. (D) | 6. (C) | 7. (C) | 8. (A) | 9. (A) | 10. (D) |
| 11. (B) | 12. (D) | 13. (A) | 14. (A) | 15. (B) | 16. (B) | 17. (D) | 18. (C) | 19. (A) | 20. (A) |
| 21. (C) | 22. (C) | 23. (B) | 24. (A) | 25. (B) | 26. (D) | 27. (A) | 28. (D) | 29. (B) | 30. (A) |
| 31. (C) | 32. (B) | 33. (A) | 34. (A) | 35. (D) | 36. (C) | 37. (A) | 38. (A) | 39. (A) | 40. (D) |

2. **ବିପତ୍ତି**

(i) ପ୍ରାକୃତିକ ବା ମନୁଷ୍ୟକୃତ ପ୍ରଭାବ ଯୋଗୁଁ ବହୁତ କ୍ଷତିର ସମ୍ଭାବନା ଥିବା ବିପଦପୂର୍ଣ୍ଣ ଅବସ୍ଥାକୁ ବିପତ୍ତି କୁହାଯାଏ । ଉଦାହରଣ- ପାଣିପାଗ ଜନିତ ବିପ୍ରାତ, ଭୂସ୍ଖଳନ, ଭୂଚଳନ, ଅଗ୍ନିଉଦ୍‌ଗୀରଣ ତଥା ଭୌଗଳୀୟ କାରଣ ।

**ବିପର୍ଯ୍ୟୟ**

(i) କୌଣସି ବିପତ୍ତିର ପ୍ରତିକୂଳ ପ୍ରଭାବ ଅଞ୍ଚଳରେ ସମଗ୍ର ଗୋଷ୍ଠୀର ଜୀବନ ଜୀବିକା, ସମ୍ପତ୍ତି ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହେଲେ ବିପର୍ଯ୍ୟୟ କୁହାଯାଏ ।

(ii) ବିପତ୍ତି ଦ୍ୱାରା ଧନଜୀବନ ହାନି ଘଟିବାକୁ ବିପର୍ଯ୍ୟୟ କୁହାଯାଏ । ପ୍ରାକୃତିକ ତଥା ମନୁଷ୍ୟକୃତ ବିପତ୍ତି ଦ୍ୱାରା ହେଉଥିବା କ୍ଷୟକ୍ଷତି ।

(b) **ପ୍ରାକୃତିକ ବିପତ୍ତି**

(i) ଜୀବମଣ୍ଡଳରେ କ୍ଷତି ଘଟାଇବାର ସାମର୍ଥ୍ୟ ଥିବା ପ୍ରାକୃତିକ ଦୁର୍ଘଟଣାଗୁଡ଼ିକୁ ପ୍ରାକୃତିକ ବିପତ୍ତି କୁହାଯାଏ ।

(ii) ପ୍ରାକୃତିକ ବିପତ୍ତିଗୁଡ଼ିକ ପ୍ରକୃତି ସୃଷ୍ଟ ।

(iii) ପାଣିପାଗଜନିତ ବିପ୍ରାତ, ଭୂସ୍ଖଳନ, ଭୂଚଳନ, ଅଗ୍ନିଉଦ୍‌ଗୀରଣ ତଥା ଭୌଗୋଳୀୟ କାରଣ ଏହାର ଅନ୍ତର୍ଗତ ।

**ମନୁଷ୍ୟକୃତ ବିପତ୍ତି**

(i) ବ୍ୟକ୍ତିଗତ ତଥା ସାମୂହିକ ଭାବେ ମନୁଷ୍ୟ ଦ୍ୱାରା ସଂଗଠିତ ହେଉଥିବା ବିପତ୍ତିକୁ ମନୁଷ୍ୟକୃତ ବିପତ୍ତି କୁହାଯାଏ ।

(ii) ମନୁଷ୍ୟକୃତ ବିପତ୍ତିଗୁଡ଼ିକ ମନୁଷ୍ୟର ଅସାବଧାନତା ଦ୍ୱାରା ସୃଷ୍ଟି ।

(iii) ବିଭିନ୍ନ ଶିଳ୍ପ ଓ ବିଜ୍ଞାନଗତ କାରଣ ଏହାର ଅନ୍ତର୍ଗତ ।

(c) **ଆକସ୍ମିକ ବନ୍ୟା**

(i) ଖୁବ୍ ଯୋଗରେ ବର୍ଷା ହେଲେ ବା ପାର୍ବତ୍ୟ ଅଞ୍ଚଳରେ ଅଧିକ ବରଫ ତରଳିବା ଦ୍ୱାରା ଆକସ୍ମିକ ବନ୍ୟା ହୁଏ ।

(ii) ଅତି ବେଗଶାଳୀ ଜଳଧାରା ନିଜ ଗତି ପଥରେ ଥିବା ସମସ୍ତ ଜିନିଷ ଧୋଇ ନେଇଥାଏ ।

(iii) ଏହାର ପ୍ରକୋପ ସୀମିତ ଅଞ୍ଚଳରେ ପଡିଥାଏ ଏବଂ ଧନଜୀବନ ବ୍ୟାପକ ହାନି ଘଟେ ।

**ସହରୀ ବନ୍ୟା**

(i) ଲଗାଣ ବର୍ଷା ଯୋଗୁଁ ବୃଷ୍ଟିଜଳ ସହରସ୍ଥ ଜଳ ନିଷ୍କାସନ ବ୍ୟବସ୍ଥା ଦ୍ୱାରା ପରିବାହିତ ନ ହୋଇ ସହରୀ ବନ୍ୟା ସୃଷ୍ଟି ହୋଇଥାଏ ।

(ii) ପ୍ରାକୃତିକ ଜଳବାହୀ ନଥିବା ସହର ଗୁଡ଼ିକ ବିଶେଷ ଭାବରେ ପ୍ରଭାବିତ ହୁଅନ୍ତି ।

(iii) ସାଧାରଣ ଜୀବନଯାତ୍ରା ବ୍ୟାହତ ହୁଏ ।

(d) **କ୍ରାନ୍ତୀୟ ମଣ୍ଡଳୀୟ ବାତ୍ୟା**

(i) କ୍ରାନ୍ତୀୟମଣ୍ଡଳୀୟ ବାତ୍ୟାଗୁଡ଼ିକ ସମୁଦ୍ରପୃଷ୍ଠରେ ଉତ୍ପତ୍ତି ଲାଭ କରିଥାଏ । ସମୁଦ୍ର ପୃଷ୍ଠରେ ସୃଷ୍ଟି ଲଘୁଚାପ କେନ୍ଦ୍ରରେ ବାୟୁର ଚାପ ହ୍ରାସ ପାଇଁ ଏହା ସୃଷ୍ଟି ହୋଇଥାଏ ।

(ii) ଏହାର ଉତ୍ପତ୍ତିସ୍ଥଳ କ୍ରାନ୍ତିମଣ୍ଡଳରେ ହୋଇଥାଏ । (iii) ଏହା ଲଘୁଚାପ ସୃଷ୍ଟି ଦ୍ୱାରା ହୋଇଥାଏ ।

**ନାତିଶୀତୋଷ୍ଣ ମଣ୍ଡଳୀୟ ବାତ୍ୟା**

(i) ନାତିଶୀତୋଷ୍ଣ ମଣ୍ଡଳୀୟ ବାତ୍ୟାଗୁଡ଼ିକ ଦୁଇଟି ବିପରୀତ ଗୁଣାବଳୀ ବିଶିଷ୍ଟ ଉଷ୍ଣ ଓ ଶୀତଳ ବାୟୁର ମିଳନସ୍ଥଳରେ ସୃଷ୍ଟି ହୋଇଥାନ୍ତି ।

(ii) ଏହାର ଉତ୍ପତ୍ତିସ୍ଥଳ ନାତିଶୀତୋଷ୍ଣ ମଣ୍ଡଳୀୟ ଅଞ୍ଚଳରେ ହୋଇଥାଏ ।

(iii) ଏହା ଉଷ୍ଣ ଓ ଶୀତଳ ବାୟୁର ମିଳନ ଫଳରେ ସୃଷ୍ଟି ହୋଇଥାଏ ।

(e) **ବିଜୁଳି**

(i) ମେଘ ମେଘ ମଧ୍ୟରେ କିମ୍ବା ମେଘ ଓ ଭୂମି ମଧ୍ୟରେ ଥିବା ପରସ୍ପର ବିପରୀତ ଚାର୍ଜର ମିଳନ ଯୋଗୁଁ ବିଜୁଳି ଉତ୍ପନ୍ନ ହୁଏ ।

(ii) ବିଦ୍ୟୁତ୍‌ତ୍ମକ ଚାର୍ଜର ଗତିଶୀଳତା ହିଁ ବିଜୁଳି ସୃଷ୍ଟିର କାରଣ ।

**ଘଡ଼ଘଡ଼ି**

(i) ବିଜୁଳିରୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇ ସନ୍ନିକଟ ବାୟୁକୁ ଉତ୍ତପ୍ତ କରିବା ଫଳରେ ଏହା ପ୍ରଚଣ୍ଡ ବେଗରେ ପ୍ରସାରିତ ହୋଇ ଯେଉଁ ଶବ୍ଦ ସୃଷ୍ଟି କରେ ତାହାକୁ ଘଡ଼ଘଡ଼ି କୁହାଯାଏ ।

(ii) ବିଜୁଳିରୁ ହିଁ ଘଡ଼ଘଡ଼ିର ସୃଷ୍ଟି ଏହା ବାତ୍ୟାର ପର ସତର୍କତା ।

(f) **ବାତ୍ୟାର ପୂର୍ବ ସତର୍କତା**

(i) ପାଗ ଉପରେ ସତର୍କ ଦୃଷ୍ଟି ରଖିବା ସହିତ ରେଡ଼ିଓ, ଡାକବାଜି ଯନ୍ତ୍ରର ସତର୍କ ସୂଚନା ପ୍ରତି ଧ୍ୟାନ ଦେବା ।

(ii) ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚିବା ପାଇଁ ନିରାପତ୍ତା ରାସ୍ତା ସ୍ଥିର କରିବା ।

(iii) ଜରୁରୀକାଳୀନ ଜିନିଷର ତଦାରଖ କରିବା ।

**ବାତ୍ୟାର ପର ସତର୍କତା**

(i) ସରକାରୀ ଘୋଷଣା ନପାଇବା ଯାଏଁ ବାହାରକୁ ଯିବା ଅନୁଚିତ୍ ।

(ii) ଗ୍ୟାସ ତଥା ଓଦା ହୋଇଥିବା ବିଦ୍ୟୁତ୍ ଉପକରଣ ପ୍ରତି ସତର୍କ ରହିବା ଉଚିତ୍ ।

(iii) ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ଉପକରଣ ତଥା ତାର ପ୍ରତି ସତର୍କ ରହିବା ଉଚିତ ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

1. ବନ୍ୟା କିପରି ହୁଏ ? ଏହାର ପ୍ରକାରଭେଦ ବିଷୟରେ ଧାରଣା ଦିଅ ।

ଉ– (i) ସାଧାରଣ ସମୟରେ ଶୁଖିଲା ରହୁଥିବା ଭୂଭାଗ ଜଳମଗ୍ନ ହୋଇଗଲେ ତାହାକୁ ବନ୍ୟା କୁହାଯାଏ । ପ୍ରବଳ ବର୍ଷା କିମ୍ବା ବହୁତ ଦିନ ଧରି ମୌସୁମୀ ତଥା ଝଡ଼ ତୋଫାନଜନିତ ବର୍ଷା ଲାଗି ରହିଲେ ବନ୍ୟା ହୋଇଥାଏ । ଏହା ସାଧାରଣତଃ ୫ ପ୍ରକାର ।

(ii) ଆକସ୍ମିକ ବନ୍ୟା : ଏହା ସାଧାରଣତଃ ଖୁବ୍ ଜୋର୍‌ରେ ବର୍ଷା ହେଲେ ବା ପାର୍ବତ୍ୟ ଅଞ୍ଚଳର ବରଫ ତରଳିବା କାରଣରୁ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ ।

(iii) ଉପକୂଳ ବନ୍ୟା : ଉଚ୍ଚ ଜୁଆର ସମୟରେ ଅଧିକ ବେଗରେ ପବନ ବହିବା ଯୋଗୁଁ ସାମୁଦ୍ରିକ ଢେଉ ଉପୂକଳ ଅଞ୍ଚଳରେ ଯେଉଁ ବନ୍ୟା ପରିସ୍ଥିତି ସୃଷ୍ଟି କରି କ୍ଷୟକ୍ଷତି କରାଏ, ତାହାକୁ ଉପକୂଳ ବନ୍ୟା କୁହାଯାଏ ।

(iv) ନଦୀ ଶଯ୍ୟା : ନଦୀ ଅବବାହିକା ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ଯୋଗୁଁ କୂଳ ଲଙ୍ଘନ କରି ପ୍ଲାବନ ଭୂମି ଯେଉଁ ବନ୍ୟା ପରିସ୍ଥିତି ସୃଷ୍ଟି କରିଥାଏ ତାହାକୁ ନଦୀ ବନ୍ୟା କୁହାଯାଏ ।

(v) ସହରୀ ବନ୍ୟା : ଲଗାଣ ବର୍ଷା ଯୋଗୁଁ ବୃଷ୍ଟି ଜଳ ନିଷ୍କାସନ ନ ହୋଇ ସହରରେ ବନ୍ୟା ପରି ପରିସ୍ଥିତି ସୃଷ୍ଟି କରିଥାଏ । ଘନ ଜନବସତି ସହିତ ରାସ୍ତାଘାଟ ଆଦିର ନିର୍ମାଣ ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହୋଇ ସହରୀ ବନ୍ୟା ସୃଷ୍ଟି ହୋଇଥାଏ ।

(vi) ଲଗାଣ ବୃଷ୍ଟି ଜନିତ ବନ୍ୟା : ସମତଳ ଅଞ୍ଚଳରେ ବର୍ଷାଜଳ ଭୂମିଦ୍ୱାରା ଅବଶୋଷିତ ନ ହୋଇ ଖାଲୁଆ ଅଞ୍ଚଳ ଜଳମଗ୍ନ ଯୋଗୁଁ ଏପରି ହୋଇଥାଏ । ଏହାଦ୍ୱାରା ଗ୍ରାମାଞ୍ଚଳରେ କୃଷି ତଥା ଅନ୍ୟାନ୍ୟ ଆର୍ଥିକ କାର୍ଯ୍ୟ କ୍ଷତିଗ୍ରସ୍ତ ହୋଇଥାଏ ।

2. **ଓଡ଼ିଶାରେ ବନ୍ୟାର ପ୍ରଭାବ ସମ୍ପର୍କରେ ବିବରଣୀ ପ୍ରଦାନ କର ।**

**ଉ-** (i) ଓଡ଼ିଶାରେ ପ୍ରବାହିତ ମହାନଦୀ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ, ବୈତରଣୀ ଆଦି ନଦୀ ତଥା ଉପନଦୀରେ ବନ୍ୟାର ପ୍ରକୋପ ଅଧିକ ଅନୁଭୂତ ହୋଇଥାଏ ।

(ii) ଓଡ଼ିଶାର ୪୮୨କି.ମି. ଉପୂକଳର୍ତ୍ତୀ ଅଞ୍ଚଳରେ ସାମୁଦ୍ରିକ ଢେଉ ତଥା ଝଡ଼ବାତ୍ୟା ଦ୍ୱାରା ଅଧିକ କ୍ଷୟକ୍ଷତି ହେବାର ସମ୍ଭାବନା ଥାଏ ।

(iii) ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷାଜଳ ସଠିକ୍ ଭାବରେ ନିଷ୍କାସନ ନ ହେବା ଫଳରେ ବନ୍ୟାର ପ୍ରକୋପ ଅଧିକ ହେବାର ସମ୍ଭାବନା ଥାଏ ।

(iv) ମୃତ୍ତିକା କ୍ଷୟ ସହ ନଦୀଶଯ୍ୟା ପୋତି ହେବା କାରଣରୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ଯୋଗୁଁ ଧନଜୀବନ କ୍ଷତିଗ୍ରସ୍ତ ହୋଇଥାଏ ।

3. **କେନ୍ଦ୍ରୀୟ ଜଳ ଆୟୋଗ କେଉଁ ଆଧାରରେ ବନ୍ୟାର ଶ୍ରେଣୀ ବିଭାଗ କରିଛନ୍ତି, ତାହା ବର୍ଣ୍ଣନା କର ।**

**ଉ-** ଜଳ ଆୟୋଗ ଜଳପତ୍ତନକୁ ଆଧାର କରି ବନ୍ୟା ସ୍ଥିତିକୁ ୪ଟି ଶ୍ରେଣୀରେ ବିଭକ୍ତ କରିଛନ୍ତି । ଯଥା-

(i) **ସାମାନ୍ୟ ବନ୍ୟା :** ନଦୀ ଜଳସ୍ତର ସତର୍କ ରେଖାଠାରୁ ନିମ୍ନରେ ପ୍ରବାହିତ ହେଉଥିଲେ, ତାହାକୁ ସାମାନ୍ୟ ବନ୍ୟା କୁହାଯାଏ ।

(ii) **ମଧ୍ୟ ଧରଣର ବନ୍ୟା :** କୌଣସି ନଦୀର ଜଳସ୍ତର ଯେତେବେଳେ ସତର୍କ ରେଖାଠାରୁ ଉର୍ଦ୍ଧ୍ୱରେ ଓ ବିପଦ ସଙ୍କେତ ସ୍ତରଠାରୁ ନିମ୍ନରେ ପ୍ରବାହିତ ହେଉଥାଏ ତାହାକୁ ମଧ୍ୟମ ଧରଣର ବନ୍ୟା କୁହାଯାଏ । ଏହାର ସୂଚନା ପାଇଁ ହଳଦିଆ ରଙ୍ଗ ବ୍ୟବହାର କରାଯାଏ ।

(iii) **ପ୍ରବଳ ବନ୍ୟା :** ଜଳସ୍ତର ଯେତେବେଳେ ବିପଦ ସଙ୍କେତ ସ୍ତରଠାରୁ ଉର୍ଦ୍ଧ୍ୱରେ ମାତ୍ରା ସର୍ବାଧିକ ବନ୍ୟା ସ୍ତରଠାରୁ ନିମ୍ନରେ ଥାଏ ତାହାକୁ ପ୍ରବଳ ବନ୍ୟା ଶ୍ରେଣୀଭୁକ୍ତ କରାଯାଇଛି । ଏହାର ସୂଚନା ପାଇଁ କମଳା ରଙ୍ଗକୁ ବ୍ୟବହାର କରାଯାଏ ।

(iv) **ପ୍ରଳୟଙ୍କାରୀ ବନ୍ୟା :** ନଦୀର ଜଳସ୍ତର ବନ୍ୟାଜଳ ପରିମାପକ କେନ୍ଦ୍ରରେ ଲିପିବଦ୍ଧ ଥିବା ସର୍ବୋଚ୍ଚ ସଙ୍କେତର ଉର୍ଦ୍ଧ୍ୱକୁ ଚାଲିଯାଏ, ତାହାକୁ ପ୍ରଳୟଙ୍କାରୀ ବନ୍ୟା କୁହାଯାଏ । ଏହି ପ୍ରକାର ବନ୍ୟାର ସୂଚନା ପାଇଁ ଲାଲ ରଙ୍ଗର ବୁଲେଟିନ୍ ବ୍ୟବହାର କରାଯାଏ ।

4. **ବନ୍ୟାର ପ୍ରଭାବ ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରକୁ କିପରି ପ୍ରଭାବିତ କରିଥାଏ ?**

**ଉ-** (i) ବନ୍ୟା ହେବା ଫଳରେ ବହୁସ୍ଥାନରେ ସଡ଼କ ଓ ରେଳପଥ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥାଏ, ଫଳରେ ଗମନାଗମନ ଠପ୍ ହୋଇଯାଏ ।

(ii) ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ଯୋଗୁଁ ଯୋଗାଯୋଗ ସମ୍ଭବ ହୋଇନଥାଏ ।

(iii) ଫସଲ ହାନି ସହିତ ପଶୁ ସମ୍ପଦ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥାଏ ।

(iv) ରନ୍ଧା ଖାଦ୍ୟ ଓ ପାନୀୟ ଜଳର ଉତ୍କଟ ଅଭାବ ଦେଖାଯାଏ ।

(v) ଦୂଷିତ ଜଳ ଜନିତ କାମଳ, ହଇଜା, ମହାମାରୀ ଆଦି ରୋଗ ବ୍ୟାପିଥାଏ ।

(vi) ସାପ କାମୁଡ଼ା ଯୋଗୁଁ ଅନେକ ଲୋକଙ୍କର ଅକାଳ ମୃତ୍ୟୁ ହୋଇଥାଏ ।

(vii) ବନ୍ୟା ହେବା ଫଳରେ ଲୋକମାନଙ୍କର ସାମାଜିକ ତଥା ଆର୍ଥିକ ସ୍ଥିତି ଅଧିକମାତ୍ରାରେ ପ୍ରଭାବିତ ହୋଇଥାଏ ।

**5. ବନ୍ୟା ସମୟରେ ଘର ଛାଡ଼ିବା ପୂର୍ବରୁ କେଉଁ କାର୍ଯ୍ୟପ୍ରତି ସତର୍କ ରହିବା ଜରୁରୀ ?**

**ଉ–** ବନ୍ୟା ସମୟରେ ଆବଶ୍ୟକ ପଡ଼ିଲେ ଘର ଛାଡ଼ି ଏକ ନିରାପତ୍ତା ସ୍ଥାନକୁ ଯିବାକୁ ପଡ଼ିଥାଏ । ତେବେ ଘର ଛାଡ଼ିବା ଜନ ସାଧାରଣଙ୍କୁ ନିମ୍ନୋକ୍ତ ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ ।

(i) ନିଜର ମୂଲ୍ୟବାନ ପଦାର୍ଥ ତଥା କାଗଜପତ୍ର ଗୁଡ଼ିକୁ ସାଙ୍ଗରେ ନେବ ।

(ii) ଜଳ ନିରୋଧି ପଲିଥିନ ବ୍ୟାଗରେ ଖାଦ୍ୟଶସ୍ୟ ଭରି ସେଗୁଡ଼ିକୁ ଥାକ କିମ୍ବା ତାଜା ଉପରେ ସୁରକ୍ଷିତ ଭାବରେ ରଖିନେବ ।

(iii) ନର୍ଦ୍ଦମା ପାଣି ପାଇଖାନା ଦେଇ ଘର ଭିତରକୁ ନ ଆସିବା ପାଇଁ ଗୋଟିଏ ବାଲିବସ୍ତା ପାଇଖାନା ଉପରେ ରଖିଦେବ ।

(iv) ଗ୍ୟାସ୍ ସିଲିଣ୍ଡର, ପାଣି ଟ୍ୟାପ୍, ବିଜୁଳି ସୁଇଚ୍ ସବୁ ବନ୍ଦ କରିଦେବ ।

(v) ଗୃହପାଳିତ ପଶୁଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣର ବ୍ୟବସ୍ଥା କରିବା ।

**6. ବନ୍ୟା ପରବର୍ତ୍ତୀ ସମୟରେ କେଉଁ ସତର୍କତା ମୂଳକ ପଦକ୍ଷେପ ପାଇଁ ଜାଗ୍ରତ ହେବା ଜରୁରୀ ?**

**ଉ–** (i) ଜରୁରୀ ତଥା ମୂଲ୍ୟବାନ ପଦାର୍ଥ ରଖିଥିବା ମୁଣିଟିକୁ ଶୁଖିଲା ଓ ନିରାପଦ ସ୍ଥାନରେ ରଖିବ ।

(ii) ବନ୍ୟାଜଳରେ ଭିଜି ଯାଇଥିବା ଖାଦ୍ୟପଦାର୍ଥ ଗ୍ରହଣ କରିବା ନାହିଁ ।

(iii) ପାଣିକୁ ଫୁଟାଇ ଛାଣିକି ପିଇବା ଉଚିତ୍ ।

(iv) ବନ୍ୟାଜଳ ସଂସ୍ପର୍ଶରେ ଆସିଥିବା ବିଦ୍ୟୁତ୍ ସରଞ୍ଜାମ ଗୁଡ଼ିକ ସତର୍କତାର ସହିତ ବ୍ୟବହାର କରିବା ।

(v) ପଲିଥିନ୍, ଛତା ଓ ଗୋଟିଏ ଠେଙ୍ଗା ପାଖରେ ରଖିବ ।

(vi) ପାଣି ଜମିଥିବା ସ୍ଥାନ ବା ରାସ୍ତା ପାରିହେବ ନାହିଁ କାରଣ ଜଳ ସଂକ୍ରମିତ ହୋଇଥାଇପାରେ ।

**7. ବିଜୁଳି ଓ ଘଡ଼ଘଡ଼ିରୁ ନିଜକୁ ରକ୍ଷା କରିବା ପାଇଁ କେଉଁ କେଉଁ ସତର୍କତା ମୂଳକ ପଦକ୍ଷେପ ନେବା ?**

**ଉ–** ବିଜୁଳି ଘଡ଼ଘଡ଼ି ବୃଷ୍ଟିପାତ ହେଉଥିବା ଜାଗା ଠାରୁ ୧୫ କି.ମି. ଦୂରତା ପର୍ଯ୍ୟନ୍ତ ହୋଇପାରେ । ଏଥିରୁ ରକ୍ଷା ପାଇବା ପାଇଁ ପ୍ରାଥମିକ ଭାବରେ ନିମ୍ନୋକ୍ତ ସତର୍କତା ଅବଲମ୍ବନ କରାଯାଇପାରେ ।

(i) ଘର ବାହାରେ ଥିଲେ ଝଡ଼ ଆସିବା ପୂର୍ବରୁ ଏକ ନିବୁଜ କୋଠରୀ ମଧ୍ୟରେ ଆଶ୍ରୟ ନେବା ଆବଶ୍ୟକ ।

(ii) କୌଣସି ଗଛ ମୂଳରେ ନ ରହି ଗଛର ଉଚ୍ଚତା ଠାରୁ ଦୁଇଗୁଣ ଦୂର ଖୋଲା ଜାଗାକୁ ଚାଲିଯିବା ଦରକାର ।

(iii) ଘାସ ପଡ଼ିଆରେ ଦୁଇ ହାତରେ ବେକକୁ ଧରି ମୁହଁ ଭୂମି ଆଡ଼କୁ କରି ବସି ରହିବା ଉଚିତ୍ ।

(iv) କୌଣସି ଧାତବ ପଦାର୍ଥ ଠାରୁ ନିଜକୁ ଦୂରେଇ ରଖିବା ।

(v) ପାଣିରୁ ବାହାରକୁ ଚାଲି ଆସିବା ଉଚିତ୍ ଏବଂ ଡଙ୍ଗା ବ୍ୟବହାର କରିବା ଅନୁଚିତ୍ ।

(vi) କୌଣସି ଉଚ୍ଚ ସ୍ଥାନକୁ ଯିବା ଅନୁଚିତ୍ ।

**8. ଗ୍ରୀଷ୍ମ ପ୍ରବାହରୁ ନିଜକୁ ଦୂରେଇ ରଖିବା ପାଇଁ କେଉଁ କେଉଁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ?**

**ଉ–** (i) ଗ୍ରୀଷ୍ମ ଋତୁ ସମୟରେ ହାଲୁକା ପୋଷାକ ପିନ୍ଧିବା ଉଚିତ୍ ।

(ii) ଯେତେ ସମ୍ଭବ ଖରାଠାରୁ ଦୂରେଇ ରହିବା ଉଚିତ୍ ।

(iii) ଗୃହପାଳିତ ପଶୁମାନଙ୍କୁ ଛାଇରେ ବାନ୍ଧି ରଖିବା ସହିତ ଯଥେଷ୍ଟ ପାଣି ଦେବା ଉଚିତ୍ ।

(iv) ଅଧିକ କ୍ଳାନ୍ତ ହେବା ପରି କୌଣସି କାର୍ଯ୍ୟ କରିବା ଅନୁଚିତ୍ ।

(v) କଞ୍ଚା ପିଆଜ ଖାଇବା ଉଚିତ୍ ଯାହାଦ୍ୱାରା ଶରୀରର ତାପମାତ୍ରା ନିୟନ୍ତ୍ରଣ ହୋଇପାରିବ ।

(vi) ସାଙ୍ଗରେ ଛତା, ଜୋତା ଓ ପାଣି ବୋତଲ ନେଇ ବାହାରକୁ ଯିବା ।

**9. ମରୁଡ଼ିର ପ୍ରକାରଭେଦ ବିଷୟରେ ବିବରଣୀ ପ୍ରଦାନ କର ?**

**ଉ–** (i) କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ହାରାହାରି ବୃଷ୍ଟିପାତ ବିଗତ ୫୦ ବର୍ଷର ହିସାବରେ ଶତକଡ଼ା ୨୫ ଭାଗ ବା ତା'ଠାରୁ ଅଧିକ ଭାଗ କମ୍ ବୃଷ୍ଟିପାତ ହେଲେ ତାହାକୁ ପାଗ ଜନିତ ମରୁଡ଼ି କୁହାଯାଏ ।

(ii) **ଉତ୍କଟ ଜଳାଭାବ ଜନିତ ମରୁଡ଼ି :** ପାଗଜନିତ ମରୁଡ଼ି ଦୀର୍ଘ ସମୟ ପାଇଁ ଲାଗି ରହିଲେ ଉତ୍କଟ ଜଳାଭାବ ଜନିତ ମରୁଡ଼ିତ କୁହାଯାଏ ।

(iii) **ଫସଲହାନି ଜନିତ ମରୁଡ଼ି :** ବୃଷ୍ଟିପାତର ପରିମାଣ ଯଥେଷ୍ଟ କମିଗଲେ, ଫସଲ ବଢ଼ିବା ପାଇଁ ଉପଯୁକ୍ତ ପରିବେଶ ମିଳେ ନାହିଁ । କୌଣସି ଏକ ଅଞ୍ଚଳରେ ମୁଖ୍ୟ ଫସଲଟି କ୍ଷତିଗ୍ରସ୍ତ ହୋଇ ମରୁଡ଼ି ପଡ଼ିଛି ବୋଲି ବିଚାର କରାଯାଏ, ତାହାକୁ ଫସଲ ହାନି ଜନିତ ମରୁଡ଼ି କୁହାଯାଏ ।

(iv) **ସାମାଜିକ ଓ ଆର୍ଥନୈତିକ ମରୁଡ଼ି :** ପୂର୍ବ କଥିତ ବିଭିନ୍ନ କାରଣ ଯୋଗୁଁ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇ ଅର୍ଥନୈତିକ ଦ୍ରବ୍ୟର ଯୋଗାଣ ଓ ଚାହିଦା ଜନିତ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଥାଏ । ଏ ପ୍ରକାର ଅବସ୍ଥାକୁ ସାମାଜିକ ଓ ଅର୍ଥନୈତିକ ମରୁଡ଼ି କୁହାଯାଏ ।

**10. ଭାରତରେ ମରୁଡ଼ି ପରିସ୍ଥିତିକୁ ପ୍ରତିହତ କରିବା ପାଇଁ କୃଷକମାନେ କିପରି ପ୍ରସ୍ତୁତ ରହିବେ ?**

**ଉ–** ଭାରତ ବର୍ଷରେ ବାରମ୍ବାର ମରୁଡ଼ି ପରିସ୍ଥିତି ଉପୁଜୁଛି । ଏଥିରୁ ନିଜକୁ ରକ୍ଷା କରିବା ପାଇଁ ବିଭିନ୍ନ ପଦକ୍ଷେପମାନ ନେବେ ଯଥା:-

(i) ମରୁଡ଼ି ପରିସ୍ଥିତିରେ ବଢ଼ି ପାରୁଥିବା ଶସ୍ୟ ରୋପଣ କରିବା ଦରକାର ।

(ii) ମରୁଡ଼ି ପ୍ରବଣ ଅଞ୍ଚଳରେ କୃଷି ବ୍ୟତୀତ ଅନ୍ୟାନ୍ୟ କାମଧନ୍ଦା ଆରମ୍ଭ କରିବା ଉଚିତ୍ ।

(iii) ସ୍ଥାନୀୟ ଜଳ ଅମଳର ଉପାୟଗୁଡ଼ିକ ପ୍ରୋତ୍ସାହିତ କରିବା ସହିତ ଜଳ ଛାୟା ପ୍ରକଳ୍ପର ବିକାଶ ଜରୁରୀ ।

(iv) ଜଳକୁ ସଞ୍ଚୟ କରି ରଖିବା ସହିତ ଜଳ ଅବଶୋଷିତ ସେବା ଭଳି ବୃକ୍ଷ ରୋପଣ କରିବା ଦରକାର ।

(v) ମରୁଡ଼ି ସମୟରେ ଗୋରୁ ଗାଇ ଚାରଣକୁ ନିୟନ୍ତ୍ରଣ କରିବା ଉଚିତ୍ ।

## ଭୌଗୋଳିକ କାରଣ ଦର୍ଶାଅ (୨ ମାର୍କ)

**୧ । (କ) ଆଞ୍ଚଳିକ ମରୁଡ଼ିର ପୂର୍ବାନୁମାନ କରିବା କଷ୍ଟକର ।**

**ଉ–** (i) ସାଧାରଣତଃ ସମଗ୍ର ଦେଶରେ ଏକ ସମୟରେ ମରୁଡ଼ି ଦେଖାଯାଏ ନାହିଁ ।

(ii) ମରୁଡ଼ି ସାଧାରଣତଃ ଅଞ୍ଚଳ ଭିତ୍ତିରେ ପରିଲକ୍ଷିତ ହୋଇଥାଏ ।

(iii) ଏପରି ସ୍ଥଳେ ଏଲ୍‌ନିନୋର କୌଣସି ସମ୍ପର୍କ ନଥାଏ । ତେଣୁ ଅଞ୍ଚଳ ଭିତ୍ତିରେ ମରୁଡ଼ିର ପୂର୍ବାନୁମାନ କରିବା କଷ୍ଟ ।

**(ଖ) ବାତ୍ୟା ପରେ ସର୍ତକତାମୂଳକ ପଦକ୍ଷେପ ଜରୁରୀ :**

**ଉ–** (i) ବାତ୍ୟା ଯୋଗୁଁ ବିଭିନ୍ନ କ୍ଷୟକ୍ଷତି ଘଟିଥାଏ ଏବଂ କ୍ଷୟକ୍ଷତି ଅଧିକ ବିପଦ ସୃଷ୍ଟି କରିବାର ସମ୍ଭାବନା ଥାଏ ।

(ii) ବାତ୍ୟା ସମୟ ପରେ ବିଭିନ୍ନ ବିଷାକ୍ତ ସର୍ପ କାମୁଡ଼ାରେ ପ୍ରାଣହାନି ହେବାର ସମ୍ଭାବନା ଥାଏ ।

(iii) ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ପ୍ରତି ସତର୍କତାମୂଳକ ପଦକ୍ଷେପ ନେବା ଜରୁରୀ ।

(iv) ବର୍ଷାଜଳ ଦ୍ୱାରା ଓଦା ହୋଇଥିବା ବିଦ୍ୟୁତ୍ ସରଞ୍ଜାମ ପ୍ରତି ସତର୍କତା ମୂଳକ ପଦକ୍ଷେପ ନେବା ଜରୁରୀ ।

**(ଗ) ଘୂର୍ଣ୍ଣିଝଡ଼ର ପ୍ରାକ୍ ସୂଚନା ଜରୁରୀ ।**

**ଉ–** (i) ଘୂର୍ଣ୍ଣିଝଡ଼ ସ୍ଥାନୀୟ ଭାବେ ସଂଗଠିତ ହୋଇଥାଏ ।

(ii) ଏହା ଖୁବ୍ କମ୍ ସମୟ ମଧରେ ସୃଷ୍ଟି ହୋଇଥାଏ ଏବଂ ଏହାର ନିର୍ଦ୍ଦିଷ୍ଟ ସ୍ଥାନ ବିଷୟରେ କଳ୍ପନା କରିବା ଅସମ୍ଭବ ।

(iii) ଘୂର୍ଣ୍ଣିଝଡ଼ ଦ୍ୱାରା ଅଧିକ ଧନଜୀବନ କ୍ଷୟକ୍ଷତିର ସମ୍ଭାବନା ଥିବାରୁ ଏହାର ପ୍ରାକ୍ ସୂଚନା ଜରୁରୀ ।

**(ଘ) ବନ୍ୟାର ପ୍ରକାର ତଥା ତଦ୍‌ଜନିତ କ୍ଷୟକ୍ଷତି ବିଷୟରେ ଜାଣିବାର ଆବଶ୍ୟକତା ରହିଛି ।**

**ଉ–** (i) ବନ୍ୟା ଆମ ଦେଶ ତଥା ପୃଥିବୀର ବ୍ୟାପକ ଅଞ୍ଚଳରେ ତାଣ୍ଡବଲୀଳା ରଚନା କରିଥାଏ ।

(ii) ବନ୍ୟା ଯୋଗୁଁ ପ୍ରତି ବର୍ଷ ପ୍ରାୟ ଚାରି ଶହ କୋଟି ଟଙ୍କାର ଧନହାନି ସହ ବହୁ ଲୋକଙ୍କ ମୃତ୍ୟୁ ଘଟିଥାଏ ।

(iii) ବନ୍ୟା ଯୋଗୁଁ ଯେକୌଣସି ଅଞ୍ଚଳରେ କ୍ଷୟକ୍ଷତି ହେବାର ସମ୍ଭାବନା ଥିବାରୁ ଏହାର ପ୍ରକାର ଓ କ୍ଷୟକ୍ଷତି ବିଷୟରେ ଜାଣିବା ଆବଶ୍ୟକ ।

**(ଙ) ବନ୍ୟା ଦ୍ୱାରା ଲୋକମାନଙ୍କ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଦୋହଲି ଯାଇଥାଏ ।**

**ଉ–** (i) ବନ୍ୟା ଯୋଗୁଁ ବହୁ ସ୍ଥାନରେ ସଡ଼କ ଓ ରେଳପଥ କ୍ଷତିଗ୍ରସ୍ତ ହୋଇଥାଏ ।

(ii) ଫସଲହାନି ହେବା ସହିତ ପଶୁ ସମ୍ପଦ କ୍ଷତିଗ୍ରସ୍ତ ହୋଇଥାଏ ।

(iii) ରନ୍ଧା ଖାଦ୍ୟ ତଥା ସ୍ୱଚ୍ଛ ପାନୀୟଜଳର ଉତ୍କଟ ସମସ୍ୟା ଦେଇଥାଏ ।

# ECONOMICS

# ଦ୍ୱିତୀୟ ଅଧ୍ୟାୟ - ଅର୍ଥନୈତିକ ବ୍ୟବସ୍ଥା

# ୩ୟ ପାଠ : ଦାରିଦ୍ର୍ୟ

# MCQ

**1.** **ଉନ୍ନତି ଜୀବନଧାରଣର ଦକ୍ଷତାବୃଦ୍ଧି ଓ ସର୍ବନିମ୍ନ ମୌଳିକ ଆବଶ୍ୟକତାର ଅକ୍ଷମତାକୁ କ'ଣ କୁହାଯାଏ ?**
(A) ଅଭାବ (B) ଦାରିଦ୍ର୍ୟ (C) ପୃଷ୍ଟିହୀନତା (D) ଅନୁନ୍ନତା ଅବସ୍ଥା

**2.** **ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କର ଦୈନିକ ମୁଣ୍ଡପିଛା କେତେ କ୍ୟାଲୋରୀ ଆବଶ୍ୟକତା ରହିଛି ?**
(A) 2400 (B) 2600 (C) 2100 (D) 2300

**3.** **ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ପ୍ରାକ୍ କାଳରେ ସହରାଞ୍ଚଳ ପାଇଁ କେତେ ଟଙ୍କା ଧାର୍ଯ୍ୟ କରାଯାଇଥିଲା ?**
(A) 65 ଟଙ୍କା (B) 70 ଟଙ୍କା (C) 75 ଟଙ୍କା (D) 80 ଟଙ୍କା

**4.** **ଦୁଇଜଣ ବ୍ୟକ୍ତିଙ୍କର ଆୟର ବୈଷମ୍ୟକୁ ମୁଖ୍ୟତଃ କ'ଣ କୁହାଯାଏ ?**
(A) ଚରମ ଦାରିଦ୍ର୍ୟ (B) ଆପେକ୍ଷିକ ଦାରିଦ୍ର୍ୟ (C) ସର୍ବାଧିକ ଦାରିଦ୍ର୍ୟ (D) ଗଣ ଦାରିଦ୍ର୍ୟ

**5.** **କେଉଁ ପଞ୍ଚବାର୍ଷିକ ଯୋଜନା ଅନୁଯାୟୀ ଗ୍ରାମାଞ୍ଚଳରେ ଜଣେ ଲୋକର ମୁଣ୍ଡପିଛା ମାସିକ ବ୍ୟୟ ୬୫ ଟଙ୍କା ଥିଲା ?**
(A) ଷ୍ଠ (B) ଷଷ୍ଠ (C) ସପ୍ତମ (D) ଅଷ୍ଟମ

**6.** **ସହରାଞ୍ଚଳ ଜଣେ ଲୋକପାଇଁ ସର୍ବନିମ୍ନ କେତେ କ୍ୟାଲୋରୀ ଖାଦ୍ୟସାର ଆବଶ୍ୟକ ହୋଇଥାଏ ?**
(A) 2000 (B) 2100 (C) 2200 (D) 2300

**7.** **ଅର୍ଥଶାସ୍ତ୍ରୀ ଦାଣ୍ଡେକରଙ୍କ ଅଟକଳ ଅନୁସାରେ ସହରାଞ୍ଚଳର ଦାରିଦ୍ର୍ୟ ଲୋକମାନଙ୍କ ମଧ୍ୟରୁ ଶତକଡ଼ା କେତେ ଭାଗ ଗ୍ରାମାଞ୍ଚଳରେ ବସବାସ କରନ୍ତି ?**
(A) 20 (B) 30 (C) 40 (D) 45

**8.** **ବସ୍ତି ଅଞ୍ଚଳରେ ରହୁଥିବା ଶିଶୁମାନଙ୍କ ମଧ୍ୟରେ କାହାର ଅଭାବ ଥାଏ ?**
(A) ଶିକ୍ଷା (B) ପୃଷ୍ଟିସାର (C) ଖାଦ୍ୟସାର (D) ପୃଷ୍ଟିହୀନତା

**9.** **ଭାରତର ଗ୍ରାମାଞ୍ଚଳ ପାଇଁ ମୁଣ୍ଡପିଛା ମାସିକ ଖର୍ଚ୍ଚ ସର୍ବନିମ୍ନ କେତେ ଟଙ୍କାକୁ ବୃଦ୍ଧି କରାଯାଇଛି ?**
(A) 60 ଟଙ୍କା (B) 65 ଟଙ୍କା (C) 70 ଟଙ୍କା (D) 75 ଟଙ୍କା

**10.** **ନିମ୍ନୋକ୍ତ ମଧ୍ୟରୁ କେଉଁଟି ଆର୍ଥିକ ପ୍ରଗତିରେ ପ୍ରତିବନ୍ଧକ ହୋଇଥାଏ ?**
(A) ଦାରିଦ୍ର୍ୟ (B) ଶିକ୍ଷା (C) ସ୍ୱାସ୍ଥ୍ୟ (D) ଅର୍ଥ

**11.** **ଦାରିଦ୍ର୍ୟକୁ କେତୋଟି ଦୃଷ୍ଟିରୁ ବିଚାର କରାଯାଏ ?**
(A) 2 (B) 3 (C) 4 (D) 5

**12.** **ଭାରତର ଗ୍ରାମାଞ୍ଚଳ ପାଇଁ ମୁଣ୍ଡପିଛା ମାସିକ ଖର୍ଚ୍ଚ ସର୍ବନିମ୍ନ କେତେ ଟଙ୍କାକୁ ବୃଦ୍ଧି କରାଯାଇଛି ?**
(A) 360 ଟଙ୍କା (B) 365 ଟଙ୍କା (C) 370 ଟଙ୍କା (D) 375 ଟଙ୍କା

**13.** **ଭାରତର ସହରାଞ୍ଚଳ ପାଇଁ ମୁଣ୍ଡପିଛା ମାସିକ ସର୍ବନିମ୍ନ ଖର୍ଚ୍ଚ କେତେ ଟଙ୍କାକୁ ବୃଦ୍ଧି କରାଯାଇଛି ?**
(A) 339 ଟଙ୍କା (B) 439 ଟଙ୍କା (C) 539 ଟଙ୍କା (D) 639 ଟଙ୍କା

**14.** **1947 ମସିହାରେ ଦେଶର ମୋଟ ଜନସଂଖ୍ୟାର କେତେ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିଲେ ?**
(A) 50% (B) 60% (C) 65% (D) 70%

**15.** **2009 ମସିହାରେ ଦେଶର ମୋଟ ଜନସଂଖ୍ୟାର କେତେ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିଲେ ?**

(A) 30.1% (B) 31.1% (C) 32.1% (D) 33.1%

**16.** **2009 ମସିହାରେ ଜନସଂଖ୍ୟା ଅନୁସାରେ ପ୍ରତି ୫ ଜଣରେ କେତେ ଭାରତୀୟ ଗରୀବ ଅଟନ୍ତି ?**

(A) ଜଣେ (B) ଦୁଇଜଣ (C) ତିନିଜଣ (D) ଚାରିଜଣ

**17.** **ନିମ୍ନୋକ୍ତ କେଉଁ କାରଣଟି ଦେଶର ଦାରିଦ୍ର୍ୟ ବୃଦ୍ଧିର ମୁଖ୍ୟ କାରଣ ଅଟେ ?**

(A) ନିମ୍ନସ୍ତରର ଆୟ (B) ଦ୍ରୁତ ଜନସଂଖ୍ୟା ବୃଦ୍ଧି

(C) ସ୍ୱଳ୍ପ ଉତ୍ପାଦନଶୀଳତା (D) ନିଯୁକ୍ତି ସୁଯୋଗର ଅଭାବ

**18.** **ଦେଶରେ ଶତକଡ଼ା କେତେ ଭାଗ ଲୋକ ବୃଦ୍ଧି ଉପରେ ନିର୍ଭର କରନ୍ତି ?**

(A) 50 (B) 55 (C) 60 (D) 65

**19.** **ଗ୍ରାମାଞ୍ଚଳ ଆୟର ମୁଖ୍ୟ ଉତ୍ସ କ'ଣ ?**

(A) ସ୍ୱଳ୍ପକାଳୀନ ଶ୍ରମ (B) ଆତ୍ମନିଯୁକ୍ତି (C) ବ୍ୟବସାୟ (D) କୃଷି

**20.** **ମୋଟ ଦାରିଦ୍ର୍ୟ ମଧ୍ୟରୁ ଶତକଡ଼ା କେତେ ଲୋକ ଅନୁସୂଚୀତ ଜନଜାତିର ଅଟନ୍ତି ?**

(A) 40% (B) 43% (C) 46% (D) 56%

**21.** **2019 ମସିହା ପରିସଂଖ୍ୟାନ ଅନୁଯାୟୀ ଭାରତର ଶତକଡ଼ା କେତେ ଲୋକ ଦରିଦ୍ର ଅଛନ୍ତି ?**

(A) 21.1% (B) 22.1% (C) 23.1% (D) 24.1%

**22.** **ବର୍ତ୍ତମାନ ଗ୍ରାମାଞ୍ଚଳରେ କେତେ ଶତକଡ଼ା ଦରିଦ୍ର ଅଛନ୍ତି ?**

(A) 15% (B) 20% (C) 25% (D) 27%

**23.** **ଦେଶର ମୋଟ ଦରିଦ୍ରଙ୍କ ମଧ୍ୟରୁ ଶତକଡ଼ା କେତେ ଭାଗ ଅନୁସୂଚୀତ ଜାତିର ଅଛନ୍ତି ?**

(A) 25% (B) 29% (C) 33% (D) 37%

**24.** **ଭାରତର ମୋଟ ଦରିଦ୍ରଙ୍କ ମଧ୍ୟରେ ଶତକଡ଼ା କେତେ ଭାଗ ପଛୁଆ ବର୍ଗର ଦରିଦ୍ର ଅଛନ୍ତି ?**

(A) 18% (B) 21% (C) 25% (D) 27%

**25.** **2019 ମସିହା ଅନୁଯାୟୀ ଭାରତର ମୁଣ୍ଡପିଛା ଆୟ ଦୈନିକ କେତେ ଡଲାର ରହିଛି ?**

(A) 1.5 (B) 1.7 (C) 1.8 (D) 1.9

**26.** **କେତେ ମସିହାରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହୋଇଥିଲା ?**

(A) 1970-1975 (B) 1980-1985 (C) 1990-1995 (D) 2000-2005

**27.** **1970-71 ମସିହାରେ ଭାରତରେ ହାରାହାରି ପରିବାର ପିଛା କେତେ ହେକ୍ଟର ଜମି ଥିଲା ?**

(A) 2.3 (B) 2.5 (C) 3.2 (D) 5.2

**28.** **2004-05 ମସିହା ରିପୋର୍ଟ ଅନୁଯାୟୀ ଆମ ଦେଶର ଧାନ ଉତ୍ପାଦନ କେତେ କ୍ୱିଣ୍ଟଲ ଅଟେ ?**

(A) 35.3 (B) 31.9 (C) 29.1 (D) 28.1

**29.** **ଭାରତରେ ଆର୍ଥନୀତିକ ବୈଷମ୍ୟ ଓ ଅନଗ୍ରସରତା ବାହାର ମୁଖ୍ୟ କାରଣ ଅଟେ ?**

(A) ଗଣ ଦାରିଦ୍ର୍ୟ (B) ଚରମ ଦାରିଦ୍ର୍ୟ (C) ଉତ୍କଟ ଦାରିଦ୍ର୍ୟ (D) ଆପେକ୍ଷିକ ଦାରିଦ୍ର୍ୟ

**30.** **କେଉଁ ମସିହାରେ ଦୀର୍ଘକାଳୀନ କର୍ମ ନିୟୋଜନ ନୀତି ପ୍ରଣୟନ କରାଗଲା ?**

(A) 1969-74 (B) 1980-85 (C) 1989-99 (D) 1989-99

## ANSWER

| | | | | | | | | | | |
|---|---|---|---|---|---|---|---|---|---|---|
| 1. B | 2. A | 3.C | 4. B | 5. B | 6. B | 7. A | 8. D | 9.D | 10. A | 11. A |
| 12. B | 13. C | 14. D | 15. B | 16. A | 17. B | 18. D | 19. A | 20. B | 21.A | 22.C |
| 23. B | 24.B | 25. D | 26. B | 27. A | 28. C | 29. A | 30. B | | | |

## (୩ ନମ୍ବର ସମ୍ବଳିତ)

**୧ । ଦାରିଦ୍ର୍ୟ କହିଲେ କ'ଣ ବୁଝ ?**

**ଉ.** (i) ଦାରିଦ୍ର୍ୟ ମାନବ ସମାଜ ପାଇଁ ଏକ ଅଭିଶାପ ସଙ୍ଗେ ସଙ୍ଗେ ମାନବ ପାଇଁ ଏକ ଦୁଃଖଦ ଅବସ୍ଥା ।

(ii) ଉନ୍ନତ ଜୀବନ ଧାରଣ ଉପଯୁକ୍ତ ସ୍ୱାସ୍ଥ୍ୟ ରକ୍ଷା ଦକ୍ଷତା ବୃଦ୍ଧି ସହ ମାନବର ସର୍ବନିମ୍ନ ମୌଳିକ ଆବଶ୍ୟକତା (ଖାଦ୍ୟ, ବସ୍ତ୍ର, ବାସଗୃହ) ପୂରଣ ଅକ୍ଷମତାକୁ ଦାରିଦ୍ର୍ୟ କୁହାଯାଏ ।

(iii) ଏହି ଅବସ୍ଥାରେ ଥିବା ଲୋକେ ନଗ୍ନ ଶରୀର । ଖାଲି ପାଦ ସହର ତଳି ଅଞ୍ଚଳରେ ଥିବା ଚାଳଘର ବା ପଲିଥିନ ଘରେ ଦୟନୀୟ ଅବସ୍ଥାରେ ବାସ କରନ୍ତି ।

**୨ । ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଲୋକଙ୍କ ସଂଖ୍ୟା କାହିଁକି ଅଧିକ ?**

**ଉ.** (i) ଗ୍ରାମାଞ୍ଚଳରେ ଭୂମି ବଣ୍ଟନ କ୍ଷେତ୍ରରେ ତାରତମ୍ୟ ଦେଖା ଯାଇଥାଏ ।

(ii) ଗ୍ରାମାଞ୍ଚଳରେ ବିକଳ୍ପ ବୃତ୍ତିର ଅଭାବ ।

(iii) ଏଠାରେ ଅଧିକ କୃଷକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଥିବା ସ୍ଥଳେ ଭୂମିହୀନ କୃଷକମାନେ ବର୍ଷସାରା କୃଷି କ୍ଷେତ୍ରରେ କାମ ପାଇନଥାନ୍ତି, ଯାହା ଫଳରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଅଧିକ ଦେଖାଯାଏ ।

**୩ । ଦେଶରେ ଦେଖାଯାଉଥିବା ଦାରିଦ୍ର୍ୟର କାରଣ ଗୁଡ଼ିକ କ'ଣ ?**

**ଉ.** (i) ଦେଶରେ ଆୟର ସ୍ତର ସ୍ୱଳ୍ପ ହୋଇଥିବାରୁ ଉତ୍ପାଦନଶୀଳତା ମଧ୍ୟ ସ୍ୱଳ୍ପ ହୋଇଥାଏ ।

(ii) ଏହା ଉପରେ ନିର୍ଭର କରୁଥିବା କୃଷକ ଶ୍ରମିକ ଓ ଗ୍ରାମାଞ୍ଚଳର ଲୋକ ଦାରିଦ୍ର୍ୟତାର ଶିକାର ହୋଇଥାନ୍ତି ।

କାରଣ - ନିମ୍ନସ୍ତରର ଆୟ, ଜନସଂଖ୍ୟାର ଦ୍ରୁତ ବୃଦ୍ଧିହାର, ଭୂମି ଓ ଅନ୍ୟାନ୍ୟ ସମ୍ପତ୍ତି ବଣ୍ଟନର ଅସମାନତା । ସ୍ୱଳ୍ପ ଉତ୍ପାଦନ ଶୀଳତା ନିଯୁକ୍ତି ସୁଯୋଗର ଅଭାବ ଋଣ ମାତ୍ରାରେ ବୃଦ୍ଧି ।

**୪ । କେଉଁ ଅର୍ଥଶାସ୍ତ୍ରୀଙ୍କ ଅନୁସାରେ ସହରାଞ୍ଚଳ ଦାରିଦ୍ର୍ୟର 20% ଭାଗ ଗ୍ରାମାଞ୍ଚଳ କରେ କାହିଁକି ?**

**ଉ.** (i) ଅର୍ଥଶାସ୍ତ୍ରୀ ଦାଣ୍ଡେକରଙ୍କ ଅନୁସାରେ ସହରାଞ୍ଚଳର ଦରିଦ୍ର ଲୋକମାନଙ୍କ ମଧ୍ୟରୁ ଶତକଡ଼ା 20 ଭାଗ ଲୋକ ଗ୍ରାମାଞ୍ଚଳର ।

(ii) ଏହି ଲୋକମାନେ ଜୀବିକା ନିର୍ବାହ ପାଇଁ ଗାଁ ଛାଡ଼ି ସହରକୁ ଆସିଥାନ୍ତି ।

(iii) ସହରରେ ଦାରିଦ୍ର୍ୟ ସଂଖ୍ୟା ବଢ଼ିଯିବାରୁ ଅଧିକାଂଶ ବ୍ୟକ୍ତି କମ୍ ମଜୁରୀରେ ବିଭିନ୍ନ କାମ କରିବାକୁ ବାଧ୍ୟ ହୁଅନ୍ତି, ଯାହା ଫଳରେ ସେମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ହୋଇନଥାଏ ।

**୫ । ଆପେକ୍ଷିକ ଦାରିଦ୍ର୍ୟ ବିଷୟରେ ବର୍ଣ୍ଣନା କର ?**

**ଉ.** (i) ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଥିବା ଆୟର ବୈଷମ୍ୟକୁ ଆପେକ୍ଷିକ ଦାରିଦ୍ର୍ୟ କୁହାଯାଏ ।

(ii) ଏହି ପ୍ରକାର ଦାରିଦ୍ର୍ୟ ସବୁ ଦେଶରେ ଦେଖାଯାଏ ।

(iii) ଆୟ ଓ ସମ୍ପଦ ବଣ୍ଟନର ଅସମାନତା ଦେଶରେ ଆପେକ୍ଷିକ ଦାରିଦ୍ର୍ୟକୁ ପ୍ରୋତ୍ସାହନ ଦେଇଥାଏ ।

**୬ । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଫଳରେ ଭାରତରେ ଦାରିଦ୍ର୍ୟ କିପରି ବୃଦ୍ଧି ହେଉଛି ବର୍ଣ୍ଣନା କର ?**

**ଉ.** (i) ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦାରିଦ୍ର୍ୟ ଅତି ଉତ୍କଟ ଆକାର ଧାରଣ କରିଥାଏ ।

(ii) ଭାରତର ବାର୍ଷିକ 2% ଜନସଂଖ୍ୟା ବୃଦ୍ଧି ଦ୍ୱାରା ମୁଣ୍ଡପିଛା ଆୟ କମ୍ ହୋଇଥାଏ ।

(iii) ଏହାଦ୍ୱାରା ଶ୍ରମ ଯୋଗାଣ ବୃଦ୍ଧି ପାଇଥାଏ ଏବଂ ମଜୁରୀ ହାର କମିଥାଏ ତେଣୁ ଗରିବ ଲୋକ ଅଧିକରୁ ଅଧିକ ଗରିବ ହୋଇଥାନ୍ତି ।

**୭ ।  କେଉଁ ଅବସ୍ଥାରେ ରହିଥିବା ଲୋକଙ୍କୁ ଦାରିଦ୍ର୍ୟ ବୋଲି ବିବେଚନା କରାଯାଏ ?**

**ଉ.** (i) ଜୀବନର ସର୍ବନିମ୍ନ ଆବଶ୍ୟକ (ଖାଦ୍ୟ, ବସ୍ତ୍ର, ବାସଗୃହ) ଯାହା ପାଖରେ ଅଭାବ ଥାଏ ।

(ii) ଯେଉଁମାନେ ଭୋକିଲା ପେଟ, ଖାଲିପାଦ, ଚାଳ ଘରେ ଦୟନୀୟ ଭାବରେ ବସବାସ କରୁଥାନ୍ତି ।

(iii) ଅତି କମ୍ ବୟସରୁ ନିଜର ତଥା ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଦୋକାନ, ବଜାର, ଗ୍ୟାରେଜରେ ପିଲାମାନେ କାମ କରୁଥାନ୍ତି ।

**୮ ।  ଦାରିଦ୍ର୍ୟ ସୀମାରେଖା କିପରି ଆକଳନ କରାଯାଇଥାଏ ବା, ଦାରିଦ୍ର କିପରି କଳନା କରାଯାଏ ଲେଖ ?**

**ଉ.** ଦାରିଦ୍ର୍ୟ ସାଧାରଣତଃ ଦୁଇଟି ପଦ୍ଧତିରେ ଆକଳନ କରାଯାଇଥାଏ ଯଥା :

ପରିବାର ଖର୍ଚ୍ଚ ଓ ମାସିକ ଆୟ

## ପରିବାରର ଖର୍ଚ୍ଚ ଆକଳନ :

ପରିବାରର ବିଭିନ୍ନ ଖର୍ଚ୍ଚ ଉପରେ ଦାରିଦ୍ର୍ୟ ଆକଳନ କରାଯାଇଥାଏ । ସର୍ବନିମ୍ନ ଖାଦ୍ୟ କ୍ୟାଲୋରୀ ଆକରରେ ପ୍ରକାଶ କରାଗଲା ପରେ ସେହି କ୍ୟାଲେରୀକୁ ମୁଦ୍ରା ଆକାରରେ ସ୍ଥିର କରାଯାଇଥାଏ ।

**ପରିବାରର ମାସିକ ଆୟ :**

ମାସିକ ଆୟରୁ ପରିବାର ଦାରିଦ୍ର୍ୟ ନିରୂପଣ କରାଯାଉଥାଏ । ଖାଦ୍ୟ ବ୍ୟତୀତ ପୋଷାକ, ଅନ୍ୟାନ୍ୟ ସାମଗ୍ରୀ ଦରକାର କରିଥାଏ ଯେଉଁମାନଙ୍କର ମାସିକ ଅୟ ଧାର୍ଯ୍ୟ ଆୟଠାରୁ କଷ୍ଟ ସେମାନଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଆକଳନ କରାଯାଏ ।

**୯ ।  ଦାରିଦ୍ର୍ୟ ଦୂରୀକରଣ ପାଇଁ ଭାରତ ସରକାର କେଉଁ ସବୁ ପଦକ୍ଷେପ ନେଇଛନ୍ତି ବର୍ଣ୍ଣନା କର ?**

**ଉ.** (i) ଜମିଦାରୀ ପ୍ରଥା ଉଚ୍ଛେଦ ଜମିର ସୀମା ନିର୍ଦ୍ଧାରଣ ବଳକା ଜମିକୁ ଭୂମିହୀନ କୃଷକଙ୍କୁ ବଣ୍ଟନ ।

(ii) ଶିଳ୍ପକ୍ଷେତ୍ରରେ ବୃହତ୍ତ ଶିଳ୍ପ କୁଟୀର ଶିଳ୍ପର ବିକାଶ କରାଇ ବେକାର ଶ୍ରମିକମାନଙ୍କୁ ରୋଜଗାର କ୍ଷମ କରାଇବା ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ହୋଇଥାଏ ।

(iii) ଶିଳ୍ପ ସ୍ୱାସ୍ଥ୍ୟ ଶିକ୍ଷା ଆଦି ସାମାଜିକ ସେବାର ଉନ୍ନତି କରି ବିଭିନ୍ନ ସମୟରେ ଦେଶରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଇ ଦାରିଦ୍ର୍ୟ ଜନସାଧାରଣ ବା ଦାରିଦ୍ର୍ୟର ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କ ଜୀବନଯାପନ ପ୍ରଣାଳୀରେ ସୁଧାର ଆଣିବାର ବ୍ୟବସ୍ଥା କରାଉଛନ୍ତି ।

**୧୦ ।  ବିଭିନ୍ନ ଯୋଜନା ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ବର୍ଣ୍ଣନା କର ?**

**ଉ.** ଅନଗ୍ରସରତା ଓ ଆର୍ଥନୀତିକ ବୈଷମ୍ୟ ଗଣ ଦାରିଦ୍ରର ମୁଖ୍ୟ କାରଣ।

(i) ପଞ୍ଚ ବାର୍ଷିକ ଯୋଜନା ଦ୍ୱାରା କୃଷି କ୍ଷେତ୍ରରେ ଜମିଦାରୀ ପ୍ରଥା ଉଚ୍ଛେଦ । ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ, ବଳକା ଜମିକୁ ଭୂମିହୀନ କ୍ଷୁଦ୍ର ଚାଷୀମାନଙ୍କୁ ବଣ୍ଟନ - କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ସହ ସ୍ୱାସ୍ଥ୍ୟ ଶିକ୍ଷା ଯୋଗାଯୋଗ ପରିବହନ ଜଳଯୋଗାଣ ବିଦ୍ୟୁତକରଣ ପରି ସମାଜ ସେବା କ୍ଷେତ୍ରରେ ଉନ୍ନତିମୂଳକ ପଦକ୍ଷେପ ନିଆଯାଇଛି ।

(ii) 4 ର୍ଥ ପଞ୍ଚ ବାର୍ଷିକ ଯୋଜନା (1969 - 74) ଷଷ୍ଠ ପଞ୍ଚବାର୍ଷିକ ଯୋଜନା (1980 - 1985) ସମୟରୁ ଏକ ଦୀର୍ଘକାଳୀନ କର୍ମନିଯୋଜନ ନୀତି ପ୍ରଣୟନ କରାଯାଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

## ୨ ନମ୍ବର ସମ୍ବଳିତ ସଂକ୍ଷିପ୍ତ ପ୍ରଶ୍ନ ଓ ଉତ୍ତର

**୧ ।  ଦାରିଦ୍ର୍ୟକୁ କେତୋଟି ଦୃଷ୍ଟିକୋଣରୁ ବିଚାର କରାଯାଏ ତାହା ବର୍ଣ୍ଣନା କର ?**

**ଉ.** ଦାରିଦ୍ର୍ୟକୁ ଦୁଇଟି ଦୃଷ୍ଟିକୋଣରୁ ବିଚାର କରାଯାଇଥାଏ ଯଥା (i) ଉତ୍କଟ ଦାରିଦ୍ର୍ୟ (ii) ଆପେକ୍ଷିକ ଦାରିଦ୍ର୍ୟ ଯେଉଁ ଲୋକଙ୍କ ପାଖରେ ଜୀବନଧାରଣ ପାଇଁ ମୌଳିକ ଉପାଦାନର ଅଭାବ ଥାଏ ସେମାନଙ୍କୁ ଉତ୍କଟ ଦାରିଦ୍ର୍ୟ କହନ୍ତି ଏହି ଦାରିଦ୍ର୍ୟତା ଭାରତ ପାଇଁ ବ୍ୟାଧି ।

ଆପେକ୍ଷିକ ଦାରିଦ୍ର୍ୟ : ଦୁଇଜଣ ବ୍ୟକ୍ତିଙ୍କ ଆୟରେ ଥିବା ବୈଷମ୍ୟକୁ ବୁଝାଏ । ଏହି ପ୍ରକାର ଦାରିଦ୍ର୍ୟ ସବୁ ଦେଶରେ ଦେଖାଯାଇଥାଏ ।

**୨ । ଦରିଦ୍ର ଲୋକଙ୍କୁ ଅଧିକରୁ ଅଧିକ ଗରିବ କାହିଁକି ହେବାକୁ ପଡ଼ିଥାଏ ?**

**ଉ.** (i) ଅଶିକ୍ଷା ନିରକ୍ଷରତା ଧାର୍ମିକ ଅନ୍ଧବିଶ୍ୱାସ ତଥା କମ୍ ରୋଜଗାର ପରି ବିଭିନ୍ନ କାରଣରୁ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଘଟି ଦାରିଦ୍ର୍ୟ ଉତ୍କଟ ଆକାର ଧାରଣ କରିଛି ।

(ii) ଦେଶରେ ଉତ୍ପାଦନ ଅନୁରୂପ ବୃଦ୍ଧି ପାଉନଥିବାରୁ ମୁଣ୍ଡପିଛା ଆୟ କମ୍ ହୋଇଥାଏ । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଶ୍ରମଯୋଗାଣ ବୃଦ୍ଧି ପାଇ ମଜୁରୀ ହ୍ରାସ ପାଇଥାଏ । ଏହି କାରଣରୁ ଗରିବ ଲୋକଙ୍କୁ ଅଧିକରୁ ଅଧିକ ଦରିଦ୍ର ହେବାକୁ ପଡ଼ିଥାଏ ।

**୩ । ଗ୍ରାମାଞ୍ଚଳର ଲୋକମାନେ ସାଧାରଣତଃ ଅଧିକ ପରିମାଣରେ ଦାରିଦ୍ର୍ୟତାର ଶିକାର ହୋଇଥାନ୍ତି କାହିଁକି ?**

**ଉ.** ଗ୍ରାମାଞ୍ଚଳର ଲୋକଙ୍କର ଆୟର ପରିମାଣ ଅତି କମ୍ ହେବାର କାରଣ ବହୁଳ ଜନସଂଖ୍ୟା ସ୍ୱଳ୍ପ ପରିମାଣ ଜମିରେ କୃଷି କାର୍ଯ୍ୟ କରିଥାନ୍ତି । ସ୍ୱଳ୍ପ ଆୟ ଯୋଗୁଁ କୃଷିରେ ଅଧିକ ପୁଞ୍ଜି ଖଟାଇ ନପାରିବାରୁ ଉତ୍ପାଦନଶୀଳତା କମ୍ ହୋଇଥାଏ କୃଷି ଉପରେ ନିର୍ଭର କରି ଚଳୁଥିବା କୃଷକ ଶ୍ରମିକ ଓ ଗ୍ରାମାଞ୍ଚଳର ଲୋକମାନେ ଦାରିଦ୍ର୍ୟର ଶିକାର ହୋଇଥାନ୍ତି ।

**୪ । ଭୟଙ୍କର ବେକାରୀ ସମସ୍ୟା କିପରି ଦାରିଦ୍ର୍ୟର ହାର ବୃଦ୍ଧି କରେ ଲେଖ ?**

**ଉ.** ଜନସଂଖ୍ୟା ବୃଦ୍ଧି ଅନୁସାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ ନାହିଁ ଯାହାଦ୍ୱାରା ବେକାରୀ ସମସ୍ୟା ବୃଦ୍ଧି ହୋଇଥାଏ । ନିଯୁକ୍ତି ବୃଦ୍ଧିର କୌଶଳ ଉପରେ ଗୁରୁତ୍ୱ ନଦେଇ ଅଧିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବା ହିଁ ଭୟଙ୍କର ବେକାରୀ ସମସ୍ୟା ସୃଷ୍ଟି କରିବାର ମୂଳକାରଣ ହୋଇଥାଏ । ଯାହାଦ୍ୱାରା କି ଦାରିଦ୍ର୍ୟ ହାର ବୃଦ୍ଧି ହୋଇ ଚାଲିଥାଏ ।

**୫ । କେଉଁ କେଉଁ କାର୍ଯ୍ୟ ଦ୍ୱାରା ଦାରିଦ୍ର୍ୟ ଦୂର ହୋଇପାରିବ ?**

**ଉ.** ଆର୍ଥିକ ଅଭିବୃଦ୍ଧି ହାସଲ ଆର୍ଥିକ ବୈଷମ୍ୟ ହ୍ରାସ କରିବା କୃଷି କ୍ଷେତ୍ରରେ ଜମିଦାରୀ ପ୍ରଥା ଉଚ୍ଛେଦ ଭୂମିହୀନ କ୍ଷୁଦ୍ରଚାଷୀଙ୍କ ମଧ୍ୟରେ ଭୂମିବଣ୍ଟନ, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଜଳ ଯୋଗାଣ ପରି ସାମାଜିକ ଉନ୍ନତିମୂଳକ କ୍ଷେତ୍ରରେ ବିକାଶ ଆଦି କାର୍ଯ୍ୟ ଦ୍ୱାରା ଦାରିଦ୍ର୍ୟ ଦୂର ହୋଇପାରିବ ।

**୬ । ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ପରଠାରୁ ସରକାରଙ୍କ ଦ୍ୱାରା ପ୍ରଣୀତ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟ ଲେଖ ?**

**ଉ. ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟ :** ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା, ଜାତୀୟ ଗ୍ରାମୀଣ ନିୟୋଜନ ଯୋଜନା । ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଓ ସୁବର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ଜବାହାର ଗ୍ରାମ୍ୟ ସମୃଦ୍ଧି ଯୋଜନା । ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ଯୋଜନା ଆଦି ।

## ପାର୍ଥକ୍ୟ ଦର୍ଶାଅ (୨ ନମ୍ବର ସମ୍ବଳିତ ପ୍ରଶ୍ନ ଉତ୍ତର)

**ସୂଚନା (ଏହି ପ୍ରଶ୍ନର ଦୁଇଟି ପାର୍ଶ୍ୱର ଉତ୍ତର ଲେଖିବା ଆବଶ୍ୟକ ଗୋଟିଏ ଉତ୍ତର ଲେଖିଲେ ନମ୍ବର ମିଳେ ନାହିଁ)**

**୧ । ଦାରିଦ୍ର୍ୟ ଓ ଗଣଦାରିଦ୍ର୍ୟ ମଧ୍ୟରେ ପାର୍ଥକ୍ୟ କ'ଣ ?**

**ଉ. ଦାରିଦ୍ର୍ୟ :** ଦାରିଦ୍ର୍ୟ ଏକ ଅବସ୍ଥା ଯେଉଁଥିରେ କି ଜଣେ ବ୍ୟକ୍ତିକୁ ଜୀବନଯାପନ ପାଇଁ ସର୍ବନିମ୍ନ ଆବଶ୍ୟକତା ଯଥା (ଖାଦ୍ୟ, ବସ୍ତ୍ର ଓ ବାସଗୃହ) ଆଦିର ଅଭାବ ଥାଏ ।

ଏହି ଲୋକମାନେ ଦାରିଦ୍ର୍ୟର ସୀମାରେଖା ତଳେ ରହିଥାନ୍ତି ।

**ଗଣଦାରିଦ୍ର୍ୟ :** ଯେତେବେଳେ ଗୋଟିଏ ଦେଶର ଲୋକ ସର୍ବନିମ୍ନ ଆବଶ୍ୟକ ଦ୍ରବ୍ୟ ପାଇନଥାନ୍ତି ସେତେବେଳେ ସେ ଦେଶର ଅର୍ଥନୀତିରେ ଦାରିଦ୍ର୍ୟ ଅତି ଚରମ ସୀମାରେ ଅଛି ବୋଲି କୁହାଯାଏ । ଏହି ଅବସ୍ଥାକୁ ଗଣ ଦାରିଦ୍ର୍ୟ କୁହାଯାଏ । ଭାରତରେ ଏହା ଏକ ପ୍ରାଚୀନ ବ୍ୟାଧି ଅଟେ ।

**୨ । ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଓ ଜବାହାର ଗ୍ରାମ୍ୟ ସମୃଦ୍ଧି ଯୋଜନା ବିଷୟରେ ଆଲୋଚନା କର ?**

**ଉ. ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା :** ଏହା ଦାରିଦ୍ର୍ୟ ଦୂରୀକରଣ ପାଇଁ ଏକ ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମ । ସମାଜର ଦରିଦ୍ରତମ ପରିବାର ଗୁଡ଼ିକର ଉନ୍ନତି ପାଇଁ 1978-79 ମସିହାରେ ପ୍ରବର୍ତ୍ତନ କରାଯାଇ ଗୋପାଳନ, କୁକୁଡ଼ା ପାଳନ, କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ନିମନ୍ତେ ଋଣ ରିହାତି ଦରରେ ଯୋଗାଇବାର ବ୍ୟବସ୍ଥା କରାଯାଇଛି ।

ସେହିପରି ଜବାହାର ଗ୍ରାମ୍ୟ ସମୃଦ୍ଧି ଯୋଜନା ମାଧ୍ୟମରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରମାନଙ୍କୁ ନିୟୋଜନ ଓ ମଜୁରୀ ଦେବାର ବ୍ୟବସ୍ଥା କରାଯାଇଛି । ଏହା ଏକ ମଜୁରୀ ଭିତ୍ତିକ କାର୍ଯ୍ୟକ୍ରମ ।

**୩ । କାହାକୁ ଜାତୀୟ ଗ୍ରାମୀଣ ଯୋଜନା ଓ ଗ୍ରାମାଞ୍ଚଳ ନିଶ୍ଚିତ ରୋଜଗାର ଯୋଜନା କୁହାଯାଏ ?**

**ଉ.** 1977 ମସିହାରେ ଋତୁକାଳୀନ ବେକାରୀ ସମସ୍ୟା ସମାଧାନ ପାଇଁ "କାମ ପାଇଁ ଖାଦ୍ୟ ଯୋଜନା" ପ୍ରବର୍ତ୍ତନ କରାଯାଇଥିଲା । ଏହା ଦ୍ୱାରା ଶ୍ରମିକମାନଙ୍କୁ ରିହାତି ଦରରେ ଚାଉଳ ଓ ଗହମ ଯୋଗାଇ ଦିଆଯାଏ ।

ଗ୍ରାମାଞ୍ଚଳ ନିଶ୍ଚିତ ଯୋଜନା 2006 ମସିହାରେ ଫେବୃଆରୀ ମାସରେ 200 ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ।

ଗ୍ରାମାଞ୍ଚଳରେ କାମ ପାଉନଥିବା ଦରିଦ୍ର ପରିବାରର ଜଣକୁ ହେଲେ ମଧ୍ୟ ବର୍ଷକ ଭିତରେ ସରକାରଙ୍କ ତରଫରୁ ଶହେ ଦିନର କାମ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ।

**୪ । ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ସୁବର୍ଣ୍ଣ ଜୟନ୍ତୀ ସହରୀ ରୋଜଗାର ଯୋଜନା ଓ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା ବିଷୟରେ ପାର୍ଥକ୍ୟ ଲେଖ ।**

**ଉ.** ସହରରେ ଥିବା 18 ରୁ 35 ବର୍ଷ ବୟସର (ବେକାରୀ ଓ ଅର୍ଦ୍ଧ ବେକାରୀ) ଯୁବକ ଯୁବତୀମାନଙ୍କୁ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମାଧ୍ୟମରେ କିଛି କାମ କରିବା ପାଇଁ ଆର୍ଥିକ ସାହାଯ୍ୟ ଦିଆଯାଇଥାଏ ।

ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ - ସ୍ୱରୋଜଗାର ଯୋଜନା 1980 ମସିହାରେ କାର୍ଯ୍ୟକାରୀ ହୋଇଛି । ଏହି ଯୋଜନା ମଧ୍ୟରେ ଗ୍ରାମାଞ୍ଚଳର ଗରିବ ପରିବାରମାନଙ୍କୁ ଦାରିଦ୍ର୍ୟ ଉପରକୁ ଉଠାଇବାର ବ୍ୟବସ୍ଥା କରାଯାଉଛି ।

**୫ । ଉତ୍କଟ ଦାରିଦ୍ର୍ୟ ଓ ଆପେକ୍ଷିକ ଦାରିଦ୍ର୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

**ଉ.** ଯେଉଁ ଲୋକଙ୍କ ପାଖରେ ଜୀବନଯାପନ ପାଇଁ ଆବଶ୍ୟକ ମୌଳିକ ପଦାର୍ଥ (ଖାଦ୍ୟ, ବସ୍ତ୍ର, ବାସଗୃହ)ର ଅଭାବ ଥାଏ । ତାକୁ ଉତ୍କଟ ଦାରିଦ୍ର୍ୟ କହନ୍ତି, ଭାରତରେ ଏହି ଦାରିଦ୍ର୍ୟ ସଂଖ୍ୟା ଅଧିକ ।

ଆପେକ୍ଷିକ ଦାରିଦ୍ର୍ୟ ଦୁଇଜଣ ବ୍ୟକ୍ତିଙ୍କ ଆୟରେ ଥିବା ବୈଷମ୍ୟକୁ ବୁଝାଏ । ଏହି ପ୍ରକାର ଦାରିଦ୍ର୍ୟ ସବୁ ଦେଶରେ ଦେଖାଯାଏ ।

**୬ । ଗ୍ରାମାଞ୍ଚଳ ଓ ସହରାଞ୍ଚଳ କ୍ୟାଲୋରୀ ଆବଶ୍ୟକତା ମଧ୍ୟରେ ପାର୍ଥକ୍ୟ ଲେଖ ?**

**ଉ.** ଗ୍ରାମାଞ୍ଚଳର ଲୋକମାନେ ଦୈନିକ ଅଧିକ ଶାରୀରିକ ପରିଶ୍ରମ କରିଥାନ୍ତି, ସେଥିପାଇଁ ଦୈନିକ ମୁଣ୍ଡପିଛା 2400 କ୍ୟାଲୋରୀ ଯୁକ୍ତ ଖାଦ୍ୟସାର ଆବଶ୍ୟ ଥାଏ । ୬ଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଏହାକୁ ମୁଦ୍ରା ଆକାରରେ ଆକଳନ କରି ମୁଣ୍ଡପିଛା ମାସିକ ଖର୍ଚ୍ଚ 365 ଟଙ୍କା ରଖାଯାଇଛି ।

ସହରାଞ୍ଚଳ ଲୋକଙ୍କର ଶାରୀରିକ ପରିଶ୍ରମ କମ୍ ଅଟେ । ସହରର ପ୍ରତ୍ୟେକ ଲୋକଙ୍କୁ 2100 କ୍ୟାଲୋରୀର ଖାଦ୍ୟସାର ଦରକାର ହୋଇଥାଏ । ମୁଦ୍ରା ଆକାରରେ ମାସିକ ମୁଣ୍ଡ ପିଛା କ୍ୟାଲୋରୀ ଖର୍ଚ୍ଚ 539 ଟଙ୍କା ରଖାଯାଇଛି ।

# ଦ୍ୱିତୀୟ ଅଧ୍ୟାୟ

## ଅର୍ଥନୈତିକ ବ୍ୟବସ୍ଥା

# ୪ର୍ଥ ପାଠ - ବେକାରୀ

# MCQ

**1. ଆମ ଦେଶରେ ପ୍ରଥମ ପଞ୍ଚବାର୍ଷିକ ଯୋଜନା କେବେ ଆରମ୍ଭ ହୋଇଥିଲା ?**

(A) 1950 (B) 1951 (C) 1952 (D) 1953

**2. 1951 ମସିହା ଆରମ୍ଭରେ ଭାରତର ବେକାରୀ ସଂଖ୍ୟା କେତେ ନିୟୁତରେ ପହଞ୍ଚିଥିଲା ?**

(A) 2.3 (B) 2.4 (C) 3.3 (D) 3.4

**3. 1991 ଜନଗଣନା ଅନୁଯାୟୀ ଆମ ଦେଶରେ ଶ୍ରମିକ ସଂଖ୍ୟା ମୋଟ ଜନସଂଖ୍ୟାର କେତେ ପ୍ରତିଶତ ଥିଲା ?**

(A) 35.6% (B) 37.6% (C) 39.6% (D) 39.8%

4. **2011 ମସିହା ଜନଗଣନାରେ ଭାରତର ଶ୍ରମିକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର କେତେ ପ୍ରତିଶତ ଥିଲା ?**
(A) 36.6% (B) 36.7% (C) 39.6% (D) 39.8%

5. **2011 ଜନଗଣନା ଅନୁଯାୟୀ ଦେଶରେ ମହିଳା ଶ୍ରମିକ ସଂଖ୍ୟା କେତେ ପ୍ରତିଶତ ଥିଲା ?**
(A) 20.6% (B) 25.6% (C) 30.6% (D) 35.6%

6. **ସାଧାରଣତଃ ନିଯୁକ୍ତି ସମସ୍ୟାର କେତୋଟି ଦିଗ ଥାଏ ?**
(A) 3 (B) 4 (C) 5 (D) 2

7. **ଭାରତରେ ବେକାରୀ ସମସ୍ୟାକୁ କେତୋଟି ଦୃଷ୍ଟିକୋଣରୁ ବିଚାର କରାଯାଏ ?**
(A) 2 (B) 3 (C) 4 (D) 5

8. **ଦେଶରେ ଶ୍ରମଶକ୍ତି ଦେଶର ମୋଟ ଜନସଂଖ୍ୟାର କେତେ ଅଂଶ ?**
(A) କ୍ଷୁଦ୍ର (B) ବୃହତ୍ତ (C) ମଧ୍ୟମ (D) ସମାନ

9. **ସାଧାରଣ ଭାବେ ନିଯୁକ୍ତି ପାଇଥିବା ଶ୍ରମିକମାନଙ୍କର ଉତ୍ପାଦିକା ଶକ୍ତି କିପରି ହୋଇଥାଏ ?**
(A) କମ୍ (B) ବେଶୀ (C) ସମାନ (D) ମଧ୍ୟମ

10. **ଜାତୀୟ ରିପୋର୍ଟ ଅନୁସାରେ ଅନ୍ୟାନ୍ୟ ଉନ୍ନତ ଦେଶମାନଙ୍କ ତୁଳନାରେ ଆମ ଦେଶର କେଉଁ ଶ୍ରମିକ ସଂଖ୍ୟା ବହୁତ କମ୍ ?**
(A) ପୁରୁଷ (B) ମହିଳା (C) ବୃଦ୍ଧ (D) ଶିଶୁ

11. **ବେକାରୀଙ୍କୁ କେତେ ଭାଗରେ ବିଭକ୍ତ କରାଯାଇଛି ?**
(A) 2 (B) 3 (C) 4 (D) 5

12. **ଜଣେ କାର୍ଯ୍ୟକ୍ଷମ ବ୍ୟକ୍ତି ଯଦି କୌଣସି ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ନଥାଏ ତାକୁ କ'ଣ କୁହାଯାଏ ?**
(A) ବେକାରୀ (B) ଅର୍ଦ୍ଧବେକାରୀ (C) ଚରମ ବେକାରୀ (D) ପ୍ରଚ୍ଛନ୍ନ ବେକାରୀ

13. **ଋତୁକାଳୀନ ବେକାରୀ କେଉଁଠାରେ ଦେଖାଯାଆନ୍ତି ?**
(A) ଶିଳ୍ପ (B) କୃଷି (C) ଖଣିଜ (D) ସହରାଞ୍ଚଳ

14. **କେଉଁ ପ୍ରକାର ଦେଶରେ ଋତୁକାଳୀନ ବେକାରୀ ଅଧିକ ଦେଖାଯାଆନ୍ତି ?**
(A) ଶିଳ୍ପୋନ୍ନତ (B) କୃଷିପ୍ରଧାନ (C) ଗ୍ରୀଷ୍ମପ୍ରଧାନ (D) ଶୀତପ୍ରଧାନ

15. **କେଉଁ ଦେଶରେ ସଂସ୍ଥାନୀୟ ବେକାରୀ ଦେଖାଯାଆନ୍ତି ?**
(A) ଭାରତ (B) ଇଂଲଣ୍ଡ (C) ଜାପାନ (D) ଆମେରିକା

16. **କେଉଁ ଅଞ୍ଚଳରେ ପ୍ରାବିଧିକ ବେକାରୀ ଅଧିକ ଦେଖାଯାଆନ୍ତି ?**
(A) ଗ୍ରାମାଞ୍ଚଳ (B) ଶିଳ୍ପାଞ୍ଚଳ (C) ସହରାଞ୍ଚଳ (D) କେନ୍ଦ୍ରାଞ୍ଚଳ

17. **କେଉଁ ଦେଶରେ ସଂସ୍ଥାନୀୟ ବେକାରୀ ଦେଖାଯାଆନ୍ତି ?**
(A) ବିକଶିତ ଦେଶ (B) ବିକାଶୋନ୍ମୁଖୀ (C) ନିମ୍ନ ଆୟ (D) ଉଚ୍ଚ ଆୟ

18. **ରିକ୍ସାଚାଳକ କେଉଁ ବେକାରୀର ଅନ୍ତର୍ଗତ ?**
(A) ଋତୁକାଳୀନ (B) ପ୍ରଚ୍ଛନ୍ନ (C) ପ୍ରାବିଧିକ (D) ସଂସ୍ଥାନୀୟ

19. **ପୁଞ୍ଜି ଅଭାବରେ ନିଯୁକ୍ତି ବାଧାପ୍ରାପ୍ତ ହେଲେ କେଉଁ ପ୍ରକାର ବେକାରୀ ସୃଷ୍ଟି ହୁଅନ୍ତି ?**
(A) ପ୍ରଚ୍ଛନ୍ନ (B) ପ୍ରାବିଧିକ (C) ଅର୍ଦ୍ଧ (D) ସଂସ୍ଥାନୀୟ

20. **ଶିଳ୍ପୋନ୍ନତ ଦେଶରେ କେଉଁ ପ୍ରକାର ବେକାରୀ ଦେଖାଯାଆନ୍ତି ?**
(A) ପ୍ରଚ୍ଛନ୍ନ (B) ପ୍ରାବିଧିକ (C) ସଂସ୍ଥାନୀୟ (D) ସଂଘାତଜନିତ

**21.** **ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଅନେକ ଲୋକ କର୍ମନିଯୁକ୍ତି ନ ପାଇଲେ କେଉଁ ବେକାରୀ ସୃଷ୍ଟି ହୁଅନ୍ତି ?**

(A) ଅର୍ଦ୍ଧବେକାରୀ (B) ପ୍ରଚ୍ଛନ୍ନ (C) ପ୍ରାବିଧିକ (D) ସଂସ୍ଥାନୀୟ

**22.** **ଶିଳ୍ପ କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟାର ବିକାଶ ହେଲେ କେଉଁ ବେକାରୀ ସଂଖ୍ୟା ବଢିଥାଏ ?**

(A) ପ୍ରଚ୍ଛନ୍ନ (B) ସଂଘାତଜନିତ (C) ସଂସ୍ଥାନୀୟ (D) ଋତୁକାଳୀନ

**23.** **ଭାରତ ପରି ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ କେଉଁ ବେକାରୀ କ୍ଷତିକାରକ ?**

(A) ପ୍ରଚ୍ଛନ୍ନ (B) ଋତୁକାଳୀନ (C) ସଂସ୍ଥାନୀୟ (D) ସଂଘାତଜନିତ

**24.** **ଭାରତରେ କୃଷି କାର୍ଯ୍ୟ କେଉଁ ଭିତ୍ତିକ ହୋଇଥାଏ ?**

(A) ଶିକ୍ଷାଭିତ୍ତିକ (B) ଶ୍ରମଭିତ୍ତିକ (C) ଋତୁଭିତ୍ତିକ (D) ଅର୍ଥଭିତ୍ତିକ

**25.** **ନିମ୍ନ ମଧ୍ୟରୁ କେଉଁଟି ବେକାରୀ ଦୂରୀକରଣ କାର୍ଯ୍ୟକ୍ରମ ଅଟେ ?**

(A) PMRY (B) NGO (C) LPEO (D) FEED

**26.** **ରାଜ୍ୟ ସରକାର ସ୍କୁଲ ମାନଙ୍କରେ କେଉଁ ଶିକ୍ଷାର ଆରମ୍ଭ କରିଛନ୍ତି ?**

(A) ଶାରୀରିକ ଶିକ୍ଷା (B) ଧନ୍ଦାମୂଳକ ଶିକ୍ଷା (C) ଇଂରେଜି ଶିକ୍ଷା (D) ଲାଇବ୍ରେରୀ

**27.** **ଆମ ଦେଶରେ କାହାକୁ ତାଲିମ ଦେବା ପାଇଁ ଧନ୍ଦାମୂଳକ ତାଲିମ କେନ୍ଦ୍ରମାନ ସ୍ଥାପନ କରାଯାଇଛି ?**

(A) ଶିକ୍ଷକ (B) କୃଷକ (C) ଡାକ୍ତର (D) ବେକାରୀ

**28.** **କୃଷିକ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର ହେବା ଦ୍ୱାରା କାହାର ନିଯୁକ୍ତି ହ୍ରାସ ପାଇଆସୁଛି ?**

(A) ବୈଜ୍ଞାନିକ (B) ଶିକ୍ଷକ (C) ଶ୍ରମିକ (D) ଉଭାବକ

**29.** **ସଂସ୍ଥାନୀୟ ବେକାରୀ ସଂଖ୍ୟା କେଉଁଠି ଅଧିକ ?**

(A) ଶ୍ରୀଲଙ୍କା (B) ଚୀନ୍ (C) ଜାପାନ (D) ଜର୍ମାନ

**30.** **ଭାରତ ପରି ବିକାଶୋନ୍ମୁଖୀ ଦେଶରେ କେଉଁ ସମସ୍ୟା ଆର୍ଥିକ ପ୍ରଗତିର ମୁଖ୍ୟ ପ୍ରତିବନ୍ଧକ ଅଟେ ?**

(A) ବିପତ୍ତି ଓ ବିପର୍ଯ୍ୟୟ (B) ବେକାରୀ (C) ଶିକ୍ଷା (D) ସ୍ୱାସ୍ଥ୍ୟ

**ANSWER**

1. B 2. C 3.B 4. D 5. B 6. D 7. B 8. A 9.A 10. B 11. D
12. A 13. B 14. B 15. A 16. C 17. B 18. B 19.D 20. D 21.C 22.B
23.C 24.C 25. A 26. B 27. D 28. C 29. A 30. B

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩ ନମ୍ବର ସମ୍ବଳିତ)

**୧ ।** **ବେକାରୀ କାହାକୁ କୁହାଯାଏ ? ଏହା କେତେ ପ୍ରକାର ଓ ସେଗୁଡ଼ିକର ନାମ ଲେଖ ।**

**ଉ.** (i) ଜଣେ କାର୍ଯ୍ୟକ୍ଷମ ବ୍ୟକ୍ତି ଯଦି କୌଣସି ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ନଥାଏ ବା କିଛି ରୋଜଗାର କରୁନଥାଏ । ତାକୁ ବେକାର ବା ବେକାରୀ କୁହାଯାଏ ।

(ii) ବେକାରୀ ସାଧାରଣତଃ ପାଞ୍ଚ ପ୍ରକାର ଯଥା -

(iii) ଋତୁକାଳୀନ ବେକାରୀ, ପ୍ରଚ୍ଛନ୍ନ ବେକାରୀ, ସଂଘାତଜନିତ ବେକାରୀ, ସଂସ୍ଥାନୀୟ ବେକାରୀ ଓ ପ୍ରାବିଧିକ ବେକାରୀ ।

**୨ ।** **ଭାରତରେ ବେକାରୀ ସମସ୍ୟାର କାରଣ ଗୁଡ଼ିକ ବର୍ଣ୍ଣନା କର ?**

**ଉ.** ଭାରତରେ ବେକାରୀ ସମସ୍ୟାର ମୁଖ୍ୟତଃ ତିନୋଟି କାରଣ -

(i) ଦେଶର ଜନସଂଖ୍ୟା ତୁଳନାରେ ଶ୍ରମଶକ୍ତି ଓ ଉତ୍ପାଦନ ଶକ୍ତି କମ୍ ।

(ii) ଉତ୍ପାଦିକା ଶକ୍ତି କମ୍ ହୋଇଥିବାରୁ ଆୟ ମଧ୍ୟ କମ୍ ହୋଇଥାଏ ।

(iii) ଆମ ଦେଶର ଶ୍ରମିକମାନଙ୍କ ଆୟ କମ୍ ହୋଇଥିବାରୁ ଉନ୍ନତମାନର ଯନ୍ତ୍ରପାତି ବ୍ୟବହାର ନକରି ପୁରୁଣା କାଳିଆ ଯନ୍ତ୍ରପାତି ବ୍ୟବହାର କରୁଥିବାରୁ ଉତ୍ପାଦନ ବଢ଼ିପାରେ ନାହିଁ । ଏହା ବେକାରୀ ସମସ୍ୟାର ମୁଖ୍ୟ କାରଣ ।

**୩ । ଭାରତର ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ବେକାର ସଂଖ୍ୟା କାହିଁକି ଅଧିକ ଦେଖାଯାଏ ।**

**ଉ.** (i) ସହରାଞ୍ଚଳରେ ବାସ କରୁଥିବା ଲୋକ କିଛି ନା କିଛି ରୋଜଗାର କରିଥାନ୍ତି ମାତ୍ର

(ii) ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକ କୃଷି ଉପରେ ନିର୍ଭରଶୀଳ ଥିବା ବେଳେ କୃଷି ଋତୁ ଭିତ୍ତିକ ବା ମୌସୁମୀ ଜଳବାୟୁ ଉପରେ ନିର୍ଭର ଥାଏ ।

(iii) ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପୁଞ୍ଜିର ଅଭାବ ସାଙ୍ଗକୁ ଯୋଗ୍ୟତା ଅଭିଜ୍ଞତା ମୁତାବକ କାମ ମିଳିନଥାଏ । ସେମାନେ ବେକାରୀ ହୋଇଯାଇଥାନ୍ତି ।

**୪ । ବେକାରୀ ମାନଙ୍କ ନିଯୁକ୍ତିର ସୁଯୋଗ ଦେବା ପାଇଁ କେଉଁ କେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ଲେଖ ?**

**ଉ.** (i) ବିଭିନ୍ନ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ।

(ii) ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରମିକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ କ୍ଷେତ୍ର ।

(iii) ଶିଳ୍ପ କ୍ଷେତ୍ରରେ ବିକାଶ ଓ ବ୍ୟବସାୟିକ ପ୍ରତିଷ୍ଠାନ ସ୍ଥାପନ ପାଇଁ ବ୍ୟାଙ୍କରୁ ଋଣର ବ୍ୟବସ୍ଥା କରାଇବା ଦ୍ୱାରା ଶ୍ରମିକମାନଙ୍କର ଶ୍ରମର ଦକ୍ଷତା ବୃଦ୍ଧି ପାଇବା ପାଇଁ କାର୍ଯ୍ୟକ୍ରମ କରାଯାଇଛି ।

**୫ । ବେକାରୀ ଦୂରୀକରଣ ପାଇଁ ସରକାର କି କି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ?**

**ଉ.** (i) ବେକାରୀ ଦୂରୀକରଣ ପାଇଁ NREP, RLEGP, TRYSSEM, SEPUY, JRY, NRY, EAS, PMRY ଓ Skill Development ପାଇଁ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି ।

(ii) ଧନ୍ଦାମୂଳକ କେନ୍ଦ୍ର, ଶିଳ୍ପ ତାଲିମ କେନ୍ଦ୍ର ସ୍ଥାପନ କରି ତାଲିମ ବ୍ୟବସ୍ଥା କରାଉଛନ୍ତି ।

(iii) ଖୁସିର ବିଷୟ ବିଦ୍ୟାଳୟ ମାନଙ୍କରେ ଧନ୍ଦାମୂଳକ ବୈଷୟିକ ଶିକ୍ଷାକୁ ସାମିଲ କରି ଛାତ୍ର ଜୀବନରୁ ସ୍ୱାବଲମ୍ବୀ ଶିକ୍ଷା ପ୍ରଦାନ କରାଉଛନ୍ତି ।

**୬ । ପ୍ରାବିଧିକ ବେକାରୀ ସଂଖ୍ୟା ସହରରେ ଅଧିକ ହେବାର କାରଣ କ'ଣ ?**

**ଉ.** (i) ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଶିକ୍ଷାର ପ୍ରସାର ଅଧିକ ହୋଇଥାଏ, ପ୍ରାବିଧିକ ବେକାରୀ ସଂଖ୍ୟା ଅଧିକ ।

(ii) ବର୍ତ୍ତମାନ ସମୟରେ ଦେଶର ଆର୍ଥିକ ଅଭିବୃଦ୍ଧି ପାଇଁ କୃଷି କାର୍ଯ୍ୟ ପାଇଁ ଟ୍ରାକଟର ଆଧୁନିକ ଯନ୍ତ୍ରପାତି ପ୍ରୟୋଗ ଶିଳ୍ପ ବାଣିଜ୍ୟ କ୍ଷେତ୍ରର କମ୍ପ୍ୟୁଟର ପ୍ରୟୋଗ ଦ୍ୱାରା ଶ୍ରମିକ ନିଯୁକ୍ତି ବ୍ୟବସ୍ଥା କରାଯାଉଛି ।

(iii) ଭାରତ ପରି ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶର ଲୋକମାନଙ୍କର ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ ଲୋକେ ଉପଯୁକ୍ତ କର୍ମନିଯୁକ୍ତି ପାଇ ନ ପାରି କିଛି ଶ୍ରମିକ ବେକାରୀ ହୋଇଥାନ୍ତି ।

**୭ । ଋତୁକାଳୀନ ବେକାରୀ କହିଲେ କ'ଣ ବୁଝ ଲେଖ ?**

**ଉ.** (i) ଭାରତ ଏକ କୃଷି ପ୍ରଧାନ ଦେଶ ଓ ଏହାର କୃଷି ମୌସୁମୀ ପ୍ରବାହ ଉପରେ ନିର୍ଭର କରେ । ଏଠାରେ ଜଳସେଚିତ ଜମିର ପରିମାଣ କମ୍ ।

(ii) କୃଷି କାର୍ଯ୍ୟରେ ନିୟୋଜିତ ଲୋକ ବର୍ଷ ମଧରେ କୃଷି ଋତୁ ଛଡ଼ା ଅନ୍ୟ ସମୟରେ କାମ ପାଇ ପାରୁ ନଥିବାରୁ ସେମାନଙ୍କୁ ଋତୁକାଳୀନ ବେକାରୀ କୁହାଯାଏ ।

**୮ । ସଂଘାତଜନୀତ ବେକାରୀ କାହାକୁ କୁହାଯାଏ ଓ ଏ ପ୍ରକାର ବେକାରୀ କେଉଁ ଦେଶରେ ଦେଖାଯାଏ ଲେଖ ?**

**ଉ.** ନୂତନ ପ୍ରଯୁକ୍ତି ବିଦ୍ୟାର ବିକାଶ ଓ ଶିଳ୍ପ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ହେତୁ ସମୟେ ସମୟେ ଦ୍ରବ୍ୟର ଚାହିଦା ବଜାରରେ କମି ଯିବା ସମୟରେ ଶିଳ୍ପପତିମାନେ ଦ୍ରବ୍ୟର ଉତ୍ପାଦନ ବନ୍ଦ କରି ଦେଇଥାନ୍ତି ।

(i) ଶ୍ରମିକମାନଙ୍କୁ ଛଟେଇ କରି ଦେଇଥାନ୍ତି ।

(ii) କୌଣସି କାର୍ଯ୍ୟରେ ନିୟୋଜିତ ନ ହେବା ପର୍ଯ୍ୟନ୍ତ ଛଟେଇ ଶ୍ରମିକ ବେକାର ହୋଇ ରହିଥିବା ଅବସ୍ଥାକୁ ସଂଘାତ ଜନିତ ବେକାରୀ କହନ୍ତି ।

(iii) ଶିଳ୍ପୋନ୍ନତ ଦେଶମାନଙ୍କରେ ଏହି ପ୍ରକାର ବେକାରୀ ଅଧିକ ମାତ୍ରାରେ ଦେଖା ଯାଇଥାଏ ।

**୯ । ବେକାରୀ ଦୂରୀକରଣର କାର୍ଯ୍ୟକ୍ରମ ଗୁଡ଼ିକ ବର୍ଣ୍ଣନା କର ?**

**ଉ.** **କାର୍ଯ୍ୟକ୍ରମ :** ବିଭିନ୍ନ ଯୋଜନା ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ଭିତ୍ତିଭୂମି ବିକାଶ ସହ ଅଧିକ ନିଯୋଜନ ସୃଷ୍ଟି କରିବା ।

(i) ବେକାରୀ ମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ଧନ୍ଦାମୂଳକ କେନ୍ଦ୍ର ଓ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି ।

(ii) ଶିକ୍ଷାର୍ଥୀମାନେ ଭବିଷ୍ୟତ ଜୀବନରେ କିପରି ବେକାରୀ ନ ହେବେ ସେଥିପାଇଁ ବିଦ୍ୟାଳୟ ଶିକ୍ଷାରେ ମଧ୍ୟ ଧନ୍ଦାମୂଳକ ବୈଷୟିକ ଶିକ୍ଷାକୁ ସାମିଲ କରାଯାଉଛି ।

(iii) ଯାହାଦ୍ୱାରା କି ପିଲାମାନେ ଆଗକୁ ଯାଇ ବେକାର ନ ହୋଇ ନିଜ ଯୋଗ୍ୟତା ଓ ଦକ୍ଷତା ମୁତାବକ କାର୍ଯ୍ୟକ୍ଷମ ହୋଇପାରିବେ ।

**୧୦ । ନିଯୁକ୍ତି ସମସ୍ୟାର ସାଧାରଣତଃ କେତୋଟି ଦିଗ କଣ କଣ ସେ ବିଷୟରେ ବର୍ଣ୍ଣନା କର ?**

**ଉ.** (i) ନିଯୁକ୍ତି ସମସ୍ୟାର 2 ଟି ଦିଗ ଯଥା ପରିମାଣତ୍ମକ ଓ ଗୁଣାତ୍ମକ ।

(ii) ଦେଶର ଜନସଂଖ୍ୟାର ଆକାର ତୁଳନାରେ ସ୍ୱଳ୍ପ ଶ୍ରମଶକ୍ତିର ସ୍ଥିତିକୁ ପରିମାଣତ୍ମକ ଦିଗ କୁହାଯାଏ ।

(iii) ସେହିପରି ଶ୍ରମଶକ୍ତିର ଉତ୍ପାଦିକା ଶକ୍ତି ନିଯୁକ୍ତି ସମସ୍ୟାର ସ୍ଥିତିକୁ ଗୁଣାତ୍ମକ ଦିଗ କୁହାଯାଏ ।

**୧୧ । ଅଧିକ ନିୟୋଜନ ସୃଷ୍ଟି କରିବା ପାଇଁ ସରକାରୀ କାର୍ଯ୍ୟକ୍ରମ ଆଲୋଚନା କର ?**

**ଉ.** (i) ବେକାରୀମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ତାଲିମ୍ ଦେବା ପାଇଁ ଶିଳ୍ପ ତାଲିମ କେନ୍ଦ୍ର ପ୍ରତିଷ୍ଠା ସହ କେନ୍ଦ୍ର ଓ ରାଜ୍ୟ ସରକାର ସ୍କୁଲ ଶିକ୍ଷାରେ ବୈଷୟିକ ଶିକ୍ଷାକୁ ସାମିଲ କରାଇଛନ୍ତି ।

(ii) ଅଧିକ ନିୟୋଜନ ସୃଷ୍ଟି ପାଇଁ ଅଧିକ କଳକାରଖାନା ଓ ବ୍ୟବସାୟିକ ପ୍ରତିଷ୍ଠାନ ସୃଷ୍ଟି କରିବା ପାଇଁ ଆଗେଇ ଆସିଛନ୍ତି ।

(iii) ନୂଆ ନୂଆ କାରଖାନା ଓ ବ୍ୟବସାୟିକ ସଂସ୍ଥା ପ୍ରତିଷ୍ଠା କରିବା ପାଇଁ ବ୍ୟାଙ୍କ ମାନଙ୍କ ସହାୟତାରେ ଋଣ ଦେବାର ବ୍ୟବସ୍ଥା କରାଇଛନ୍ତି ।

**୧୨ । ଆମ ଦେଶରେ ବେକାରୀ ସମସ୍ୟାର ମୁଖ୍ୟ କାରଣ ଗୁଡ଼ିକ କଣ ଲେଖ ।**

**ଉ.** (i) ଆମ ଦେଶରେ ଅଣକୃଷି କାର୍ଯ୍ୟକ୍ରମରେ ଆଶାନୁରୂପକ ବିକାଶ ହୋଇନଥିବା ଯୋଗୁଁ ବେକାରୀ ବୃଦ୍ଧି ପାଉନ୍ତି ।

(ii) ଶିଳ୍ପ କ୍ଷେତ୍ରରେ ନିଜ ପ୍ରତି ନିଜ ନୂତନ ପଦ୍ଧତିର ପ୍ରଚଳନ ଓ ନୂତନ ପ୍ରଯୁକ୍ତି ବିଦ୍ୟାର ବିକାଶ ହେତୁ ଶ୍ରମିକମାନଙ୍କର ଛଟେଇ ହୋଇଥାଏ ଯାହାଦ୍ୱାରା ବେକାରୀ ମାନଙ୍କ ସଂଖ୍ୟା ବୃଦ୍ଧି ପାଇଛି ।

(iii) ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ କମ୍ପ୍ୟୁଟର ପ୍ରଚଳନ, କୃଷି କ୍ଷେତ୍ରରେ ଟ୍ରାକ୍ଟର ଓ ଆଧୁନିକ ଯନ୍ତ୍ରପାତି ପ୍ରଚଳନ ଯୋଗୁଁ ଶ୍ରମିକ ନିଯୁକ୍ତି ହ୍ରାସ ପାଇବା ଦ୍ୱାରା ବେକାରୀ ସଂଖ୍ୟା ଅଧିକ ହେଉଛି ।

**୧୩ । କେଉଁ ସମସ୍ୟାଗୁଡ଼ିକ ଯୋଗୁଁ ବେକାରୀ ଭାରତର ଆର୍ଥିକ ପ୍ରଗତିରେ ମୁଖ୍ୟ ପ୍ରତିବନ୍ଧକ ?**

**ଉ.** (i) ଦେଶରେ ଶ୍ରମଶକ୍ତି ଦେଶର ମୋଟ ଜନସଂଖ୍ୟାର ଏକ କ୍ଷୁଦ୍ର ଅଂଶ ।

(ii) ଶ୍ରମ ଶକ୍ତିର ବେଶି ଭାଗ ଲୋକ ବେକାରୀ ବା ଅର୍ଦ୍ଧ ବେକାରୀ ।

(iii) ଶ୍ରମିକ ମାନଙ୍କ ଉତ୍ପାଦିକା ଶକ୍ତି କମ୍ ।

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ (୨ ନମ୍ବର ସମ୍ବଳିତ)

**୧ । ବେକାରୀ କାହାକୁ କୁହାଯାଏ ? 1951 ମସିହାରେ ଭାରତରେ ବେକାରୀ ସଂଖ୍ୟା କେତେ ଥିଲା ?**

**ଉ.** (i) ଜଣେ କାର୍ଯ୍ୟକ୍ଷମ ବ୍ୟକ୍ତି ଯଦି କୌଣସି ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ନଥାଏ ବା କିଛି ରୋଜଗାର କରୁ ନଥାଏ ତାକୁ ବେକାରୀ କୁହାଯାଏ ।

(ii) 1951 ମସିହା ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମୟରେ ଭାରତରେ ବେକାରୀ ସଂଖ୍ୟା 3.3 ନିୟୁତ ଥିଲା ।

**୨ । ଗ୍ରାମାଞ୍ଚଳର ଶ୍ରମିକମାନେ ମାତ୍ରାଧିକ ବେକାର ହେବାର କାରଣ ।**

**ଉ.** (i) ଗ୍ରାମାଞ୍ଚଳର ଲୋକମାନେ କୃଷି ଉପରେ ନିର୍ଭର କରନ୍ତି ଓ ଏହି କୃଷି ଋତୁଭିତ୍ତିକ ଓ ମୌସୁମୀ ବାୟୁ ଉପରେ ନିର୍ଭର କରେ ।

(ii) ଗ୍ରାମାଞ୍ଚଳରେ ଅଣ କୃଷି କାର୍ଯ୍ୟର ବିକାଶ ଓ ଗ୍ରାମୀଣ ଶ୍ରମିକ ମାନଙ୍କର ଆଧୁନିକ ଯନ୍ତ୍ରପାତି ବ୍ୟବହାର କରିବାର ଆର୍ଥିକ ସମ୍ବଳ ନଥିବାରୁ ମାତ୍ରାଧିକ ବେକାର ହୋଇଥାନ୍ତି ।

**୩ । ପ୍ରଚ୍ଛନ୍ନ ବେକାରୀ କାହାକୁ କୁହାଯାଏ ? ଏହା କେଉଁଠି ଦେଖାଯାଏ ?**

**ଉ.** (i) ଗୋଟିଏ କାର୍ଯ୍ୟରେ ଆବଶ୍ୟକ ଅପେକ୍ଷା ଅଧିକ ନିୟୋଜିତ ହୋଇଥିବା ବ୍ୟକ୍ତିଙ୍କୁ ପ୍ରଚ୍ଛନ୍ନ ବେକାରୀ କୁହାଯାଏ ।

(ii) ଏ କ୍ଷେତ୍ରରେ ଅଧିକା ବଳକା ଶ୍ରମିକମାନଙ୍କୁ କାର୍ଯ୍ୟରୁ ବାହାର କରିଦେଲେ ମଧ୍ୟ ଉତ୍ପାଦନ ଉପରେ ପ୍ରଭାବ ପଡ଼େ ନାହିଁ । ଭାରତର ଗ୍ରାମାଞ୍ଚଳର କୃଷି କ୍ଷେତ୍ରରେ ଏହିପରି ବେକାରୀ ଦେଖାଯାଆନ୍ତି ।

**୪ । ପ୍ରାବିଧିକ ବେକାରୀ ବିଷୟରେ ଟିପ୍ପଣୀ ଲେଖ ?**

**ଉ.** (i) ବର୍ତ୍ତମାନ ସମୟରେ ଦେଶର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଥିବାରୁ ଶ୍ରମିକ ବଦଳରେ ଅଧିକରୁ ଅଧିକ ଆଧୁନିକ ଯନ୍ତ୍ରପାତି ପ୍ରୟୋଗ କରାଯାଉଛି ।

(ii) ଏହାର ପରିଣାମ ସ୍ୱରୂପ ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ଅନେକ ବ୍ୟକ୍ତି କାର୍ଯ୍ୟ ନିଯୁକ୍ତି ପାଇପାରୁ ନାହାନ୍ତି । ଏହିପରି ବେକାରୀଙ୍କୁ ପ୍ରାବିଧିକ ବେକାରୀ କୁହାଯାଏ ।

**୫ । ଋତୁକାଳୀନ ବେକାରୀ କାହାକୁ କୁହାଯାଏ ଲେଖ ?**

**ଉ.** (i) ଆମ ଦେଶର କୃଷି କ୍ଷେତ୍ରରେ ନିୟୋଜିତ ଶ୍ରମିକ କୃଷି କାର୍ଯ୍ୟରେ ସମୟ ବ୍ୟତୀତ ଅନ୍ୟ ଦିନମାନଙ୍କରେ କୌଣସି କାମ ପାଇନଥାନ୍ତି ।

(ii) କୃଷି ମୌସୁମୀ ଜଳ ବାୟୁ ଉପରେ ନିର୍ଭର କରେ ଏହା ସହିତ ଆମ ଦେଶରେ ଜଳସେଚିତ ଜମିର ପରିମାଣ ମଧ୍ୟ କମ୍

**୬ । ସଂଘାତ ଜନିତ ବେକାରୀ କହିଲେ କ'ଣ ବୁଝ ? ଏହି ପ୍ରକାର ବେକାରୀ କେଉଁଠି ଦେଖାଯାଆନ୍ତି ?**

**ଉ.** (i) ଗୋଟିଏ ଶିଳ୍ପରୁ ଛଟେଇ ହୋଇ ଶ୍ରମିକ ବା ଶିଳ୍ପରେ କାମ କରିବା ପର୍ଯ୍ୟନ୍ତ ବେକାରୀ ରହିବାକୁ ବାଧ୍ୟ ହେଉଥିବା ଶ୍ରମିକଙ୍କ ସଂଘାତ ଜନିତ ବେକାରୀ କୁହାଯାଏ ।

(ii) ଶିଳ୍ପୋନ୍ନତ ଦେଶମାନଙ୍କରେ ଏ ପ୍ରକାର ବେକାରୀ ଦେଖାଯାଆନ୍ତି ।

**୭ । ନିଯୁକ୍ତି ସମସ୍ୟାର ଦୁଇଟି ଦିଗ କଣ ?**

**ଉ.** (i) ପରିମାଣାତ୍ମକ ଜନସଂଖ୍ୟାର ଆକାର ଅନୁସାରେ ସ୍ୱଳ୍ପ ଶ୍ରମ ଶକ୍ତିର ସ୍ଥିତି ।

(ii) ଗୁଣାତ୍ମକ ଶ୍ରମ ଶକ୍ତିର ଉତ୍ପାଦିକା ଶକ୍ତି ।

**୮ । 2001 ମସିହାରେ ଭାରତର ଶ୍ରମିକ ଜନସଂଖ୍ୟାର କଣ ସୂଚାଉଅଛି ଲେଖ ?**

**ଉ.** (i) ୨୦୦୧ ଜନଗଣନା ଅନୁସାରେ ଭାରତରେ ଶ୍ରମିକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର 39. 5% ।

(ii) ଉନ୍ନତ ଦେଶ ତୁଳନାରେ ଭାରତର ଶ୍ରମିକ ଅନୁପାତ କମ୍ ବିଶେଷ କରି ମହିଳା ଶ୍ରମିକ ସଂଖ୍ୟା ବହୁତ କମ ରହନ୍ତି ।

**୯ । ବିକାଶୋନ୍ମୁଖୀ ଦେଶମାନଙ୍କରେ କିପରି ବେକାରୀ ଦେଖାଯାଆନ୍ତି ଲେଖ ?**

**ଉ.** (i) ବିକାଶୋନ୍ମୁଖୀ ଦେଶମାନଙ୍କରେ ସଂସ୍ଥାନୀୟ ବେକାରୀ ଦେଖାଯାଆନ୍ତି ।

(ii) କାରଣ ଯଦି ଗୋଟିଏ ଅର୍ଥବ୍ୟବସ୍ଥାରେ ସମ୍ବଳ ବା ପୁଞ୍ଜିର ଅଭାବ ଥିବାରୁ ଶ୍ରମିକମାନଙ୍କ ନିଯୁକ୍ତ ବାଧା ପ୍ରାପ୍ତ ହୁଏ ଏହି ଅସୁବିଧା ହିଁ ସଂସ୍ଥାନୀୟ ବେକାରୀ ସୃଷ୍ଟି କରନ୍ତି ।

**୧୦ । ଆମ ଦେଶର କିଏ ଅଧିକ ନିୟୋଜନ ସୃଷ୍ଟି କରିବାର ସହାୟକ ହୋଇଛି ଲେଖ ?**

**ଉ.** (i) ଆମ ଦେଶର ବ୍ୟାଙ୍କ ଗୁଡ଼ିକ ବ୍ୟବସାୟିକ ପ୍ରତିଷ୍ଠାନ ଓ ନୂଆ କଳକାରଖାନା ସ୍ଥାପନ ପାଇଁ ଋଣ ପ୍ରଦାନ ମାଧ୍ୟମରେ ସହାୟତା କରିଥାନ୍ତି ।

(ii) ଶିଳ୍ପାୟନର ଦ୍ରୁତ ବିକାଶ ହିଁ ଶ୍ରମିକ ମାନଙ୍କ ଅଧିକ ନିୟୋଜନ ବୃଦ୍ଧି କରିଥାଏ ।

## ପାର୍ଥକ୍ୟ ଦର୍ଶାଅ (୨ ନମ୍ବର ସମ୍ବଳିତ ପ୍ରଶ୍ନ)

**ବା ପ୍ରଦତ୍ତ ପ୍ରଶ୍ନର ଦୁଇଟି ପାର୍ଥକ୍ୟ ନ ଦର୍ଶାଇ ଗୋଟିଏ ଉତ୍ତର ଲେଖି ଅନ୍ୟଟିକୁ ଛାଡ଼ିଦେଲେ ନମ୍ବର ମିଳିବ ନାହିଁ**

**୧ । ବେକାରୀ ଓ ଅର୍ଦ୍ଧବେକାରୀ ମଧ୍ୟରେ ପାର୍ଥକ୍ୟ କ'ଣ ?**

**ଉ.** **ବେକାରୀ :** ଜଣେ କାର୍ଯ୍ୟକ୍ଷମ ବ୍ୟକ୍ତି ଯଦି କୌଣସି ଉତ୍ପାଦନ କାର୍ଯ୍ୟରେ ନିଯୁକ୍ତି ନଥାଏ ବା କିଛି ରୋଜଗାର କରୁ ନଥାଏ ।

**ଅର୍ଦ୍ଧବେକାରୀ :** ଗାଁ ଗହଳରେ ଥିବା କେତେ ଲୋକ ବାହାରକୁ କାର୍ଯ୍ୟରତ ଜଣା ପଡୁଥିଲେ ମଧ୍ୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟରେ ଲିପ୍ତ ନ ଥାନ୍ତି ବା କିଛିଦିନ କାର୍ଯ୍ୟରେ ନିୟୋଜିତ ରହି ଆଉ କିଛି ଦିନ କାର୍ଯ୍ୟ କରିନଥାନ୍ତି ।

**୨ । ବିକଶିତ ଦେଶ ଓ ବିକାଶୋନ୍ମୁଖୀ ଦେଶର ଶ୍ରମିକ ମାନଙ୍କ ଉତ୍ପାଦିକା ଶକ୍ତି ମଧ୍ୟରେ ପାର୍ଥକ୍ୟ କିପରି ଲେଖ ?**

**ଉ.** **ବିକଶିତ ଦେଶ :** ଏହି ଦେଶର ଅର୍ଥନୈତିକ ବ୍ୟବସ୍ଥାରେ ସମ୍ବଳ ଓ ପୁଞ୍ଜି କମ ନଥିବାରୁ ଶ୍ରମିକମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଉତ୍ପାଦିକା ଶକ୍ତି ବୃଦ୍ଧି କରିପାରିଥାନ୍ତି ।

**ବିକାଶୋନ୍ମୁଖୀ ଦେଶ :** ଏପରି ଦେଶର ଶ୍ରମିକମାନଙ୍କ ପାଖରେ ପୁଞ୍ଜି କମ୍ ଥାଏ ସେମାନେ କାର୍ଯ୍ୟ କ୍ଷେତ୍ରରେ ପୁରୁଣା କାଳିଆ ଯନ୍ତ୍ରପାତି ବ୍ୟବହାର କରିଥାନ୍ତି ଯାହା ଫଳରେ କି ଉତ୍ପାଦିକା ଶକ୍ତି କମ୍ ହୋଇଥାଏ ।

**୩ । ପ୍ରାବିଧିକ ବେକାରୀ ଓ ସଂଘାତଜନିତ ବେକାରୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

**ଉ.** **ପ୍ରାବିଧିକ ବେକାରୀ :** ଶିଳ୍ପ ସଂସ୍ଥାମାନଙ୍କରେ ଉତ୍ପାଦନ ବୃଦ୍ଧି ପାଇଁ ଶ୍ରମିକ ବଦଳରେ ଯନ୍ତ୍ରପାତି ବ୍ୟବହାର ଯୋଗୁଁ ବେକାର ହେଉଥିବା ଶ୍ରମିକମାନଙ୍କୁ କୁହାଯାଏ ।

**ସଂଘାତଜନିତ ବେକାରୀ :** ଶିଳ୍ପକ୍ଷେତ୍ରରେ ଉତ୍ପାଦନ ବନ୍ଦ କରି ଦେବା ଫଳରେ ଶ୍ରମିକମାନଙ୍କ ଛଟେଇ ଯୋଗୁଁ ସୃଷ୍ଟି ହେଉଥିବା ବେକାରୀମାନଙ୍କୁ କୁହାଯାଏ ।

**୪ । ସଂସ୍ଥାନୀୟ ବେକାରୀ ଓ ପ୍ରଚ୍ଛନ୍ନ ବେକାରୀ ମଧ୍ୟରେ ପାର୍ଥକ୍ୟ ଲେଖ ?**

**ଉ.** **ସଂସ୍ଥାନୀୟ ବେକାରୀ :** ଯେଉଁ ଅର୍ଥ ବ୍ୟବସ୍ଥାରେ ସମ୍ବଳ ବା ପୁଞ୍ଜିର ଅଭାବ ରହିଲେ ଶ୍ରମିକମାନଙ୍କର ନିଯୁକ୍ତି ବାଧାପ୍ରାପ୍ତ ହୋଇ ସୃଷ୍ଟି ହେଉଥିବା ବେକାରୀ କୁହାଯାଏ ।

**ପ୍ରଚ୍ଛନ୍ନ ବେକାରୀ :** ଯେକୌଣସି କାର୍ଯ୍ୟରେ ଆବଶ୍ୟକତା ଠାରୁ ଅଧିକ ଶ୍ରମିକ କାମରୁ ବାହାର କରିଦେଲେ ଉତ୍ପାଦନ ଉପରେ ପ୍ରଭାବ ପକାଏ ନାହିଁ । ଏହା ପ୍ରକାର ବଳକା ଶ୍ରମିକମାନଙ୍କୁ ପ୍ରଚ୍ଛନ୍ନ ବେକାରୀ କୁହାଯାଏ ।

**୫ । ନିଯୁକ୍ତିର ପରିଣାତ୍ମକ ଦିଗ ଓ ନିଯୁକ୍ତିର ଗୁଣାତ୍ମକ ଦିଗ ମଧ୍ୟରେ ପାର୍ଥକ୍ୟ କ'ଣ ଲେଖ ?**

**ଉ.** **ନିଯୁକ୍ତିର ପରିମାଣତ୍ମକ ଦିଗ :** ଦେଶର ଜନସଂଖ୍ୟାର ଆକାର ତୁଳନାରେ ସ୍ୱଚ୍ଛ ଶ୍ରମଶକ୍ତିର ସ୍ଥିତିକୁ ବୁଝାଏ ।

**ନିଯୁକ୍ତିର ଗୁଣାତ୍ମକ ଦିଗ :** ଦେଶର ଜନସଂଖ୍ୟା ଆକାର ତୁଳନାରେ ଶ୍ରମ ଶକ୍ତିର ଉତ୍ପାଦିକା ଶକ୍ତିକୁ ବୁଝାଏ ।

**୬ । ଋତୁକାଳୀନ ବେକାରୀ ଓ ସଂସ୍ଥାନୀୟ ବେକାରୀ ମଧ୍ୟରେ ପାର୍ଥକ୍ୟ କ'ଣ ?**

**ଉ.** **ଋତୁକାଳୀନ ବେକାରୀ :** କୃଷି ଋତୁ ବ୍ୟତୀତ ଅନ୍ୟ ସମୟରେ ଅନେକ ଦିନ କୌଣସି କାମ ନ ପାଇ ବେକାର ରହିବା ଶ୍ରମିକ କୁହାଯାଏ ।

**ସଂସ୍ଥାନୀୟ ବେକାରୀ :** କୌଣସି ଅର୍ଥବ୍ୟବସ୍ଥାରେ ସମ୍ବଳ ବା ପୁଞ୍ଜିର ଅଭାବ ଦ୍ୱାରା ଶ୍ରମିକମାନଙ୍କ ନିଯୁକ୍ତି ବାଧାପ୍ରାପ୍ତ ହୋଉ ସୃଷ୍ଟି ହେଉଥିବା ବେକାରୀକୁ ସଂସ୍ଥାନୀୟ ବେକାରୀ କୁହାଯାଏ ।

# ତୃତୀୟ ଅଧ୍ୟାୟ

## ଉଦ୍ୟୋଗ ବିକାଶ

## ପ୍ରଥମ ପାଠ

### ଔଦ୍ୟୋଗୀକରଣ

# MCQ

**1. ଉଦ୍ୟୋଗ ପ୍ରତିଷ୍ଠା କରିଥିବା ବ୍ୟକ୍ତିଙ୍କୁ କ'ଣ କୁହାଯାଏ ?**

(A) ଔଦ୍ୟୋଗିକୀ (B) ଉଦ୍ୟୋଗ (C) ଉଦ୍ୟୋଗୀ (D) କର୍ତ୍ତା

**2. ଔଦ୍ୟୋଗୀକରଣ ପ୍ରକ୍ରିୟାର ପରିମାଣାତ୍ମକ ଏକକକୁ କ'ଣ କୁହାଯାଏ ?**

(A) ଉଦ୍ୟୋଗୀ (B) ଉଦ୍ୟୋଗ (C) ଔଦ୍ୟୋଗିକୀ (D) ଔଦ୍ୟୋଗୀକରଣ

**3.** **ଔଦ୍ୟୋଗିକୀ କେଉଁ ଶବ୍ଦରୁ ଉତ୍ପତ୍ତି ଲାଭ କରିଛି ?**

(A) ଲାଟିନ୍ (B) ଇଂରାଜୀ (C) ଗ୍ରୀକ୍ (D) ଫରାସୀ

**4.** **ଉଦ୍ୟୋଗୀ ଶବ୍ଦକୁ ପ୍ରଥମ କରି କେବେ ଅର୍ଥନୀତିରେ ପ୍ରଚଳନ କରାଗଲା ?**

(A) ଷୋଡ଼ଶ (B) ସପ୍ତଦଶ (C) ଅଷ୍ଟାଦଶ (D) ଊନବିଂଶ

**5.** **ଔଦ୍ୟୋଗିକୀ ଶବ୍ଦଟି କେଉଁ ପ୍ରକୃତି ଗୁଡ଼ିକର ସୂଚନା ଦିଏ ?**

(A) ଆର୍ଥିକ (B) ସାମାଜିକ (C) ବ୍ୟବହାରଗତ (D) ମନସ୍ତାତ୍ତ୍ୱିକ

**6.** **ଭାରତରେ ଔଦ୍ୟୋଗିକୀ ବିକାଶ ସଂସ୍ଥା କେତୋଟି ଦକ୍ଷତା ଗୁଣର ଅବତାରଣା କରିଛନ୍ତି ?**

(A) 10 (B) 20 (C) 15 (D) 25

**7.** **ଉତ୍ପାଦନର ପ୍ରମୁଖ କେତୋଟି ନିୟାମକ ଅଛି ?**

(A) 3 (B) 4 (C) 5 (D) 6

**8.** **ଉଦ୍ୟୋଗ ପ୍ରତିଷ୍ଠା ପାଇଁ କାହାର ସେବା ଆବଶ୍ୟକ ?**

(A) ଡାକ୍ତର (B) ଇଞ୍ଜିନିୟର (C) ଅଧ୍ୟାପକ (D) ଓକିଲ

**9.** **ଉଦ୍ୟୋଗ ପ୍ରତିଷ୍ଠା ପାଇଁ କାହାର ସେବା ଆବଶ୍ୟକ ନାହିଁ ?**

(A) ଡାକ୍ତର (B) ଓକିଲ (C) ପରିବହନକାରୀ (D) ବିଜ୍ଞାପନକାରୀ

**10.** **କେଉଁଟି ଉତ୍ପାଦନର ଏକ ପ୍ରମୁଖ ନିୟାମକ ?**

(A) ପରିବହନ (B) ବ୍ୟାଙ୍କ (C) ଶ୍ରମ (D) ଜଙ୍ଗଲ

**11.** **ନିମ୍ନଲିଖିତ ମଧ୍ୟରୁ ଉତ୍ପାଦନର ପ୍ରମୁଖ ନିୟାମକ କେଉଁଟି ନୁହେଁ ?**

(A) ଭୂମି (B) ପୁଞ୍ଜି (C) ଶ୍ରମ (D) ଯୋଗାଯୋଗ

**12.** **କେଉଁ ଉପାଦାନଟି ଉଦ୍ୟୋଗୀ ପାଇଁ ଆହ୍ୱାନ ନୁହେଁ ?**

(A) ନୂତନ ଦ୍ରବ୍ୟ ଉତ୍ପାଦନ (B) ପ୍ରାବିଧିକ ନବୀକରଣ

(C) ନୂତନ ବଜାର ଅନୁସନ୍ଧାନ (D) ଲୋକଙ୍କ ଦାବୀ ପୂରଣ

**13.** **ଔଦ୍ୟୋଗୀକରଣ ଦେଶର କେଉଁ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ?**

(A) ଆର୍ଥନୈତିକ (B) ସାମଗ୍ରିକ (C) ଖଣିଜ (D) ସାମାଜିକ

**14.** **କାହାକୁ ସବୁ ସମୟରେ ସବୁ ସମୟରେ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼େ ?**

(A) ଶିକ୍ଷକ (B) ଉଦ୍ୟୋଗୀ (C) ଓକିଲ (D) ଶିଳ୍ପପତି

**15.** **ରିଚାର୍ଡ କାର୍ଣ୍ଣଇନ୍ କେଉଁ ସ୍ଥାନର ଅର୍ଥନୀତିଜ୍ଞ ଅଟନ୍ତି ?**

(A) ଭାରତ (B) ଜର୍ମାନ (C) ଜାପାନ (D) ଫରାସୀ

**16.** **କିଏ ଉଦ୍ୟୋଗୀ ଶବ୍ଦକୁ ପ୍ରଥମ କରି ଅର୍ଥନୀତିରେ ପ୍ରଚଳନ କରିଥିଲେ ?**

(A) କାର୍ଲ ମାକ୍ସ (B) ହ୍ୱେସେନ (C) ରିଚାର୍ଡ କାଣ୍ଟିଲନ୍ (D) ଆଦାମ ସ୍ମିଥ୍

**17.** **କୌଣସି ଉଦ୍ୟୋଗ କ୍ଷେତ୍ରରେ ଖର୍ଚ୍ଚକାଟ ଓ ଆୟ ବୃଦ୍ଧିରେ କିଏ ସହାୟକ ହୋଇଥାଏ ?**

(A) ଉତ୍ପାଦନ ବ୍ୟବସ୍ଥାପନ (B) ଆଇନସଂଗତ କାର୍ଯ୍ୟକ୍ରମ

(C) ସୃଜନଶୀଳତା (D) ଆଶଙ୍କା ମୁକାବିଲା

**18.** **ବିକଶିତ ଦେଶଗୁଡ଼ିକରେ ବ୍ୟବସାୟ ପ୍ରତିଷ୍ଠିତ ହୋଇଗଲେ କେଉଁମାନେ ଉଦ୍ୟୋଗୀମାନଙ୍କର ସ୍ଥାନ ନେଇଥାନ୍ତି ?**

(A) ଅର୍ଥଲଗାଣକାରୀ (B) ପରିଚାଳକ (C) ଏକ୍‌ଜିକ୍ୟୁଟିଭ୍ (D) ଶ୍ରମିକ

**19.** **ଯେକୌଣସି ବ୍ୟକ୍ତି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେବାବେଳେ ତାଙ୍କର କେଉଁ ଜ୍ଞାନ ଥିବା ଆବଶ୍ୟକ ?**

(A) ଚିକିତ୍ସା ସମ୍ବନ୍ଧୀୟ ଜ୍ଞାନ (B) ଗାଡ଼ି ଚଳାଇବା ଜ୍ଞାନ

(C) ଆର୍ଥିକ ଦକ୍ଷତା ବିକାଶ (D) ନିଯୁକ୍ତି ସୃଷ୍ଟି

**20.** **କାହାକୁ ଔଦ୍ୟୋଗିକାର ବୈଶିଷ୍ଟ୍ୟ କୁହାଯାଏ ?**

(A) ସୃଜନଶୀଳତା (B) ପୁଞ୍ଜି ନିର୍ମାଣ (C) ଆର୍ଥିକ ଦକ୍ଷତା ବିକାଶ (D) ନିଯୁକ୍ତି ସୃଷ୍ଟି

**21.** **କେଉଁଟି ଆର୍ଥିକ ବିକାଶର ପରିଭାଷା ଅଟେ ?**

(A) କ୍ଷୁଦ୍ର ବ୍ୟବସାୟ (B) କୃଷି (C) ବୃହତ୍ ବ୍ୟବସାୟ (D) ମୋଟ ଘରୋଇ ଉତ୍ପାଦନ

**22.** **କେଉଁ ସ୍କିମ୍ ମାଧ୍ୟମରେ ଉଦ୍ୟୋଗର ବିକାଶ କରାଯାଇଛି ?**

(A) ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା (B) ସ୍ୱର୍ଣ୍ଣ ଜୟନ୍ତୀ ସ୍ୱ-ରୋଜଗାର ଯୋଜନା

(C) ଭାରତୀୟ ଉଦ୍ୟୋଗ ପୁଞ୍ଜି (D) ଦାରିଦ୍ର୍ୟ ଦୂରୀକରଣ

**23.** **ଶ୍ରମିକଙ୍କୁ ଉନ୍ନତ ଯନ୍ତ୍ରପାତି ଯୋଗାଇ ଦେଲେ କ'ଣ ବୃଦ୍ଧି ପାଏ ?**

(A) କ୍ଷମତା (B) ଦକ୍ଷତା (C) ଯୋଗ୍ୟତା (D) ଉତ୍ପାଦିକା

**24.** **'ଲଗାନ' ଚଳଚ୍ଚିତ୍ରରେ ଭୁବନ ଚରିତ୍ର ଗ୍ରାମୀଣ ଯୁବକଙ୍କୁ ନେଇ କ'ଣ ଗଢିଥିଲେ ?**

(A) ଉଦ୍ୟୋଗ (B) ମନ୍ଦିର (C) ନଦୀବନ୍ଧ (D) କ୍ରିକେଟ୍ ଟିମ୍

**25.** **'ନିରମା' ପାଉଡରର ନିର୍ମାତା କିଏ ?**

(A) ହରିଶ୍ ଭାଇ (B) କର୍ଷଣ ଭାଇ (C) କମଲେଶ ଭାଇ (D) ଯୋଗେଶ୍ ଭାଇ

**26.** **ଔଦ୍ୟୋଗୀୟ ଦକ୍ଷତା ଗୁଣାବଳୀର ସମାହାରକୁ ଇଂରେଜୀରେ କ'ଣ କହନ୍ତି ?**

(A) KASH (B) CASH (C) CASE (D) KASS

**27.** **ଔଦ୍ୟୋଗିକୀ ବିକାଶ ସଂସ୍ଥା ଉଦ୍ୟୋଗୀମାନଙ୍କର ପ୍ରଦର୍ଶନ ଓ ଉତ୍କର୍ଷତା ବୃଦ୍ଧିରେ କେତୋଟି ଦକ୍ଷତା ଗୁଣର ଅବତାରଣା କରନ୍ତି ?**

(A) 5 (B) 10 (C) 15 (D) 20

**28.** **କିଛି କଷ୍ଟ ସାଧ୍ୟ କାର୍ଯ୍ୟକୁ କରି ଦେଖାଇବାର ଇଚ୍ଛାକୁ କ'ଣ କୁହାଯାଏ ?**

(A) ଔଦ୍ୟୋଗିକୀ କରଣ (B) ଆଧିପତ୍ୟ ପ୍ରଯୋଜନିତା

(C) ସ୍ୱାକ୍ଷରତା ପ୍ରଯୋଜନିତା (D) ସାଫଲ୍ୟ ଅଭିଳାଷା

**29.** **ଔଦ୍ୟୋଗିକୀ ସଚେତନତା କାର୍ଯ୍ୟକ୍ରମ ଦେଶର କେଉଁ କ୍ଷେତ୍ରରେ ପ୍ରଗତି ସୃଷ୍ଟି କରିବ ?**

(A) ଶିଳ୍ପ (B) ଆର୍ଥିକ (C) ଶିକ୍ଷା (D) ସ୍ୱାସ୍ଥ୍ୟ

**30.** **ସାମର୍ଥ୍ୟ ପ୍ରଯୋଜନିତା କହିଲେ କ'ଣ ବୁଝାଏ ?**

(A) ବାହ୍ୟ ମାଲିକଙ୍କଠାରୁ ସ୍ୱାଧୀନତା (B) ବ୍ୟକ୍ତି ସୁଗୁଣର ସୁରକ୍ଷା

(C) ବ୍ୟକ୍ତିଗତ ସଚେତନତା (D) ପରିବାରର ସ୍ୱାର୍ଥରକ୍ଷା

**ANSWER**

1. C 2. B 3.D 4. C 5. C 6. C 7. B 8. B 9.A 10. C 11. D
12. D 13. B 14. B 15. D 16. C 17. C 18. B 19. D 20. A 21.D 22.C
23. D 24.D 25. B 26. A 27. C 28. B 29. B 30. B

## ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର (୩ ନମ୍ବର ସମ୍ବଳିତ)

**୧ । ଔଦ୍ୟୋଗିକରଣ ଉଦ୍ୟୋଗୀ ଓ ଉଦ୍ୟୋଗ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ଆଲୋଚନା କର ।**

ଉ. ଏହା ତ୍ରିଭୁଜର ତିନି ବାହୁର ସମ୍ପର୍କ ପରି ଅଟେ ।

ଯଥା **ଔଦ୍ୟୋଗିକିରଣ :** ସମସ୍ତ ବୃତ୍ତିଗତ କାର୍ଯ୍ୟକୁ ଛାଡ଼ି ନିଜସ୍ୱ ଉଦ୍ୟୋଗରେ ବ୍ୟବସାୟ ପ୍ରତିଷ୍ଠା କରିବା ପ୍ରକ୍ରିୟାକୁ ହିଁ ଔଦ୍ୟୋଗିକରଣ ।

**ଉଦ୍ୟୋଗୀ :** ଯେକୌଣସି ବ୍ୟବସାୟ ପ୍ରତିଷ୍ଠା ବା ଉଦ୍ୟୋଗ ପ୍ରତିଷ୍ଠାତାକୁ ଉଦ୍ୟୋଗୀ କୁହାଯାଏ ।

**ଉଦ୍ୟୋଗ :** ବ୍ୟବସାୟର ପରିମାଣାତ୍ମକ ଏକକକୁ କୁହାଯାଏ ।

**୨ । ଦେଶର ସର୍ବାଙ୍ଗୀନ ଉନ୍ନତିରେ ଔଦ୍ୟୋଗିକୀରଣ ଭୂମିକା ବର୍ଣ୍ଣନା କର ।**

ଉ. (i) ଉଦ୍ୟୋଗୀକୁ ଆତ୍ମନିଯୁକ୍ତି ସୁଯୋଗ ଦେଇଥାଏ ।

(ii) ଔଦ୍ୟୋଗିକ ରୋଜଗାର ବୃତ୍ତିର ବିସ୍ତାର ଓ ଆର୍ଥିକ କାର୍ଯ୍ୟର ଉନ୍ନତି ପାଇଁ ସୁଯୋଗ ସୃଷ୍ଟି କରିଥାଏ ।

(iii) ଗୋଟିଏ ଉଦ୍ୟୋଗ ଅନ୍ୟ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ସହାୟକ ହୋଇଥାଏ ।

**୩ । ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟତଃ କଣ କଣ ଆବଶ୍ୟକ ଲେଖ ?**

ଉ. (i) ଉଦ୍ୟୋଗ ପ୍ରତିଷ୍ଠା ପାଇଁ ବିଭିନ୍ନ ପ୍ରକାର ସେବାର ଆବଶ୍ୟକ ହୋଇଥାଏ ।

(ii) କଞ୍ଚାମାଲ ବା ଉପାଦାନ ଯୋଗାଣକାରୀ ପରିବହନକାରୀ ବିଭିନ୍ନ ଯୋଗାଯୋଗ ବ୍ୟବସ୍ଥାକାରୀ, ବିତରଣକାରୀ ମଧ୍ୟସ୍ଥ ଓ ବିଜ୍ଞାପନକାରୀ ଫାର୍ମ, ହିସାବ ତଦାରଖକାରୀ ଫାର୍ମ ଆଦି ।

**୪ । ଉଦ୍ୟୋଗୀ ଶବ୍ଦର ସଂଜ୍ଞା କଣ ? ଏହାକୁ କିଏ କେବେ ପ୍ରଥମ କରି ଅର୍ଥନୀତିରେ ପ୍ରଚଳିତ କରିଥିଲେ ?**

ଉ. (i) ଉଦ୍ୟୋଗୀ ଏକ ନିର୍ଦ୍ଦିଷ୍ଟ ଦରରେ ଉତ୍ପାଦନର ମାଧ୍ୟମକୁ କଣ ଭବିଷ୍ୟତରେ ଉତ୍ପାଦକୁ ଅନିଶ୍ଚିତ ଦରରେ ବିକ୍ରି କରୁଥିବା ବ୍ୟକ୍ତି ବିଶେଷ ।

(ii) ଏହାକୁ ଫରାସୀ ଅର୍ଥନୀତିଜ୍ଞ ରିଚାର୍ଡ କାଣ୍ଟିଲନ୍ ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଉଦ୍ୟୋଗୀ ଶବ୍ଦକୁ ପ୍ରଥମେ କରି ଅର୍ଥନୀତିରେ ପ୍ରଚଳିତ କରିଥିଲେ ।

**୫ । ଔଦ୍ୟୋଗିକୀ ଶବ୍ଦଟି କେଉଁ ଫରାସୀ ଶବ୍ଦରୁ ଉତ୍ପତ୍ତି ଲାଭ କରିଛି ଓ ଏହାର ଅର୍ଥ ଲେଖ ?**

ଉ. (i) Entreprede ନାମକ ଫରାସୀ ଶବ୍ଦରୁ ଉତ୍ପତ୍ତି ଲାଭ କରିଛି ।

(ii) ଅର୍ଥ ସୈନ୍ୟ ଅଭିଯାନ ଉପକ୍ରମ ।

(iii) ଏହାର ଅର୍ଥ ଆଶଙ୍କା ଓ ଅନିଶ୍ଚିତତା ବହନକାରୀ ଉତ୍ପାଦକ ସଂସାଧନ ସଂଯୋଜନାକାରୀ ନୂତନ ଉତ୍ପାଦ ପ୍ରବର୍ତ୍ତନକାରୀ ପୁଞ୍ଜି ଓ ପ୍ରାବଧାନ ।

**୬ । ଔଦ୍ୟୋଗୀକରଣ କହିଲେ କ'ଣ ବୁଝ ଓ ଔଦ୍ୟୋଗୀର ବୈଶିଷ୍ଟ୍ୟଗୁଡ଼ିକ ଲେଖ ?**

ଉ. (i) ଏହା ଉଦ୍ୟୋଗ ସୃଷ୍ଟି କରିବା ପ୍ରକ୍ରିୟା ।

(ii) କୌଣସି ବ୍ୟକ୍ତି ବୃତ୍ତି ଚୟନରେ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେବା ସମୟରେ ବଜାର ସମ୍ବନ୍ଧୀୟ ଜ୍ଞାନ ବଜାର ସୁଯୋଗର ସତ୍ ଉପଯୋଗ ଆବଶ୍ୟକ ପୁଞ୍ଜି ଯୋଗାଡ଼ ନିପୁଣତାର ସହ କରିବା ଦରକାର ।

(iii) ବୈଶିଷ୍ଟ୍ୟ : ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ (2) ଆଇନ ସଂଗତ ତଥା ଉଦ୍ଦେଶ୍ୟାଦିତ କାର୍ଯ୍ୟକ୍ରମ । ସୃଜନଶୀଳତା ଉତ୍ପାଦନ ବ୍ୟବସ୍ଥାପନ ଆଶଙ୍କା ମୁକାବିଲା ।

**୭ । ପ୍ରଫେସର ଡାଭିଡ ମାକ୍‌ଲେଲାଣ୍ଡ କାହା ଉପରେ ଗବେଷଣା କରିଥିଲେ ?**

ଉ. (i) ପ୍ରଫେସର ମାକ୍‌ଲେଲାଣ୍ଡ ଦେଶ ଦେଶ ମଧ୍ୟରେ ବିକାଶ ସ୍ତର ମଧ୍ୟରେ ପାର୍ଥକ୍ୟ ଲୋକଙ୍କ ସାଫଲ୍ୟ ପ୍ରେରଣା ଉପରେ ଗବେଷଣା କରିଥିଲେ ।

(ii) ସେ ଅନୁସନ୍ଧାନାତ୍ମକ ଗବେଷଣା ମାଧ୍ୟମରେ ଜାଣିପାରିଥିଲେ ଯେ ଦେଶର ପ୍ରଗତିସ୍ତର ସେହି ଦେଶର ପ୍ରେରଣାଦାୟୀ ବ୍ୟକ୍ତିଙ୍କ ସାଫଲ୍ୟ ଜନିତ ପ୍ରଭାବକାରୀ ଲେଖା ଉପରେ ହିଁ ପର୍ଯ୍ୟବସିତ ।

(iii) ସେ ଲକ୍ଷ୍ୟ କରିଥିଲେ ଯେ ଔଦ୍ୟୋଗିକୀ ମାଧମରେ ସାଫଲ୍ୟ ପ୍ରେରଣାର ପରିପ୍ରକାଶ ହେବା ସଂଗେ ସଂଗେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥାଏ ।

**୮ । ଉଦ୍ୟୋଗୀକରଣରେ ମୂଲ୍ୟବୋଧ ଓ ଦୃଷ୍ଟିଭଙ୍ଗୀର ଭୂମିକା କଣ ?**

**ଉ.** (i) ମୂଲ୍ୟବୋଧ ଓ ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ ଅର୍ଥବୋଧକ ଶଦ୍ଦ - ଔଦ୍ୟୋଗିକ ପ୍ରକ୍ରିୟାରେ ଉଦ୍ୟୋଗୀର ବ୍ୟବହାର ଦକ୍ଷତାକୁ ହିଁ ଔଦ୍ୟୋଗୀକରଣର ମୂଲ୍ୟବୋଧ ଓ ଦୃଷ୍ଟିଭଙ୍ଗୀ କୁହାଯାଏ ।

(ii) କୌଣସି କାର୍ଯ୍ୟକୁ ଅଲଗା ଅଲଗା ପ୍ରକ୍ରିୟା କି ବ୍ୟବହାରିକ ପ୍ରବୃତ୍ତି ବା ଔଦ୍ୟୋଗିକୀର ବିକାଶ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ ।

(iii) କାଶ (Kack) ରେ ଏହାକୁ ସ୍ୱଅଭ୍ୟାସ ବୋଲି ବର୍ଣ୍ଣନା କରାଯାଇଛି ।

**୯ । ଔଦ୍ୟୋଗିକ ବିକାଶରେ ଆବଶ୍ୟକ ଉପାଦାନଗୁଡ଼ିକୁ ବର୍ଣ୍ଣନା କର ?**

**ଉ.** (i) ଉଦ୍ୟୋଗ ବା ବ୍ୟବସାୟ ବୃତ୍ତି ଏକ ବ୍ୟକ୍ତି ଗତି ଅନୁଭବ ସହ ସମସ୍ତ ଆହ୍ୱାନକୁ ମୁକାବିଲା କରିବାର ଆତ୍ମ ପ୍ରତ୍ୟୟ ।

(ii) ବ୍ୟକ୍ତିର ବ୍ୟକ୍ତିତ୍ୱ ଦକ୍ଷତା, ପ୍ରେରଣା, ମୂଲ୍ୟବୋଧ ।

(iii) ପରିବେଶଗତ ପ୍ରଭାବ : ଆର୍ଥିକ ପରିସ୍ଥିତି, ଆର୍ଥନୀତି ଓ ସଂସ୍ଥାନିକ ଢ଼ାଞ୍ଚା ।

**୧୦ । EDIP କ'ଣ ? ସେ ମଧରୁ ୩ ଗୋଟି ଗୁଣର ନାମ ଲେଖ ? ଏହି ସଂସ୍ଥା ଉଦ୍ୟୋଗୀମାନଙ୍କର ଉତ୍କର୍ଷତା ବୃଦ୍ଧିରେ କେତୋଟି ଦକ୍ଷତା ଗୁଣର ଅବତାରଣା କରନ୍ତି ।**

**ଉ.** (i) EDIP stands for Enterprencurship Development Institute of India ର ପୁରା ନାମ ଔଦ୍ୟୋଗିକ ବିକାଶ ସଂସ୍ଥା ।

(ii) ଉଦ୍ୟୋଗୀ ଉତ୍କର୍ଷତା ବୃଦ୍ଧିରେ 15 ଟି ଦକ୍ଷତା ଗୁଣର ଅବତାରଣ କରିଛନ୍ତି ।

(iii) ସେଗୁଡ଼ିକ - ଦକ୍ଷତାଭିମୁଖୀ ହେବା, ସୁବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ କରିବା, ଦୃଢ଼ମତ ପୋଷଣ, ପ୍ରଭାବକାରୀ କୌଶଳ ପ୍ରୟୋଗ ସମସ୍ୟା ସମାଧାନ କରିବା ଓ କର୍ମଚାରୀଙ୍କ କଲ୍ୟାଣ ପାଇଁ ସମ୍ବେଦନଶୀଳ ହେବା ।

**୧୧ । ସାଫଲ୍ୟ** ପ୍ରୟୋଜନୀୟତା **ସମ୍ବନ୍ଧୀୟ ତଥ୍ୟକୁ ଆଲୋଚନା ପରିସରକୁ କିଏ ଆଣିଥିଲେ ଓ କିପରି ?**

**ଉ.** (i) ପ୍ରଫେସର ଡାଭିଡ଼୍ ମାକ୍‌ଲେଲାଣ୍ଡ ସାଫଲ୍ୟ ପ୍ରୟୋଜନିତା ସମ୍ବନ୍ଧୀୟ ତଥ୍ୟକୁ ଆଲୋଚନା ପରିସରକୁ ଆଣିଥିଲେ ।

(ii) ତାଙ୍କରି ପ୍ରସ୍ତାବନା ଦେଶ ଦେଶ ମଧରେ ବିକାଶ ସ୍ତରର ପାର୍ଥକ୍ୟ ଲୋକଙ୍କ ସାଫଲ୍ୟ ପ୍ରେରଣା ଉପରେ ଆଧାରିତ ।

(iii) ସେଥିପାଇଁ ସେ ୩୯ଟି ଦେଶର ଲୋକପ୍ରିୟ ଗଳ୍ପ, ଲୋକସାହିତ୍ୟ ତଥା ପ୍ରାଥମିକ ଶ୍ରେଣୀରେ ପଢ଼ା ଯାଉଥିବା ବିଷୟବସ୍ତୁକୁ ଅନୁଧ୍ୟାନ କରିଥିଲେ ।

**୧୨ । ମାନବ ସମ୍ବଳ ପରିଚାଳନାର ଅର୍ଥ କ'ଣ ? ଏହାର କେତୋଟି ବ୍ୟବହାରିକ ବିକଳ୍ପ ଗୁଡ଼ିକର ନାମ ଲେଖ ।**

**ଉ.** ମାନବ ସମ୍ବଳ ପରିଚାଳନା ଅର୍ଥ ପାରିତୋଷିକ । ଏହାର ବ୍ୟବହାରି ବିକଳ୍ପ ଗୁଡ଼ିକ ହେଲା -

(i) ବିଶ୍ୱାସ ଯୋଗ୍ୟ ନିର୍ଭରଶୀଳ ତଥା ଆଜ୍ଞାକାରୀ କର୍ମଚାରୀ ନିଯୁକ୍ତି ।

(ii) ଯୋଗ୍ୟ ତଥା ପ୍ରଶିକ୍ଷିତ କର୍ମଚାରୀ ନିଯୁକ୍ତି କରିବା ।

(iii) ଭଲ / ଅଧିକ କାମ କରୁଥିବା କର୍ମଚାରୀଙ୍କୁ ଅତିରିକ୍ତ ପାରିତୋଷିକ ।

(iv) ପଦୋନ୍ନତି ବ୍ୟବସ୍ଥା ।

(v) ଇଚ୍ଛା ମୁତାବକ ପୁରସ୍କୃତ କରିବା ।

**୧୩ । ଆଇନ ସଂଗତ ତଥା ଉଦ୍ଦେଶ୍ୟାଦିତ କାର୍ଯ୍ୟକ୍ରମର ଅର୍ଥ କ'ଣ ?**

**ଉ.** (i) ଆଇନ ସଂଗତ ତଥା ଉଦ୍ଦେଶ୍ୟାଦିତ କାର୍ଯ୍ୟକ୍ରମ ଉଦ୍ୟୋଗିକୀ ବୈଶିଷ୍ଟ୍ୟର ଏକ ଅଂଶ ।

(ii) ଆଇନ ସଂଗତ ଭାବେ କାର୍ଯ୍ୟକ୍ରମ ହାତକୁ ନେବା ଔଦ୍ୟୋଗିକୀର ମୁଖ୍ୟ ଉଦ୍ଦେଶ୍ୟ ।

(iii) ପ୍ରକୃତ ପକ୍ଷେ ଔଦ୍ୟୋଗୀକରଣ ମୂଲ୍ୟବୋଧଭିତ୍ତିକ ହେବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ଫାଇଦା ତଥା ସାମାଜିକ ଲାଭଦାୟୀ ହେବା ଆବଶ୍ୟକ ।

**୧୪ । ଔଦ୍ୟୋଗିକୀ ସହ ସୃଜନଶୀଳତା କିପରି ଜଡ଼ିତ ବର୍ଣ୍ଣନା କର ?**

**ଉ.** **ଔଦ୍ୟୋଗିକା :** (i) କୌଣସି ପଦାର୍ଥ ଔଦ୍ୟୋଗିକୀ ବିନା ସମ୍ବଳର ପଦବାଚ୍ୟ ହୁଏ ନାହିଁ ।

(ii) ପରିବେଶରୁ ମିଳୁଥିବା ବିଭିନ୍ନ କାରକକୁ ଏକାଠି କରି ସମାଜର ଆବଶ୍ୟକତା ଓ ଚାହିଦା ମୁତାବକ ଉଦ୍ୟୋଗୀମାନେ ଦ୍ରବ୍ୟ ଓ ସେବା ଉତ୍ପାଦନ କରିଥାନ୍ତି ।

(iii) ଔଦ୍ୟୋଗିକୀ ସୃଜନଶୀଳତା ପ୍ରକ୍ରିୟା ଦ୍ୱାରା ନୂତନ ଦ୍ରବ୍ୟ ଉତ୍ପାଦନ କରେ ନୂତନ ବଜାର ଓ ନୂତନ ସାଧନ ଗୁଡ଼ିକର ଅନ୍ୱେଷଣ କରେ ବୈଷୟିକ ଜ୍ଞାନ କୌଶଳର ଉଦ୍ଭାବନ କରି ବିଭିନ୍ନ ପ୍ରକାର ପ୍ରୟୋଗାତ୍ମକ ଢ଼ାଞ୍ଚାରେ ଉତ୍କୃଷ୍ଟ ଶସ୍ତା ଓ ଅଧିକ ପରିମାଣରେ ଉତ୍ପାଦନ ସୃଷ୍ଟି କରେ ।

**୧୫ । ଗ୍ରାମୀଣ ଶିଳ୍ପ ଓ କ୍ଷୁଦ୍ର ବ୍ୟବସାୟୀ କାହିଁକି ଗୁରୁତ୍ୱପୂର୍ଣ୍ଣ ଲେଖ ?**

**ଉ.** (i) ଗ୍ରାମୀଣ ଶିଳ୍ପର ବିକାଶ/ ପ୍ରସାର ହେଲେ ସାମାଜିକ ଅର୍ଥନୈତିକ ବିକାଶ ହୋଇଥାଏ ।

(ii) କ୍ଷୁଦ୍ର ବ୍ୟବସାୟୀ ଅର୍ଥନୈତିକ ସମତା ଆଣିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ ।

(iii) ଉଭୟ ଗ୍ରାମୀଣ ଶିଳ୍ପ ଓ କ୍ଷୁଦ୍ର ବ୍ୟବସାୟ ବିଭିନ୍ନ ଆଞ୍ଚଳିକ ଅନଗ୍ରସର ବ୍ୟକ୍ତିଙ୍କ ଆଶା ଭରସାକୁ ପୂରଣ କରିବାରେ ସହାୟକ ହୋଇଥିବାରୁ ଏ ଦୁଇଟି ଗୁରୁତ୍ୱପୂର୍ଣ୍ଣ ।

**୧୬ । କ୍ୟାସ୍ KASH କହିଲେ କ'ଣ ବୁଝ ?**

**ଉ.** (i) ଔଦ୍ୟୋଗୀୟ ଦକ୍ଷତା ଗୁଣାବଳୀର ସମାହାର ।

(ii) Eng ରେ ସଂକ୍ଷେପରେ ଏହାକୁ କ୍ୟାସ ବା KASH (Knowledge + Attitude + Skill + Habits) କୁହାଯାଏ ।

(iii) ଔଦ୍ୟୋଗୀୟ ଦକ୍ଷତା ହିଁ ମନୁଷ୍ୟର ଜ୍ଞାନ ବୈଷୟିକ କୌଶଳ ମନସ୍ତାତ୍ତ୍ୱିକ ବିଶେଷଣ, ଉତ୍ସାହ, ପ୍ରେରଣା ଓ ସୁଅଭ୍ୟାସର ସମାହାରକୁ ବୁଝାଏ ।

**୧୭ । ଔଦ୍ୟୋଗୀମାନେ କିପରି ବହୁଲୋକଙ୍କ ଜୀବନକୁ ପ୍ରଭାବିତ କରିଥାନ୍ତି ?**

**ଉ.** (i) ପ୍ରତ୍ୟେକ ନୂଆ ବ୍ୟବସାୟ ବିଭିନ୍ନ ଦକ୍ଷତା, ନିପୁଣତା ଓ ଯୋଗ୍ୟତା ଥିବା ଲୋକଙ୍କ ପାଇଁ ନିଯୁକ୍ତିର ଉତ୍ସ ହୋଇଥାଏ ।

(ii) ଭୂମିରୁ ଆୟ ନଥିବା କିମ୍ବା ପୁଞ୍ଜି ନଥିବା ଲୋକଙ୍କ ପାଇଁ ଜୀବିକାର ମୁଖ୍ୟ ଉତ୍ସ ଭାବେ କାର୍ଯ୍ୟ କରିଥାଏ ।

(iii) ଏହା ଶ୍ରମିକ ପରିବାର ଓ ଶ୍ରମଜୀବିଙ୍କ ପାଇଁ ଏକ ନୂତନ ଜୀବନଚର୍ଯ୍ୟା ସୃଷ୍ଟି କରି ବୃତ୍ତି ସନ୍ତୋଷ ପ୍ରଦାନ କରିଥାଏ ।

**୧୮ । ଔଦ୍ୟୋଗିକାର ପ୍ରଥମ ତିନୋଟି ବୈଶିଷ୍ଟ୍ୟ ଲେଖ ?**

**ଉ.** ବୈଶିଷ୍ଟ୍ୟଗୁଡ଼ିକ ହେଲା :

**(i) ସୁବ୍ୟବସ୍ଥା କାର୍ଯ୍ୟକ୍ରମ :** ଏହା ଏକ ସୁବ୍ୟବସ୍ଥିତ, ପର୍ଯ୍ୟାୟକ୍ରମିକ ତଥା ଉଦ୍ଦେଶ୍ୟମୂଳକ କାର୍ଯ୍ୟକ୍ରମିକ ତଥା ଉଦ୍ଦେଶ୍ୟମୂଳକ କାର୍ଯ୍ୟକ୍ରମ ଯାହା ପାଇଁ ଜ୍ଞାନ, ନିପୁଣତା ଓ ସାମର୍ଥ୍ୟ ଆବଶ୍ୟକ ପଡ଼େ ।

**(ii) ଜ୍ଞାନ, ନିପୁଣତା ତଥା ଉଦ୍ଦେଶ୍ୟାଦିତ କାର୍ଯ୍ୟକ୍ରମ :** ଆଇନ ସଙ୍ଗତିଭାବେ କାର୍ଯ୍ୟକ୍ରମକୁ ହାତକୁ ନେବା ଔଦ୍ୟୋଗିକୀର ମୁଖ୍ୟ ଉଦ୍ଦେଶ୍ୟ ।

**(iii) ସୃଜନଶୀଳତା :** ଏହା ମାଧ୍ୟମରେ ଜଣେ ଅନେକ ନୂତନ କାର୍ଯ୍ୟ କରିପାରିଥାଏ । ଏହା ଖର୍ଚ୍ଚକାଟ ଓ ଆୟ ବୃଦ୍ଧିରେ ସହାୟକ ହୋଇଥାଏ ।

**୧୯ । ଔଦ୍ୟୋଗିକା ପ୍ରେରଣା କେଉଁଠାରୁ ମିଳିଥାଏ ?**

**ଉ.** (i) ସେହିମାନେ ଔଦ୍ୟୋଗିକୀ ପ୍ରେରଣାର ଉତ୍ସ ହୋଇଥାନ୍ତି ଯେଉଁ ବ୍ୟକ୍ତି ନିଜସ୍ୱ ଦକ୍ଷତା ଓ ଆତ୍ମନିର୍ଭରଶୀଳତା ପାଇଁ କାହାଠାରୁ ପ୍ରରୋଚିତ ହୋଇନଥାନ୍ତି ।

(ii) ଏକ ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ପରିବେଶରେ ବ୍ୟକ୍ତିଗତ ଉପଲବ୍ଧି ଏବଂ ଉଚ୍ଚକୋଟିର ଦକ୍ଷତା ଔଦ୍ୟୋଗୀକରଣ ପାଇଁ ପ୍ରେରଣା ଯୋଗାଇ ଥାଏ ।

**୨୦ । ଉଦ୍ୟୋଗୀମାନେ ଦେଶର ଆର୍ଥିକ ବିକାଶ ତଥା ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ?**

**ଉ.** ଉଦ୍ୟୋଗୀମାନେ ଉଭୟ ଆର୍ଥିକ ବିକାଶ ତଥା ଶିଳ୍ପ ପ୍ରତିଷ୍ଠା ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ।

(i) ଆର୍ଥିକ ବିକାଶ କ୍ଷେତ୍ରରେ ସେମାନେ ଦେଶର ମୋଟ ଜାତୀୟ ଆୟ ବୃଦ୍ଧି, ପୁଞ୍ଜି ନିର୍ମାଣ ଓ ନିଯୁକ୍ତି ସୃଷ୍ଟିରେ ସହଯୋଗ କରିଥାନ୍ତି ।

(ii) ଏହା ବ୍ୟତୀତ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ସହ ସ୍ଥାନୀୟ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଥାନ୍ତି ।

**୨୧ । ଆର୍ଥିକ ବିକାଶରେ ଉଦ୍ୟୋଗୀମାନଙ୍କର ତିନୋଟି ଭୂମିକା ବର୍ଣ୍ଣନା କର ?**

**ଉ.** **ପୁଞ୍ଜି ନିର୍ମାଣ :** ଉଦ୍ୟୋଗ ସ୍ଥାପନ ପାଇଁ ପୁଞ୍ଜି ନିର୍ମାଣର ସ୍ଥାନ ମହତ୍ୱପୂର୍ଣ୍ଣ ସେଥିପାଇଁ ଉଦ୍ୟୋଗୀମାନେ ନିଜର ସଞ୍ଚିତ ଅର୍ଥ ସହ ପରିବାର, ସାଙ୍ଗ ସାଥିମାନଙ୍କ ଅର୍ଥବିନିଯୋଗ କରି ପୁଞ୍ଜି ଗଠନ କରିଥାନ୍ତି ।

**ନିଯୁକ୍ତି ସୃଷ୍ଟି :** ଉଦ୍ୟୋଗ ପ୍ରତିଷ୍ଠା ଫଳରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ଅନେକ ନିଯୁକ୍ତି ସୃଷ୍ଟି କରି ବହୁଲୋକ ଜୀବନକୁ ସରସ ସୁନ୍ଦର କରିଥାନ୍ତି ।

**ଆର୍ଥିକ ଦକ୍ଷତା :** ଉଦ୍ୟୋଗ ସ୍ଥାପନ ହେଲେ ଉଦ୍ୟୋଗୀ ମାନଙ୍କର ଆର୍ଥିକ ଦକ୍ଷତା ବୃଦ୍ଧି ପାଇବା ସହ କର୍ମଚାରୀ ମାନଙ୍କର ଆର୍ଥିକ ଉନ୍ନତି ହୋଇଥାଏ ।

**୨୨ । ସ୍ୱାୟତ୍ତତା ପ୍ରୟୋଜନିତା କଣ ? ଔଦ୍ୟୋଗିକ ପରିପ୍ରେକ୍ଷୀରେ ଅର୍ଥ କ'ଣ ବୁଝାଏ ?**

**ଉ.** ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ଇଚ୍ଛାକୁ ସ୍ୱାୟତ୍ତତା ପ୍ରୟୋଜନତା କୁହାଯାଏ । ଅନ୍ୟ କାହା ପାଇଁ କାମ ନ କରି ନିଜ ଦାୟିତ୍ୱ ନିଜେ ନେବା ସହ ନିଜକୁ ଉତ୍ତରଦାୟୀ କରାଇବା ।

ଔଦ୍ୟୋଗିକୀ ପରିପ୍ରେକ୍ଷୀରେ ଏହା ଅନ୍ୟ ପାଇଁ କାମ ନ କରିବାର ସଂକଳ୍ପକୁ ବୁଝାଇଥାଏ ।

ଏହି ଇଚ୍ଛା ହିଁ ସାମର୍ଥ୍ୟର ସମ୍ପୂର୍ଣ୍ଣ ପରିପ୍ରକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ । ଏହା ବାହ୍ୟ ମାଲିକଙ୍କଠାରୁ ସ୍ୱାଧୀନତା ନୁହେଁ ବରଂ ବ୍ୟକ୍ତି ସୁଗୁଣର ସୁରକ୍ଷାକୁ ବୁଝାଏ ।

## ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ (୨ ନମ୍ବର ସମ୍ବଳିତ)

**୧ । ବିକାଶ କହିଲେ କ'ଣ ବୁଝ ?**

**ଉ.** (i) ସାଧାରଣତଃ ବର୍ତ୍ତମାନ ଅବସ୍ଥାଠାରୁ ଅଧିକ ଭଲ ବା ଉନ୍ନତ ପରିସ୍ଥିତିକୁ ବୁଝାଏ ।

(ii) ଭୌଗୋଳିକ, କ୍ଷେତ୍ରୀୟ ତଥା ବୈଷୟିକ କ୍ଷେତ୍ରରେ ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକଳାପରେ ବିବିଧତା ଆଣିବାକୁ ବିକାଶ କୁହାଯାଏ ।

**୨. ଔଦ୍ୟୋଗିକୀ କି କି ସୁଯୋଗ ସୃଷ୍ଟି କରେ ?**

**ଉ.** (i) ଔଦ୍ୟୋଗିକୀ ଉଦ୍ୟୋଗୀକୁ ଆତ୍ମନିଯୁକ୍ତିର ସୁଯୋଗ ଦେଇଥାଏ ।

(ii) ଏହା ରୋଜଗାର ଓ ବୃତ୍ତିର ବିସ୍ତାର ସାହାଯ୍ୟ କରିବା ସହ ଆର୍ଥିକ ଉନ୍ନତି ପାଇଁ ସୁଯୋଗ ସୃଷ୍ଟି କରିଥାଏ ।

**୩ । ଔଦ୍ୟୋଗିକୀ କାହାକୁ କୁହାଯାଏ ଓ ଏହା କିପରି ସୃଜନାତ୍ମକ ଲେଖ ?**

**ଉ.** (i) ଔଦ୍ୟୋଗିକୀ ଏକ ସୁବ୍ୟବସ୍ଥିତ ଉଦ୍ଦେଶ୍ୟମୂଳକ କାର୍ଯ୍ୟକ୍ରମ ଯେଉଁଥିରେ ସ୍ୱଭାବଗତ ନିପୁଣତା ଓ ସାମର୍ଥ୍ୟର ଆବଶ୍ୟକ ପଡ଼ିଥାଏ ।

(ii) ଔଦ୍ୟୋଗିକୀ ନବୀନ ପ୍ରକ୍ରିୟାରେ ନୂଆ ଦ୍ରବ୍ୟ ଉତ୍ପାଦନ କରେ ନୂତନ ବଜାର ଓ ନୂତନ ସାଧନାର ଅନ୍ୱେଷଣ ଓ ବୈଷୟିକ ଜ୍ଞାନକୌଶଳର ଉଦ୍ଭାବନ ଓ ନୂଆ ନୂଆ ଢାଞ୍ଚାରେ ଉତ୍କୃଷ୍ଟ ଶସ୍ତା ଓ ଅଧିକ ପରିମାଣରେ ଉତ୍ପାଦନ ସୃଷ୍ଟି କରେ । ଏହିସବୁ କାରଣରୁ ଔଦ୍ୟୋଗିକୀ ସୃଜନାତ୍ମକ ଅଟେ ।

**୪ । ଔଦ୍ୟୋଗିକୀକୁ ଏକ ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ ବୋଲି କୁହାଯାଏ ?**

**ଉ.** (i) ଔଦ୍ୟୋଗିକୀ ଏକ ସୁବ୍ୟବସ୍ଥିତ ପର୍ଯ୍ୟାୟକ୍ରମେ ତଥା ଉଦ୍ଦେଶ୍ୟମୂଳକ କାର୍ଯ୍ୟକ୍ରମ ।

(ii) ଏଥିପାଇଁ କିଛି ସ୍ୱଭାବଗତ ନିପୁଣତା ତଥା ଅନ୍ୟାନ୍ୟ ଜ୍ଞାନ ଏବଂ ସାମର୍ଥ୍ୟର ଆବଶ୍ୟକତା ପଡ଼ିଥାଏ ।

୫ । ଔଦ୍ୟୋଗିକ ଜ୍ଞାନ ଦକ୍ଷତା କ'ଣ ? ଏହା କିପରି ହାସଲ ହୋଇପାରିବ ?

ଉ. (i) କୌଣସି ଉଦ୍ୟୋଗ ବା ବ୍ୟବସାୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ପ୍ରାଦ୍ୟୋଗିକ ବୃତ୍ତି କାର୍ଯ୍ୟ ପ୍ରଣାଳୀ ବିଷୟରେ ଜାଣିବାକୁ ଔଦ୍ୟୋଗିକ ଜ୍ଞାନ ଦକ୍ଷତା କୁହାଯାଏ ।

(ii) ସାଧାରଣତଃ ପୁସ୍ତକ ଓ ବିଷୟ ବିଶେଷଜ୍ଞଙ୍କ ସହ ଆଲୋଚନାରୁ ଏହା ହାସଲ ହୋଇଥାଏ ।

୬ । ଜଣେ ବ୍ୟକ୍ତି ଦକ୍ଷ ଉଦ୍ୟୋଗୀ ହେବାକୁ ହେଲେ କେଉଁ କେଉଁ ଗୁଣର ଆବଶ୍ୟକତା ଲେଖ ?

ଉ. (i) ଜଣେ ଉଦ୍ୟୋଗୀ ପାଖରେ ପ୍ରକଳ୍ପ ସମ୍ବନ୍ଧୀୟ ଜ୍ଞାନ ସୂଚନା ସଂଚାର ମାଧ୍ୟମ ନିର୍ଣ୍ଣୟ ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆକର୍ଷିତ ଓ ପ୍ରଭାବିତ କରିବା କ୍ଷମତା ଥିବା ଆବଶ୍ୟକ ।

(ii) ଜ୍ଞାନ, ଉତ୍ସାହ, ନିପୁଣତା ଓ ସୁଅଭ୍ୟାସ ଆଦି ଗୁଣ ହିଁ ଜଣେ ବ୍ୟକ୍ତିକୁ ଏକ ଦକ୍ଷ ଉଦ୍ୟୋଗୀ ହେବାରେ ସହାୟକ ହୋଇଥାଏ ।

୭ । ଉଦ୍ୟୋଗୀମାନଙ୍କୁ କେଉଁ କେଉଁ ପରିସ୍ଥିତିରେ ତତ୍ପର ରହିବା ଉଚିତ୍ ?

ଉ. (i) ଉଦ୍ୟୋଗୀମାନଙ୍କୁ ଅନବରତ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

(ii) ନୂତନ ଦ୍ରବ୍ୟ ଉତ୍ପାଦନକାରୀ, ନୂତନ ବଜାରର ଅନୁସନ୍ଧାନ ପ୍ରାବିଧିକ ନବୀକରଣ । ବ୍ୟବସାୟିକ ଉନ୍ନତିକଳ୍ପେ ନୂତନ ବଜାର ଅନ୍ୱେଷଣ ଆଦିରେ ତତ୍ପର ରହିବାକୁ ବାଧ କରିଥାଏ ।

୮ । କୌଣସି ଦ୍ରବ୍ୟ ଉତ୍ପାଦନ ପାଇଁ କେଉଁ ସବୁ ସାଧନର ମିଶ୍ରିତ ପ୍ରୟୋଗର ଆବଶ୍ୟକତା ପଡ଼ିଥାଏ ?

ଉ. (i) କୌଣସି ଦ୍ରବ୍ୟ ଉତ୍ପାଦନ ପାଇଁ ପ୍ରଥମତଃ ଆବଶ୍ୟକ ହୋଇଥାଏ । ନକ୍ସା, ସ୍ଥାନ, ସମୟ ଓ ବ୍ୟକ୍ତିଗତ ଉପଯୋଗିତା ।

(ii) ୨ୟତଃ ଉତ୍ପାଦନ ପାଇଁ ଆବଶ୍ୟକ ହୋଇଥାଏ ଭୂମି ଶ୍ରମ ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟା ।

୯ । କାହିଁକି ଉଦ୍ୟୋଗୀମାନେ କର୍ମଚାରୀକଲ୍ୟାଣ ପ୍ରତି ସମ୍ବେଦନଶୀଳ ହେବା ଉଚିତ୍ ?

ଉ. (i) ଯେକୌଣସି ଉଦ୍ୟୋଗର ସଫଳତା ସେଥିରେ ନିଯୁକ୍ତି କର୍ମଚାରୀ ଉପରେ ସମ୍ପୂର୍ଣ୍ଣ ନିର୍ଭର ।

(ii) ବ୍ୟବସାୟୀ ହୁଅନ୍ତୁ ବା ଉଦ୍ୟୋଗୀ ହୁଅନ୍ତୁ ଏହାକୁ ଠିକ୍ ଭାବରେ ହୃଦୟଙ୍ଗମ କରିବା ସହ କର୍ମଚାରୀମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାମାନ ପ୍ରସ୍ତୁତ କରିବା ନିହାତି ଆବଶ୍ୟକ ।

୧୦ । ଆଧିପତ୍ୟ ପ୍ରୟୋଜନିତା କଣ ? କେଉଁମାନଙ୍କୁ ଏଥିପାଇଁ ପ୍ରତୀକ ଭାବେ ବିବେଚନା କରାଯାଏ ?

ଉ. (i) ଅନ୍ୟକୁ ନିଜ ପ୍ରତି ଆକର୍ଷିତ କରିବା ସହ ସେମାନଙ୍କର ଆଚରଣରେ ପରିବର୍ତ୍ତନ ଆଣି ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ସାଧନାରେ ବ୍ରତୀ କରାଇବାକୁ ହିଁ ଆଧିପତ୍ୟ ପ୍ରୟୋଜନିତା କୁହାଯାଏ ।

(ii) ସାଧାରଣ ଜୀବନରେ ରାଜନେତା ଉଚ୍ଚ ପ୍ରଶାସନିକ ଅଧିକାରୀ ବା ଜନସେବାକାରୀକୁ ଆଧିପତ୍ୟ ପ୍ରଦର୍ଶନକାରୀ ଭାବେ ବିବେଚନା କରାଯାଏ ।

# ୩ୟ ଅଧ୍ୟାୟ

# ପ୍ରଥମ ପାଠ

# ଔଦ୍ୟୋଗୀକରଣ

**ପାର୍ଥକ୍ୟ ଦର୍ଶାଅ : ୨ନମ୍ବର ସମ୍ବଳିତ ସଂକ୍ଷିପ୍ତ ପ୍ରଶ୍ନ ଉତ୍ତର ।**
**ମନେକର ପାର୍ଥକ୍ୟ ଦର୍ଶାଅ ପ୍ରଶ୍ନର ଦୁଇଟି ପାର୍ଶ୍ୱର ଉପର ନିଷ୍ପୟ ଲେଖିବ ।**
**ଗୋଟିଏ ପ୍ରଶ୍ନ ଉତ୍ତର ଲେଖିଲେ ନମ୍ବର ମିଳେ ନାହିଁ ।**

୧ । ଉଦ୍ୟୋଗ ଓ ଉଦ୍ୟୋଗୀ (କାହାକୁ କହନ୍ତି) ମଧ୍ୟରେ ପାର୍ଥକ୍ୟ କ'ଣ ?

ଉ. **ଉଦ୍ୟୋଗ :** ବ୍ୟବସାୟ ଓ ଔଦ୍ୟୋଗିକରଣର ପରିମାଣାତ୍ମକ ଏକକକୁ କୁହାଯାଏ ।

ଏହା ପରିମାଣ ବା କ୍ରିୟା ଫଳ ଅଟେ । ଉଦ୍ୟୋଗ ରୋଜଗାର ଓ ବୃତ୍ତିର ବିସ୍ତାର ଭଳି ଦୁଇଟି ଆର୍ଥିକ କାର୍ଯ୍ୟର ଉନ୍ନତି ପାଇଁ ସୁଯୋଗ ସୃଷ୍ଟି କରିଥାଏ ।

**ଉଦ୍ୟୋଗୀ :** ବ୍ୟବସାୟ ବା ଉଦ୍ୟୋଗ ପ୍ରତିଷ୍ଠାତାକୁ କୁହାଯାଏ ।
ଉଦ୍ୟୋଗୀ ଏକ ବ୍ୟକ୍ତି ବା ଏକ ଉଦ୍ୟମୀ ଅଟେ । ଉଦ୍ୟୋଗୀ ଆତ୍ମନିଯୁକ୍ତି ପାଇବା ସହିତ ଅନ୍ୟମାନଙ୍କୁ ବୃତ୍ତି ଯୋଗାଇ ଥାଏ ।

**୨ । ଔଦ୍ୟୋଗିକୀ ଓ ପରିଚାଳନା ମଧ୍ୟରେ ପାର୍ଥକ୍ୟ ଲେଖ ?**

ଉ. **ଔଦ୍ୟୋଗିକୀ :** ଔଦ୍ୟୋଗିକୀ ଚାକିରୀ ବା ବୃତ୍ତିଗତ କାର୍ଯ୍ୟ ଛାଡ଼ି ନିଜସ୍ୱ ବ୍ୟବସାୟ ପ୍ରତିଷ୍ଠା କରିବା ପ୍ରକ୍ରିୟାକୁ କୁହାଯାଏ ।
ଉଦ୍ୟୋଗକୁ ଆତ୍ମନିଯୁକ୍ତିର ସୁଯୋଗ ଦିଏ ।
ଏହା ଏକ ବ୍ୟବସ୍ଥିତ ଉଦ୍ଦେଶ୍ୟ ପୂର୍ଣ୍ଣ ସୃଜନଶୀଳ କାର୍ଯ୍ୟ ।
**ପରିଚାଳନା :** ଏକ ଚଳନ୍ତି ବ୍ୟବସାୟକୁ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନା କରାଇବାକୁ ପରିଚାଳନା କୁହାଯାଏ ।
ପରିଚାଳନା ଔପଚାରିକ ଢଙ୍ଗ ଅଟେ ।
ପରିଚାଳନା ସମ୍ବଳକୁ ନେଇ କିପରି ସୁଚାରୁ ରୂପେ କାର୍ଯ୍ୟରେ ଲଗାଇବ ସେଥିପାଇଁ ଚିନ୍ତିତ ଥାଏ ।

**୩ । ଔଦ୍ୟୋଗିକୀ ଓ ଉଦ୍ୟୋଗୀ ବିଷୟରେ ପୃଥକ ବର୍ଣ୍ଣନା କର ?**

ଉ. **ଔଦ୍ୟୋଗିକୀ :** ଔଦ୍ୟୋଗିକୀ ଉଦ୍ୟୋଗୀକୁ ଆତ୍ମ ନିଯୁକ୍ତିର ସୁଯୋଗ ଦେଇଥାଏ । ଆର୍ଥିକ ଉନ୍ନତି କକ୍ଷେ ସୁଯୋଗ ସୃଷ୍ଟି କରିଥାଏ ।
**ଉଦ୍ୟୋଗୀ :** ବ୍ୟବସାୟ ବା ଉଦ୍ୟୋଗ ସୃଷ୍ଟିକୁ ଆମନ୍ତ୍ରଣ କରିଥାଏ । ଉଦ୍ୟୋଗ ପାଇଁ ଆବଶ୍ୟକ କଞ୍ଚାମାଲ ବା ଉପାଦାନ ଯୋଗାଣକାରୀ, ପରିବହନକାରୀ, ବିତରଣକାରୀଙ୍କ ପାଇଁ ମଧ୍ୟସ୍ଥତା କାର୍ଯ୍ୟ କରିଥାଏ । ଉଦ୍ୟୋଗୀକୁ ସବୁବେଳେ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

**୪ । ମାଲିକ ଓ କର୍ମଚାରୀ ମଧ୍ୟରେ ପାର୍ଥକ୍ୟ କ'ଣ ?**

ଉ. **ମାଲିକ :** କାର୍ଯ୍ୟ ଯୋଗାଇବା ବ୍ୟକ୍ତି ବିଶେଷ ବ୍ୟବସାୟର ପୂର୍ବସ୍ଥିତିକୁ ଆହ୍ୱାନ କ୍ରମେ କରି ବେଳେବେଳେ ଆଶଙ୍କା ଓ ଆହ୍ୱାନର ସମ୍ମୁଖୀନ ହୋଇଥାନ୍ତି ।
ବ୍ୟକ୍ତିଗତ ନିଷ୍ପତ୍ତି ଉପରେ ସାହାସ ଓ ଦୃଢ଼ତାର ସହ ପରିଚାଳିତ ହୋଇଥାନ୍ତି ।
**କର୍ମଚାରୀ :** ଔଦ୍ୟୋଗରେ ଦରମା ନେଇ କାର୍ଯ୍ୟ କରନ୍ତି । ସେମାନେ ମାଲିକ ବା ବ୍ୟବସାୟ ମୁଖ୍ୟଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ସେମାନେ ପରିଶ୍ରମ ବଦଳରେ ପାରିଶ୍ରମୀକ ପାଇଁ କାର୍ଯ୍ୟ କରନ୍ତି । କର୍ମଚାରୀମାନେ ସମୂହ ଭାବେ କାମ କରନ୍ତି । ମାନବ ସମ୍ବଳକୁ ସୂଚାରୁ ରୂପେ ପରିଚାଳନା କରିପାରନ୍ତି ।

**୫ । ଅଧ୍ୟବସାୟୀ ଓ ତଥ୍ୟ ଜିଜ୍ଞାସା ମଧ୍ୟରେ ପାର୍ଥକ୍ୟ ଲେଖ ।**

**ଉ. ଅଧ୍ୟବସାୟୀ :** ଅଧ୍ୟବସାୟୀ ସେହିମାନଙ୍କୁ କୁହାଯାଏ ଯିଏ କାର୍ଯ୍ୟ ସମ୍ପୂର୍ଣ୍ଣ ବା ସଫଳ ନ ହେବା ପର୍ଯ୍ୟନ୍ତ ନିରବଚ୍ଛନ୍ନ ଉଦ୍ୟମ ଜାରି ରଖିଥାଏ ।
ଅଧ୍ୟବସାୟୀ ସଫଳ ଉଦ୍ୟୋଗୀ ପାଖରେ କଦାପି ହାର ନ ମାନିବାର ପ୍ରବୃତ୍ତି ରହିବା ନିତ୍ୟାନ୍ତ ଜରୁରୀ ।
**ତଥ୍ୟ ଜିଜ୍ଞାସା :** ଉଦ୍ୟୋଗୀ ଜ୍ଞାନ ପିପାସୁ ହେବା ସହ ନିଜ କ୍ଷେତ୍ର ସହିତ ଜଡ଼ିତ ବିଦ୍ୱାନ ବ୍ୟକ୍ତିକୁ ଚିହ୍ନିବା ବିଷୟ ବିଶେଷଜ୍ଞ ସହ ପରାମର୍ଶ କରିବା ପ୍ରାସଙ୍ଗିକ ବିଷୟ ଉପରେ ଜ୍ଞାନ ଆହରଣ ସହ ବିଭିନ୍ନ ମାଗାଜିନ, ପୁସ୍ତକ ପଢ଼ିବା ସହ ବିଭିନ୍ନ ମତାମତ ଓ ତଥ୍ୟ ସହ ଉଦାର ଭାବପୋଷଣ କରିଥାଏ ।

## ଦ୍ୱିତୀୟ ପାଠ
## ଉଦ୍ୟୋଗ ପ୍ରତିଷ୍ଠା ପାଠ

# MCQ

**1. ଦେଶକୁ ଶିଳ୍ପୋନ୍ନତି ଓ ଆତ୍ମନିର୍ଭର କରିବା ପାଇଁ ଶୁଭାରମ୍ଭ ଭାରତ ଯୋଜନା କାହା ଦ୍ୱାରା ପ୍ରଣୀତ ହୋଇଅଛି ?**

(A) କେନ୍ଦ୍ର ସରକାର (B) ରାଜ୍ୟ ସରକାର

(C) କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗ (D) ବିଦେଶୀ କମ୍ପାନୀ

2. **କେଉଁ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ଶୁଭାରମ୍ଭ ପ୍ରକଳ୍ପର ଯୋଗ୍ୟତାଗୁଡ଼ିକ ଘୋଷଣା କରାଯାଉଥିଲା ?**
(A) ଘରୋଇ (B) ଅର୍ଥ (C) ବାଣିଜ୍ୟ ଓ ଶିଳ୍ପ (D) ପ୍ରତିରକ୍ଷା

3. **ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କେବେ କେଉଁ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲେ ?**
(A) 15 Aug 2016 (B) 17 Feb 2017 (C) 1 April 2017 (D) 26 January 2017

4. **ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ଶୁଭାରମ୍ଭ ପ୍ରକଳ୍ପ କେତେ ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇନଥିବା ଉଚିତ୍ ?**
(A) 2 (B) 3 (C) 4 (D) 5

5. **ଶୁଭାରମ୍ଭ ପ୍ରକଳ୍ପ ଗୁଡ଼ିକୁ ପ୍ରଥମ କେତେବର୍ଷର ଲାଭ ଉପରେ ଟିକସ ଛାଡ଼ ବ୍ୟବସ୍ଥା କରାଯାଇଛି ?**
(A) 2 (B) 3 (C) 4 (D) 5

6. **କେଉଁଟି ସ୍ୱଳ୍ପ ବିଦେଶ କ୍ଷେତ୍ରରେ ପୁଞ୍ଜି ବିନିଯୋଗର ଏକ ଉତ୍ତମ ବିକଳ୍ପ ଅଟେ ?**
(A) ଉଦ୍ୟମ ପୁଞ୍ଜି ନିବେଶକାରୀ (B) ପରୀ ନିବେଶକ
(C) ସମଷ୍ଟିଗତ ପୁଞ୍ଜି (D) ଅର୍ଥ ବିନିଯୋଗ

7. **ନିଜସ୍ୱ ଅର୍ଥ ଓ ସମ୍ବଳ ବିନିଯୋଗକୁ କ'ଣ କୁହାଯାଏ ?**
(A) ଉଦ୍ୟମ ପୁଞ୍ଜି (B) ସମଷ୍ଟିଗତ ପୁଞ୍ଜି (C) ସ୍ୱ-ଉତ୍‌ଥାନ (D) ପରୀ ନିବେଶ

8. **ଓଡ଼ିଶା ସରକାର କେବେ ଶୁଭାରମ୍ଭ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କଲେ ?**
(A) 2015 (B) 2016 (C) 2017 (D) 2018

9. **ଓଡ଼ିଶା ସରକାରଙ୍କ ଶୁଭାରମ୍ଭ ଓଡ଼ିଶା ଯୋଜନାର ଶୀର୍ଷକ କ'ଣ ରଖାଯାଇଛି ?**
(A) କୌଶଳ ଓଡ଼ିଶା ଯୋଜନା (B) ଓଡ଼ିଶା ବିକାଶ
(C) ଉତ୍କଳ ନବ ପ୍ରବର୍ତ୍ତନ (D) ନବ ପ୍ରବର୍ତ୍ତନ ଲହରୀ

10. **କେତେ ମସିହା ସୁଦ୍ଧା ଓଡ଼ିଶା ସରକାର ହଜାରେ ଶୁଭାରମ୍ଭ ପ୍ରକଳ୍ପକୁ ସାହାର୍ଯ୍ୟ ଯୋଗାଇବା ପାଇଁ ସ୍ଥିର କରିଛନ୍ତି ?**
(A) 2020 (B) 2021 (C) 2022 (D) 2025

11. **କେଉଁମାନେ ପୁଞ୍ଜିନିବେଶ ବ୍ୟତିତ ପରାମର୍ଶଦାତା ଭାବେ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି ?**
(A) ସ୍ୱ-ଅର୍ଥ ବିନିଯୋଗକାରୀ (B) ସାଧାରଣ ଲୋକ
(C) ପରୀ ନିବେଶକ (D) ଉଦ୍ୟମ ପୁଞ୍ଜି ନିବେଶକାରୀ

12. **2021 ମସିହା ସୁଦ୍ଧା ଓଡ଼ିଶା ସରକାର କେତେ ଶୁଭାରମ୍ଭ ପ୍ରକଳ୍ପକୁ ସାହାର୍ଯ୍ୟ ଯୋଗାଇ ଦେବେ ସ୍ଥିର ହୋଇଛି ?**
(A) 500 (B) 1000 (C) 1500 (D) 2000

13. **କେଉଁ କାର୍ଯ୍ୟକ୍ରମକୁ ଏକ ମାତା ପିତା ରୂପେ କଳ୍ପନା କରାଯାଇପାରେ ଯିଏ କି ନିଜ ବ୍ୟବସାୟ ଶିଶୁକୁ ଲାଳନ ପାଳନ କରେ ?**
(A) ତ୍ୱରକ (B) ଉଷ୍ମାୟନ
(C) ଶୁଭାରମ୍ଭ ଭାରତ ଯୋଜନା (D) ନବପ୍ରବର୍ତ୍ତନ ଯୋଜନା

14. **କେଉଁ କାର୍ଯ୍ୟକ୍ରମ ବ୍ୟବସାୟକୁ ଚାଲୁ ରଖିବା ମାଧ୍ୟମରେ ଆଗକୁ ବଢ଼ିବାକୁ ସୁଯୋଗ ଦେଇଥାଏ ?**
(A) ତ୍ୱରକ (B) ଉଷ୍ମାୟନ (C) ଷ୍ଟାର୍ଟ ଅପ୍ ଇଣ୍ଡିଆ (D) ନବପ୍ରବର୍ତ୍ତନ ଲହରୀ

15. **ସ୍ୱ-ଅର୍ଥ ବିନିଯୋଗ ଦ୍ୱାରା ବ୍ୟକ୍ତି ଜଣଙ୍କ କାହା ସହ ସଂଯୁକ୍ତ ରହିଥାଏ ?**
(A) ବ୍ୟବସାୟ (B) ଶିଳ୍ପ ପ୍ରତିଷ୍ଠାନ (C) ଶିକ୍ଷାନୁଷ୍ଠାନ (D) କର୍ମ ସଂସ୍ଥାନ

**16.** **ଶୁଭାରମ୍ଭ ପ୍ରକଳ୍ପ କୁଶଳୀ ତଥା ଉତ୍ସାହୀ ଯୁବକଯୁବତୀ ମାନେ କ'ଣ ହେବାର ସୁଯୋଗ ପାଇଥାନ୍ତି ?**
(A) ଶିକ୍ଷିତ (B) ସ୍ୱାବଲମ୍ବୀ (C) ଶିଳ୍ପପତି (D) ପୁଞ୍ଜିପତି

**17.** **ରାଜ୍ୟର କୁଶଳୀ ତଥା ଉତ୍ସାହୀ ଯୁବକଯୁବତୀ ମାନେ ରାଜ୍ୟର କେଉଁ ପ୍ରକାର ସମୃଦ୍ଧିରେ ଭାଗିଦାରୀ ହୋଇପାରନ୍ତି ?**
(A) ଆର୍ଥିକ (B) ସାମାଜିକ (C) ବୈଷୟିକ (D) କେଉଁଟି ନୁହେଁ

**18.** **ଦ୍ରବ୍ୟ ସେବା ଓ ପ୍ରକ୍ରିୟାର ବିକାଶ ହେଲେ କାହାର ବିକାଶ ହୋଇଥାଏ ?**
(A) ଶିକ୍ଷା (B) ସ୍ୱାସ୍ଥ୍ୟ (C) ବାଣିଜ୍ୟ (D) ଶିଳ୍ପ

**19.** **ପୋଷଣୀୟ ଆର୍ଥିକ ଅଭିବୃଦ୍ଧି କାହାର ସୁଯୋଗ ସୃଷ୍ଟିରେ ସହାୟକ ହୋଇଥାଏ ?**
(A) ବିକାଶ (B) ଆର୍ଥିକ ଉନ୍ନତି (C) ବିଦେଶ ଗମନ (D) ନିଯୁକ୍ତି

**20.** **ଷ୍ଟାର୍ଟ-ଅପ୍ ଇଣ୍ଡିଆର ଉଦ୍ଦେଶ୍ୟ ଉଦ୍ୟୋଗୀକ ? ମୂଲ୍ୟବୋଧକୁ ଉତ୍ସାହିତ କରିବା ସହ ଉଦ୍ୟୋଗ ପ୍ରତି ଲୋକଙ୍କର କେଉଁ ଗୁଣକୁ ପ୍ରଭାବିତ କରିବ ?**
(A) ଶାରୀରିକ (B) ମାନସିକତା (C) ବୌଦ୍ଧିକତା (D) ସ୍ୱଭାବ

**ANSWER**

1. A 2. C 3.B 4. D 5. B 6. D 7. C 8. B 9.D 10. B 11. C
12. B 13. B 14. A 15. A 16. B 17. A 18. C 19. D 20. B

## ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଲେଖ (୩ ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର)

**୧ ।** **ଶୁଭାରମ୍ଭ ଭାରତ ଯୋଜନା କହିଲେ କ'ଣ ବୁଝ ବର୍ଣ୍ଣନା କର ?**

**ଉ.** (i) ଆମ ଦେଶକୁ ଶିଳ୍ପୋନ୍ନତ ଓ ଆତ୍ମନିର୍ଭର କରିବା ପାଇଁ ଷ୍ଟାର୍ଟଅପ୍ ଇଣ୍ଡିଆ ବା ଶୁଭାରମ୍ଭ ଭାରତ ଯୋଜନା ଆରମ୍ଭ କରାଯାଇଛି ।

(ii) ଏହା କେନ୍ଦ୍ର ସରକାରଙ୍କ ପ୍ରଣିତ ସଦ୍ୟତମ ପ୍ରମୁଖ ଯୋଜନା, ଦେଶରେ ନବ ସୃଜନକୁ ପ୍ରୋତ୍ସାହନ ଦେବା ସହ ନୂତନ କାର୍ଯ୍ୟାରମ୍ଭ ପାଇଁ ପରିବେଶ ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ ।

(iii) ଏହି ଅଭିଯାନ ପୋଷଣୀୟ ଆର୍ଥିକ ଅଭିବୃଦ୍ଧି ସହ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହୋଇଥାଏ ।

**୨ ।** **ଶୁଭାରମ୍ଭ ଭାରତ ଯୋଜନାର ଲକ୍ଷ୍ୟ ବିଷୟରେ ଆଲୋଚନା କର ?**

**ଉ.** (i) ଏହି ଯୋଜନା ସମାଜରେ ଔଦ୍ୟୋଗିକୀ ମୂଲ୍ୟବୋଧକୁ ଉତ୍ସାହିତ କରିବା ଓ ଉଦ୍ୟୋଗ ପ୍ରତି ଲୋକଙ୍କ ମାନସିକତାକୁ ପ୍ରଭାବିତ କରିବା, ପ୍ରାରମ୍ଭିକ ପର୍ଯ୍ୟାୟରେ ଔଦ୍ୟୋଗୀକରଣ ପ୍ରକ୍ରିୟାକୁ ପ୍ରୋତ୍ସହନ ଦେବା ନୂଆ ହୋଇ ଆରମ୍ଭ ହୋଇଥିବା ଅଭିବୃଦ୍ଧିମୂଳକ ଉଦ୍ୟୋଗଗୁଡ଼ିକୁ ଉତ୍ସାହିତ କରିବା ।

(ii) ଆଞ୍ଚଳିକ, ସାମାଜିକ ଓ ଆର୍ଥିକ ଅନଗ୍ରସର କ୍ଷେତ୍ର ପାଇଁ ବ୍ୟାପକ ଉଦ୍ୟୋଗୀ ସାଧନ ଯୋଗାଣ ମାଧ୍ୟମରେ ନିମ୍ନସ୍ତରରେ ଥିବା ଲୋକମାନଙ୍କର ଆବଶ୍ୟକତା ମେଣ୍ଟାଇବା ସହ ସମନ୍ୱିତ ଓ ପୋଷଣୀୟ ବିକାଶ ହାସଲ କରିବା ।

**୩ ।** **ଶୁଭାରମ୍ଭ ବା ଷ୍ଟାର୍ଟଅପ୍ ପ୍ରକଳ୍ପ କହିଲେ କ'ଣ ବୁଝ ?**

**ଉ.** (i) ଶୁଭାରମ୍ଭ ପ୍ରକଳ୍ପ କହିଲେ ଏକ କମ୍ପାନୀ ଯାହା ଭାରତରେ ସାମିଲ ହୋଇଥିବ ବା ରେଜିଷ୍ଟ୍ରୀଭୁକ୍ତ ହୋଇଥିବ ଏବଂ ପାଞ୍ଚବର୍ଷ ଆଗରୁ ପ୍ରତିଷ୍ଠିତ ହୋଇ ନଥିବ ।

(ii) ପୂର୍ବବର୍ଷମାନଙ୍କର ଏହି କମ୍ପାନୀର ବାର୍ଷିକ କାରବାର 25 କୋଟିରୁ ଅଧିକ ହୋଇନଥିବ ।

(iii) ବୈଷୟିକ କୌଶଳ ବୌଦ୍ଧିକ ସମ୍ପଦ ଅଧିକାର ଦ୍ୱାରା ପରିଚାଳିତ ସୃଜନାତ୍ମକ, ବିକାଶମୂଳକ, ବାଣିଜ୍ୟ କାରବାର ପାଇଁ ବିଭିନ୍ନ ଦ୍ରବ୍ୟ ସେବା ଓ ପ୍ରକ୍ରିୟାର ବିକାଶ କରୁଥିବ ।

**୪ ।** **ଶୁଭାରମ୍ଭ ଭାରତ ଯୋଜନାର ଉଦ୍ଦେଶ୍ୟ କଣ ?**

**ଉ.** (i) ଦେଶର ନବସୃଜନକୁ ପ୍ରୋତ୍ସାହନ ଦେବା ଶୁଭାରମ୍ଭ ଭାରତ ଯୋଜନାର ମୂଳ ଉଦ୍ଦେଶ୍ୟ : ସମାଜରେ ଔଦ୍ୟୋଗିକୀ ମୂଲ୍ୟବୋଧକୁ ଉତ୍ସାହିତ କରିବା ଉଦ୍ୟୋଗ ପ୍ରତି ଲୋକଙ୍କ ମାନସିକତାକୁ ପ୍ରଭାବିତ କରିବା ।

(ii) ଶିକ୍ଷିତ ଯୁବକ, ବୈଜ୍ଞାନିକ ଓ ପ୍ରଯୁକ୍ତି ବିଦ୍ୟାଧାରୀମାନଙ୍କ ମଧ୍ୟରେ ଉଦ୍ୟୋଗୀ ହେବାର ଉଦ୍ଦୀପନା ବଢାଇବା ଓ ଔଦ୍ୟୋଗୀକରଣ ପ୍ରକ୍ରିୟା ବିଷୟରେ ସଚେତନତା ସୃଷ୍ଟି କରିବା ।

(iii) ଆଞ୍ଚଳିକ ସାମାଜିକ ଓ ଆର୍ଥିକ ଅନଗ୍ରସର କ୍ଷେତ୍ର ପାଇଁ ଅଧିକ ଉଦ୍ୟୋଗୀ ସାଧନ ଯୋଗାଣ ମାଧ୍ୟମରେ ଥିବା ଲୋକମାନଙ୍କର ଆବଶ୍ୟକତା ମେଣ୍ଟାଇବା ସହ ପୋଷଣୀୟ ବିକାଶ ହାସଲ କରିବା ।

**୫ । ଶୁଭାରମ୍ଭ ଭାରତ ପ୍ରାରମ୍ଭିକ କାର୍ଯ୍ୟ ଯୋଜନା ବିଷୟରେ ଆଲୋଚନା କର ।**

**ଉ.** ଶୁଭାରମ୍ଭ ଭାରତ ଯୋଜନାର ପ୍ରାରମ୍ଭିକ କାର୍ଯ୍ୟ :

ବନ୍ଧୁଭାବାପନ୍ନ, ସରଳ ଓ ପରିବର୍ତ୍ତନକ୍ଷମ ବ୍ୟବସ୍ଥାର ଘୋଷଣା । ପରିବେଶ ପାଇଁ ଆବଶ୍ୟକ ସମସ୍ତ ସାଧନ ଗୋଟିଏ ସମ୍ପର୍କ କେନ୍ଦ୍ର ମାଧ୍ୟମରେ ସମାଧାନ କରିବା ।

(i) ଏକ ଦୀର୍ଘତମ ପ୍ରସ୍ଥାନ ପ୍ରକ୍ରିୟା ପାଇଁ ନୂତନ ତଥା ସୃଜନାତ୍ମକ ଯୋଜନାରେ ପରୀକ୍ଷା ନିରୀକ୍ଷାକୁ ପ୍ରୋତ୍ସାହନ ଦେବା ।

(ii) ଶୁଭାରମ୍ଭ ପ୍ରକଳ୍ପଗୁଡ଼ିକ ପ୍ରଥମ ତିନିବର୍ଷର ଲାଭ ଉପରେ ଟିକସ ଛାଡ଼ ।

(iii) ସ୍ୱଳ୍ପ ନିବେଶ କ୍ଷେତ୍ରରେ ଏହା ପୁଞ୍ଜି ବିନିଯୋଗର ଉତ୍ତମ ବିକଳ୍ପ, ବ୍ୟାଙ୍କିଙ୍ଗ ବ୍ୟବସ୍ଥାରୁ ଋଣ ପାଉନଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଅଣ ବ୍ୟାଙ୍କିଙ୍ଗ୍ ଅର୍ଥ ନିଗମଗୁଡ଼ିକ ଦ୍ୱାରା ଆର୍ଥିକ ସହାୟତା ଯୋଗାଣ କରାଇବା ।

**୬ । ସ୍ୱ ଅର୍ଥ ବିନିଯୋଗ କହିଲେ କ'ଣ ବୁଝ ?**

**ଉ.** (i) ଜଣେ ନିଜସ୍ୱ ଅର୍ଥ ଓ ସମ୍ବଳ ବିନିଯୋଗ କରିବା ହିଁ ଅର୍ଥ ଯୋଗାଡ଼ର ପ୍ରଥମ ସୋପାନ ଭାବେ ବିବେଚିତ ବ୍ୟବସ୍ଥାକୁ ସ୍ୱ - ଅର୍ଥ ବିନିଯୋଗ କୁହାଯାଏ ।

(ii) ଏହା ଦ୍ୱାରା ଅର୍ଥ ବିନିଯୋଗକାରୀ ବ୍ୟବସାୟ ସହ ସଂଯୁକ୍ତ ହୋଇ ରହେ ।

(iii) ସ୍ୱଳ୍ପ ନିବେଶ କ୍ଷେତ୍ରରେ ଏହା ପୁଞ୍ଜି ବିନିଯୋଗର ଏକ ଉତ୍ତମ ବିକଳ୍ପ ।

**୭ । ସମଷ୍ଟିଗତ ପୁଞ୍ଜି କାହାକୁ କୁହାଯାଏ ?**

**ଉ.** (i) ସାଧାରଣ ଲକ୍ଷ୍ୟ ହାସଲ ଦିଗରେ ବହୁ ବ୍ୟକ୍ତି ପୁଞ୍ଜି ବ୍ୟବସ୍ଥା କରିବା ବା ଦାନ କରିବାକୁ ସମଷ୍ଟିଗତ ପୁଞ୍ଜି କୁହାଯାଏ ।

(ii) ଏହା ଦ୍ୱାରା ଶୁଭାରମ୍ଭ ପ୍ରକଳ୍ପ ତଥା କ୍ଷୁଦ୍ର ବ୍ୟବସାୟ ଗୁଡ଼ିକ ସେମାନଙ୍କର ପୁଞ୍ଜି ଆବଶ୍ୟକତା ମେଣ୍ଟାଇବା ସହଜ ହେବ ।

(iii) ଅତୀତରେ ଅନେକ ସଂସ୍ଥା ସାଧାରଣ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିଥିବାର ଉଦାହରଣ ଥିଲେ ମଧ୍ୟ ମୌଳିକ ନୀତି ଭିତ୍ତିକ ସମଷ୍ଟିଗତ ପୁଞ୍ଜି ବ୍ୟବସ୍ଥା ଭାରତ ପାଇଁ ନୂଆ ।

**୮ । ଉଦ୍ୟମ ପୁଞ୍ଜି କହିଲେ କ'ଣ ବୁଝ ଲେଖ ?**

**ଉ.** (i) ଉଜ୍ଜ୍ୱଳ ସମ୍ଭାବନା ଥିବା କମ୍ପାନୀଗୁଡ଼ିକରେ ଅର୍ଥ ବିନିଯୋଗ ପାଇଁ ପେଶାଦାର ଢ଼ଙ୍ଗରେ ପରିଚାଳିତ କେତେକ ଆର୍ଥିକ ସଂସ୍ଥା ରହିଛନ୍ତି ।

(ii) ଉଦ୍ୟମ ପୁଞ୍ଜି ନିବେଶକାରୀ କମ୍ପାନୀର ଦକ୍ଷତା ବୃଦ୍ଧିରେ ସହାୟକ ହୋଇଥାନ୍ତି ।

(iii) ବିଶେଷଜ୍ଞ ପରାମର୍ଶ ତଥା ଏହାର ପୋଷଣୀୟତା ତଥା ବିସ୍ତାର କ୍ଷମତାକୁ ଦୃଷ୍ଟିରେ ରଖି ବିଭିନ୍ନ ପରୀକ୍ଷା ନିରୀକ୍ଷା ସହ ବ୍ୟବସାୟର ସ୍ଥିତି ମୂଲ୍ୟାଙ୍କନ କରିଥାନ୍ତି ।

**୯ । ନବ ପ୍ରବର୍ତ୍ତନ ଲହରୀ ବିଷୟରେ ବର୍ଣ୍ଣନା କର ?**

**ଉ.** (i) ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ତଥା ଅଧିକ କର୍ମନିଯୁକ୍ତି ସୃଷ୍ଟି ପାଇଁ ଓଡ଼ିଶା ସରକାର 2016 ମସିହାରେ ଶୁଭାରମ୍ଭ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହାର ଶୀର୍ଷକ "ନବ ପ୍ରବର୍ତ୍ତନ ଲହରୀ"।

(ii) ଏହି କ୍ରମରେ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଷ୍ଟାର୍ଟଅପ୍ ହବ୍ ବା ଶୁଭାରମ୍ଭ ନାଭିକେନ୍ଦ୍ରରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି ।

(iii) ଏହାର ମୁଖ୍ୟ ଲକ୍ଷ୍ୟ ଓଡ଼ିଶାର କୁଶଳୀ ତଥା ଉତ୍ସାହୀ ଯୁବକ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ।

**୧୦ । 1917 ଫେବୃଆରୀ ବିଜ୍ଞପ୍ତି ଅନୁଯାୟୀ ଶୁଭାରମ୍ଭ ପ୍ରକଳ୍ପ ପାଇଁ କେଉଁ କେଉଁ ମାନଦଣ୍ଡ ରହିବା ଆବଶ୍ୟକ ବର୍ଣ୍ଣନା କର ?**

**ଉ.** (i) ଏକ କମ୍ପାନୀ ଯାହା ଭାରତରେ ରେଜେଷ୍ଟ୍ରିଭୁକ୍ତ ହୋଇଥିବ ଓ ପାଞ୍ଚବର୍ଷ ଆଗରୁ ପ୍ରତିଷ୍ଠିତ ହୋଇନଥିବ ।

(ii) ପୂର୍ବ ପୁରୁଷମାନଙ୍କରେ କାରବାର 25 କୋଟିରୁ ଅଧିକ ହୋଇ ନଥିବ ।

(iii) ବୈଷୟିକ କୌଶଳ, ବୌଦ୍ଧିକ ସମ୍ପଦର ଅଧିକାର (IPR) ଦ୍ୱାରା ପରିଚାଳିତ ସୃଜନାତ୍ମକ / ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ଦ୍ରବ୍ୟ, ସେବା ଓ ପ୍ରକ୍ରିୟାର ବିକାଶ କରୁଥିବ ।

## ୨ ନମ୍ବର ସମ୍ବଳିତ ସଂକ୍ଷିପ୍ତ ପ୍ରଶ୍ନୋତ୍ତର

**୧ । ଶୁଭାରମ୍ଭ ଭାରତ ଯୋଜନା କ'ଣ ସଂକ୍ଷେପରେ ଲେଖ ?**

**ଉ.** (i) ଦେଶକୁ ଶିଳ୍ପ ସମୃଦ୍ଧ ଓ ଆତ୍ମନିର୍ଭର କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି ।

(ii) ଏହା କେନ୍ଦ୍ର ସରକାରଙ୍କ ପ୍ରଣୀତ ସଦ୍ୟତମ ପ୍ରମୁଖ ଯୋଜନା ।

**୨ । ସ୍ୱ - ଅର୍ଥ ବିନିଯୋଗ ଯୋଜନା କ'ଣ ?**

**ଉ.** (i) ସ୍ୱ - ଅର୍ଥ ବିନିଯୋଗ ଯୋଜନା କହିଲେ ଜଣେ ବ୍ୟକ୍ତି ନିଜସ୍ୱ ଅର୍ଥ ବା ସମ୍ବଳର ବିନିଯୋଗ ।

(ii) ଏହା ଦ୍ୱାରା ବ୍ୟକ୍ତି ଜଣକ ବ୍ୟବସାୟ ସହ ସମ୍ପୃକ୍ତ ହୋଇ ରହେ । ପୁଞ୍ଜି ନିବେଶ ଦିଗରେ ଏହା ଏକ ପୁଞ୍ଜି ବିନିଯୋଗରେ ଉତ୍ତମ ଉପାୟ ।

**୩ । ଉଦ୍ୟମ ପୁଞ୍ଜି କଣ ଲେଖ ?**

**ଉ.** (i) ଉଜ୍ଜ୍ୱଳ ସମ୍ଭାବନା ଥିବା କମ୍ପାନୀଗୁଡ଼ିକରେ ଅର୍ଥ ବିନିଯୋଗ ପାଇଁ ପେଶାଦାର ଢ଼ଙ୍ଗରେ ପରିଚାଳିତ କେତେକ ଆର୍ଥିକ ସଂସ୍ଥା ରହିଛନ୍ତି ।

(ii) ଉଦ୍ୟମ ପୁଞ୍ଜି ନିବେଶକାରୀମାନେ କମ୍ପାନୀର ଦକ୍ଷତା ବୃଦ୍ଧି, ବିଶେଷଜ୍ଞ ପରାମର୍ଶ । ଏହାର ପୋଷଣୀୟ କ୍ଷମତାକୁ ତଥା ବିସ୍ତାର କ୍ଷମତାକୁ ଦୃଷ୍ଟିରେ ରଖି ବିଭିନ୍ନ ପରୀକ୍ଷା ନିରୀକ୍ଷା ସହ ବ୍ୟବସାୟର ସ୍ଥିତି ମୂଲ୍ୟାଙ୍କନ କରିଥାନ୍ତି ।

**୪ । ନବ ପ୍ରବର୍ତ୍ତନ ଲହରୀ ବିଷୟରେ ଲେଖ ?**

**ଉ.** (i) ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ତଥା ଅଧିକ କର୍ମନିଯୁକ୍ତି ସୃଷ୍ଟି ପାଇଁ 2016 ମସିହାରେ ଓଡ଼ିଶା ସରକାର ଶୁଭାରମ୍ଭ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରିଥିଲେ ତାହାର ଶୀର୍ଷକ "ନବପ୍ରବର୍ତ୍ତନ ଲହରୀ" ରଖାଯାଇଛି ।

(ii) ଏହି ଯୋଜନା ମାଧ୍ୟମରେ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଶୁଭାରମ୍ଭ ନାଭି କେନ୍ଦ୍ରରେ ପରିଣତ କରିବାର ଲକ୍ଷ୍ୟ ରଖାଯାଇଛି ।

**୫ । ସହଜ ପ୍ରସ୍ଥାନ କାହାକୁ କହନ୍ତି ?**

**ଉ.** (i) ବ୍ୟବସାୟରେ ଅସଫଳତା ଯୋଗୁଁ ସଂସ୍ଥା ବନ୍ଦ କରିବାକୁ ହେଲେ ଅଧିକ ଲାଭଦାୟୀ ପ୍ରକଳ୍ପରେ ପୁଞ୍ଜି ପୁନଃ ବିନିଯୋଗର ବ୍ୟବସ୍ଥା କରାଯାଉଛି ।

(ii) ଫଳରେ ଏକ ଦୀର୍ଘସୂତ୍ରୀକ ପ୍ରସ୍ଥାନ ପ୍ରକ୍ରିୟାକୁ ନୂତନ ତଥା ସୃଜନାତ୍ମକ ଯୋଜନାରେ ପରୀକ୍ଷା ନିରୀକ୍ଷା କରିବାର ସୁଯୋଗ ମିଳିବ ।

**୬ । ଶୁଭାରମ୍ଭ ଭାରତ ନାଭିକେନ୍ଦ୍ର ଉଦ୍ଦେଶ୍ୟ କ'ଣ ?**

**ଉ.** (i) ସମ୍ପୂର୍ଣ୍ଣ ଶୁଭାରମ୍ଭ ପରିବେଶ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ସାଧନ ଗୋଟିଏ କେନ୍ଦ୍ର ମାଧ୍ୟମରେ ସମାଧାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।

(ii) ଏହା ବ୍ୟତୀତ ଜ୍ଞାନର ଆଦାନ ପ୍ରଦାନ ଓ ପୁଞ୍ଜି ଉପଲବ୍ଧ କରାଇବା କାର୍ଯ୍ୟ ମଧ୍ୟ ଏହାର ଅନ୍ତର୍ଭୁକ୍ତ ।

**୭ । ନବ ପ୍ରବର୍ତ୍ତନ ଲହରୀର ଆଭିମୁଖ୍ୟ କ'ଣ ?**

**ଉ.** (i) ଏହାଦ୍ୱାରା 2021 ମସିହା ସୁଦ୍ଧା 1000 ପ୍ରକଳ୍ପକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଦେବା ପାଇଁ ସ୍ଥିର ହୋଇଥିଲା ।

(ii) ଓଡ଼ିଶାର କୁଶଳୀ ତଥା ଉତ୍ସାହୀ ଯୁବକ ଯୁବତୀମାନେ ଏହାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଆର୍ଥିକ ସମୃଦ୍ଧିରେ ଅଂଶୀଦାର ହୋଇପାରିବେ ।

**୮ । ଲଘୁବିତ୍ତ ବ୍ୟବସ୍ଥା ଓ ଅଣ ବ୍ୟାଙ୍କୀୟ ଅର୍ଥନୀଗମ କହିଲେ କ'ଣ ବୁଝ ?**

**ଉ.** (i) ପାରମ୍ପରିକ ବ୍ୟାକିଂଙ୍ଗରୁ ଋଣ ପାଉନଥିବା ବା ଋଣ ପାଇବାକୁ ଯୋଗ୍ୟତା ନଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଲଘୁବିତ୍ତ ବ୍ୟବସ୍ଥା ଅର୍ଥ ସୁଲଭ କରିଥାଏ ।

(ii) ଏହି ବ୍ୟବସ୍ଥା ବ୍ୟାଙ୍କ ପାଇଁ ଜରୁରୀ ବିଭିନ୍ନ ଆଇନଗତ ଆବଶ୍ୟକତା ବିନା ଅଣ ବ୍ୟାଙ୍କିଙ୍ଗ୍ ଅର୍ଥ ନିଗମ ଗୁଡ଼ିକ ଆର୍ଥିକ ସାହାଯ୍ୟ ଯୋଗାଇଥାନ୍ତି ।

## ପାର୍ଥକ୍ୟ ଦର୍ଶାଅ (୨ ନମ୍ବର ସମ୍ବଳିତ ପ୍ରଶ୍ନୋତ୍ତର)

**ଏହିପରି ପ୍ରଶ୍ନର ଦୁଇଟି ଯାକ ଉତ୍ତର ନଲେଖି ଗୋଟିଏ ଲେଖି ଅନ୍ୟକୁ ଛାଡ଼ିଦେଲେ ନମ୍ବର ମିଳିବ ନାହିଁ ।**

**୧ ।  ସମଷ୍ଟିଗତ ପୁଞ୍ଜି ଓ ପରୀନିବେଶ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।**

ଉ.  **ସମଷ୍ଟିଗତ ପୁଞ୍ଜି :** ଏକ ସାଧାରଣ ଲକ୍ଷ୍ୟ ହାସଲ ଦିଗରେ ବହୁ ବ୍ୟକ୍ତି ପୁଞ୍ଜି ବ୍ୟବସ୍ଥା କରିବା ବା ନିବେଶ କରିବାକୁ କୁହାଯାଏ ।

ଏହାଦ୍ୱାରା ଶୁଭାରମ୍ଭ ପ୍ରକଳ୍ପ ତଥା କ୍ଷୁଦ୍ର ବ୍ୟବସାୟଗୁଡ଼ିକ ସେମାନଙ୍କର ପୁଞ୍ଜିର ଆବଶ୍ୟକତା ମେଣ୍ଟାଇବା ସହଜ ହୋଇଥାଏ ।

**ପରୀ ନିବେଶ :** ନୂତନ ଭାବେ ଗଢ଼ି ଉଠୁଥିବା ପ୍ରକଳ୍ପରେ ନିଜସ୍ୱ ବଳକା ଅର୍ଥ ନିବେଶ କରିବାକୁ ପରି ନିବେଶ କୁହାଯାଏ ।

ଏହାଦ୍ୱାରା ଶୁଭାରମ୍ଭ ପ୍ରକଳ୍ପଗୁଡ଼ିକ ପାଇଁ ଅର୍ଥଯୋଗାଡ଼ କରି ହୁଏ ଏବଂ ପରିନିବେଶକାରୀମାନେ ପୁଞ୍ଜି ନିବେଶ ବ୍ୟତୀତ ପରାମର୍ଶଦାତା ଭାବେ କାର୍ଯ୍ୟ କରିବା ପାଇଁ ଆଗ୍ରହ ପ୍ରକାଶ କରିଥାଏ ।

**୨ ।  ବ୍ୟାପାର ଉଷ୍ମାୟନ ଓ ତ୍ୱରକ କେନ୍ଦ୍ର ମଧ୍ୟରେ ପାର୍ଥକ୍ୟ କଣ ?**

ଉ.  ବ୍ୟାପାର ଉଷ୍ମାୟନ କାର୍ଯ୍ୟକ୍ରମକୁ ଏକ ମାତା / ପିତା ଭାବେ କଳ୍ପନା କରାଯାଇପାରେ ଯିଏ କି ନିଜ ବ୍ୟବସାୟ (ଶିଶୁ)କୁ ଲାଳନ ପାଳନ କରେ ।

**ତ୍ୱରକ କେନ୍ଦ୍ର :** ତ୍ୱରକ କାର୍ଯ୍ୟକ୍ରମ ବ୍ୟବସାୟକୁ ଚାଲୁ ରଖିବା ବା ବୃହତ୍ ଲମ୍ଫ ମାଧ୍ୟମରେ ଆଗକୁ ବଢ଼ିବାକୁ ସୁଯୋଗ ଦେଇଥାଏ ।

**୩ ।  ଲଘୁବିତ୍ତ ବ୍ୟବସ୍ଥା ଓ ଅଣବ୍ୟାଙ୍କୀୟା ଅର୍ଥ ନିଗମ ମଧ୍ୟରେ ପାର୍ଥକ୍ୟ କଣ ?**

ଉ.  **ଲଘୁ ବିତ୍ତ ବ୍ୟବସ୍ଥା :** ଏହି ବ୍ୟବସ୍ଥା ପାରମ୍ପରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଋଣ ପାଉ ନଥିବା ବା ଋଣ ପାଇବାକୁ ଯୋଗ୍ୟତା ନଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଲଘୁବିତ୍ତ ବ୍ୟବସ୍ଥା ଅର୍ଥ ସୁଲଭ କରାଇଥାଏ ।

**ଅଣବ୍ୟାଙ୍କୀୟ ଅର୍ଥ ନିଗମ :** ଅଣବ୍ୟାଙ୍କୀୟ ଅର୍ଥ ନିଗମଗୁଡ଼ିକ ବ୍ୟାଙ୍କର ଆଇନ୍‌ଗତ ନିୟମ ବିନା ବ୍ୟକ୍ତି ବିଶେଷଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଥାଆନ୍ତି ।

**୪ ।  ସମଷ୍ଟିଗତ ପୁଞ୍ଜି ଓ ଉଦ୍ୟମ ପୁଞ୍ଜି ବିଷୟରେ ଲେଖ ।**

ଉ.  **ସମଷ୍ଟିଗତ ପୁଞ୍ଜି :** ଏକ ସାଧାରଣ ଲକ୍ଷ୍ୟ ହାସଲ ପାଇଁ ବହୁ ବ୍ୟକ୍ତି ପୁଞ୍ଜିନିବେଶ କରିବାକୁ ସମଷ୍ଟିଗତ ପୁଞ୍ଜି କୁହାଯାଏ ।

ଏହାଦ୍ୱାରା ଶୁଭାରମ୍ଭ ପ୍ରକଳ୍ପ ତଥ୍ୟ କ୍ଷୁଦ୍ର ବ୍ୟବସାୟ ଗୁଡ଼ିକ ସେମାନଙ୍କର ପୁଞ୍ଜି ଆବଶ୍ୟକତା ପୂରଣ କରିବା ସହଜ ହୋଇଥାଏ ।

**ଉଦ୍ୟମ ପୁଞ୍ଜି :** ପୁଞ୍ଜି ନିବେଶକାରୀମାନେ କମ୍ପାନୀର ଦକ୍ଷତା ବୃଦ୍ଧି, ବିଶେଷଜ୍ଞ ପରାମର୍ଶ ତଥା ଏହାର ପୋଷଣୀୟତା ତଥା ବିସ୍ତାର କ୍ଷମତାକୁ ଦୃଷ୍ଟିରେ ରଖି ବିଭିନ୍ନ ପରୀକ୍ଷା ନିରୀକ୍ଷା ସହ ବ୍ୟବସାୟର ସ୍ଥିତି ମୂଲ୍ୟାଙ୍କନ କରି ଯେଉଁ ପୁଞ୍ଜି ନିବେଶ କରନ୍ତି ତାକୁ ଉଦ୍ୟମ ପୁଞ୍ଜି କୁହାଯାଏ ।

ପ୍ରତିଷ୍ଠିତ କମ୍ପାନୀମାନଙ୍କରେ ଅର୍ଥ ବିନିଯୋଗ ପାଇଁ ପେଶାଦାର ଢଙ୍ଗରେ ପରିଚାଳିତ କେତେକ ଆର୍ଥିକ ସଂସ୍ଥା ରହିଛନ୍ତି ।

**୫ ।  ଷ୍ଟାର୍ଟଅପ୍ ଇଣ୍ଡିଆ (Startup India) ଶୁଭାରମ୍ଭ ଭାରତ ଯୋଜନା ଓ ଷ୍ଟାର୍ଟଅପ୍ ଓଡ଼ିଶା (Startup Odia) ଶୁଭାରମ୍ଭ ଓଡ଼ିଶା ଯୋଜନା ମଧ୍ୟରେ ପାର୍ଥକ୍ୟ କଣ ଲେଖ ?**

ଉ.  **ଶୁଭାରମ୍ଭ ଭାରତ ଯୋଜନା :** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ସଦ୍ୟତମ ପ୍ରମୁଖ ଯୋଜନା । ଦେଶରେ ନବସୃଜନକୁ ପ୍ରୋତ୍ସାହନ ଦେବା ସହ ନୂତନ କାର୍ଯ୍ୟାରମ୍ଭ ପାଇଁ ସର୍ବୋତ୍ତମ ପରିବେଶ ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ । ଏହି ଅଭିଯାନ ପୋଷଣୀୟ ଆର୍ଥିକ ଅଭିବୃଦ୍ଧି ସହ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ କରିବା ସଂଗେ ସଂଗେ ଅଭିବୃଦ୍ଧି ଘଟାଇବାର ଲକ୍ଷ୍ୟ ରଖାଯାଇଛି ।

**ଶୁଭାରମ୍ଭ ଓଡ଼ିଶା ଯୋଜନା :** ଓଡ଼ିଶା ରାଜ୍ୟକୁ ଶିଳ୍ପ ସମୃଦ୍ଧ ତଥା ଅଧିକ କର୍ମନିଯୁକ୍ତି ସୃଷ୍ଟି କରିବା ପାଇଁ 2016 ମସିହାରେ ଓଡ଼ିଶା ସରକାର ଶୁଭାରମ୍ଭ ଓଡ଼ିଶା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଶୁଭାରମ୍ଭ ନାଭିକେନ୍ଦ୍ରରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା କୁଶଳୀ ତଥା ଉତ୍ସାହୀ ଯୁବକ ଯୁବତୀ ମାନେ ଏହାର ସୁଯୋଗ ନେଇ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ଆର୍ଥିକ ସମୃଦ୍ଧିରେ ଭାଗିଦାରୀ ହୋଇପାରିବେ ।

ଅଭ୍ୟାସ ପ୍ରଶ୍ନ ପତ୍ର

# Set–1

# Geography & Economics

## Part - 1

## Objective (MCQ)

ଏହି ପ୍ରଶ୍ନ ପୁସ୍ତିକାରେ 50ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର OMR ଫର୍ଦ୍ଦରେ ଥିବା ନିର୍ଦ୍ଦେଶାନୁସାରେ ଲେଖିବା ଆବଶ୍ୟ ।

OMR ର ସମସ୍ତ ପ୍ରଶ୍ନର ଉତ୍ତର କଳା/ ନୀଳ ବଲ୍ ପଏଣ୍ଟ ପେନ୍‌ରେ ସମ୍ପୂର୍ଣ୍ଣ କଳା ବା ନୀଳ କର । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ଏକ ନମ୍ବର)

1. (1999 – 2000) ମସିହାରେ କେଉଁ ରାଜ୍ୟର ଲୋକ ସର୍ବାଧିକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ ?
   (A) ବିହାର (B) ଓଡ଼ିଶା (C) ଛତିଶଗଡ଼ (D) ଝାଡ଼ଖଣ୍ଡ
2. ଅର୍ଥଶାସ୍ତ୍ରୀ ବଣ୍ଡେକରଙ୍କ ଅଟକଳ ଅନୁସାରେ ସହରାଞ୍ଚଳର ଦରିଦ୍ର ଲୋକମାନଙ୍କ ମଧ୍ୟରୁ ଶତକଡ଼ା କେତେ ଭାଗ ଗ୍ରାମାଞ୍ଚଳରେ ବସବାସ କରନ୍ତି ?
   (A) 20 (B) 30 (C) 25 (D) 35
3. ବସ୍ତି ଅଞ୍ଚଳରେ ରହୁଥିବା ଶିଶୁମାନ କାହାର ଶିକାର ହୋଇଥାନ୍ତି ?
   (A) ଶିକ୍ଷା (B) ପୃଷ୍ଟିହୀନତା (C) ଖାଦ୍ୟସାର (D) ସ୍ନେହସାର
4. କେଉଁ ପଞ୍ଚ ବର୍ଷକ ଯୋଜନା କାଳରୁ ଏକ ଦୀର୍ଘକାଳୀନ କର୍ମ ନିୟୋଜନ ନୀତି ପ୍ରଣୟନ କରି କାର୍ଯ୍ୟ କରାଯାଉଛି ।
   (A) ୪ର୍ଥ (B) ୫ମ (C) ୬ଷ୍ଠ (D) ୭ମ
5. କେଉଁ ସମସ୍ୟାଟି ଭାରତର ଆର୍ଥିକ ପ୍ରଗତିର ମୁଖ୍ୟ ପ୍ରତି ବଳକା :
   (A) ନିରକ୍ଷରତା (B) ମୂଳ ଆୟ (C) ମୁଦ୍ରାସ୍ଫୀତି (D) ବେକାରୀ
6. ବେକାର ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ କାମଧନ୍ଦା ଯୋଗାଇବା ପାଇଁ କେଉଁ ଯୋଜନା ଉଦ୍ଦିଷ୍ଟ ?
   (A) ନିଯୁକ୍ତ ଗ୍ୟାରେଣ୍ଟି ଯୋଜନା (B) ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା
   (C) ଜବାହାର ରୋଜଗାର ଯୋଜନା (D) ଗ୍ରାମ୍ୟ ଭୂମିହୀନ ଗ୍ୟାଣ୍ଟି ଯୋଜନା
7. କେଉଁ ଭାଷାରୁ ଔଦ୍ୟୋଗିକୀ ଶବ୍ଦ ଆସିଅଛି ?
   (A) ଲାଟିନ୍ (B) ଫରାସୀ (C) ଇଂରାଜୀ (D) ଗ୍ରୀକ୍
8. HRMS ର ଅର୍ଥ କ'ଣ ?
   (A) ବ୍ୟବହାରିକ ବିକଳ୍ପ (B) ମାନବ ସମ୍ବଳ ପରିଚାଳନା(C) ପ୍ରୟୋଜନତା (D) ବିନିର୍ମାତା
9. କେବେ ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନାର ଶୁଭାରମ୍ଭ ହୋଇଥିଲା ?
   (A) 1951 (B) 2000 (C) 2017 (D) 2019
10. ଶୁଭାରମ୍ଭ ଓଡ଼ିଶା ଯୋଜନା ଶୀର୍ଷକର ନାମ କ'ଣ ରଖାଯାଇଛି ?
   (A) ନବ ପ୍ରବର୍ତ୍ତନ ଲହରୀ(B)ଶୁଭାରମ୍ଭ ନାଭିକେନ୍ଦ୍ର(C)ଶୁଭାରମ୍ଭ ପ୍ରକଳ୍ପ ଯୋଜନା(D)କର୍ମ ନିଯୁକ୍ତି ଯୋଜନା
11. ସର୍ବନିମ୍ନ କୃଷି ଜମି ଭାରତର କେଉଁଠି ଅଛି ?
   (A) ଉତ୍ତର ପ୍ରଦେଶ (B) ମଧ୍ୟ ପ୍ରଦେଶ (C) ଅରୁଣାଞ୍ଚଳ ପ୍ରଦେଶ(D) କେରଳ

12. ଓଡ଼ିଶାରେ ସ୍ଥାନାନ୍ତରିତ କୃଷିକୁ କ'ଣ କୁହାଯାଏ ?

(A) ଝୁମ୍ (B) ପେଣ୍ଡା (C) ପୋଡୁ (D) ରୋକା

13. କାହାକୁ ସ୍ୱର୍ଣ୍ଣତନ୍ତୁ କୁହାଯାଏ ?

(A) ରେଶମ (B) କପା (C) ଝୋଟ (D) ଛଣପଟ

14. ଜଗତୀକରଣ ପ୍ରକ୍ରିୟା ଦ୍ୱାରା କେବେ ଭାରତୀୟ କୃଷକମାନେ ନୂତନ ସମସ୍ୟାର ସମ୍ମୁଖୀନ ହେଲେ ?

(A) 1990 (B) 2000 (C) 2010 (D) 2015

15. କେଉଁ ମହାଦେଶରେ ଶିଳ୍ପ ବିପ୍ଳବର ସୂତ୍ରପାତ ହୋଇଥିଲା ?

(A) ଏସିଆ (B) ଇଉରୋପ (C) ଆଫ୍ରିକା (D) ଅଷ୍ଟ୍ରେଲିଆ

16. ଓଡ଼ିଶାର ଲୌହ ଇସ୍ପାତ କାରଖାନା କାହା ସହାୟତାରେ ସ୍ଥାପିତ ହୋଇଥିଲା ?

(A) କୋରିଆ (B) ଜର୍ମାନୀ (C) ବ୍ରିଟେନ (D) ଋଷ

17. ତିନି ଚକିଆ ଯାନ ତିଆରି କ୍ଷେତ୍ରରେ ଭାରତ ପୃଥିବୀର କେଉଁ ସ୍ଥାନରେ ଅଛି ?

(A) ପ୍ରଥମ (B) ପଞ୍ଚମ (C) ଦ୍ୱିତୀୟ (D) ତୃତୀୟ

18. ଓଡ଼ିଶାର କେଉଁଟି ରେଳଡବା ମରାମତି କାରଖାନା ଅଛି ।

(A) କଟକ (B) ଖୋର୍ଦ୍ଧା (C) ରାଉରକେଲା (D) ମଞ୍ଚେଶ୍ୱର

19. ମୁଖ୍ୟତଃ ପରିବହନ କ୍ଷେତ୍ରରୁ କେତେ ଭାଗରେ ବିଭକ୍ତ କରାଯାଇଛି ?

(A) 3 (B) 4 (C) 2 (D) 5

20. ଗ୍ରାଣ୍ଡଟ୍ରଙ୍କ୍ ରୋଡ କାହା ସମୟରେ ନିର୍ମାଣ କରାଯାଇଥିଲା ?

(A) ଜବାହରଲାଲ ନେହେରୁ (B) ଆକବର (C) ଶେର ଶାହା (D) ଇନ୍ଦିରାଗାନ୍ଧୀ

21. ଭାରତର ସର୍ବ ପୁରାତନ ଜାତୀୟ ରାଜପଥର ନାମ କ'ଣ ?

(A) ସ୍ୱର୍ଣ୍ଣ ଚତୁର୍ଭୁଜ ରାଜମାର୍ଗ (B) N.H.S (C) ଗ୍ରାଣ୍ଡ ଟ୍ରଙ୍କ ରୋଡ (D) ତ୍ୱରିତ ରାଜମାର୍ଗ

22. ଭାରତର ଦୀର୍ଘତମ ଜାତୀୟ ରାଜପଥର ନାମ କ'ଣ ?

(A) NH-5 (B) NH-16 (C) NH-40 (D) NH-44

23. ଉତ୍ପତ୍ତି ଦୃଷ୍ଟିରୁ ବିପତ୍ତି କେତେ ଭାଗରେ ବିଭକ୍ତ କରାଯାଇଛି ?

(A) 2 (B) 3 (C) 4 (D) 5

24. ଭାରତୀୟ ପାଣିପାଗ ବିଭାଗ କେଉଁଠି ଅଛି ।

(A) କଲିକତା (B) ଦିଲ୍ଲୀ (C) ଭୁବନେଶ୍ୱର (D) ବମ୍ବେ

25. ଆନ୍ଧ୍ରପ୍ରଦେଶରେ ମହାବାତ୍ୟା କେବେ ହୋଇଥିଲା ?

(A) 1999 (B) 1977 (C) 1988 (D) 2008

## Summative Assessment - II
## Subjective (Part - II)

1. ଭାରତରେ ହେଉଥିବା ପ୍ରୟୋଜନ ଭିତ୍ତିକ କୃଷି ବିଷୟରେ ଆଲୋଚନା କର । [4

କିମ୍ବା, ଶିଳ୍ପଜନିତ କେଉଁ କେଉଁ ପ୍ରଦୂଷଣ ସୃଷ୍ଟି ହୁଏ ଓ ଏହାକୁ କିପରି ନିରାକରଣ କରାଯାଇପାରିବ ?

2. (a) ବିପତ୍ତି କାହାକୁ କୁହାଯାଏ ଓ ଏହା କେତେ ପ୍ରକାର ସଂକ୍ଷେପରେ ଲେଖ ? [2

କିମ୍ବା, ଭାରତରେ କେତେ ପ୍ରକାର ପରିବହନ ବ୍ୟବସ୍ଥା ରହିଛି ସେ ବିଷୟରେ ସଂକ୍ଷେପରେ ଲେଖ ।

(b) ଆମଦାନୀ ଓ ରପ୍ତାନୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । [2

କିମ୍ବା, ଅନ୍ତଃବାଣିଜ୍ୟ ଓ ବର୍ହିବାଣିଜ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

3. ଦାରିଦ୍ର୍ୟ ଦୂରୀକରଣ ପାଇଁ ଭାରତ ସରକାର କେଉଁସବୁ ପଦକ୍ଷେପ ନେଉଛନ୍ତି ଲେଖ । [3

କିମ୍ବା, ବେକାରୀ ଦୂରୀକରଣ ପାଇଁ ସରକାର କେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଆଲୋଚନା କର ?

4. (a) ଆକାଶବାଣୀ ଓ ଦୂରଦର୍ଶନ ମଧ୍ୟରେ ପାର୍ଥକ୍ୟ ଲେଖ ? [2

କିମ୍ବା, ପରିବହନ ବ୍ୟବସ୍ଥାକୁ ମନୁଷ୍ୟ ଶରୀରର ରକ୍ତ ସଂଚାଳନ ସହ ତୁଳନା କରିବାର କାରଣ କ'ଣ ?

(b) ଆଜିକାଲି ପୃଥିବୀ ସଂକୁଚିତ ହେବାରେ ଲାଗିଛି କାରଣ କ'ଣ ଲେଖ ? [2

କିମ୍ବା, ଉଦ୍ୟୋଗୀର କେଉଁ ଜ୍ଞାନ ଓ ଗୁଣ ସବୁ ଦକ୍ଷ ଉଦ୍ୟୋଗୀ ହେବାରେ ସହାୟକ ହୋଇଥାଏ ସଂକ୍ଷେପରେ ଲେଖ ?

## Set–2

## Geography & Economics

## MCQ

୦୧. ମେକ୍ସିକୋ ଓ କେନ୍ଦ୍ରୀୟ ଆମେରିକାରେ କରାଯାଉଥିବା ସ୍ଥାନାନ୍ତରିତ କୃଷିର ନାମ କ'ଣ ?

(କ) ମିଲ୍‌ପା (ଖ) ରୋକୋ (ଗ) ରେ (ଘ) ଝୁମ୍

୦୨. କେଉଁ କୃଷି ପ୍ରଣାଳୀରେ ଥରେ ବୃକ୍ଷରୋପଣ କରି ଅନେକ ବର୍ଷ ପର୍ଯ୍ୟନ୍ତ ଉତ୍ପାଦନ କରିହୁଏ ?

(କ) ସ୍ଥାନାନ୍ତରିତ କୃଷି (ଖ) ସଘନ କୃଷି (ଗ) ରୋପଣ କୃଷି (ଘ) ଆଦ୍ର କୃଷି

୦୩. ୨୦୧୯ ମସିହାରେ ଭାରତର କେଉଁ ରାଜ୍ୟ ଧାନ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି ?

(କ) ଓଡ଼ିଶା (ଖ) ପଶ୍ଚିମବଙ୍ଗ (ଗ) ଆନ୍ଧ୍ରପ୍ରଦେଶ (ଘ) ପଞ୍ଜାବ

୦୪. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ତୈଳବୀଜ ଜାତୀୟ ଫସଲ ନୁହେଁ ?

(କ) ଜଡା (ଖ) ସୋରିଷ (ଗ) ସୋୟାବିନ୍ (ଘ) ରବର

୦୫. ଓଡ଼ିଶାର ନିମ୍ନଲିଖିତ ଜିଲ୍ଲାଗୁଡ଼ିକ ମଧ୍ୟରୁ କେଉଁଠାରେ ଚାହା ଚାଷ କରାଯାଏ ନାହିଁ ?

(କ) ଗଜପତି (ଖ) କେନ୍ଦୁଝର (ଗ) କଳାହାଣ୍ଡି (ଘ) କୋରାପୁଟ

୦୬. କାହାକୁ ସ୍ୱର୍ଣ୍ଣ ତନ୍ତୁ କୁହାଯାଏ ?

(କ) କପା (ଖ) ଝୋଟ (ଗ) ରବର (ଘ) ରେଶମ

୦୭. କେତେ ମସିହାରେ ବମ୍ବେଠାରେ ପ୍ରଥମେ କାର୍ପାସ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା ?

(କ) ୧୮୩୦ (ଖ) ୧୮୪୫ (ଗ) ୧୮୫୪ (ଘ) ୧୮୬୪

୦୮. ଶିଳ୍ପାୟନ ପାଇଁ ସ୍ଥାନ ନିରୂପଣ କରିବାରେ କେଉଁଟି ଏକ ମାନବିକ କାରକ ନୁହେଁ ?

(କ) ଜଳ (ଖ) ବଜାର (ଗ) ଶ୍ରମିକ (ଘ) ମୂଳଧନ

୦୯. କେଉଁଟି ଏକ ବୃହତ୍ତ ଶିଳ୍ପ ନୁହେଁ ?

(କ) ଲୌହ ଇସ୍ପାତ ଶିଳ୍ପ (ଖ) ବୟନ ଶିଳ୍ପ (ଗ) ଖେଳନା ଶିଳ୍ପ (ଘ) ଜାହାଜ ନିର୍ମାଣ

୧୦. ନିମ୍ନୋକ୍ତ ମଧ୍ୟରୁ କେଉଁ ପ୍ରକାର ଶିଳ୍ପଟି ସତ୍ତ୍ୱାଧିକାର ଅନୁସାରେ ହୋଇ ନଥାଏ ?

(କ) ରାଷ୍ଟ୍ରାୟତ୍ତ ଶିଳ୍ପ (ଖ) ଖଣିଜଭିତ୍ତିକ ଶିଳ୍ପ (ଗ) ମିଳିତ ବା ଯୌଥ ଶିଳ୍ପ (ଘ) ସମବାୟ ଶିଳ୍ପ

୧୧. ବୋକାରୋ ଶିଳ୍ପ କାରଖାନା କେଉଁ ଦେଶର ସହାୟତାରେ ନିର୍ମିତ ହୋଇଛି ?

(କ) ଜର୍ମାନୀ (ଖ) ଜାପାନ (ଗ) ଋଷିଆ (ଘ) ଆମେରିକା

**୧୨. ନିମ୍ନଲିଖିତ ଆଲୁମିନିୟମ କାରଖାନା ମଧ୍ୟରୁ କେଉଁଟି ଓଡ଼ିଶାରେ ଅବସ୍ଥିତ ନୁହେଁ ?**

(କ) ନାଲ୍କୋ (ଖ) ବାଲ୍କୋ। (ଗ) ମେଟୁର (ଘ) ହିଣ୍ଡାଲକୋ

**୧୩. ଆମ ଦେଶରେ କେତେ କି.ମି. ଲମ୍ବର ଜାତୀୟ ରାଜପଥ ଅବସ୍ଥିତ ?**

(କ) ୧ଲକ୍ଷ ୪୦ହଜାର (ଖ) ୧ଲକ୍ଷ ୪୨ହଜାର (ଗ) ୨ଲକ୍ଷ ୪୦ହଜାର (ଘ) ୨ଲକ୍ଷ ୪୨ହଜାର

**୧୪. ନିମ୍ନୋକ୍ତ ମଧ୍ୟରୁ କେଉଁ ସହରଟି ସ୍ୱର୍ଣ୍ଣ ଚତୁର୍ଭୁଜ ମହାମାର୍ଗ ଦ୍ୱାରା ସଂଯୁକ୍ତ ନୁହେଁ ?**

(କ) ଦିଲ୍ଲୀ (ଖ) ବେଙ୍ଗାଲୁରୁ (ଗ) ମୁମ୍ବାଇ (ଘ) ଚେନ୍ନାଇ

**୧୫. କେବେଠାରୁ ଆମ ଦେଶରେ ସୀମାନ୍ତ ସଡ଼କ ସଂସ୍ଥା ସ୍ଥାପନ କରାଯାଇଅଛି ?**

(କ) ୧୯୦୦ (ଖ) ୧୯୫୦ (ଗ) ୧୯୬୦ (ଘ) ୧୯୭୦

**୧୬. ନିମ୍ନୋକ୍ତ କେଉଁ ପଡ଼ୋଶୀ ଦେଶ ସହ ଆନ୍ତର୍ଜାତୀୟ ରାଜମାର୍ଗର ସଂଯୁକ୍ତି ନାହିଁ ?**

(କ) ପାକିସ୍ତାନ (ଖ) ଚୀନ୍ (ଗ) ନେପାଳ (ଘ) ମିଆଁମାର

**୧୭. ରେଳପଥରେ କେଉଁ ଦେଶ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଅଛି ?**

(କ) ଇଂଲଣ୍ଡ (ଖ) ଭାରତ (ଗ) ଚୀନ୍ (ଘ) ଯୁକ୍ତରାଷ୍ଟ୍ର ଆମେରିକା

**୧୮. ୨୦୧୯ ମସିହାର ପରିସଂଖ୍ୟାନ ଅନୁଯାୟୀ ସହରାଞ୍ଚଳରେ ଦାରିଦ୍ର୍ୟ ସୀମାରେଖାର ଆୟ କେତେ ରହିଅଛି ?**

(କ) ୩୨ ଟଙ୍କା (ଖ) ୪୨ ଟଙ୍କା (ଗ) ୪୭ ଟଙ୍କା (ଘ) ୫୨ ଟଙ୍କା

**୧୯. ୧୯୭୦ ମସିହାରେ ଭାରତରେ ପରିବାର ପିଛା ଜମିର ପରିମାଣ କେତେ ହେକ୍ଟର ଥିଲା ?**

(କ) ୨.୧ (ଖ) ୨.୨ (ଗ) ୨.୩ (ଘ) ୨.୪

**୨୦. କୌଣସି ଅର୍ଥ ବ୍ୟବସ୍ଥାରେ ଯଦି ସମ୍ବଳ ବା ପୁଞ୍ଜିର ଅଭାବ ଯୋଗୁଁ ଶ୍ରମିକମାନଙ୍କ ନିଯୁକ୍ତି ବାଧାପ୍ରାପ୍ତ ହୋଇଥାଏ, ସେ ପ୍ରକାର ଅବସ୍ଥାକୁ କେଉଁ ବେକାରୀ କୁହାଯାଏ ?**

(କ) ପ୍ରାବିଧିକ ବେକାରୀ (ଖ) ସଂସ୍ଥାନୀୟ ବେକାରୀ

(ଗ) ସଂଘାତଜନିତ ବେକାରୀ (ଘ) ପ୍ରଚ୍ଛନ୍ନ ବେକାରୀ

**୨୧. ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରାଳୟ ଦ୍ୱାରା କେବେ ଷ୍ଟାର୍ଟଅପ୍ ପାଇଁ ବିଜ୍ଞପ୍ତି ବାହାରିଲା ?**

(କ) ୧୭ ଫେବୃଆରୀ ୨୦୧୭ (ଖ) ୧୭ ଜାନୁଆରୀ ୨୦୧୮

(ଗ) ୨୭ ଫେବୃଆରୀ ୨୦୧୭ (ଘ) ୨୮ ଫେବୃଆରୀ ୨୦୧୮

**୨୨. କେଉଁଟି ଶୁଭାରମ୍ଭ ଭାରତ ପ୍ରାରମ୍ଭିକ କାର୍ଯ୍ୟ ଯୋଜନାର ଅନ୍ତର୍ଗତ ନୁହେଁ ?**

(କ) ଶୁଭାରମ୍ଭ ଭାରତ ନାଭି କେନ୍ଦ୍ର (ଖ) ସରଳୀକରଣ ଓ ମାର୍ଗଦର୍ଶନ ପ୍ରାବଧାନ

(ଗ) ସହଜ ପ୍ରସ୍ଥାନ (ଘ) ସ୍ୱ-ଉଥାନ / ସ୍ୱ-ଅର୍ଥ ବିନିଯୋଗ

**୨୩. ଔଦ୍ୟୋଗିକ ବିକାଶ ସଂସ୍ଥା (EDI) ଉଦ୍ୟୋଗୀ ମାନଙ୍କର ପ୍ରଦର୍ଶନ ଉତ୍କର୍ଷତା ବୃଦ୍ଧିରେ କେତୋଟି ଦକ୍ଷତା ଗୁଣର ଅବତାରଣା କରିଛନ୍ତି ?**

(କ) ୧୩ (ଖ) ୧୪ (ଗ) ୧୫ (ଘ) ୧୬

**୨୪. କେଉଁ ଅବଧାରଣାଟି ଔଦ୍ୟୋଗିକୀ ଶବ୍ଦର ଅନ୍ତର୍ଗତ ନୁହେଁ ?**

(କ) ଜଣେ ସମସ୍ୟାର ଅଂଶ ନ ହୋଇ ସମାଧାନକାରୀ ହୁଏ।

(ଖ) ବ୍ୟକ୍ତିଗତ ସୃଜନଶୀଳତା ଓ ମେଧା ବ୍ୟବହାର କରି ସମାଧାନ ସୂତ୍ର ନିରୂପଣ କରେ।

(ଗ) କ୍ଷୟକ୍ଷତିର ପରିମାଣ ଆକଳନ କରିପାରେ ନାହିଁ।

(ଘ) ସମସ୍ତ ଘାତ ପ୍ରତିଘାତଙ୍କୁ ସହ୍ୟ କଲାଭଳି ସାହାସୀ।

## SUBJECTIVE

**୦୧.** ସ୍ଥାନାନ୍ତରିତ କୃଷି କ'ଣ ? ଭାରତର ବିଭିନ୍ନ ରାଜ୍ୟରେ ହେଉଥିବା ସ୍ଥାନାନ୍ତରିତ କୃଷିର ଉଦାହରଣ ଦିଅ । [ 4

**କିମ୍ବା** ଭାରତର ଜାତୀୟ ରାଜପଥ ସଂପର୍କରେ ସଂକ୍ଷିପ୍ତରେ ଲେଖ ।

**୦୨. ପାର୍ଥକ୍ୟ ଦର୍ଶାଅ ।**

(a) ଅନ୍ତଃ ସ୍ଥଳୀୟ ଜଳପଥ ଓ ସମୁଦ୍ର ପଥ । [ 2

**କିମ୍ବା** କୁଟୀର ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ।

**ସଂକ୍ଷିପ୍ତରେ ଉତ୍ତର ଲେଖ ।**

(b) କୋଇଲା କେଉଁ ଶକ୍ତିର ଉତ୍ସ ଓ ବିଭିନ୍ନ ପ୍ରକାର କୋଇଲାର ନାମ ଲେଖ ? [ 2

**କିମ୍ବା,** ବାଣିଜ୍ୟିକ କୃଷିର ଅନ୍ୟ ନାମ କ'ଣ ? ଭାରତରେ କେଉଁ କେଉଁ ଚାଷ ରୋପଣ କୃଷିର ଅନ୍ତର୍ଭୁକ୍ତ ନାମ ଲେଖ ।

**୦୩.** ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାକୃତିକ ଉପାଦାନ ଗୁଡ଼ିକ କ'ଣ ଅଟେ ? [ 3

**କିମ୍ବା** ଯୋଗାଯୋଗର ୪ଟି ମାଧ୍ୟମର ନାମ ଲେଖ ।

**୦୪. ପାର୍ଥକ୍ୟ ଦର୍ଶାଅ ।**

(a) ବ୍ୟାପାର ଉଷ୍ମାୟନ ଓ ଦ୍ୱରକ କେନ୍ଦ୍ର । [ 2

**କିମ୍ବା** ଉଦ୍ୟୋଗ ଓ ଉଦ୍ୟୋଗୀ ।

(b) ଔଦ୍ୟୋଗୀକରଣ କହିଲେ କ'ଣ ବୁଝ ? [ 2

**କିମ୍ବା** ଦାରିଦ୍ର୍ୟ କିପରି ଆକଳନ କରାଯାଏ ?

## Set–3
## Geography & Economics
## MCQ

**୦୧. ନିମ୍ନୋକ୍ତ ମଧ୍ୟରୁ କେଉଁ କୃଷି ବିପ୍ଳବଟି ମତ୍ସ୍ୟ ଚାଷର ଉନ୍ନତି କରିଥିଲା ?**

(କ) ସବୁଜ ବିପ୍ଳବ (ଖ) ଶ୍ୱେତ ବିପ୍ଳବ (ଗ) ନୀଳ ବିପ୍ଳବ (ଘ) ପୀତ ବିପ୍ଳପ

**୦୨. ନିମ୍ନୋକ୍ତ ରାଜ୍ୟ ଗୁଡ଼ିକ ମଧ୍ୟରୁ କେଉଁ ରାଜ୍ୟରେ ଚହା ଚାଷ କରାଯାଏ ନାହିଁ ?**

(କ) ଆସାମ (ଖ) ପଶ୍ଚିମବଙ୍ଗ (ଗ) ମିଜୋରାମ (ଘ) ମେଘାଳୟ

**୦୩. ଆଖୁ ଚାଷ ପାଇଁ ଆବଶ୍ୟକ ବୃଷ୍ଟିପାତର ପରିମାଣ କେତେ ହେବା ଆବଶ୍ୟକ ?**

(କ) ୫୦ ରୁ ୭୫ ସେ.ମି. (ଖ) ୭୫ ରୁ ୧୦୦ ସେ.ମି.

(ଗ) ୧୦୦ ରୁ ୧୫୦ ସେ.ମି. (ଘ) ୧୫୦ ରୁ ୧୭୫ ସେ.ମି.

**୦୪. ଖରିଫ ଓ ରବି ଋତୁର ମଧ୍ୟବର୍ତ୍ତୀ ଗ୍ରୀଷ୍ମମାସରେ ଥିବା ଏକ ସ୍ୱଳ୍ପକାଳୀନ ଋତୁକୁ କ'ଣ କୁହାଯାଏ ?**

(କ) ବରଫ (ଖ) ଯେଦ୍ (ଗ) ଭାବର (ଘ) ଖାଦର

**୦୫. କେଉଁ ପ୍ରକାର ଚାଷକୁ ସେରିକଲଚର୍ (Sericulture) କୁହାଯାଏ ?**

(କ) ମତ୍ସ୍ୟ (ଖ) ପକ୍ଷୀ (ଗ) ମହୁମାଛି (ଘ) ଚିଙ୍ଗୁଡ଼ି

**୦୬. ଯେଉଁ କୃଷି ପ୍ରଣାଳୀ ଗୋଟିଏ କ୍ଷେତରୁ ବର୍ଷକୁ ୩ ରୁ ୪ ପ୍ରକାରର ଶସ୍ୟ ଉତ୍ପାଦନ କରାଯାଏ ? ତାହା ହେଲା-**

(କ) ରୋପଣ କୃଷି (ଖ) ଶୁଷ୍କ କୃଷି (ଗ) ଆର୍ଦ୍ର କୃଷି (ଘ) ସଘନ କୃଷି

୦୭. ଭାରତର କେଉଁ ସ୍ଥାନରେ ସମସ୍ତପ୍ରକାର ରେଳ ଇଞ୍ଜିନ ତିଆରି ହୁଏ ?

(କ) ଚିତ୍ତରଞ୍ଜନ ନଗର (ଖ) ଶ୍ରୀପେରାମ୍ବଦୁର (ଗ) ସୁନାବେଡ଼ା (ଘ) ଭିଲାଇ

୦୮. କାହାକୁ ଭାରତର ଇଲେକ୍‌ଟ୍ରୋନିକ୍ସ ରାଜଧାନୀ କୁହାଯାଏ ?

(କ) ଦିଲ୍ଲୀ (ଖ) ବେଙ୍ଗାଲୁରୁ (ଗ) ମୁମ୍ବାଇ (ଘ) କୋଲକତା

ଭାରତୀୟ ମାନଚିତ୍ରରେ ନିମ୍ନଲିଖିତ ଲୌହ ଇସ୍ପାତ କାରଖାନାଗୁଡ଼ିକ ଚିହ୍ନଟ କର ।




୦୯. I ଚିହ୍ନିତ ସ୍ଥାନଟିର ନାମ କ'ଣ ?

(କ) ଦୁର୍ଗାପୁର (ଖ) ଭିଲାଇ (ଗ) ବିଜୟନଗର (ଘ) ଦୁର୍ଗାପୁର

୧୦. II ଚିହ୍ନିତ ସ୍ଥାନଟିର ନାମ କ'ଣ ?

(କ) ଭିଲାଇ (ଖ) ବିଜୟନଗର (ଗ) ଦୁର୍ଗାପୁର (ଘ) ରାଉରକେଲା

୧୧. III ଚିହ୍ନିତ ସ୍ଥାନଟିର ନାମ କ'ଣ ?

(କ) ଦୁର୍ଗାପୁର (ଖ) ଭିଲାଇ (ଗ) ସାଲେମ (ଘ) ବିଶାଖାପାଟଣା

୧୨. ଆଲୁମିନିୟମ୍ ଧାତୁ ନିଷ୍କାସନ ପାଇଁ ଆବଶ୍ୟକ ଖଣିଜ ପିଣ୍ଡର ନାମ ଲେଖ ।

(କ) ହେମାଟାଇଟ୍ (ଖ) ବକ୍ସାଇଟ୍ (ଗ) ମ୍ୟାଗ୍‌ନେଟାଇଟ୍ (ଘ) ସିନାବାର

୧୩. ଦୁଇ ରେଳ ଧାରଣା ମଧ୍ୟରେ ବ୍ୟବଧାନ ୧.୬୭୬ ମିଟର ହେଲେ ତାହାକୁ କ'ଣ କୁହାଯାଏ ?

(କ) ନାରୋ ଗେଜ୍ (ଖ) ବ୍ରଡ୍ ଗେଜ୍ (ଗ) ମିଟର ଗେଜ୍ (ଘ) ଲାଇଟ୍ ଗେଜ୍

୧୪. ନିମ୍ନୋକ୍ତି ମଧ୍ୟରୁ କେଉଁଟି ପୂର୍ବ ରେଳପଥ ମଣ୍ଡଳର ମୁଖ୍ୟ କାର୍ଯ୍ୟାଳୟ ଅଟେ ?

(କ) ଭୁବନେଶ୍ୱର (ଖ) ବିଶାଖା ପାଟଣା (ଗ) କୋଲକତା (ଘ) ଚେନ୍ନାଇ

୧୫. ଭାରତ ସରକାର କେବେ ଜାତୀୟ ସହରୀ ପରିବହନ ନୀତି (NUTP) କାର୍ଯ୍ୟକାରୀ କରିଛନ୍ତି ?

(କ) ୨୦୦୨ (ଖ) ୨୦୦୪ (ଗ) ୨୦୦୬ (ଘ) ୨୦୦୮

୧୬. ଛତିଶଗଡ଼ର ବଇଲଡିଲା ଓ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ମଧ୍ୟରେ ______ ପରିବହନ ପାଇଁ ପାଇପ୍ ଲାଇନ୍ ରହିଛି ।

(କ) ଜିଙ୍କ୍ (ଖ) ଲୁହାପଥର (ଗ) ତମ୍ବା (ଘ) ପେଟ୍ରୋଲିୟମ

୧୭. ଭାରତର କେଉଁ ରାଜ୍ୟରେ ରାଜ୍ୟ ରାଜପଥର ଦୈର୍ଘ୍ୟ ସର୍ବାଧିକ ଅଟେ ?

(କ) ମଧ୍ୟପ୍ରଦେଶ (ଖ) ରାଜସ୍ଥାନ (ଗ) ମହାରାଷ୍ଟ୍ର (ଘ) ଉତ୍ତରପ୍ରଦେଶ

୧୮. ଭାରତର ଦୀର୍ଘତମ ଜାତୀୟ ରାଜପଥ କେଉଁଟି ଅଟେ ?

(କ) NH-42 (ଖ) NH-43 (ଗ) NH-44 (ଘ) NH-45

୧୯. ଜଣେ ସହରାଞ୍ଚଳ ବାସୀ ପାଇଁ ଦୈନିକ ମୁଣ୍ଡପିଛା ଆବଶ୍ୟକ କ୍ୟାଲୋରୀର ପରିମାଣ କେତେ ?

(କ) 2100 (ଖ) 2200 (ଗ) 2300 (ଘ) 2400

୨୦. ୧୯୪୭ ମସିହାରେ ଆମ ଦେଶରେ କେତେ ଶତକଡ଼ା ବ୍ୟକ୍ତି ଦାରିଦ୍ର୍ୟ ସୀମା ତଳେ ଥିଲେ ?

(କ) 65% (ଖ) 70% (ଗ) 75% (ଘ) 80%

୨୧. ବେକାରୀ ସାଧାରଣତଃ କେତେ ପ୍ରକାରର ହୋଇଥାଏ ?

(କ) ୪ (ଖ) ୫ (ଗ) ୬ (ଘ) ୭

**୨୨. କେଉଁପ୍ରକାର ବେକାରୀରେ ଆବଶ୍ୟକତାଠାରୁ ଅଧିକ ପରିମାଣରେ ଶ୍ରମିକ ନିୟୋଜିତ ହୋଇଥାନ୍ତି ?**

(କ) ଋତୁକାଳୀନ ବେକାରୀ (ଖ) ପ୍ରଚ୍ଛନ୍ନ ବେକାରୀ (ଗ) ସଂସ୍ଥାନୀୟ ବେକରୀ (ଘ) ପ୍ରାବିଧିକ ବେକାରୀ

**୨୩. ଉତ୍ପାଦନର ପ୍ରମୁଖ ନିୟାମକ କେଉଁଟି ନୁହେଁ ?**

(କ) ଔଦ୍ୟୋଗିକୀ (ଖ) ଶ୍ରମ (ଗ) ପୁଞ୍ଜି (ଘ) ଯୋଗାଯୋଗ

**୨୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ଔଦ୍ୟୋଗିକୀର ବୈଶିଷ୍ଟ୍ୟ ନୁହେଁ ?**

(କ) ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ (ଖ) ସୃଜନଶୀଳତା

(ଗ) ଅର୍ଥ ଲଗାଣ (ଘ) ଉତ୍ପାଦନ ବ୍ୟବସ୍ଥାପନ

**୨୫. ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ତଥା ଅଧିକ କର୍ମ ନିଯୁକ୍ତି ପାଇଁ ଓଡ଼ିଶା ସରକାର କେବେ ଏକ ଶୁଭାରମ୍ଭ ଓଡ଼ିଶା ଯୋଜନା ଆରମ୍ଭ କରିଛନ୍ତି ?**

(କ) ୨୦୧୪ (ଖ) ୨୦୧୫ (ଗ) ୨୦୧୬ (ଘ) ୨୦୧୭

## SUBJECTIVE

**୦୧.** ଭାରତରେ ହେଉଥିବା ବିଭିନ୍ନ ତନ୍ତୁ ଜାତୀୟ ଫସଲ ସଂପର୍କରେ ସଂକ୍ଷେପରେ ଲେଖ । [ 4

**କିମ୍ବା** ଭାରତୀୟ ଅର୍ଥବ୍ୟବସ୍ଥାକୁ ଶିଳ୍ପ କ୍ଷେତ୍ରର ଅବଦାନ ଲେଖ ।

**୦୨. ପାର୍ଥକ୍ୟ ଦର୍ଶାଅ ।**

(a) ମୌଳିକ ଶିଳ୍ପ ଓ ଖାଉଟି ଶିଳ୍ପ । [ 2

**କିମ୍ବା** ମକା ଫସଲ ଓ ଧାନ ଫସଲ ।

(b) କାରଣ ଦର୍ଶାଅ ଯେ ରାସାୟନିକ କାରଖାନା ଜନବସତି ପାଇଁ ଏକ ସମସ୍ୟା କାହିଁକି ଅଟେ ? [ 2

**କିମ୍ବା** ପ୍ରୟୋଜନଭିତ୍ତିକ କୃଷି କ'ଣ ଏହାର ପ୍ରକାର ଭେଦ ଲେଖ ।

**୦୩. ପାର୍ଥକ୍ୟ ଦର୍ଶାଅ ।**

(a) ଜାତୀୟ ଆୟ ଓ ମୁଣ୍ଡପିଛା ଆୟ । [ 2

**କିମ୍ବା** ପ୍ରଚ୍ଛନ୍ନ ବେକାରୀ ଓ ସଂସ୍ଥାନୀୟ ବେକାରୀ ।

(b) ଔଦ୍ୟୋଗିକୀ ଓ ପରିଚାଳନା [ 2

**କିମ୍ବା** ଉତ୍କଟ ଦାରିଦ୍ର୍ୟ ଓ ଆପେକ୍ଷିକ ଦାରିଦ୍ର୍ୟ

**୦୪.** ଶୁଭାରମ୍ଭ ଭାରତ ଯୋଜନାର ଉଦ୍ଦେଶ୍ୟ କ'ଣ ? [ 3

**କିମ୍ବା** କ୍ୟାସ୍ କହିଲେ କ'ଣ ବୁଝ ?

## Set–4
## Geography & Economics
## MCQ

**୦୧. ନିମ୍ନୋକ୍ତ ମଧ୍ୟରୁ କେଉଁ ସ୍ଥାନାନ୍ତରିତ କୃଷିଟି ଭାରତର ଅନ୍ତର୍ଭୁକ୍ତ ନୁହେଁ ?**

(କ) ରେ (ଖ) କୁମରୀ (ଗ) କୁରୁଓ୍ୱା (ଘ) ଝୁମ୍

**୦୨. ଭାରତର ଯେତିକି କୃଷି ଭୂମି ଅଛି ତା'ର ପ୍ରାୟ କେତେ ଶତକଡ଼ା ଭାଗ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ ?**

(କ) ୬୦ ଭାଗ (ଖ) ୭୦ ଭାଗ (ଗ) ୭୫ ଭାଗ (ଘ) ୮୦ ଭାଗ

**୦୩. ଗହମ ଚାଷ ପାଇଁ ବାର୍ଷିକ କେତେ ବୃଷ୍ଟିପାତ ଆବଶ୍ୟକ ପଡ଼ିଥାଏ ?**

(କ) ୫୦ ରୁ ୭୫ ସେ.ମି. (ଖ) ୭୫ ରୁ ୮୦ ସେ.ମି. (ଗ) ୮୦ ରୁ ୧୦୦ ସେ.ମି. (ଘ)୧୦୦ ରୁ ୧୫୦ ସେ.ମି.

୦୪. ଭାରତର କେଉଁ ରାଜ୍ୟରେ ସର୍ବାଧିକ ଯଅ ଉତ୍ପାଦିତ ହୁଏ ?

(କ) ଓଡ଼ିଶା (ଖ) ମହାରାଷ୍ଟ୍ର (ଗ) ଆନ୍ଧ୍ରପ୍ରଦେଶ (ଘ) ପଶ୍ଚିମବଙ୍ଗ

୦୫. ଲିଚୁ କେଉଁ ରାଜ୍ୟରେ ଅଧିକ ପରିମାଣରେ ମିଳିଥାଏ ?

(କ) ଉତ୍ତର ପ୍ରଦେଶ (ଖ) ଓଡ଼ିଶା (ଗ) ବିହାର (ଘ) ମଧ୍ୟ ପ୍ରଦେଶ

୦୬. ତାମିଲନାଡୁ ରାଜ୍ୟର ନୀଳଗିରି ପାର୍ବତ୍ୟାଞ୍ଚଳରେ କେଉଁ ଚାଷ ଅଧିକ ପରିମାଣରେ କରାଯାଏ ?

(କ) ଚାହା (ଖ) ରବର (ଗ) କଫି (ଘ) କପା

୦୭. ଭାରତର ପ୍ରଥମ ଲୁହା କାରଖାନା ସ୍ୱାଧୀନତା ପୂର୍ବରୁ କେଉଁଠାରେ ସ୍ଥାପନା କରାଯାଇଥିଲା ?

(କ) ହଳଦିଆ (ଖ) ପୋରବନ୍ଦର (ଗ) ପୋଟୋ ।ନୋଭା (ଘ) ଭିଲାଇ

୦୮. ଔଦ୍ୟୋଗିକ ସ୍ଥାନ ନିରୂପଣ ପାଇଁ କେଉଁଟି ଏକ ପ୍ରାକୃତିକ କାରକ ନୁହେଁ ?

(କ) ଜମି (ଖ) ଶକ୍ତି (ଗ) ମୂଳଧନ (ଘ) ଜଳ

୦୯. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ କୃଷିଭିତ୍ତିକ ଶିଳ୍ପ ନୁହେଁ ?

(କ) କାର୍ପାସ (ଖ) ବନସ୍ପତି ତେଲ (ଗ) ପ୍ୟାକିଂ ଦ୍ରବ୍ୟ (ଘ) ଝୋଟ

୧୦. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଏକ ସମବାୟ ଶିଳ୍ପ ନୁହେଁ ?

(କ) ଅମୂଲ (ଖ) ମାରୁତି (ଗ) ଲିଜ୍ଜତ ପାମ୍ପଡ଼ (ଘ) ମହାରାଷ୍ଟ୍ରର ଚିନି ଶିଳ୍ପ

୧୧. ଝାଡ଼ଖଣ୍ଡର କେଉଁଠାରେ ଲୌହ ଇସ୍ପାତ ଶିଳ୍ପ ଗଢି ଉଠିଛି ?

(କ) ଦୁର୍ଗାପୁର (ଖ) ସାଲେମ୍ (ଗ) ଭିଲାଇ (ଘ) ବିଜୟନଗର

୧୨. ଭାରତର କେଉଁଠାରେ ସମ୍ବାଦ ପତ୍ର ଛାପା କାଗଜ ଉତ୍ପାଦିତ ହୁଏ ?

(କ) ଫରିଦାବାଦ (ଖ) ମୁମ୍ବାଇ (ଗ) ଡାଲମିଆ ନଗର (ଘ) ନେମାନଗର

୧୩. ଭାରତରେ ପ୍ରାୟ କେତେ ଦୀର୍ଘର ରାଜ୍ୟ ରାଜପଥ ରହିଅଛି ?

(କ) 1.5 ଲକ୍ଷ କି.ମି. (ଖ) 1.6 ଲକ୍ଷ କି.ମି. (ଗ) 1.7 ଲକ୍ଷ କି.ମି. (ଘ) 1.8 ଲକ୍ଷ କି.ମି.

୧୪. ନାରୋଗେଜରେ ଦୁଇ ରେଳ ଧାରଣା ମଧ୍ୟବର୍ତ୍ତୀ ଦୂରତା ______ ମିଟର ଅଟେ ।

(କ) 1.5 ଲକ୍ଷ ମି. (ଖ) 1 ମି. (ଗ) 0.672 ମି. (ଘ) 0.610 ମି.

ଭାରତର ମାନଚିତ୍ରରୁ ନିମ୍ନଲିଖିତ ସ୍ଥାନଗୁଡ଼ିକ ମଧ୍ୟରୁ ଚିହ୍ନିତ ସ୍ଥାନଗୁଡ଼ିକ କେଉଁ ରେଳପଥ ମଣ୍ଡଳର ମୁଖ୍ୟ କାର୍ଯ୍ୟାଳୟର ନାମ ଅଟେ ଚିହ୍ନଟ କର ।




୧୫. I ଚିହ୍ନିତ ସ୍ଥାନଟି ଉତ୍ତର ରେଳପଥର ମୁଖ୍ୟକାର୍ଯ୍ୟାଳୟ ଅଟେ ।

(କ) ଶିମଲା (ଖ) ଜଳନ୍ଧର (ଗ) ନିୟୁ ଦିଲ୍ଲୀ (ଘ) ଗୋରଖପୁର

୧୬. II ଚିହ୍ନିତ ସ୍ଥାନଟି କେନ୍ଦ୍ର ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଅଟେ ।

(କ) ମୁମ୍ବାଇ (ଖ) ମୁମ୍ବାଇ (ଚର୍ଚ୍ଚଗେଟ୍) (ଗ) ଗୋଆ (ଘ) ଅହମଦାବାଦ

୧୭. III ଚିହ୍ନିତ ସ୍ଥାନଟି ପୂର୍ବ ଉପକୂଳ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଅଟେ ।

(କ) କଟକ (ଖ) ୱାଲଟିୟର (ଗ) ଭୁବନେଶ୍ୱର (ଘ) କୋଲକାତା

୧୮. IV ଚିହ୍ନିତ ସ୍ଥାନଟି ଉତ୍ତର-ପୂର୍ବ ସୀମାନ୍ତ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଅଟେ ।

(କ) ଗୋରଖପୁର (ଖ) ଆଲ୍ଲାହାବାଦ୍ (ଗ) ଗୁଆହାଟି (ଘ) କୋଲକାତା

**୧୯. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଦାରିଦ୍ର୍ୟର କାରଣ ନୁହେଁ ?**

(କ) ନିମ୍ନସ୍ତରର ଆୟ (ଖ) ଜନସଂଖ୍ୟାର ଦ୍ରୁତ ବୃଦ୍ଧିହାର

(ଗ) ମୁଣ୍ଡପିଛା ଆୟର ବୃଦ୍ଧିହାର (ଘ) ସ୍ୱଳ୍ପ ଉତ୍ପାଦନଶୀଳତା

**୨୦. ଜଣେ ଗ୍ରାମାଞ୍ଚଳରେ ରହୁଥିବା ବ୍ୟକ୍ତିର ଦୈନିକ କେତେ ଖାଦ୍ୟସାର ଆବଶ୍ୟକ ?**

(କ) 2100 କ୍ୟାଲୋରୀ (ଖ) 2200 କ୍ୟାଲୋରୀ (ଗ) 2300 କ୍ୟାଲୋରୀ (ଘ) 2400 କ୍ୟାଲୋରୀ

**୨୧. ଗ୍ରାମାଞ୍ଚଳରେ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ କେବଳ କୃଷି କାର୍ଯ୍ୟ ପାଇଁ ଅନୁକୂଳ ସମୟ ଛଡ଼ା ଅନ୍ୟ ସମୟରେ ବେକାର ରହିଥାନ୍ତି ଏମାନେ କେଉଁ ଶ୍ରେଣୀର ବେକାରୀ ଅଟନ୍ତି ?**

(କ) ଋତୁକାଳୀନ ବେକାରୀ (ଖ) ପ୍ରଚ୍ଛନ୍ନ ବେକାରୀ

(ଗ) ସଂଘାତଜନିତ ବେକାରୀ (ଘ) ସଂସ୍ଥାନୀୟ ବେକାରୀ

**୨୨. ନିମ୍ନୋକ୍ତ ମଧ୍ୟରୁ କେଉଁ କାର୍ଯ୍ୟକ୍ରମଟି ବେକରୀ ଦୂରୀକରଣ ପାଇଁ କରାଯାଉ ନାହିଁ ?**

(କ) NREP (ଖ) SEPUP (ଗ) EDI (ଘ) NRY

**୨୩. ୨୦୧୧ ମସିହା ଜନଗଣନା ଅନୁଯାୟୀ ଦେଶରେ ମହିଳା ଶ୍ରମିକଙ୍କ ସଂଖ୍ୟା କେତେ ପ୍ରତିଶତ ଥିଲା ?**

(କ) 25.1 (ଖ) 25.4 (ଗ) 25.6 (ଘ) 26.1

**୨୪. କୌଣସି ଉତ୍ପାଦ ସୃଷ୍ଟିରେ ଆବଶ୍ୟକ ନକ୍ସା ଓ ସ୍ଥାନ, ସମୟ ଓ ବ୍ୟକ୍ତିଗତ ଉପଯୋଗୀତା ଆଦି ପାଇଁ ଭୂମି, ଶ୍ରମ, ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭିନ୍ନ ସାଧନର ଯୋଗାଡ଼କୁ କ'ଣ କୁହାଯାଏ ?**

(କ) ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ (ଖ) ସୃଜନଶୀଳତା

(ଗ) ଉତ୍ପାଦନ ବ୍ୟବସ୍ଥାପନ (ଘ) ଆଶଙ୍କା ମୁକାବିଲା

**୨୫. ପାରମ୍ପରିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ଋଣ ପାଉ ନଥିବା ବା ଋଣ ପାଇବାକୁ ଯୋଗ୍ୟତା ନଥିବା ବ୍ୟକ୍ତିଙ୍କୁ କେଉଁଠାରୁ ସହଜ ଋଣ ଉପଲବ୍ଧ ହୋଇଥାଏ ।**

(କ) IFC (ଖ) NBFC (ଗ) BIAS (ଘ) SIH

## SUBJECTIVE

**୦୧.** ଭାରତୀୟ ବାଣିଜ୍ୟ ପଥର ଏକ ବିବରଣୀ ଦିଅ । [ 4

**କିମ୍ବା** ଗହମ ଚାଷ ପାଇଁ କେଉଁ ପ୍ରାକୃତିକ ଅବସ୍ଥା ଆବଶ୍ୟକ ? ଭାରତର କେଉଁ ସ୍ଥାନ ଗୁଡ଼ିକରେ ଅଧିକ ଗହମ ଚାଷ କରାଯାଏ ?

**୦୨. କାରଣ ଦର୍ଶାଅ ।**

(a) ଖାଉଟି ଶିଳ୍ପକୁ ଏକ ହାଲକା ଶିଳ୍ପ କୁହାଯାଏ କାହିଁକି ? [ 2

**କିମ୍ବା** ଲୌହ ଇସ୍ପାତ ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ ।

(b) **ପାର୍ଥକ୍ୟ ଦର୍ଶାଅ ।**

ରାଷ୍ଟ୍ରାୟତ୍ତ ଶିଳ୍ପ ଓ ଘରୋଇ ଶିଳ୍ପ । [ 2

**କିମ୍ବା** ପ୍ରୟୋଜନଭିତ୍ତିକ କୃଷି ଓ ବାଣିଜ୍ୟିକ କୃଷି ।

**୦୩. ସଂକ୍ଷିପ୍ତ ଟିପ୍ପଣୀ ଲେଖ ।**

(a) ଆଶଙ୍କା ମୁକାବିଲା [ 2

**କିମ୍ବା** ସମଷ୍ଟିଗତ ପୁଞ୍ଜି

(b) ଅଧ୍ୟବସାୟୀ ଓ ତଥ୍ୟ ଜିଜ୍ଞାସା [ 2

**୦୪.** ଆମ ଦେଶରେ ବେକାରୀ ସମସ୍ୟାର କାରଣ ଗୁଡ଼ିକ ଲେଖ । [ 3

**କିମ୍ବା** ଶୁଭାରମ୍ଭ ପ୍ରକଳ୍ପ କହିଲେ କ'ଣ ବୁଝାଏ ?

✸ ✸ ✸

ASHOK DAS
FOUNDATION

# ଅଶୋକ ଦାସ ଫାଉଣ୍ଡେସନ୍

ଜନବଗିଚ୍ଚ, ଯାଜପୁର
E-mail : ashokdasfoundation0990@gmail.com
Ph. No.- 9937233933